



ଓଡ଼ିଶା ଭାସ୍କର
ODISHA BHASKAR
ଯାହା ଆପଣଙ୍କ କଥା କହେ
facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store





RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com
ଏକବିଂଶତମ ବର୍ଷ ସଂଖ୍ୟା-୨୫୮ Vol. 21 No-258 17 DECEMBER 2024 TUESDAY BHUBANESWAR ମଙ୍ଗଳବାର, ୧୭ ଡିସେମ୍ବର ୨୦୨୪ ପୃଷ୍ଠା-୮ ମୂଲ୍ୟ: ୭.୦୦

## ପୋଲିସ ଡ୍ୟୁଟି ମିଟ୍ ଉଦ୍‌ଯାପନ ସମାରୋହରେ ମୁଖ୍ୟମନ୍ତ୍ରୀ

# ସବୁ ଜିଲ୍ଲାରେ ସାଇବର ଥାନା



- ଅପରାଧୀ ଠାରୁ ପାଦେ ଆଗରେ ରହିବାକୁ ପରାମର୍ଶ
- ମହିଳା ବିରୋଧୀ ଅପରାଧ ଉପରେ ଦୃଢ଼ ପଦକ୍ଷେପ ନିଅ
- ପୋଲିସ ବାହିନୀକୁ ସଶକ୍ତ କରିବାକୁ ପ୍ରତିଶ୍ରୁତିବଦ୍ଧ
- ଚାରି ଜିଲ୍ଲାରେ ମହିଳା କୋର୍ଟ ସ୍ଥାପନ ପାଇଁ ନିଷ୍ପତ୍ତି

ଭୁବନେଶ୍ୱର, ୧୬।୧୨ (ଭାସ୍କର ନ୍ୟୁଜ): ଆଜିକାଲି ଅପରାଧୀମାନେ ନୂଆ ନୂଆ ଉପାୟ ଅବଲମ୍ବନ କରୁଛନ୍ତି। ତେଣୁ, ପୋଲିସକୁ ମଧ୍ୟ ଅପରାଧୀଙ୍କ ଠାରୁ ପାଦେ ଆଗରେ ରହିବାକୁ ହେବ। ସୋମବାର କଟକରେ ୬୯ତମ ପୋଲିସ ଡ୍ୟୁଟି ମିଟ୍ ୨୦୨୪ର ଉଦଯାପନୀ ସମାରୋହରେ ପୋଲିସ ବାହିନୀକୁ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହା କହିଛନ୍ତି। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଏଥିପାଇଁ ପୋଲିସ ବଳର ଆଧୁନିକୀକରଣ, ପୋଲିସ ବ୍ୟବସ୍ଥାରେ ସଂସ୍କାର, ପୋଲିସ ଅନୁସନ୍ଧାନ ପାଇଁ ଭିତ୍ତିଭୂମି ଏବଂ ପ୍ରଶିକ୍ଷିତ ମାନବ ସମ୍ବଳ ନିତାନ୍ତ ଜରୁରି। ନହେଲେ, ଏକ ଅର୍ଦ୍ଧ-ପ୍ରସ୍ତୁତ ପୋଲିସ ବଳ ଅପରାଧୀଙ୍କୁ ଧରି ଦଣ୍ଡବିଧାନ କରିବା କାଠିକର ପାଠ ହୋଇଯିବ ବୋଲି ସେ କହିଥିଲେ। ପୋଲିସ ବିଭାଗର ଆଧୁନିକୀକରଣକୁ ସରକାର ସର୍ବୋଚ୍ଚ ପ୍ରାଧାନ୍ୟ ଦେଇ ଆସୁଛନ୍ତି ବୋଲି ପ୍ରକାଶ କରି କହିଥିଲେ ଯେ, ଆଗାମୀ ଦିନରେ ପୋଲିସ୍‌ର ବ୍ୟବହାର ପାଇଁ ସମଗ୍ର ରାଜ୍ୟରେ ଗାଡ଼ି ସଂଖ୍ୟା ବଢ଼ାଯିବ ଯାହାଦ୍ୱାରା ପୋଲିସ ପାଟ୍ରୋଲିଂ, ତଦନ୍ତ, ଭିକ୍ଟିମ ପାଖରେ ପହଁଚିବା, ଅପରାଧୀ ଧରିବା ଆହୁରି ସୁଦୃଢ଼ ହେବ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ପୁରୀ ଜିଲ୍ଲାରେ ଥିବା ଅସ୍ତରଙ୍ଗ, ବଳଙ୍ଗା ଏବଂ ଡେଲାଙ୍ଗ ପୋଲିସ ଷ୍ଟେସନର ନୂତନ ଗୃହର ଉଦଘାଟନ କରିଥିଲେ। ସେ କହିଥିଲେ ଯେ, ପୋଲିସ ବାହିନୀକୁ ସଶକ୍ତ କରିବା ପାଇଁ ଗୃହ ବିଭାଗରେ ପ୍ରାୟ ୧୦ ହଜାର ପଦବୀ ଖୁବ ଶୀଘ୍ର ପୂରଣ କରାଯିବ। ପୋଲିସ ବାହିନୀର କାର୍ଯ୍ୟକ୍ଷମତାକୁ ବୃଦ୍ଧି କରିବା ପାଇଁ ପୋଲିସ ଥାନା ଗୁଡ଼ିକୁ ୯ ହଜାର ବାଇକ୍ ଯୋଗାଇ ଦେବା ପାଇଁ ବ୍ୟବସ୍ଥା କରାଯାଉଛି। ପ୍ରତ୍ୟେକ ଥାନାକୁ ୬ଟି ଲେଖାଏଁ ବାଇକ୍ ଦିଆଯିବ। ଏଇ ନିକଟରେ ଗୃହରେ ପାରିତ ହୋଇଥିବା ଅତିରିକ୍ତ ବଜେଟରେ ଏଥିପାଇଁ ୩୫ କୋଟି ଟଙ୍କାର ବିଶେଷ ପ୍ରାବଧାନ କରାଯାଇଛି। ପୋଲିସ ବାହିନୀକୁ ସହଯୋଗ କରିବା ପାଇଁ ଗୃହରକ୍ଷୀ ପଦବୀ ପୂରଣ କରାଯିବ। ଖାଲିଥିବା ଓ ନୂଆ ପଦବୀକୁ ମିଶାଇ ପ୍ରାୟ ୫ ହଜାର ପଦବୀ ପୂରଣ କରିବା ପାଇଁ ନିଷ୍ପତ୍ତି କରାଯାଇଛି ବୋଲି ମଧ୍ୟ ସେ କହିଥିଲେ । ଦେଶରେ ଚାଲିଥିବା ସାଇବର କ୍ରାଇମ ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆଜିକାଲି ପୁରା ଦେଶରେ ଅନେକ ଲୋକ ସାଇବର ଅପରାଧର ଶିକାର ହୋଇ ଅର୍ଥ ହରାଉଛନ୍ତି। ସାଇବର ଠକେଇ, ଡିଜିଟାଲ ଆରେଷ୍ଟ, ଇନଭେଷ୍ଟମେଣ୍ଟ ଠକେଇ ଆଦି ଅପରାଧ ବଢ଼ି ଚାଲିଛି। ସାଇବର ଅପରାଧ ଆମ ସମସ୍ତଙ୍କ ପାଇଁ ଏକ ବଡ଼ ଆହ୍ୱାନ। ଏହାକୁ ଦୃଷ୍ଟିରେ ରଖି ଆମ ସରକାର ପୋଲିସ ବିଭାଗର ସାଇବର ସେଲକୁ ସୁଦୃଢ଼ ଓ ଆଧୁନିକୀକରଣ କରିବା ପାଇଁ ସଂକଳ୍ପବଦ୍ଧ। ଏଥି ପାଇଁ ଆଗାମୀ ଦିନରେ ଯେଉଁ ଜିଲ୍ଲାରେ ସାଇବର ଥାନା ନାହିଁ • ପୃଷ୍ଠା ୫ ଦେଖନ୍ତୁ



ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭିନ୍ନକ୍ଷମ ଅଭିଯୋଗକାରୀଙ୍କ ଅଭିଯୋଗ ଶୁଣୁଛନ୍ତି।

## ଜାଡରେ ଥରୁଛି ଓଡ଼ିଶା

# ଆଉ ୨୪ଘଣ୍ଟା ଥରାଇବ

**୧୦ଡିଗ୍ରୀ ତଳେ ୧୫ ସହର**

ଭୁବନେଶ୍ୱର, ୧୬।୧୨ (ଭାସ୍କର ନ୍ୟୁଜ): ରାଜ୍ୟରେ ଶୀତର ପ୍ରକୋପ ବୃଦ୍ଧି ପାଇଛି। ଜାଡ଼ରେ ଥରୁଛି ସାରା ଓଡ଼ିଶା। ତେବେ ଆଉ ୨୪ ଘଣ୍ଟା ଶୀତର ପ୍ରକୋପ ରହିବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନକେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ତେବେ ରାଜ୍ୟର ୪ ଜିଲ୍ଲା ଝାରସୁଗୁଡ଼ା, ଅନୁଗୋଳ, ସୁନ୍ଦରଗଡ଼ ଓ ଜଗତସିଂହପୁର ପାଇଁ ପ୍ରବଳ ଶୀତ ନିମନ୍ତେ ବିଭାଗ ପକ୍ଷରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ଦୁଇଦିନ ଘନକୁହୁଡ଼ି ନେଇ କନ୍ଧମାଳ ଓ କୋରାପୁଟ ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି। ତେବେ ମଙ୍ଗଳବାରଠାରୁ ପାରଦ ୩ରୁ ୫ ଡିଗ୍ରୀ ବଢ଼ିବାର ସମ୍ଭାବନା ଥିବାରୁ ଶୀତର ପ୍ରକୋପ ହ୍ରାସ ପାଇବ ବୋଲି ବିଭାଗ ସୂଚନା ଦେଇଛି। ରାଜ୍ୟରେ ବର୍ତ୍ତମାନ ଶୀତର • ପୃଷ୍ଠା ୫ ଦେଖନ୍ତୁ

## ସଂକ୍ଷେପରେ...

### ଜାନୁଆରୀରେ ୨ଥର ଓଡ଼ିଶା ଆସିବେ ପ୍ରଧାନମନ୍ତ୍ରୀ

ଭୁବନେଶ୍ୱର, ୧୬।୧୨ (ଭାସ୍କର ନ୍ୟୁଜ): ଆସନ୍ତା ଜାନୁଆରୀ ମାସରେ ଦୁଇଥର ଓଡ଼ିଶା ଆସିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ଜାନୁଆରୀ ୮ ତାରିଖରୁ ଆରମ୍ଭ ହେଉଥିବା ପ୍ରବାସୀ ଭାରତୀୟ ଦିବସରେ ପ୍ରଧାନମନ୍ତ୍ରୀ ଯୋଗ ଦେବେ। ସେହିପରି ଜାନୁଆରୀ ୨୮ରୁ ଆରମ୍ଭ ହେଉଥିବା ଉତ୍କର୍ଷ ଓଡ଼ିଶା କନକ୍ଲେଭରେ ପ୍ରଧାନମନ୍ତ୍ରୀ ଯୋଗଦେବେ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୂଚନା ଦେଇଛନ୍ତି।

### ଆଜିଠୁ ମୁଖ୍ୟମନ୍ତ୍ରୀଙ୍କ କେନ୍ଦୁଝର ଗସ୍ତ

ଭୁବନେଶ୍ୱର/କେନ୍ଦୁଝର, ୧୬।୧୨ (ଭାସ୍କର ନ୍ୟୁଜ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଙ୍ଗଳବାରଠାରୁ ଏକ ତିନିଦିନିଆ କେନ୍ଦୁଝର ଗସ୍ତରେ ଯିବାର କାର୍ଯ୍ୟକ୍ରମ ରହିଛି। ମଙ୍ଗଳବାର ପୂର୍ବାହ୍ନ ୧୦ଟାରେ ସେ ରାଇସୁଆଁ ଏୟାରପୋର୍ଟରେ ପହଞ୍ଚିବେ। ୩ ଦିନିଆ ଗସ୍ତ କାର୍ଯ୍ୟକ୍ରମରେ ସେ ବିଭିନ୍ନ ସମ୍ମିଳନୀରେ • ପୃଷ୍ଠା ୫ ଦେଖନ୍ତୁ

### ଶପଥ ନେଲେ ସୁଜିତ କୁମାର

ନୂଆଦିଲ୍ଲୀ, ୧୬।୧୨: ରାଜ୍ୟସଭା ସାଂସଦ ଭାବେ ଶପଥ ନେଲେ ସୁଜିତ କୁମାର। ସେ ଓଡ଼ିଆରେ ଶପଥଗ୍ରହଣ କରିଥିବା ସୂଚନା ମିଳିଛି। ଶପଥଗ୍ରହଣ ପରେ ସେ ଜୟ ଜଗନ୍ନାଥ ବୋଲି କହିଥିଲେ। ସୂଚନାଥାଉକି ସୁଜିତ କୁମାର ରାଜ୍ୟସଭା ଉପନିର୍ବାଚନରେ ଏକମାତ୍ର ପ୍ରାର୍ଥୀ ଭାବେ ନାମାଙ୍କନ ଦାଖଲ କରି ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ। ତାଙ୍କ କାର୍ଯ୍ୟକାଳ ୨୦୨୬ ଏପ୍ରିଲ ୨ ତାରିଖ ପର୍ଯ୍ୟନ୍ତ ରହିଛି।

ସେନ୍‌ସେକ୍ସ: ୮୧,୭୪୮.୫୭
ସର୍ବାଧିକ: ୨୬.୦ ଡିଗ୍ରୀ
ସର୍ବନିମ୍ନ: ୧୩.୨ ଡିଗ୍ରୀ

**୧୬।୧୨।୨୦୨୪ର ମତାମତ**

ନୂତନ ଶିକ୍ଷାନୀତି ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଗଢ଼ିବାରେ ସହାୟକ ହେବ କି?




**ଆଜିର ପ୍ରସଙ୍ଗ**

ମାଓବାଦ ସଂପୂର୍ଣ୍ଣ ଲୋପ ପାଇଁ ସରକାର ନେଇଥିବା ପଦକ୍ଷେପ ସଫଳ ହେବ କି?

ମତାମତ ଦେବା ପାଇଁ ଲଗ୍‌ଅନ୍ କରନ୍ତୁ
www.odishabhaskar.com

## ଡିସେମ୍ବରରେ ମିଳିବନି ଚତୁର୍ଥ ପର୍ଯ୍ୟାୟ ସୁଭଦ୍ରା ସହାୟତା

# ଯାଞ୍ଚ ପରେ ପ୍ରଦାନ: ଉପମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୧୬।୧୨ (ଭାସ୍କର ନ୍ୟୁଜ): ଡିସେମ୍ବରରେ ମିଳିବନି ଚତୁର୍ଥ ପର୍ଯ୍ୟାୟ ସୁଭଦ୍ରା ସହାୟତା। ଏ ନେଇ ସୂଚନା ଦେଇଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା। ସେ କହିଛନ୍ତି, ବର୍ତ୍ତମାନ ପାଇଁ ଚତୁର୍ଥ ପର୍ଯ୍ୟାୟ କିସ୍ତି ପ୍ରଦାନକୁ ସ୍ଥଗିତ ରଖାଯାଇଛି। ଯାଞ୍ଚ ପ୍ରକ୍ରିୟା ଚାଲୁ ରହିଥିବାରୁ ଏହି ସହାୟତା ସ୍ଥଗିତ ଥିବା ସେ କହିଛନ୍ତି। ସମସ୍ତ ପ୍ରକାର ଯାଞ୍ଚ ଶେଷ ହେବାପରେ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରାଯାଇ ଚତୁର୍ଥ ପର୍ଯ୍ୟାୟ ସହାୟତା ପ୍ରଦାନ କରାଯିବ। ତେବେ ୩୦ ତାରିଖ ସୁଦ୍ଧା ସମସ୍ତ ଯାଞ୍ଚ ଶେଷ ହେବ ବୋଲି ସେ ଆଶା ପ୍ରକାଶ କରିଛନ୍ତି। ୨୦ଲକ୍ଷରୁ ଅଧିକ ମହିଳାଙ୍କୁ ଚତୁର୍ଥ ପର୍ଯ୍ୟାୟରେ ସହାୟତା ରାଶି ପ୍ରଦାନ କରାଯିବ। ଚତୁର୍ଥ ପର୍ଯ୍ୟାୟ ପ୍ରଦାନ ପରେ କୋଟିଏରୁ ଅଧିକ ମହିଳା ଏହି ଯୋଜନାରେ ଉପକୃତ ହେବେ ବୋଲି ଶ୍ରୀମତୀ ପରିଡ଼ା ସୂଚନା ଦେଇଛନ୍ତି। ସେ ଆହୁରି କହିଛନ୍ତି ଯେ ଯେଉଁ ହିତାଧିକାରୀଙ୍କର ବାୟୋମେଟ୍ରିକ୍‌ରେ ଇ-କେୱାଇସି ଶେଷ ଦେଖାଉଛି, ସେମାନେ ଚିନ୍ତା କରିବାର ଆବଶ୍ୟକତା ନାହିଁ। ଯେଉଁମାନେ ଇ-କେୱାଇସି କରିନାହାନ୍ତି ସେମାନେ ତୁରନ୍ତ ବାୟୋମେଟ୍ରିକ ପ୍ରକ୍ରିୟାରେ ଇ-କେୱାଇସି କରନ୍ତୁ। ଯେଉଁମାନେ ବି ଓଟିପି ଜରିଆରେ ଇ-କେୱାଇସି କରିଛନ୍ତି ସେମାନେ ବି ବାୟୋମେଟ୍ରିକ ପ୍ରକ୍ରିୟାରେ ଇ-କେୱାଇସି କରିବାକୁ ପଡ଼ିବ। ଇ-କେୱାଇସି ଅପଡେଟ୍ ନଥିବାରୁ ୫ଲକ୍ଷ ୧୧ ହଜାର ଆବେଦନପତ୍ର ପଡ଼ି ରହିଛି। ସେମାନଙ୍କର ଅଣ୍ଡର ପ୍ରୋସେସ୍ ଦେଖାଉଛି। ଗାଁ ମାନଙ୍କରେ ଏବେ ଫିଲ୍ଡ ଭେରିଫିକେସନ ଚାଲୁଥିବାରୁ ସମସ୍ତେ ସହଯୋଗ କରିବା ସହ ଯାହା ଅଭିଯୋଗ ରହିଛି ସେମାନେ ବ୍ଲକ ଅଫିସ, ସରପଞ୍ଚ ଓ ଅଙ୍ଗନୱାଡ଼ି କର୍ମୀଙ୍କୁ ଜଣାଇବା ପାଇଁ ଶ୍ରୀମତୀ ପରିଡ଼ା ପରାମର୍ଶ ଦେଇଛନ୍ତି । ସେ ଆହୁରି କହିଛନ୍ତି ଯେ ଯେଉଁମାନଙ୍କର ରିଜେକ୍ଟ ହୋଇଛି ସେମାନଙ୍କର ୩ ଥର ଯାଞ୍ଚ ସରିଲାଣି। ସୂଚନାଯୋଗ୍ୟ ଯେ ହିତାଧିକାରୀଙ୍କୁ ପ୍ରଥମ, ଦ୍ୱିତୀୟ ଓ ତୃତୀୟ କିସ୍ତି ରାଶି ପ୍ରଦାନ କରାଯାଇ ସାରିଛି। ତେବେ ସମସ୍ତ ଯାଞ୍ଚ ପରେ ଚତୁର୍ଥ ପର୍ଯ୍ୟାୟ ସହାୟତା ଟଙ୍କା ପ୍ରଦାନ କରାଯିବ ବୋଲି ଶ୍ରୀମତୀ ପରିଡ଼ା କହିଛନ୍ତି।

## ଗୋଟିଏ ଦେଶ-ଗୋଟିଏ ନିର୍ବାଚନ ବିଲ୍

# ଆଜି ଲୋକସଭାରେ ଉପସ୍ଥାପନ

- ଆଇନମନ୍ତ୍ରୀ ମେଘୱାଲ କରିବେ ଉପସ୍ଥାପନ
- ମୋଦୀ ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ ନିର୍ବାଚନୀ ପ୍ରତିଶ୍ରୁତି
- ଜେପିସିକୁ ପର୍ଯ୍ୟାଲୋଚନା ପାଇଁ ଯିବା ସମ୍ଭାବନା



ମେଘୱାଲ ନୂଆଦିଲ୍ଲୀ, ୧୬।୧୨: ଗୋଟିଏ ଦେଶ- ଗୋଟିଏ ନିର୍ବାଚନ ବିଲ୍ ମଙ୍ଗଳବାର ଲୋକସଭାରେ ଉପସ୍ଥାପନ ହେବାର ସମ୍ଭାବନା ରହିଛି। କେନ୍ଦ୍ର ଆଇନମନ୍ତ୍ରୀ ଅର୍ଜୁନରାମ ମେଘୱାଲ ଏହି ବିଲ୍ ଉପସ୍ଥାପନ କରିବାର କାର୍ଯ୍ୟକ୍ରମ ରହିଛି। ଏହି ଏକକ ନିର୍ବାଚନ ବିଲ୍ ହେଉଛି ମୋଦୀ ସରକାରଙ୍କ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ନିର୍ବାଚନୀ ପ୍ରତିଶ୍ରୁତି। ସୋମବାର ଏହି ବିଲ୍ ଲୋକସଭାରେ ଆଗତ ପାଇଁ ଗୃହର ଏଜେଣ୍ଡାରେ ତାଲିକାଭୁକ୍ତ ହୋଇଥିଲେ ମଧ୍ୟ ଏହାକୁ ଗୋଟିଏ ଦିନ ବିଳମ୍ବରେ ଅର୍ଥାତ୍ ୧୭ ତାରିଖ ମଙ୍ଗଳବାର ଲୋକସଭାରେ ଉପସ୍ଥାପନ କରାଯିବା ନେଇ ସ୍ଥିର କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ ଲୋକସଭା ଓ ବିଧାନସଭା ନିର୍ବାଚନ ଏକାସାଙ୍ଗରେ କରିବା ନିମନ୍ତେ ଉଦ୍ଦିଷ୍ଟ ସମ୍ବିଧାନ ସଂଶୋଧନ ବିଲ୍ ମଙ୍ଗଳବାର ଆଗତ କରାଯିବ । ଏହାକୁ ଦୁଇ ଗୃହର ମିଳିତ କମିଟି ଅର୍ଥାତ୍ ଜେପିସିକୁ ପଠାଯିବାର ସମ୍ଭାବନା ରହିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ କେନ୍ଦ୍ର କ୍ୟାବିନେଟ୍ ଗତ ସପ୍ତାହରେ ଏକକ ନିର୍ବାଚନ କରିବା ପାଇଁ ଅନୁମୋଦନ ଦେଇଥିଲା। ତେବେ ସ୍ଥାନୀୟ ନିର୍ବାଚନ କିପରି କରାଯିବ ସେ ନେଇ କୌଣସି ସ୍ୱଷ୍ଟ ନିଷ୍ପତ୍ତି ନିଆଯାଇ ନାହିଁ । କେନ୍ଦ୍ର ସରକାରଙ୍କ ପକ୍ଷରୁ ଏହି ବିଲ୍‌ର ନକଲ ସାଂସଦମାନଙ୍କୁ ବଣ୍ଟନ କରାଯାଇଛି। ଯାହାଦ୍ୱାରା ସେମାନେ ଏହାକୁ ଅଧ୍ୟୟନ କରିପାରିବେ। ସଂସଦର ଶୀତକାଳୀନ ଅଧିବେଶନ ଆସନ୍ତା ୨୦ ତାରିଖରେ ଶେଷ ହେଉଛି। ତେଣୁ ଏକ ଦେଶ- ଗୋଟିଏ ନିର୍ବାଚନ ସଂପର୍କୀୟ ବିଲ୍ ଉପସ୍ଥାପନ କରିବାକୁ କେନ୍ଦ୍ର ସରକାରଙ୍କ ନିକଟରେ ଆଉମାତ୍ର ଚାରିଦିନ ବାକି ରହିଛି। ଏକ ସଙ୍ଗରେ ସାରା ଦେଶରେ ଉଭୟ ଲୋକସଭା ଓ ରାଜ୍ୟଗୁଡ଼ିକର ବିଧାନସଭା ନିର୍ବାଚନ କରିବା ପାଇଁ ବିଲ୍‌ରେ ବ୍ୟବସ୍ଥା • ପୃଷ୍ଠା ୫ ଦେଖନ୍ତୁ

## ତୀର୍ଯ୍ୟକ

ଅର୍ଚ୍ଚିତ ଅନିର୍ବାଣ



ବିକାଶର ଶୀର୍ଷ ସ୍ଥାନେ ପହଞ୍ଚିବ
ଆମ ଏଇ କୋରାପୁଟ,
ଓଡିଶାରେ ହେବ ନମ୍ବର ଉଆନ
ଫିଟି ଫିଟି ଆସେ ବାଟ ।
ମୁଖ୍ୟଙ୍କର ବାହାସ୍ଫୋଟ,
ସତ ହେଇଗଲେ କୋରାପୁଟିଆଙ୍କ
ବଦଳିବ ଥାଟବାଟ !!

## ପ୍ରଦୂଷଣ ସାରା ଭାରତର ସମସ୍ୟା

# ପ୍ରଦୂଷିତ ସହରଗୁଡ଼ିକର ତାଲିକା ମାଗିଲେ ସୁପ୍ରିମକୋର୍ଟ



ନୂଆଦିଲ୍ଲୀ, ୧୬।୧୨: ପ୍ରଦୂଷଣ ସାରା ଭାରତର ସମସ୍ୟା। ଏପରି ଏକ ମତ ରଖି ସୋମବାର ସୁପ୍ରିମକୋର୍ଟ ଦେଶର ଅଧିକ ପ୍ରଦୂଷିତ ସହରଗୁଡ଼ିକର ତାଲିକା ଦାଖଲ କରିବା ପାଇଁ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସୁପ୍ରିମକୋର୍ଟ ପକ୍ଷରୁ କୁହାଯାଇଛି ଯେ ଦିଲ୍ଲୀ-ଏନସିଆରରେ ବାୟୁର ଗୁଣବତ୍ତାକୁ ଯାଞ୍ଚ କରିବା ସହ ଏଥିରେ ସୁଧାର ଆଣିବା ପାଇଁ ଗଠନ ହୋଇଥିବା ବାୟୁ ଗୁଣବତ୍ତା ପରିଚାଳନା କମିଶନ ଭଳି ସଂସ୍ଥା ସବୁ ରାଜ୍ୟରେ ପ୍ରତିଷ୍ଠା କରାଯିବା ଉଚିତ୍ । ସୁପ୍ରିମକୋର୍ଟର ବିଚାରପତି ଜଷ୍ଟିସ ଅଭୟ ଏସ୍ ଓକ୍କା ଏବଂ ଜଷ୍ଟିସ ମନମୋହନଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି ଯେ କେନ୍ଦ୍ର ସରକାର ବାୟୁ ପ୍ରଦୂଷଣ ସମସ୍ୟା ରହିଥିବା ଅନ୍ୟ ବଡ଼ ସହରଗୁଡ଼ିକର ତାଲିକା ପ୍ରଦାନ କରନ୍ତୁ। ସେସବୁ ସହରଗୁଡ଼ିକ ପାଇଁ କିଛି ସଂସ୍କାର ଆବଶ୍ୟକତା • ପୃଷ୍ଠା ୫ ଦେଖନ୍ତୁ

## ୧୦ଲକ୍ଷ ଲାଞ୍ଚ ମାମଲାରେ ଚାଞ୍ଚଲ୍ୟକର ତଥ୍ୟ

# ବିଷ୍ଣୁପଦଙ୍କୁ ଭେଟିବା ପାଇଁ ଅନୁମତି ମାଗିଥିଲେ ଚଞ୍ଚଳ



**ବିଷ୍ଣୁପଦଙ୍କୁ ପୁଣି ଥରେ ସିବିଆଇର ସମନ**

ଭୁବନେଶ୍ୱର, ୧୬।୧୨ (ଭାସ୍କର ନ୍ୟୁଜ): ରାଷ୍ଟ୍ରୀୟ ଉଦ୍ୟୋଗ ବ୍ରିଜ୍ ଆଣ୍ଡ ରୁଫ୍ କର୍ପୋରେସନର ଭୁବନେଶ୍ୱର ଡିଜିଏମ୍ ଚଞ୍ଚଳ ମୁଖାର୍ଜୀଙ୍କୁ ୧୦ଲକ୍ଷ ଟଙ୍କା ଲାଞ୍ଚ ଦିଆଯିବା ମାମଲାର ଆଉଏକ ଚାଞ୍ଚଲ୍ୟକର ତଥ୍ୟ ସାମ୍ନାକୁ ଆସିଛି। ସିବିଆଇ ଏକ ତାରକା ହୋଟେଲ ସମ୍ମୁଖରୁ ଏକ କାର୍‌ରୁ ୧୦ଲକ୍ଷ ଟଙ୍କା ଜବତ କରିବାର ଦୁଇଦିନ ପୂର୍ବରୁ ଏକ ବଡ଼ଧରଣର ଡିଲ୍ ହୋଇଥିବା କୁହାଯାଉଛି । ଗତ ୫ ତାରିଖ ଦିନ ଚଞ୍ଚଳ ମୁଖାର୍ଜୀ ବରିଷ୍ଠ ଆଇଏଏସ୍ ଅଧିକାରୀ ବିଷ୍ଣୁପଦ ସେଠୀଙ୍କୁ ଭେଟିବା ଲାଗି ଅନୁମତି ମାଗିଥିଲେ। ଏହି ଚିଠି ସାମ୍ନାକୁ ଆସିବା ପରେ ବିଷ୍ଣୁପଦଙ୍କ ଅଡୁଆ ବଢ଼ିବ ବୋଲି ଚର୍ଚ୍ଚା ଜୋର ଧରିଛି। ଏପଟେ ବିଷ୍ଣୁପଦଙ୍କୁ ସିବିଆଇରେ ହାଜର ହେବାପାଇଁ ସମନ ଜାରି କରାଯାଇଛି। ଗତ ୧୧ ତାରିଖରେ ତାଙ୍କୁ ସିବିଆଇ ନିକଟରେ ହାଜର ହେବାକୁ ସମନ କରାଯାଇଥିଲା। ହେଲେ ସିବିଆଇ ତାଙ୍କୁ ଜେରା କରିଛି କି ନାହିଁ ସେ ନେଇ କୌଣସି ସ୍ୱଷ୍ଟ ସୂଚନା ମିଳିପାରି ନାହିଁ । ତେବେ ଆଶ୍ଚର୍ଯ୍ୟର କଥା ହେଉଛି, ଗତ କିଛିଦିନ ହେବ ଆଇଏଏସ୍ ଅଧିକାରୀ ବିଷ୍ଣୁପଦ ସେଠୀଙ୍କୁ ନେଇ ଚର୍ଚ୍ଚା ଜୋର ଧରିଥିବାବେଳେ ତାଙ୍କ ବିରୋଧରେ ଆସିଥିବା ଅଭିଯୋଗକୁ ସେ ଖଣ୍ଡନ କରିନାହାନ୍ତି କିମ୍ବା କୌଣସି ସଫେଇ ମଧ୍ୟ ଦେଇ ନାହାନ୍ତି । ଅନ୍ୟପକ୍ଷରେ ସିବିଆଇ ବିଷ୍ଣୁପଦଙ୍କ ୩ଜଣ ଡ୍ରାଇଭରଙ୍କୁ ଇତିମଧ୍ୟରେ ଜେରା କରିଥିବାବେଳେ ଏକ ତାରକା ହୋଟେଲର ଜେନେରାଲ ମ୍ୟାନେଜରଙ୍କୁ ମଧ୍ୟ ଜେରା କରିସାରିଛି। ସେହିପରି ମଧ୍ୟସ୍ଥ ଦେବଦତ୍ତ ମହାପାତ୍ରଙ୍କ ଜଣେ ମହିଳା କର୍ମଚାରୀଙ୍କୁ ମଧ୍ୟ ସିବିଆଇ ଜେରା କରିଥିବା ସୂଚନା ମିଳିଛି। ସିବିଆଇର ଏହି ତନାଘନାରୁ ଜଣାପଡୁଛି ଯେ ସିବିଆଇ କିଛି ତଥ୍ୟ ହାସଲ କରିସାରିଛି। ହେଲେ ସିବିଆଇ ସେଠୀଙ୍କ ସଂପୃକ୍ତି • ପୃଷ୍ଠା ୫ ଦେଖନ୍ତୁ

## ଆଜିଠୁ ରତ୍ନଭଣ୍ଡାର ମରାମତି



ପୁରୀ, ୧୬।୧୨ (ଭାସ୍କର ନ୍ୟୁଜ) : ମଙ୍ଗଳବାର ଠାରୁ ଆରମ୍ଭ ହେବ ରତ୍ନଭଣ୍ଡାର ମରାମତି। ସେଥିପାଇଁ ଭକ୍ତଙ୍କ ଦର୍ଶନ ଓ ମହାପ୍ରଭୁଙ୍କ ନୀତିକାନ୍ତିରେ ବାଧା ସୃଷ୍ଟି ନକରି ଏଏସଆଇ କରିବ ମରାମତି। ଏଏସଆଇ ଦ୍ୱିତୀୟ ଭୋଗମଣ୍ଡପ ପରେ ନିର୍ଦ୍ଧାରିତ ନୀତିନିର୍ଘଣ୍ଟ ଅନୁଯାୟୀ ପ୍ରାୟ ୫ ରୁ ୬ଘଣ୍ଟା ମରାମତି କରିବାକୁ ଥିବାବେଳେ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ଓ ମହାପ୍ରଭୁଙ୍କ ନୀତିକାନ୍ତିକୁ ସୂଚାରୁ ରୂପେ ସମ୍ପାଦିତ କରାଯିବା ଲକ୍ଷ୍ୟ ରଖାଯାଇଛି। ଦିନ ୧୨.୩୦ କିମ୍ବା ୧ଟା ପର ଠାରୁ ସଂଧ୍ୟା ୬ଟା ପର୍ଯ୍ୟନ୍ତ ମରାମତି କାର୍ଯ୍ୟ କରିବ ଏଏସଆଇ। ପ୍ରଥମେ ଲୁହାଭାରା ବନ୍ଧାଯିବା ପରେ ଡି ପ୍ଲାଷ୍ଟରିଂ କରାଯିବ ଓ ଏହା ପରେ ପୁରୁଣା ଲୁହା ବିମ୍ ଓ ପଥର ଅପସରଣ କରାଯିବ। ନଷ୍ଟ ହୋଇଥିବା ଲୁହା ବିମ କଢାଯାଇ ନୂଆ ଷ୍ଟେନଲେସ ଷ୍ଟିଲ ବିମ ଲଗାଯିବ। ଭିତରେ ପାଣି ଝରୁଥିବାରୁ ଫାଟକୁ ମରାମତି କରାଯିବ। ଏଥିସହ ଚଟାଣରେ ଟାଇଲ ପଡିବ। ଉଭୟ ବାହାର ଓ ଭିତର ରତ୍ନଭଣ୍ଡାର ମରାମତି କାର୍ଯ୍ୟ ଆରମ୍ଭ କରାଯିବ। ମରାମତି ସମୟରେ ବାହାରକାଠ ନିକଟରୁ ମହାପ୍ରଭୁଙ୍କ ଦର୍ଶନ କରିପାରିବେ ଶ୍ରଦ୍ଧାଳୁ। ସେପଟେ ରତ୍ନଭଣ୍ଡାର ମରାମତି କାର୍ଯ୍ୟକୁ ଆଗାମୀ ୫୦୦ ବର୍ଷକୁ ଦୃଷ୍ଟିରେ ରଖି ଉନ୍ନତ ଜ୍ଞାନକୌଶଳ ଦ୍ୱାରା ଦୀର୍ଘସ୍ଥାୟୀ ମରାମତି କରିବାକୁ ମତ ରଖିଛନ୍ତି ସେବାୟତ। ରାତିପାଇଲେ ଆରମ୍ଭ ହେବ ରତ୍ନଭଣ୍ଡାର ମରାମତି,ଭକ୍ତଙ୍କ ଦର୍ଶନ ଓ ମହାପ୍ରଭୁଙ୍କ ନୀତିକାନ୍ତିରେ ବାଧା ସୃଷ୍ଟି ନକରି ଏଏସଆଇ କରିବ ମରାମତି। ମରାମତି ସମୟରେ ପ୍ରସ୍ତୁତ ହୋଇଥିବା • ପୃଷ୍ଠା ୫ ଦେଖନ୍ତୁ



ବେତନଟି,(ଭାସ୍କର ନ୍ୟୁଜ୍): ବେତନଟି ଉପକଣ୍ଠ ଜାତୀୟ ରାଜପଥ ୧୮ ନମ୍ବର ପାର୍ଶ୍ୱରେ ନୂତନ କରି ଗଢି ଉଠିଥିବା ଶ୍ରୀ ଶ୍ରୀ ଅନୁକୂଳଚନ୍ଦ୍ରଙ୍କ ଭବ୍ୟ ମନ୍ଦିରକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଛନ୍ତି, ବିହାରର ଦେଓଘରର ମୁଖ୍ୟ ଠାକୁର ଶ୍ରୀ ଶ୍ରୀ ଆଚାର୍ଯ୍ୟଦେବ। ୧୫ ତାରିଖ ଅପରାହ୍ନରେ ଏହା ଉଦଘାଟନ ହେବା ସହ ଉପସ୍ଥିତ ସତସଙ୍ଗୀ ଓ ସାଧାରଣ ଭକ୍ତଗଣଙ୍କୁ ଆଶୀର୍ବଚନ ଶୁଣାଇଥିଲେ। ୧୬ ତାରିଖ ପ୍ରାତଃ ଘ୫.୩୫ମିନିଟ୍‌ରୁ ଭଜନକୀର୍ତ୍ତନ ଭଳି ମାଙ୍ଗଳିକ କାର୍ଯ୍ୟକ୍ରମ ଦିନବ୍ୟାପୀ ଚାଲୁଥିବା ସହ ପ୍ରାୟ ହଜାର ହଜାର ଭକ୍ତ ସମାଗମ ହୋଇଥିଲା। ଭକ୍ତଗଣ ଶୃଙ୍ଖଳିତ ଭାବେ ସମସ୍ତେ ପ୍ରସାଦ ସେବନ ସହ ପ୍ରାର୍ଥନା ସଭାରେ ଯୋଗଦାନ କରିଥିଲେ । ସ.ପ୍ର. ରିତିକ ଖଗେନ୍ଦ୍ରନାଥ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଡ. ଶ୍ରୀବତ୍ସ ସାମଲ, ନାରୋଡ ସୁନ୍ଦର ଜେନା, ବଂଶୀଧର ଖଟୁଆ, କୈଳାସ ଚନ୍ଦ୍ର ନାୟକ,ଖଗେନ ଖଟୁଆ, ଶ୍ରୀକାନ୍ତ ଜେନା,ରତିକାନ୍ତ ଜେନା, ସତସଙ୍ଗୀଗଣ ବିଶେଷ ସହଯୋଗ ପ୍ରଦାନ କରିଥିଲେ। ମଧ୍ୟାହ୍ନରେ ଭକ୍ତଙ୍କ ଭୋଜନ, କୀର୍ତ୍ତନ ସହ ନଗର ପରିକ୍ରମା କରାଯାଇଥିଲା। ସନ୍ଧ୍ୟାରେ ଆତସବାଜି ପ୍ରଦର୍ଶନ ସହ କାର୍ଯ୍ୟକ୍ରମ ସମାପନ ହୋଇଥିଲା। ଗତମାସ ଶେଷ ସପ୍ତାହରେ ବେତନଟୀରେ ନୂତନ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ପରେ ଚଳିତ ମାସ ମଧ୍ୟଭାଗରେ ଶ୍ରୀ ଅନୁକୂଳଚନ୍ଦ୍ରଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଭଳି କାର୍ଯ୍ୟ ପାଇଁ ବେତନଟୀରେ ଏକ ଧାର୍ମିକ ମହଲ ସୃଷ୍ଟି ହୋଇଥିବାର ଦେଖାଯାଉଛି ।

### ଅସ୍ତରଙ୍ଗ ଥାନାର ନୂତନ କୋଠା ଉଦ୍‌ଘାଟିତ

# ଆଭାସୀ ମାଧ୍ୟମରେ ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ



ଅସ୍ତରଙ୍ଗ,(ଭାସ୍କର ନ୍ୟୁଜ୍):ପୁରୀ ଜିଲ୍ଲା ଅସ୍ତରଙ୍ଗ ଥାନାର ନୂତନ କୋଠା ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଭାସୀ ମାଧ୍ୟମରେ ସୋମବାର ଅପରାହ୍ନରେ ଉଦ୍‌ଘାଟନ କରିଛନ୍ତି। ଉଦ୍‌ଘାଟନ ସମୟରେ ଓଡ଼ିଶା ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୂର ଖୁରାନିଆ ଥିବାବେଳେ ଥାନା ପରିସରରେ ଜଗତସିଂହପୁର ସାଂସଦ ବିଭୁପ୍ରସାଦ ତରାଇ, କାକଟପୁର ବିଧାୟକ ତୁଷାରକାନ୍ତି ବେହେରା, ପୁରୀ ଅତିରିକ୍ତ ଏସପି ବିଷ୍ଣୁପ୍ରସାଦ ପତି, ଅସ୍ତରଙ୍ଗ ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶିନୀ ପତି, ଅସ୍ତରଙ୍ଗ ବ୍ଲକ ଅଧକ୍ଷା ଆରତୀ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଉପସ୍ଥିତ ଅତିଥିମାନେ କହିଥିଲେ, ଲୋକମାନଙ୍କୁ ସବୁପ୍ରକାର ପୁଲିସ ସେବା ଯୋଗାଇ ଦେବା ପାଇଁ ଏହି ନବନିର୍ମିତ ଥାନାରେ ଅତ୍ୟାଧୁନିକ ସୁବିଧା ସୁଯୋଗ ରହିଛି। ୨୦୦୮ମସିହାରେ ଅସ୍ତରଙ୍ଗ ଥାନାର ମାନ୍ୟତା ପାଇବା ପରେ ୨୦୨୧-୨୨ମସିହାରେ ଓପିଏଚ୍‌ସିଏଲ୍ ପକ୍ଷରୁ ୨କୋଟି ୨୮ଲକ୍ଷ ୧୩ହଜାର ଟଙ୍କା ମଞ୍ଜୁର କରାଯାଇଥିଲା। ୮ହଜାର ୬୩୩ବର୍ଗ କ୍ଷେତ୍ର ଫଳ ବିଶିଷ୍ଟ ୩ମହଲା ବିଶିଷ୍ଟ ଏହି ନୂତନ କୋଠାରେ ତଳ ମହଲାରେ ଅଭ୍ୟର୍ଥନା ପ୍ରକୋଷ୍ଠ, ଡିସିଓ ରୁମ୍, ମୁଖ୍ୟ ଫାଟକ ନିକଟରେ ଥାନା ଅଧିକାରୀଙ୍କ ପ୍ରକୋଷ୍ଠ, ଅତିରିକ୍ତ ଥାନା ଅଧିକାରୀଙ୍କ ପ୍ରକୋଷ୍ଠ, ମହିଳା ଓ ଶିଶୁ ଡେସ୍କ, ରେକର୍ଡ ରୁମ୍, ମାଲଖାନା, ସ୍ୱତନ୍ତ୍ର ପୁରୁଷ ଏବଂ ମହିଳା ହାଜତ, ଅସ୍ତ୍ରାଗାର ଦ୍ୱିତୀୟ ପ୍ରକୋଷ୍ଠ, ଅନ୍ୟାନ୍ୟ ଅଧିକାରୀଙ୍କ ଲାଗି ୮ଟି କ୍ୟାବିନ ଗୃହ, ମହିଳା, ପୁରୁଷ ଓ ଦିବ୍ୟାଙ୍ଗଙ୍କ ଲାଗି ସ୍ୱତନ୍ତ୍ର ଶୌଚାଳୟ ବ୍ୟବସ୍ଥା ରହିଛି। ସେହିପରି ଦ୍ୱିତୀୟ ମହଲାରେ ସମ୍ମିଳନୀ କକ୍ଷ, ଜିମ୍, ଅପରାଧୀଙ୍କୁ ପଚରାଉଚରା ପ୍ରକୋଷ୍ଠ, ରୋଷେଇ ଘର, କର୍ମଚାରୀଙ୍କ ବାରାକ, ଫୋର୍ସ ରହିବା ଲାଗି ବାରାକ, ବିଦ୍ୟୁତ ପରିଚାଳନା ଓ ପାଣି ଯୋଗାଣ ରୁମ୍ ଆଦି ରହିଛି। ତୃତୀୟ ମହଲାରେ ଗୋଟିଏ ବଡ଼ ଗୃହ ରହିଛି। ଆଜିର ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବିଭିନ୍ନ ପଂଚାୟତର ଜନପ୍ରତିନିଧି, ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ, ସମାଜସେବୀ, ବିଭିନ୍ନ କ୍ଲବର ସଦସ୍ୟ, ଶିକ୍ଷାବିତ୍‌ଙ୍କ ସମେତ ବିଭିନ୍ନ ଦଳର ରାଜନୈତିକ ବ୍ୟକ୍ତିତ୍ୱ ପ୍ରମୁଖ ଉପସ୍ଥିତ ଥିଲେ। ସୋମବାର ମଧ୍ୟାହ୍ନରେ ପୁଲିସ ହାଉସିଂ ବୋର୍ଡ ଡିଜି ସୌମ୍ୟେନ୍ଦ୍ର ପ୍ରିୟଦର୍ଶୀ, ପୁରୀ ଏସ୍‌ପି ବିନୀତ ଅଗ୍ରୱାଲ ନୂତନ କୋଠା ପରିଦର୍ଶନ କରିଥିବା ବେଳେ, ନିମାପଡା ଉପଖଣ୍ଡ ଅଧିକାରୀ ପ୍ରଭାତ ମଲ୍ଲିକ, ଅସ୍ତରଙ୍ଗ ଥାନାଧିକାରୀ ରାଜେଶ ବଳିୟାର ସିଂ, କାକଟପୁର ଥାନାଧିକାରୀ ଉମେଶ କୁମାର ସାହୁ,ଚନ୍ଦ୍ରଭାଗା ଥାନା ଅଧିକାରିଣୀ ପ୍ରତିମା ସାହୁ, ରାମଚଣ୍ଡୀ ଥାନାଅଧିକାରୀ ସୁରେଶ ଚନ୍ଦ୍ର ଦୃଷ୍ଟି, ଅତିରିକ୍ତ ଥାନାଅଧିକାରୀ ଦୀପକ ସାମନ୍ତସିଂହାର ସହ ଥାନାକର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ବେଆଇନ୍ କୁକୁଡ଼ା ଲଢ଼େଇ ଓ ଜୁଆଖେଳ



**ବାଜିରେ ଲାଗୁଛି ଲକ୍ଷାଧିକ ଟଙ୍କା**

କେନ୍ଦୁଝର,(ଭାସ୍କର ନ୍ୟୁଜ୍): କେନ୍ଦୁଝର ଜିଲ୍ଲା ତେଲକୋଇ ଥାନା ଅଞ୍ଚଳରେ ଚାଲିଛି ବେପରୁଆ କୁକୁଡ଼ା ଲଢ଼େଇ ଓ ଜୁଆଖେଳ। ଏହି ଜୁଆ ଖେଳରେ ବାଜିରେ ଲାଗୁଛି ଲକ୍ଷ ଲକ୍ଷ ଟଙ୍କା। ପଡ଼ାରେ ଉଡୁଛି ଉକିଳି ଭଳି ଗାଣ୍ଡି ମୁଣ୍ଡ। ଯିଏ ବାଜି ଜିତୁଛି ମସଗୁଲରେ ଘରକୁ ଆସୁଛି ଆଉ ଯିଏ ବାଜିରେ ହାରୁଛି ମୁଣ୍ଡରେ ହାତ ଦେଇ ଘରକୁ ଫେରୁଛି। ଏମିତିକି ଲୋକେ ଘରୁ ଧାନ, ଚାଉଳ ବିକ୍ରି କରି ଜୁଆ ଖେଳି ସର୍ବସ୍ୱାନ୍ତ ହେଉଛନ୍ତି। ଫଳରେ ସଂପୃକ୍ତ ପରିବାରରେ ବିଭିନ୍ନ ପ୍ରକାର ସମସ୍ୟା ଦେଖା ଦେବା ସହିତ ପାରିବାରିକ ଅଶାନ୍ତି ଦେଖା ଦେଉଛି। ଅନ୍ୟପଟେ ଏହି ବେଆଇନ ଜୁଆଆଡ୍ଡା ସମାଜରେ କୁପ୍ରଭାବ ପକାଉ ଥିବା ଅଭିଯୋଗ ହୋଇଛି। ଯୁବପିଢ଼ି ଠାରୁ ଆରମ୍ଭ କରି ନାବାଳକ ଏବଂ ସ୍କୁଲ କଲେଜ ଛାତ୍ରମାନେ ପଥଭ୍ରଷ୍ଟ ହେଉଛନ୍ତି। ଅନେକ ନାବାଳକ ଓ ଛାତ୍ରମାନେ ମଧ୍ୟ ଏହି ବେଆଇନ କୁକୁଡ଼ା ଲଢ଼େଇ ଓ ଜୁଆଖେଳରେ ମାତୁଥିବା ଦେଖାଯାଇଛି। ବିଭିନ୍ନ ସାପ୍ତାହିକ ହାଟ ଏବଂ ନିଛାଟିଆ ସ୍ଥାନ ଜୁଆ ଖେଳାଳିମାନଙ୍କ ପେଶଗୁଳୀ ପାଲଟିଛି। ପ୍ରତ୍ୟେକ ଥର ସ୍ଥାନ ପରିବର୍ତ୍ତନ କରି ଏହି କୁଆଖେଳ ଚାଲୁଛି। ଏଥିରେ ସ୍ୱତନ୍ତ୍ର ଭାବେ ଗୋଟିଏ କୁଆଡ଼ି ରାକେଟ ସକ୍ରିୟ ଥିବା ଅଭିଯୋଗ ହୋଇଛି। ତେବେ କାହା ଅନୁକମ୍ପାରେ ତେଲକୋଇ ଅଂଚଳର ବିଭିନ୍ନ ସାପ୍ତାହିକ ହାଟରେ କୁକୁଡ଼ା ଲଢ଼େଇ ଓ ଜୁଆଖେଳ ଚାଲିଛି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

# ଜନଜାତିଙ୍କ ସାହିତ୍ୟ ସଭା ଆଲୋଚନା



କେନ୍ଦୁଝର,(ଭାସ୍କର ନ୍ୟୁଜ୍): କେନ୍ଦୁଝର ସାହିତ୍ୟ ସଂସ୍କୃତି ଓ କଳା ପ୍ରତିଷ୍ଠାନ ପକ୍ଷରୁ 'ପ୍ରକୃତି ଆମର ଅତିଥି' ଭାବଧାରା ଉପରେ ଏକ ସ୍ୱତନ୍ତ୍ର ସଭା ବୈତରଣୀର ଉତ୍ପତ୍ତି ସ୍ଥଳ ଗୋନାଶିକା ଠାରେ ପୂର୍ବତନ ବିଧାୟକ ପ୍ରାଣ ବଲ୍ଲଭ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଜିଲ୍ଲାର ପୁରାତନ ଜନଜାତି ଜୁଆଙ୍ଗ ମହିଳା ଓ ପୁରୁଷମାନେ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ଭାବେ ଡକ୍ଟର ବିଦ୍ୟାଧର ବେହେରା ଯୋଗଦେଇ ଜୁଆଙ୍ଗ ସଂସ୍କୃତିର ବୈଶିଷ୍ଟ୍ୟ ସହ ପରିବେଶ ସୁରକ୍ଷା ଉପରେ ଗୁରୁତ୍ୱ ଦେଇଥିଲେ। ସ୍ଥାନୀୟ ସାମାଜିକ କର୍ମୀ ବିରବର ନାୟକ ଯୋଗ ଦେଇ ଜୁଆଙ୍ଗ ସଂସ୍କୃତିର ବିଭିନ୍ନ ଦିଗ ଜଣାଇବା ସହ ତାହାର ସଂରକ୍ଷଣ ବିଷୟରେ କହିଥିଲେ। ବରିଷ୍ଠ ସାମ୍ବାଦିକ ନରେଶ ଚନ୍ଦ୍ର ପଟ୍ଟନାୟକ ଜୁଆଙ୍ଗ ସମ୍ପ୍ରଦାୟ ସମେତ ସମସ୍ତ ଆଦିବାସୀଙ୍କ କଳା ଓ ସଂସ୍କୃତିର ବିକାଶ ସହିତ ଅର୍ଥନୈତିକ ଉନ୍ନତି କିଭଳି ହେବ ସେ ବିଷୟରେ କହିଥିଲେ। ସର୍ବୋଦୟ ନେତା ପୁଷ୍ପହାସ ପଟ୍ଟନାୟକ ଅତିଥି ଭାବେ ଯୋଗ ଦେଇ ସ୍ଥାନୀୟ ଲୋକଙ୍କ ସମସ୍ୟା ଉପରେ ମତ ରଖି ଏହାର କିଭଳି ସମାଧାନ ହୋଇ ପାରିବ ସେ ଉପରେ ମତବ୍ୟକ୍ତ କରିଥିଲେ। ବରିଷ୍ଠ ଆଇନଜୀବୀ ମେଘନାଦ ମାଝୀ ଓ ଦୈତାରି ଆପଟ ଯୋଗ ଦେଇ ଜୁଆଙ୍ଗ ଅଞ୍ଚଳରେ କିଭଳି ଲୋକଙ୍କୁ ଆଇନଗତ ଅଧିକାର ମିଳିପାରିବ ସେ ଉପରେ ଆଲୋକପାତ କରିଥିଲେ। ଶିଶୁ ସାହିତ୍ୟିକ କରୁଣାକର ବାରିକ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ବେଳେ ସ୍ଥାନୀୟ ବିଶିଷ୍ଟ ବ୍ୟକ୍ତି ରାଉତ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଭଣ୍ଡେଶ୍ୱର ମନ୍ଦିରରେ ଭାଗବତ ସପ୍ତାହ

ରଘୁନାଥପୁର, (ଭାସ୍କର ନ୍ୟୁଜ୍) : ସ୍ଥାନୀୟ ସିର୍ଲୋ ପଞ୍ଚାୟତ ବ୍ରାହ୍ମଣଖଣ୍ଡ ଠାରେ ଥିବା ପୌରାଣିକ କିମ୍ବଦନ୍ତୀ ସହିତ ଜଡିତ ଭଣ୍ଡେଶ୍ୱର ମହାଦେବ ମନ୍ଦିରରେ ମହାଆଡମ୍ବରରେ ଭାଗବତ ସପ୍ତାହ ପାଳିତ ହୋଇଯାଇଛି। ଗ୍ରାମର ସମସ୍ତ ଯୁବ ପ୍ରତିନିଧିତ୍ୱରେ ଅନୁଷ୍ଠିତ ଏହି ଭାଗବତ ସପ୍ତାହରେ ସୂର୍ଯ୍ୟକାନ୍ତ ସେନାପତି, ବିଶ୍ୱଜିତ ମହାରଣା, ନିରଞ୍ଜନ ମହାପାତ୍ର, ଦାମୋଦର ଦଳାଇ, ନାରାୟଣ ପ୍ରଧାନ, ଚନ୍ଦନ ସେନାପତି, ରମାକାନ୍ତ ଭୋଇ, ବିଜୟ ଭୋଇ, ସନ୍ଦୀପ ସାହୁ, ରାଜେନ୍ଦ୍ର ମହାପାତ୍ର, ପ୍ରମୋଦ ଭୋଇ, ମନୋରଞ୍ଜନ ଦଳାଇ, ରଞ୍ଜନ ମହାପାତ୍ର, ଦିଲୀପ ମହାପାତ୍ର, ନିରଞ୍ଜନ ସାହୁଙ୍କ ସହିତ ଅନ୍ୟ ଚାଳିଶରୁ ଉର୍ଦ୍ଧ୍ୱ ସଦସ୍ୟମାନେ ସହଯୋଗ କରିଥିଲେ। ଏଥିରେ କଟକ ସଦର ଯୁବ ବିଧାୟକ ପ୍ରକାଶ ଚନ୍ଦ୍ର ସେଠି ଓ ସମାଜସେବୀ ପ୍ରଦୀପ ବେହେରା, ବରିଷ୍ଠ ଆଇନଜୀବୀ ଅମରେନ୍ଦ୍ର ଦାସ ଯୋଗ ଦେଇ ସମସ୍ତ କର୍ମକର୍ତ୍ତାମାନଙ୍କୁ ଉତ୍ସାହିତ କରିଥିଲେ ଏବଂ ବିଧାୟକ ଶ୍ରୀ ସେଠୀ ପ୍ରତିଶୃତି ଦେଇ କହିଛନ୍ତି ଭଣ୍ଡେଶ୍ୱର ମନ୍ଦିରର ଉନ୍ନତିକରଣ କାର୍ଯ୍ୟ ଆଗକୁ ଜାରି ରହିବ ଏବଂ ଦଶଦିନ ଭିତରେ ମନ୍ଦିର ପ୍ରାଙ୍ଗଣରେ ହାଇମାସ୍କ ଲାଇଟ ମଧ୍ୟ ଲଗାଇବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ବିଧାୟକଙ୍କ ଏଭଳି ପଦକ୍ଷେପକୁ ଗ୍ରାମବାସୀ ସାଧୁବାଦ ଜଣାଇଛନ୍ତି।

# ୨୪ତମ ବୃହତ୍ ବନ୍ଦର ସାଂସ୍କୃତିକ ସମାରୋହ ଉଦ୍‌ଯାପିତ



ପାରାଦୀପ,(ଭାସ୍କର ନ୍ୟୁଜ୍): ବନ୍ଦର ନଗରୀ ପାରାଦୀପର ଜୟଦେବ ସଦନ ଠାରେ ଚଳିତ ମାସ ୧୨ ତାରିଖ ଠାରୁ ଆରମ୍ଭ ହୋଇ ଚାରିଦିନ ଧରି ଆୟୋଜିତ ୨୪ତମ ବୃହତ୍ ବନ୍ଦର ସାଂସ୍କୃତିକ ସମାରୋହ ୧୫ ତାରିଖ ରବିବାର ଦିନ ଉଦ୍‌ଯାପିତ ହୋଇଯାଇଛି । ଉଦ୍‌ଯାପନୀ ସନ୍ଧ୍ୟାରେ ଆୟୋଜକ ପାରାଦୀପ ବନ୍ଦର ଓଡ଼ିଶୀ ନୃତ୍ୟ, ସଙ୍ଗୀତ ଓ ନାଟକ ଭାରତ ବିଚିତ୍ରା ପ୍ରସ୍ତୁତ କରିଥିଲେ । ଏ ବିଶାଳ ଦେଶରେ ଅନେକ ସଂସ୍କୃତି, ପରମ୍ପରା ଥିବା ସଙ୍ଗେ ସଙ୍ଗେ କେତେ ରାଜା ମହାରାଜା ମାନଙ୍କର ବଳିଷ୍ଠ ନେତୃତ୍ୱ ଏବଂ ମହାପୁରୁଷ ମାନଙ୍କର ତ୍ୟାଗ ଓ ଦିଗ୍‌ଦର୍ଶନ ଆଜି କିପରି ମୂଲ୍ୟହୀନ ହୋଇପଡିଛି ଏବଂ ଏଭଳି ସ୍ଥିତିରେ ଦିଗହରା ଯୁବ ସମାଜକୁ ପୁଣି ଥରେ ଜାଗ୍ରତ କରି ଏକ ସୁସ୍ଥ ସମାଜ ଗଠନ କରିବାର ଆବଶ୍ୟକତା ଅଛି ଏହି ନାଟକରେ ପରିଦର୍ଶିତ ହୋଇଥିଲା। ଓଡ଼ିଶୀ ନୃତ୍ୟରେ କଳାକାରମାନେ ପ୍ରଭୁ ଜଗନ୍ନାଥଙ୍କର ବିଭିନ୍ନ ବେଶ ଓ ରୂପର ଅବତାରଣା କରିଥିଲେ ଯାହାକି ପ୍ରଶଂସା ସାଉଁଟିଥିଲା ଓ ପ୍ରଥମ ପୁରସ୍କାର ପାଇଥିଲା। ପ୍ରତିଯୋଗିତା ଆଧାରରେ ଆୟୋଜିତ ଏହି ସମାରୋହରେ ପାରାଦୀପ ବନ୍ଦର ଚମ୍ପିଅନ୍ ହୋଇଥିବା ବେଳେ କଲିକତା ବନ୍ଦର ପ୍ରଥମ ରନର୍ସଅପ୍ ହୋଇଥିଲା ଏବଂ ମୁମ୍ବାଇ ବନ୍ଦର ଦ୍ୱିତୀୟ ରନର୍ସଅପ ହୋଇଥିଲେ। ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟ ଅତିଥି ବନ୍ଦର ଅଧ୍ୟକ୍ଷ ପି.ଏଲ. ହରନାଦ ବିଭିନ୍ନ ବନ୍ଦରର କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିବା ସଙ୍ଗେ ସଙ୍ଗେ ଚମ୍ପିଅନ ଓ ରନର୍ସଅପ ବନ୍ଦରକୁ ଟ୍ରଫି ପ୍ରଦାନ କରିଥିଲେ। ବନ୍ଦର ଅଧ୍ୟକ୍ଷ ତାଙ୍କ ଭାଷଣରେ କହିଥିଲେ କି ପାରାଦୀପ ବନ୍ଦର କେବଳ ପଣ୍ୟ କାରବାରରେ ନିଜକୁ ସଫଳ କରିନାହିଁ ତା' ସଙ୍ଗେ ସଙ୍ଗେ କ୍ରମାଗତ ଭାବେ ୩ ବର୍ଷ ଧରି ବୃହତ ବନ୍ଦର ସାଂସ୍କୃତିକ ପ୍ରତିଯୋଗିତା ସଫଳତାର ସହିତ ଆୟୋଜିତ କରି ତା'ର ପ୍ରତିବଦ୍ଧତାକୁ ପ୍ରମାଣିତ କରିଛି। ସେ ବିଭିନ୍ନ ବନ୍ଦରରୁ ଆସିଥିବା ସମସ୍ତ କଳାକାରମାନଙ୍କୁ ଅଭିନନ୍ଦନ ଜଣାଇବା ସଙ୍ଗେ ସଙ୍ଗେ ପାରାଦୀପରେ ସେମାନଙ୍କର ୪ ଦିନର ରହଣି ସୁଖଦ ହୋଇଥିବ ବୋଲି ଆଶା କରିଥିଲେ ଏବଂ ଏହି ଅବସରରେ ଆସନ୍ତା ବର୍ଷ ବନ୍ଦର ସେବାରୁ ଅବସର ଗ୍ରହଣ କରୁଥିବା ଅନ୍ୟ ବନ୍ଦରର କଳାକାରମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଗୋପବନ୍ଧୁ କ୍ରୀଡ଼ା ସଂସଦର ସଭାପତି ଡି.ଏନ୍.ସୋଦ୍ଧିଙ୍କ ସଭପତିତ୍ୱରେ ଆୟୋଜିତ ଏହି ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ପ୍ରଥମେ କାର୍ଯ୍ୟକାରୀ ସଭାପତି ଡକ୍ଟର ଦୁର୍ଗା ପ୍ରସାଦ ସେଠୀ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ଏହି ଅବସରରେ ବନ୍ଦରର ଡିସି କ୍ୟାପଟେନ ଅଲେଖ ସାହୁ, ଟ୍ରାଫିକ ମ୍ୟାନେଜର ଜି.ଏଡିଶନ, ଟ୍ରାଫିକ ପରାମର୍ଶଦାତା ଆଶିଷ ବୋଷ, ବନ୍ଦରର ଉପ ମୁଖ୍ୟ ଅର୍ଥ ପରାମର୍ଶଦାତା ଆର.ଏନ୍.ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ବନ୍ଦର ଡେପୁଟି ଟ୍ରାଫିକ ମ୍ୟାନେଜର ଶ୍ରୀମନ ନାରାୟଣ ମିଶ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଏବଂ ଗୋପବନ୍ଧୁ କ୍ରୀଡ଼ା ସଂସଦର ସମ୍ପାଦକ ରଞ୍ଜନ ରଶ୍ମି ବେଉରା ଏଥିରେ ସହଯୋଗ କରିଥିବା ବେଳେ ବନ୍ଦର କ୍ରୀଡା ଉପଦେଷ୍ଟା ରବି ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

## ଏଚଏନ୍‌ଏସ୍ ମହାବିଦ୍ୟାଳୟ ରସାୟନ ବିଜ୍ଞାନ ବିଭାଗର ପାଠଚକ୍ର

ଡେରାବିଶ, (ଭାସ୍କର ନ୍ୟୁଜ୍) : ଡେରାବିଶ ବ୍ଲକ ଚାନ୍ଦୋଳସ୍ଥିତ ହୃଦୟାନନ୍ଦ ନାଏକ ସ୍ମାରକୀ ମହାବିଦ୍ୟାଳୟ ରସାୟନ ବିଜ୍ଞାନ ବିଭାଗର ପାଠଚକ୍ର ଆଜି ମହାବିଦ୍ୟାଳୟ ସଭାକକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବିଭାଗୀୟ ମୁଖ୍ୟ ଅଧ୍ୟାପକ ମାନସ ରଞ୍ଜନ ଦାଶ ସଭାପତିତ୍ୱ କରିଥିବା ବେଳେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଅକ୍ଷୟ କୁମାର ବଳ ମୁଖ୍ୟ ଅତିଥିଭାବେ ଯୋଗଦେଇ ପାଠଚକ୍ରକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିବା ସହିତ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ନିଜର ଅଭିଭାଷଣ ରଖିଥିଲେ। ବିଷୟ ବିଶାରଦ ଭାବେ ଲୋକନାଥ ମହାବିଦ୍ୟାଳୟ ପାଟକୁରାର ରସାୟନ ବିଜ୍ଞାନ ବିଭାଗ ମୁଖ୍ୟ ଡକ୍ଟର ଶଶିକାନ୍ତ ନାୟକ ଉପସ୍ଥିତ ରହି ପାଠଚକ୍ର ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଆଲୋଚନାରେ ରସାୟନ ବିଜ୍ଞାନ ବିଭାଗର ସମ୍ମାନ ଶ୍ରେଣୀର ଛାତ୍ରଛାତ୍ରୀମାନେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ନବାଗତ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା । ଶେଷରେ ଅଧ୍ୟାପକ ଦେବାଶିଷ ମହନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

## ବଟେଶ୍ୱର ମହାଦେବଙ୍କ ମହାସ୍ନାନ ଉତ୍ସବ

ଟାଙ୍ଗୀ-ଚୌଦ୍ୱାର,(ଭାସ୍କର ନ୍ୟୁଜ୍) : ଟାଙ୍ଗୀ-ଚୌଦ୍ୱାର ବ୍ଲକ୍ ଅନ୍ତର୍ଗତ କୋଟସାହି ପଞ୍ଚାୟତ ବନ୍ଦାଳୋ ସ୍ଥିତ ଶ୍ରୀଶ୍ରୀବଟେଶ୍ୱର ମହାଦେବଙ୍କର ଅଷ୍ଟାଦଶ ମହାସ୍ନାନ ଉତ୍ସବ ଓ ମହାଯଜ୍ଞ ଗୁରୁବାର ଠାରୁ ଆରମ୍ଭ ହୋଇଯାଇଛି। ଶୁକ୍ରବାର କଳସ ଶୋଭାଯାତ୍ରା ବାହାରି ଟାଙ୍ଗୀ-ହରିପୁର ରାସ୍ତାର ଛ'ମାଇଲ ପୋଲ ନିକଟସ୍ଥ ହାଇଲେବଲ କେନାଲରେ ଯଥାରୀତି ପୂଜାର୍ଚ୍ଚନା ପରେ ଶୋଭାଯାତ୍ରା ଟାଙ୍ଗୀ ବଜାର ସହ ୧୬ନଂ. ଜାତୀୟ ରାଜପଥ ଅତିକ୍ରମ କରି ବଟେଶ୍ୱରଙ୍କ ପୀଠରେ ପହଞ୍ଚିଥିଲା। ପ୍ରତିଦିନ ସନ୍ଧ୍ୟାରେ ସୁନାମଧନ୍ୟ କଣ୍ଠଶିଳ୍ପୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଥିବା ବେଳେ ପବିତ୍ର ଧନୁ ସଂକ୍ରାନ୍ତି ଅବସରରେ ଆସନ୍ତା ୧୬ ତାରିଖ ସୋମବାର ପୀଠରେ ମହାଯଜ୍ଞର ଉଦ୍‌ଯାପନ ଉତ୍ସବ ଅନୁଷ୍ଠିତ ହେବ ବୋଲି ପୂର୍ବତନ ସରପଂଚ ତଥା ପୂଜା କମିଟିର ଉପଦେଷ୍ଟା ଅମୂଲ୍ୟ କୁମାର ସାହୁ ପ୍ରକାଶ କରିଛନ୍ତି।

# ୩ଟି ସ୍ଥାନରେ ଶିଳାନ୍ୟାସ କଲେ ମନ୍ତ୍ରୀ ସୂର୍ଯ୍ୟବଂଶୀ

ତିହିଡ଼ି, (ଭାସ୍କର ନ୍ୟୁଜ୍) : ଭଦ୍ରକ ଜିଲ୍ଲା ଧାମନଗର ନିର୍ବାଚନ ମଣ୍ଡଳୀ ତିହିଡ଼ି ବ୍ଲକ ଅଧୀନ ବିଲଣା, ଦହପାଣିଆ ଓ ଇଶ୍ୱରପୁରରେ ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି, ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। ସୋମବାର ଅପରାହ୍ନରେ ପ୍ରଥମେ ବିଲଣା ପଞ୍ଚାୟତର ବିଲାଣା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ବର୍ହିବିଭାଗର ଏକ ନୂତନ ଗହଣ ଶିଳାନ୍ୟାସ କରିଥିଲେ। ଏହି ପ୍ରକଳ୍ପ ପାଇଁ ୧କୋଟି ୨୫ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଛି। ଏହି ଶିଳାନ୍ୟାସ ଉତ୍ସବରେ ୭ନଂ ଜୋନ ଜିଲାପରିଷଦ ସଭ୍ୟା ସୁଶ୍ରୀ ବିଦ୍ୟୁତଲତା ନାୟକ, ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦିନବନ୍ଧୁ ପତି, ଅଜୟ ନାୟକ, ଜିଲ୍ଲା ସାଧାରଣ ସମ୍ପାଦକ ମନୋଜ ମଲ୍ଲିକ, ଧାମନଗର ପ୍ରଭାରୀ ବୁଦ୍ଧଦେବ ଜେନା ପୂର୍ବତନ ଜିଲାପରିଷଦ ସଭ୍ୟ ଦେବେନ୍ଦ୍ର ପୁହାଣ, ସିଡିଏମଓ ଡା. ସୁଧାଂଶୁ ଶେଖର ବଳ, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ବିଭାଗ ଏସ୍‌ଡିଓ ଜନ୍ମେଜୟ ଜେନା, ତିହିଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ଶୁଭକାନ୍ତ ଓଝା, ଡା. ଅନୁରୂପ ଅଂଶୁମାନ, ଡା. ଭାରତୀ ପାଢ଼ୀ, ଐଶାନ୍ୟ ଚଣ୍ଡି ମଣ୍ଡଳ ସଭାପତି ପ୍ରମୋଦ ଦାସ, କାନ୍ତକବି ମଣ୍ଡଳ ସଭାପତି ତପନ ପାଢ଼ୀ, ସରପ□ ସଂଜୀବ ବେହେରା, ଶୁଭ୍ର ନାରାୟଣ ସେଠୀ, ପ୍ରଦୀପ ବଳ, ନିହାରିକା ବିଶ୍ୱାଳ, ସମିତିସଭ୍ୟ ଶୁକଦେବ ମଳିକ, ବିଲଣା ସରପ□ଙ୍କ ପ୍ରତିନିଧି ବିଶ୍ୱରଞ୍ଜନ ନାୟକ, ବିଜେପି ନେତା ଉଷାକାନ୍ତ ନାୟକ, ଭରତ ସାହୁ, ମନୋଜ ପାଣିଗ୍ରାହୀ, ଶ୍ରୀକାନ୍ତ ମହାଳିକ, ଗଙ୍ଗାଧର ବେହେରା, ରବିନ୍ଦ୍ର ମଳିକ, ସୂର୍ଯ୍ୟ ନାରାୟଣ ଭୋଇ, ସାଇଶରଣ ବେହେରା, ଦେବବ୍ରତ ପାଢ଼ୀ, କେଶବ ବେହେରା, କାହ୍ନୁ ଚରଣ ଶତପଥି ପ୍ରମୁଖ ଉପସ୍ଥିତ ଥିଲେ। ପରେ ମନ୍ତ୍ରୀ ଶ୍ରୀ ସୂରଜ ବାରୋ ପଞ୍ଚାୟତ ଅଧୀନ ଦହପାଣିଆ ସ୍ଥିତ ସରକାରୀ ହାଇସ୍କୁଲରେ ୭୭ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଅତିରିକ୍ତ ଶ୍ରେଣୀଗୃହର ଶିଳାନ୍ୟାସ କରିଥିଲେ। ବିଡିଓ ଜ୍ୟୋତିମୟ କର, ସହକାରୀ ଯନ୍ତ୍ରୀ ସୁକାନ୍ତ ମିଶ୍ର, କନିଷ୍ଠ ଯନ୍ତ୍ରୀ ଭରତ ବିଶ୍ୱାଳ, ପ୍ରଧାନଶିକ୍ଷକ ସନତ କୁମାର ବେହେରା, ଶିକ୍ଷକ ଡ. କାଳୀପଦ ଦାସ, ବିଜେପି ନେତା ରଘୁନାଥ ମଳିକ, ରାମଚନ୍ଦ୍ର ନାୟକ, ଜୟନ୍ତ ନାୟକ, ଶରତ ଦାସ, ରଘୁନାଥ ପାତ୍ର, ସୀତାକାନ୍ତ ନାୟକ, ଉମାକାନ୍ତ ଦାସ, ତପୁନୁ ପାଣି, ଶଶାଙ୍କ ରାଉଳ ପ୍ରମୁଖ ଉପସ୍ଥିତ ଥିଲେ। ସନ୍ଧ୍ୟାରେ ଶ୍ୟାମସୁନ୍ଦରପୁର ପଞ୍ଚାୟତ ଅଧୀନ ଈଶ୍ୱରପୁର ସ୍ଥିତ ମା' ଦପା ନାୟକାଣୀ ପୀଠର ଉନ୍ନତିକରଣ ପାଇଁ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସହାୟତା ପାଣ୍ଠି ଅନୁଦାନରେ ୫୦ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ପ୍ରକଳ୍ପକୁ ମନ୍ତ୍ରୀ ଶ୍ରୀ ସୂରଜ ଶିଳାନ୍ୟାସ କରିଥିଲେ। ଏହି ଉତ୍ସବରେ ବିଡିଓ ଶ୍ରୀ କର, କନିଷ୍ଠ ଯନ୍ତ୍ରୀ ଭୀଷ୍ମଦେବ ଶତପଥି, ସରପଞ୍ଚ ପବିତ୍ର ମୋହନ ମଳିକ, ବିଜେପି ନେତା ଶରତ ଦାସ, ସୁରେନ୍ଦ୍ର ନାୟକ, ରମେଶ ଆରଣ ପ୍ରମୁଖଙ୍କ ସହିତ ବହୁ ବିଜେପି କର୍ମୀ ଏବଂ ଗ୍ରାମବାସୀ ଉପସ୍ଥିତ ଥିଲେ। ଆଇନ ଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ ପାଇଁ ତିହିଡ଼ି ଥାନା ଆଇଆଇସି ପ୍ରସନ୍ନ କୁମାର ନାୟକଙ୍କ ନେତୃତ୍ୱରେ ପୁଲିସ ଫୋର୍ସ ମୁତୟନ ହୋଇଥିଲେ।

## ସହିଦ୍ ବାଜି ରାଉତଙ୍କ ଜନ୍ମ ଶତବାର୍ଷିକ ଉପଲକ୍ଷେ 'ସଂଗ୍ରାମୀ ବନ୍ଦନା ଯାତ୍ରା'



କାଳିଆପାଣି/ଭୁବନ, (ଭାସ୍କର ନ୍ୟୁଜ୍) : ଢେଙ୍କାନାଳ ଜିଲ୍ଲାର ଗର୍ବ ଗୌରବ ତଥା ବିଶ୍ୱର ସର୍ବ କନିଷ୍ଠ ସହିଦ୍ ବାଜି ରାଉତଙ୍କ ଜନ୍ମ ଶତବାର୍ଷିକ ଉପଲକ୍ଷେ ଏବିଭିପି ଓଡ଼ିଶା ପ୍ରଦେଶ ଆନୁକୂଲ୍ୟରେ 'ସଂଗ୍ରାମୀ ବନ୍ଦନା ଯାତ୍ରା' ଅନୁଷ୍ଠିତ ହୋଇଯାଇଛି । ଯାତ୍ରା ସଂଯୋଜକ ଅରୂପ ପଟ୍ଟନାୟକଙ୍କ ନେତୃତ୍ୱ ଓ ଏବିଭିପି ପୂର୍ବତନ ରାଜ୍ୟ ସଭାପତି ଅଧ୍ୟାପକ ଦିଲ୍ଲୀପ ଦାସଙ୍କ ସହଯୋଗରେ ସହିଦଙ୍କ ଗ୍ରାମ ନିଳକଣ୍ଠପୁର ସ୍ଥିତ ସହିଦ୍ ସ୍ମୃତି ପୀଠରୁ ଏହି ଯାତ୍ରା ଆରମ୍ଭ ହୋଇଥିଲା। କାମାକ୍ଷା ନଗର ବିଧାୟକ ଶତ୍ରୁଘ୍ନ ଜେନା ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ପ୍ରେମାନନ୍ଦ ଜେନା, ଆର୍‌ଏସ୍‌ଏସ୍ ସହ ବ୍ୟବସ୍ଥା ପ୍ରମୁଖ ଦେବବ୍ରତ ପୃଷ୍ଟି, ଜିଲ୍ଲା ସହ ପ୍ରମୁଖ ଲଳିତ ବେହେରା, ନିରଞ୍ଜନ ଗୁରୁ, କମଳ ଲୋଚନ ମହାରଣା, ଲିଟୁ ଦେହୁରୀ, ସାମ୍ବାଦିକ ମଧୁପ ରଞ୍ଜନ ନନ୍ଦ ପ୍ରମୁଖ ଉପସ୍ଥିତ ରହି ଯାତ୍ରାର ଲକ୍ଷ୍ୟ, ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଯାତ୍ରା ଢେଙ୍କାନାଳରୁ ବାହାରି ଅନୁଗୁଳ, ସମ୍ବଲପୁର, ବରଗଡ଼, ବଲାଙ୍ଗୀର, ସୋନପୁର, ବୌଦ୍ଧ, ନୟାଗଡ଼, ଖୋର୍ଦ୍ଧା, ପୁରୀ ଦେଇ ୨୬ ତାରିଖ କଟକରେ ପହଞ୍ଚିବ। ଏହା ମାଧ୍ୟମରେ ସମସ୍ତ ସ୍କୁଲ, କଲେଜ ଛାତ୍ରଛାତ୍ରୀମାନେ ସର୍ବ କନିଷ୍ଠ ସ୍ୱାଧୀନତା ସଂଗ୍ରାମୀ ସହିଦ ବାଜି ରାଉତଙ୍କ ଦେଶପ୍ରେମ ବଳିଦାନ ଓ ପ୍ରଜା ଆନ୍ଦୋଳନ ସମ୍ପର୍କରେ ଅବଗତ ହୋଇପାରିବେ ବୋଲି ଢେଙ୍କାନାଳ ବିଭାଗ ସଂଯୋଜକ ଅରୂପ ପଟ୍ଟନାୟକ ମତବ୍ୟକ୍ତ କରିଥିଲେ। ଏହି ଯାତ୍ରାରେ ବିର୍ସା ମୁଣ୍ଡା ଓ ରାଣୀ ଅହଲ୍ୟାବାଇ ହୋଲକରଙ୍କ ପୂର୍ଣ୍ଣ ଫଟୋଚିତ୍ର ସହ ବାଜି ରାଉତଙ୍କ ପ୍ରତିମୂର୍ତ୍ତି ସ୍ଥାପନ ହୋଇଛି। ବନ୍ଦନା ଯାତ୍ରା ନୀଳକଣ୍ଠପୁରରୁ ବାହାରି ଭୁବନ ବସ୍‌ଷ୍ଟାଣ୍ଡ, କାଳୀ ବଜାର ଦେଇ ବାଜି ରାଉତ ସ୍ମୃତି ମହାବିଦ୍ୟାଳୟ, ମହିଳା ମହାବିଦ୍ୟାଳୟ ଓ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ପହଞ୍ଚିଥିଲା।

# ଟାଟାଷ୍ଟିଲ୍ ଏଫ୍‌ଏଏମ୍‌ଡି ଏକ୍‌ଜିକ୍ୟୁଟିଭ୍ ଇନ୍‌ଚାର୍ଜଙ୍କୁ 'ନେଚର କେୟାର ଆୱାର୍ଡ'




କାଳିଆପାଣି, (ଭାସ୍କର ନ୍ୟୁଜ୍) : ନୂଆଦିଲ୍ଲୀର କନଷ୍ଟିଚ୍ୟୁସନ କ୍ଲବ୍ ଅଫ୍ ଇଣ୍ଡିଆ ଠାରେ ନେଚର କେୟାର ଇନିସିଏଟିଭ୍ ପକ୍ଷରୁ ରବିବାର ଆୟୋଜିତ ଜାତୀୟସ୍ତରୀୟ କନ୍‌କ୍ଲେଭ୍‌ରେ ଟାଟାଷ୍ଟିଲ୍ ଫେରୋ ଆଲୟଜ୍ ଆଣ୍ଡ୍ ମିନେରାଲ୍ ଡିଭିଜନ (ଏଫ୍‌ଏଏମ୍‌ଡି)ର ଏକ୍‌ଜିକ୍ୟୁଟିଭ୍ ଇନ୍‌ଚାର୍ଜ ପଙ୍କଜ ସତିଜାଙ୍କୁ ସମ୍ମାନଜନକ 'ନେଚର କେୟାର ଆୱାର୍ଡ ୨୦୨୪' ସମ୍ମାନରେ ସମ୍ମାନିତ କରାଯାଇଛି। 'ଫ୍ୟୁଚର ଆର୍ଥ-ପିପୁଲ୍‌ସ ପାର୍ଟିସିପେସନ୍ ଇନ୍ କ୍ଲାଇମେଟ୍ ରେଜିଲିଏନ୍ସ' ବିଷୟବସ୍ତୁ ଉପରେ ଆଧାରିତ ଏହି କନ୍‌କ୍ଲେଭରେ ସତିଜାଙ୍କୁ କର୍ପୋରେଟ ଲିଡର ଏବଂ ସୋସିଆଲ ଥିଙ୍କର୍ ଭାବେ ସମ୍ମାନିତ କରାଯାଇଥିଲା। ଏହି କନ୍‌କ୍ଲେଭ୍‌ରେ ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ କ୍ୟାବିନେଟ୍ ମନ୍ତ୍ରୀ ଭୁପେନ୍ଦର ଯାଦବ ଯୋଗଦେଇ ସତିଜାଙ୍କୁ ଏହି ସମ୍ମାନ ପ୍ରଦାନ କରିଥିଲେ। ଏହି ଅବସରରେ ଲୋକସଭା ସାଂସଦ ଡକ୍ଟର ସମ୍ବିତ ପାତ୍ର, ରାଜ୍ୟସଭା ସାଂସଦ (ନିର୍ବାଚିତ) ସୁଜିତ କୁମାର ଓ ପଦ୍ମଶ୍ରୀ ଶ୍ରୀମତୀ ଚାମି ମୁର୍ମୁଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଏକ ସ୍ଥାୟୀ ଓ ସହନଶୀଳ ଭବିଷ୍ୟତ ପାଇଁ ଆଲୋଚନା ଓ ପଦକ୍ଷେପକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟ ନେଇ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଯେଉଁଥିରେ ଜଳବାୟୁ ପରିବର୍ତ୍ତନକୁ ଗ୍ରହଣ କରିବା ଏବଂ ସମୁଦାୟିକ ସମ୍ପୃକ୍ତି ଉପରେ ସ୍ୱତନ୍ତ୍ର ଭାବେ ଗୁରୁତ୍ୱାରୋପ କରାଯାଇଥିଲା। କାର୍ଯ୍ୟକ୍ରମରେ ପଙ୍କଜ ସତିଜା ସମ୍ମାନିତ ଅତିଥି ଓ ପ୍ୟାନେଲ୍ ବକ୍ତା ଭାବେ ଯୋଗଦେଇ ସହଯୋଗିତା ଜରିଆରେ ଜଳବାୟୁ ପରିବର୍ତ୍ତନର ମୁକାବିଲା ଓ ସ୍ଥାୟିତ୍ୱ ବୃଦ୍ଧିରେ ଶିଳ୍ପର ଭୂମିକା ଉପରେ ଆଲୋକପାତ କରିଥିଲେ। ନିଜ ଅଭିଭାଷଣରେ ଜଳାବାୟୁ ସ୍ଥାୟିତ୍ୱ ଅଭିଯାନରେ ସ୍ଥାନୀୟ ଗୋଷ୍ଠୀକୁ ସାମିଲ କରିବା ଉପରେ ସତିଜା ଗୁରୁତ୍ୱାରୋପ କରିଥିଲେ। ସେ କହିଥିଲେ ଯେ, 'ଏହି ପୁରସ୍କାର ଗ୍ରହଣ କରି ମୁଁ ଗଭୀର ଭାବେ କୃତଜ୍ଞ। ଜଳବାୟୁ ପରିବର୍ତ୍ତନର ପ୍ରଭାବକୁ ଗ୍ରହଣ କରିବା ଦିଗରେ ସଚେତନତା ସୃଷ୍ଟି କରୁଥିବା ଭଳି କନ୍‌କ୍ଲେଭ୍ ଆୟୋଜନ କରିଥିବାରୁ ନେଚର୍ କେୟାର ଇନିସିଏଟିଭ୍‌କୁ ମୁଁ ଧନ୍ୟବାଦ ଜଣାଉଛି। ଆମ ଦେଶରେ ପାଣି ପଂଚାୟତରେ ଭଲ ସଫଳତା ଦେଖିବାକୁ ମିଳିଛି। ଶିଳ୍ପ ସମେତ ସମସ୍ତ ଅଂଶୀଦାରଙ୍କୁ ସାମିଲ କରି ଜଳବାୟୁ ପଞ୍ଚାୟତ ଓ ଶକ୍ତି ଗୋଷ୍ଠୀରେ ଆହୁରି ଭଲ ସଫଳତା ମିଳିବ ବୋଲି ମୁଁ ନିଶ୍ଚିତ'। ଏହି କନ୍‌କ୍ଲେଭ୍‌ରେ ସଜ୍ଜନ ଶର୍ମା, ଶକ୍ତି ପ୍ରସାଦ ନାୟକ, ଶ୍ରୀକାନ୍ତ ଶେଖର ସାହୁ ଓ ସବନମ ଆଦେନିଙ୍କ ଭଳି ବିଶିଷ୍ଟ ପ୍ରକୃତି ପ୍ରେମୀ ଓ ପରିବେଶବିତ୍ ଭାଗ ନେଇଥିଲେ। ମିଳିତ ପଦକ୍ଷେପ ଜରିଆରେ ଜଳବାୟୁ ପରିବର୍ତ୍ତନର ସ୍ଥାୟୀ ଓ ଦୀର୍ଘକାଳୀନ ସମାଧାନ ସୃଷ୍ଟି କରିବା ମିସନରେ ସଭିଏଁ ସାମିଲ ହୋଇଥିଲେ।

# ଗୋବିନ୍ଦପୁରରେ ମାଗଣା ସ୍ୱାସ୍ଥ୍ୟ ସଚେତନତା ଶିବିର



ଟାଙ୍ଗୀ-ଚୌଦ୍ୱାର,(ଭାସ୍କର ନ୍ୟୁଜ୍): ଟାଙ୍ଗୀ-ସାଲେପୁର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଗୋବିନ୍ଦପୁର ପଂଚାୟତ କାର୍ଯ୍ୟାଳୟ ପରିସରରେ ଭାରତୀ ଫାଉଣ୍ଡେସନ୍ ଓ ସିଦ୍ଧଗିରି ଭଗବତ ସଂଘର ମିଳିତ ଆନୁକୂଲ୍ୟରେ ମାଗଣା ସ୍ୱାସ୍ଥ୍ୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ବ୍ଲୁ ଲାଇନ୍ ହସ୍ପିଟାଲର ଭେଷଜ ବିଶେଷଜ୍ଞ ଡାକ୍ତର ପ୍ରଦୀପ୍ତ କୁମାର ପ୍ରଧାନ, ଦନ୍ତରୋଗ ବିଶେଷଜ୍ଞ ଡାକ୍ତର ନିକେଶ ରୋଷା, ଜିଡିଏମ୍‌ଓ ବିଶେଷଜ୍ଞ ଡାକ୍ତର ନିମେଶ ମିଶ୍ର, ସାଇନେତ୍ରଧାମ ଆଇ ହସ୍ପିଟାଲର ଡାକ୍ତର ଦେବଦ□ ଦାସ, ଶୁଭଶ୍ରୀ ଶୁଭଲକ୍ଷ୍ମୀ ବାରିକ, ମମତା ସାହୁ, ଚନ୍ଦନ ମିଶ୍ର ପ୍ରମୁଖ ଉପସ୍ଥିତ ରହି ୧୨୭ଜଣ ରୋଗୀଙ୍କର ଚିକିତ୍ସା କରିବା ସହ ୧୪ଜଣ ରେଗୀଙ୍କର ମୋତିଆବିନ୍ଦୁ ଅସ୍ତ୍ରୋପଚାର ପାଇଁ ମାଗଣାରେ ମେଡ଼ିକାଲ ସୁବିଧା ଯୋଗାଇ ଦେଇଥିଲେ । ସିଦ୍ଧଗିରି ପୀଠର ବା ବିଶ୍ୱନାଥ ଦାସ ଉଦ୍‌ଘାଟକ ଭାବେ ଯୋଗ ଦେଇ ଶିବିରର ଉଦ୍‌ଘାଟନ କରିଥିବା ବେଳେ ମୁଖ୍ୟଅତିଥି ଭାବେ ଟାଙ୍ଗୀ-ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ଯୋଗ ଦେଇଥିଲେ । ଭାରତୀ ଫାଉଣ୍ଡେସନ୍‌ର ସଭାପତି ବିଭୂତି ଭୂଷଣ ସାମଲଙ୍କ ସହ ସମସ୍ତ କର୍ମକର୍ତ୍ତାମାନେ ଶିବିର ପରିଚାଳନାରେ ସହଯୋଗ କରିଥିଲେ।



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଗାଡ଼କଣ ଡମ୍ପିୟାର୍ଡ ସ୍ଥାନାନ୍ତର କରିବା ପ୍ରସଙ୍ଗରେ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ପ୍ରତିକ୍ରିୟା ରଖିଛନ୍ତି । ସେ କହିଛନ୍ତି ଯେ, କହିବା ଓ ଆଉ କରିବା ମଧ୍ୟରେ ପାର୍ଥକ୍ୟ ରହିଛି। ଆମର ଏବେ ୬ ମାସର ସରକାର। ଆମ ଅଫିସର ଓ କର୍ମଚାରୀ ମାନେ ନିଷ୍ଠାର ସହ କାମ କରୁଛନ୍ତି। ଗାଡକଣରେ ଯାହା ସମସ୍ୟା ଅଛି ତାର ସମାଧାନ ହେବ। ଆସନ୍ତା ଏକ ମାସ ମଧ୍ୟରେ ସଂମ୍ପୂର୍ଣ୍ଣ ପ୍ରୋସେସ ସରିବ, ତାକୁ ନେଇ ବିଏମସି କମିଶନର କାର୍ଯ୍ୟ କରୁଛନ୍ତି। ସେଠାରେ ଭିତ୍ତିଭୂମିର ଉନ୍ନତି କରାଯାଉଛି। ପ୍ରତିଦିନ ଆସୁଥିବା ଆବର୍ଜନାକୁ ଟ୍ରିଟମେଣ୍ଟ କରି ବର୍ଯ୍ଯ। ଅଲଗା କରି ବ୍ୟବସ୍ଥା କରାଯାଉଛି। ଏବେ ଗଦା ହୋଇଥିବା ଅଳିଆକୁ ଆସନ୍ତା ଏକ ମାସ ମଧ୍ୟରେ ସଂମ୍ପୂର୍ଣ୍ଣ ପ୍ରୋସେସିଙ୍ଗ କରି ଅଳିଆ ପାହଡକୁ ମାଟିରେ ମିଶାଇବା ପାଇଁ ଲକ୍ଷ ରଖିଛନ୍ତି। ପ୍ରତିଦିନ ଆସୁଥିବା ଆବର୍ଜନାକୁ ପୃଥକୀକରଣ କରାଯିବ ଯାହା ଫଳରେ ଅଳିଆ ଗଦା ହୋଇ ରହିବ ନାହିଁ ବୋଲି ବିଭାଗୀୟ ମନ୍ତ୍ରୀ କହିଛନ୍ତି ।

### ପୁଣି ଆରମ୍ଭ ହେଲା ଅଭିଯୋଗ ଶୁଣାଣି

## ଅଭିଯୋଗ ଶୁଣିଲେ ମୁଖ୍ୟମନ୍ତ୍ରୀ, ସମସ୍ୟା ସମାଧାନ ପାଇଁ ଦେଲେ ପ୍ରତିଶ୍ରୁତି



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଲୋକଙ୍କ ମୁଖ୍ୟମନ୍ତ୍ରୀଙ୍କ ଲୋକଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମର ଆଜି ଥିଲା ଷଷ୍ଠ ପାଳି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦାୟିତ୍ୱ ନେବା ପରଠାରୁ ସବୁ ସମୟରେ ସାଧାରଣ ଲୋକଙ୍କୁ ଭେଟିବା, ସେମାନଙ୍କ ସୁଖଦୁଃଖ ଶୁଣିବା ସହିତ ସେମାନଙ୍କ ସମସ୍ୟାର ସମାଧାନ ଉପରେ ଗୁରୁତ୍ୱ ଦେଇ ଆସିଛନ୍ତି। ଅଭିଯୋଗ ଗୁଡିକ ମଧ୍ୟରେ ଅଧିକାଂଶ ଅଭିଯୋଗ ଘର, ଭତ୍ତା ଓ ଅନ୍ୟାନ୍ୟ ମୌଳିକ ସମସ୍ୟା ରହୁଥିବାରୁ ମୁଖ୍ୟମନ୍ତ୍ରୀ ଏଗୁଡିକୁ ତୁରନ୍ତ ସମାଧାନ କରିବା ପାଇଁ ଉପସ୍ଥିତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେବା ସହିତ ପ୍ରଶାସନ ପକ୍ଷରୁ ଏହି ସବୁ ସମସ୍ୟାଗୁଡିକୁ ତୃଣମୂଳ ସ୍ତରରେ ସମାଧାନ କରିବା ଉପରେ ଗୁରୁତ୍ୱ ଆରୋପ କରିଥିଲେ। ଦିବ୍ୟାଙ୍ଗ ମାନଙ୍କ ସମସ୍ୟା ଉପରେ ମୁଖ୍ୟମନ୍ତ୍ରୀ ସବୁବେଳେ ପ୍ରାଥମିକତା ଦେଇଥାନ୍ତି। ସେମାନଙ୍କ ଅଭଯୋଗକୁ ସେ ପ୍ରଥମେ ଶୁଣାଣି କରିଥାନ୍ତି। ଆଜି ମୁଖ୍ୟମନ୍ତ୍ରୀ ପ୍ରଥମେ ୩୦ଜଣ ଭିନ୍ନକ୍ଷମ ବ୍ୟକ୍ତିଙ୍କ ଅଭିଯୋଗ ଶୁଣିଲେ । ପ୍ରତ୍ୟେକ ଭିନ୍ନକ୍ଷମ ବ୍ୟକ୍ତିଙ୍କ ପାଖକୁ ମୁଖ୍ୟମନ୍ତ୍ରୀ ନିଜେ ଯାଇ ସେମାନଙ୍କ ସମସ୍ୟା ଶୁଣିଥିଲେ ଏବଂ ସମାଧାନ ପାଇଁ ମଧ ଉପସ୍ଥିତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ଏହି ସହୃଦୟତାପୂର୍ଣ୍ଣ ବ୍ୟବହାରରେ ଭିନ୍ନକ୍ଷମ ଅଭିଯୋଗକାରୀମାନେ ଆଶା ଓ ଭରସା ସହିତ ଆନନ୍ଦ ମନରେ ଫେରିଥିଲେ। କେନ୍ଦୁଝରରୁ ସ୍ୱାସ୍ଥ୍ୟ ସମସ୍ୟା ନେଇ ଆସିଥିବା ପ୍ରେମଲତା ନନ୍ଦ, ସୋରରୁ ସୋସାଇଟି ଋଣ ସମସ୍ୟା ନେଇ ଆସିଥିବା ପୁରୁଷୋତ୍ତମ ମହାନ୍ତି, ଧର୍ମଶାଳାରୁ ଜମିଜମା ସମସ୍ୟା ନେଇ ଆସିଥିବା ରଘୁନାଥ ମିଶ୍ର ପ୍ରମୁଖ ସମସ୍ତେ ସମାଧାନର ଆଶା ନେଇ ଖୁସି ମନରେ ଫେରିଥିଲେ। ପ୍ରାୟ ୧୦୦୦ ଜଣ ଲୋକ ଅଭିଯୋଗ ଶୁଣାଣି ପାଇଁ ପଞ୍ଜିକରଣ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ସହିତ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ, ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶରାମ ଖୁଣ୍ଟିଆ ଏବଂ ପଂଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବିନାରାୟଣ ନାୟକ ପ୍ରମୁଖ ଉପସ୍ଥିତ ରହି ଅଭିଯୋଗ ଶୁଣିଥିଲେ। ଗୃହ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର ସିଂହ ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ମହୁମାଛି ଆକ୍ରମଣରେ କଂଗ୍ରେସ କର୍ମୀ ଗୁରୁତର



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ସୋମବାର କଂଗ୍ରେସ କର୍ମୀମାନେ ଆଇଏଏସ୍ ଅଫିସର ବିଷ୍ଣୁପଦ ସେଠୀଙ୍କ ବାସଭବନ ଘେରାଉ କରିବାକୁ ଯାଉଥିଲେ । ଏହି ସମୟରେ ସେଠାରେ ଏକ ଅଘଟଣ ଘଟିଥିଲା । ଫଳରେ ଘଟଣା ସ୍ଥଳରେ କଂଗ୍ରେସ କର୍ମୀ, ସାମ୍ବାଦିକ ଓ କିଛି ପୋଲିସ କର୍ମଚାରୀ ମହୁମାଛିଙ୍କ ଆକ୍ରମଣରେ ଆହତ ହୋଇଥିଲେ । ପରିସ୍ଥିତି ଏପରି ହୋଇଥିଲା ଯେ, ଘଟଣା ସ୍ଥଳରୁ ଯିଏ ଯୁଆଡେ ପାରିଲେ ଦୌଡିଥିଲେ । ପରେ କଂଗ୍ରେସ କର୍ମୀମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ଆହତଙ୍କୁ କଂଗ୍ରେସ ନେତା ମାନସ ଚୌଧୁରୀ ଭେଟି ସ୍ୱାସ୍ଥ୍ୟାବସ୍ଥା ବୁଝିଥିଲେ ।

### କୋର୍ଟ ନିର୍ଦ୍ଦେଶନାମା ଜାଲିଆତି ଅଭିଯୋଗ

## ସରକାରୀ ଓକିଲଙ୍କୁ ନୋଟିସ୍

କଟକ(ଭାସ୍କର ନ୍ୟୁଜ୍): ଜଣେ ମୃତ ଯବାନଙ୍କ ଅର୍ଥ ରାଶିକୁ ହଡପ କରିବା ନିମନ୍ତେ କୋର୍ଟ ନିର୍ଦ୍ଦେଶନାମା ଜାଲିଆତି କରିବା ଘଟଣାରେ ଉଦଳା କୋର୍ଟରେ କାର୍ଯ୍ୟରତ ସରକାରୀ ଓକିଲ ପ୍ରତିମା ସାହୁଙ୍କୁ ରାଜ୍ୟ ଆଇନଜୀବୀ ପରିଷଦ ପକ୍ଷରୁ ନୋଟିସ୍ ଜାରି କରାଯାଇଛି । ଉକ୍ତ ଘଟଣାରେ ଗିରଫ ହୋଇଥିବା ସରକାରୀ ଓକିଲ ପ୍ରତିମା ସାହୁଙ୍କୁ ରାଜ୍ୟ ଆଇନଜୀବୀ ପରିଷଦ ତରଫରୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇ ଜବାବ ଦାଖଲ କରିବାକୁ ଆଦେଶ ଦିଆଯାଇଛି । ରାଜ୍ୟ ଆଇନଜୀବୀ ପରିଷଦର ଅଧ୍ୟକ୍ଷ ସୀତାଂଶୁ ମୋହନ ଦ୍ୱିବେଦୀ ଏପରି ଅଭିଯୋଗକୁ ଗୁରୁତର ସହ ଗ୍ରହଣ କରି ପ୍ରତିମା ସାହୁଙ୍କୁ ନୋଟିସ୍ କରି କରି ତାଙ୍କ ବିରୋଧରେ ଆଡ୍‌ଭୋକେଟ୍ ଆକ୍ଟ ୧୯୬୧ର ଧାରା ୩୫ ଅନୁସାରେ କଣ ପାଇଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନାହିଁ ସେଥିପାଇଁ ୧୫ ଦିନ ମଧ୍ୟରେ କାରଣ ଦର୍ଶାଇବାକୁ ଆଦେଶ ଦେଇଛନ୍ତି । ସୂଚନାଥାଉକି ଜଣେ ମୃତ ଯବାନଙ୍କ ନାମରେ ଥିବା ଅର୍ଥ ରାଶିକୁ ହଡପ କରିବା ପାଇଁ ପ୍ରତିମା ସାହୁ ମୃତକଙ୍କ ଭାଉଜ ଓ ପୁତୁରା ସହ ମିଶି ଓକିଲାତି ବ୍ୟବସାୟର ନୈତିକତା ଓ ଆଚାର ସଂହିତାର ବିରୋଧାଚରଣ ପୂର୍ବକ ମିଛ ଜାଲିଆତି କୋର୍ଟ ରାୟ ପ୍ରସ୍ତୁତ କରିଥିଲେ । ଏହି ଜାଲ କାଗଜପତ୍ର ଆଧାରରେ ୨୦ ମୃତ ଯବାନଙ୍କ ପତ୍ନୀ ଦର୍ଶାଇ ୨୦ ଲକ୍ଷ ଟଙ୍କା ହଡପ କରିଛନ୍ତି ବୋଲି ଅଭିଯୋଗ ହୋଇଥିଲା । ଘଟଣାର ସତ୍ୟତା ଜଣାପଡିବା ପରେ ପୁଲିସ୍ ସଂପୃକ୍ତ ଆଇନଜୀବୀ ପ୍ରତିମା ସାହୁଙ୍କ ସମେତ ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ କରିଛି ।

### ଗାନ୍ଧୀ ମାର୍ଗରେ ଗଡ଼ିବ ପ୍ରଜ୍ଞାପନ ମେଢ଼

## ସାଧାରଣତନ୍ତ୍ର ଦିବସରେ ପ୍ରଦର୍ଶିତ ହେବ ରାଜ୍ୟର ଐତିହ୍ୟ ଓ ବିକାଶ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଆସନ୍ତା ରାଜ୍ୟସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ବେଳେ ଭୁବନେଶ୍ୱରସ୍ଥିତ ଗାନ୍ଧୀ ମାର୍ଗରେ ପ୍ରଜ୍ଞାପନ ମେଢ଼ ଗଡ଼ିବ । ଏଥିରେ ରାଜ୍ୟର ଐତିହ୍ୟ, ପରମ୍ପରା, ଅସ୍ମିତା ଏବଂ ବିକାଶକୁ ନେଇ ଏହି ପ୍ରଜ୍ଞାପନ ମେଢ଼ ଗୁଡ଼ିକ ପ୍ରଦଶିର୍ତ ହେବ । ପରେଡ୍ ପ୍ରଦର୍ଶନ ସହ ପ୍ରଜ୍ଞାପନ ମେଢ଼ ଉକ୍ତ ଉତ୍ସବର ସ୍ୱତନ୍ତ୍ର ଆକର୍ଷଣ ହେବ । ଏଥି ନିମନ୍ତେ ସୂଚନା ଓ ଲୋକସଂପର୍କ ବିଭାଗ ପ୍ରମୁଖ ଶାସନ ସଚିବ ସଂଜୟ କୁମାର ସିଂହଙ୍କ ଅଧ୍ୟକ୍ଷତାରେ ଏକ ପ୍ରାରମ୍ଭିକ ବୈଠକ ଗ୍ରାମ୍ୟ ଉନ୍ନୟନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି । ଏଥିରେ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ । ଚଳିତ ବର୍ଷ ବିଭିନ୍ନ ବିଭାଗ ପକ୍ଷରୁ ଏଥି ନିମନ୍ତେ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯିବ । ରାଜ୍ୟର ଐତିହ୍ୟ ଓ ବିକାଶ ଉପରେ ମୁଖ୍ୟତଃ ଏହି ପ୍ରଜ୍ଞାପନ ମେଢ଼ ପ୍ରସ୍ତୁତ କରିବାକୁ ଶ୍ରୀ ସିଂହ ବିଭାଗ ଗୁଡ଼ିକୁ ପରାମର୍ଶ ଦେଇଛନ୍ତି । ଏହାକୁ ଅଧିକ ଆକର୍ଷଣ ଓ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ କରିବାକୁ ସେ କହିଛନ୍ତି । ଆସନ୍ତା ୨୪ ତାରିଖ ସୁଦ୍ଧା ସଂପୃକ୍ତ ବିଭାଗ ଗୁଡ଼ିକ ସେମାନଙ୍କ ବିଷୟବସ୍ତୁ ସମ୍ପର୍କିତ ପ୍ରଜ୍ଞାପନ ମେଢ଼ର ସଂରଚନା ପ୍ରଦାନ କରିବେ । ଏହାକୁ ଯାଞ୍ଚ କରାଯାଇ ଶ୍ରେଷ୍ଠ ନମୁନାଗୁଡ଼ିକୁ ଚୟନ କରାଯିବ । ଏହି ବୈଠକରେ ସୂଚନା ଓ ଲୋକସଂପର୍କ ବିଭାଗ ନିର୍ଦ୍ଦେଶକ ସରୋଜ କୁମାର ସାମଲ, ହସ୍ତତନ୍ତ ଓ ବୟନଶିଳ୍ପ ନିର୍ଦ୍ଦେଶକ ଶୋଭନ କୃଷ୍ଣ ସାହୁଙ୍କ ସମେତ ବିଭିନ୍ନ ବିଭାଗୀୟ ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

## ବିଜେଡି, କଂଗ୍ରେସ ଜନପ୍ରତିନିଧି ବିଜେପିରେ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଓଡ଼ିଶାକୁ ବିକଶିତ ରାଜ୍ୟ ଭାବେ ଗଢ଼ି ତୋଳିବାକୁ ବିଜେପି ସରକାର ବଦ୍ଧ ପରିକର । ବିଜେପିର ନୂଆ ସରକାରକୁ ନେଇ ଓଡିଶାବାସୀଙ୍କ ମନ ଭିତରେ ଉତ୍ସାହପୂର୍ଣ୍ଣ ବାତାବରଣ ସୃଷ୍ଟି ହୋଇଛି । ପ୍ରତିଦିନ ବିଜେପିର ସାଂଗଠନିକ ଶକ୍ତି ବୃଦ୍ଧି ପାଉଛି । ବିଜେପି ସରକାର ଉପରେ ଓଡ଼ିଶାବାସୀଙ୍କ ଆସ୍ଥା ଓ ବିଶ୍ୱାସ ବୃଦ୍ଧି ପାଇବାରେ ଲାଗିଛି ବୋଲି ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି । ବିଜେଡି, କଂଗ୍ରେସ ଉପରୁ ଆସ୍ଥା ହରାଇ କୋରାପୁଟ, କଟକ ଓ ଯାଜପୁର ଜିଲାର ବ୍ଲକ ଅଧ୍ୟକ୍ଷା, ଜିଲା ବିଜେଡି ଉପସଭାପତିଙ୍କ ସମେତ ବହୁ ସରପଞ୍ଚ ଓ ଏସ୍‌ଡିସି ସଦସ୍ୟ ବିଜେପିରେ ସାମିଲ ହୋଇଛନ୍ତି । କୋରାପୁଟର ଜୟପୁର ବ୍ଲକ ଅଧକ୍ଷା ତିଳୋତମା ମୁଦୁଲିଙ୍କ ନେତୃତ୍ୱରେ ସରପଞ୍ଚ ଆନନ୍ଦ ହାଲୁଆ, ଟଙ୍କଧର ହାଲୁଆଙ୍କ ସମେତ ୧୩ ସରପଂଚ, ୧୪ ସମିତି ସଭ୍ୟ ଓ ୧୧ ଜଣ ଏସ୍‌ଡିସି (ସ୍ପେଶାଲ ଡେଭଲପମେଣ୍ଟ କାଉନ୍‌ସିଲ) ସଦସ୍ୟ ବିଜେପିରେ ସାମିଲ ହୋଇଛନ୍ତି । କଟକ ଜିଲା ବିଜେଡି ଉପସଭାପତି ତଥା ପୂର୍ବତନ ସରପଞ୍ଚ, ସମିତି ସଭ୍ୟ, ଆମ୍ବ କମିଟି ଅଧ୍ୟକ୍ଷ ଆଦିତ୍ୟ ପାଣିଙ୍କ ନେତୃତ୍ୱରେ ସରପଞ୍ଚ ପ୍ରତିମା ମଲ୍ଲିକଙ୍କ ୱାର୍ଡ ସଭ୍ୟ ପ୍ରଫୁଲ୍ଲ କୁମାର ସାହୁ, ପ୍ରଶାନ୍ତ ସାହୁ, ଗୋବିନ୍ଦ ଚନ୍ଦ୍ର ବେହେରା, ରୀନା ସ୍ୱାଇଁ ସମେତ ୫୦ରୁ ଉର୍ଦ୍ଧ୍ୱ କର୍ମକର୍ତ୍ତା ବିଜେପିରେ ଯୋଗଦେଇଛନ୍ତି । ଯାଜପୁର ଜିଲା ଚିଟାଳୋ ପଂଚାୟତର ପୂର୍ବତନ ସରପଂଚ ଦିଲୀପ ମହାନ୍ତି, ପୂର୍ବତନ ପଂଚାୟତ ସମିତି ସଭ୍ୟ ନିରୁପମା ସେଠୀଙ୍କ ସମେତ ଶତାଧିକ ବିଜେଡି ଓ କଂଗ୍ରେସ କର୍ମୀ ବିଜେପିରେ ସାମଲ ହୋଇଛନ୍ତି । ନୂତନ କର୍ମକର୍ତ୍ତାଙ୍କୁ ରାଜ୍ୟ ସଭାପତି ମନମୋହନ ସାମଲ ଟୋପି ଓ ଉତ୍ତରୀୟ ପ୍ରଦାନ କରି ସ୍ୱାଗତ ଜଣାଇଥିଲେ । ମିଶ୍ରଣ ପର୍ବରେ ନିଆଳି ବିଧାୟକ ଛବି ମଲ୍ଲିକ, ପୂର୍ବତନ ବିରୋଧୀ ଦଳନେତା ପ୍ରଦୀପ୍ତ ନାୟକ, ରାଜ୍ୟ ଉପସଭାପତି ବିରଂଚି ନାରାୟଣ ତ୍ରିପାଠୀ, ଓବିସି ମୋର୍ଚ୍ଚା ରାଜ୍ୟ ସଭାପତି ସୁରତ ବିଶ୍ୱାଳ, ସ୍ୱଚ୍ଛ ଭାରତ ଅଭିଯାନ ରାଜ୍ୟ ସଂଯୋଜକ ମହେଶ ମହାନ୍ତି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୁକାନ୍ତ ବିଶ୍ୱାଳ, ଯାଜପୁର ଜିଲା ସଭାପତି ଗୌତମ ରାୟ, ଯାଜପୁର ଜିଲାର ବରିଷ୍ଠ ନେତା ସୁବାଷ ମହାନ୍ତି, ମଣ୍ଡଳ ସଭାପତି ଶ୍ରୀନିବାସ ପରିଡ଼ା, ଶିକ୍ଷକ ସେଲର ରାଜ୍ୟ ସଂଯୋଜକ ଲକ୍ଷ୍ମୀକାନ୍ତ ମିଶ୍ର, ଯୁବମୋର୍ଚ୍ଚା ରାଜ୍ୟ ସଂଯୋଜକ ସୁଜିତ୍ ସିଂ ପ୍ରମୁଖ ଉପସ୍ଥିତ ଥିଲେ ।

## ଓଡ଼ିଶା ପୋଲିସ୍ ହାବିଲ୍‌ଦାର, କନଷ୍ଟେବଲ ଓ ସିପାହୀ ସଂଘର ବାର୍ଷିକ ଉତ୍ସବ

କଟକ(ଭାସ୍କର ନ୍ୟୁଜ୍): ଓଡ଼ିଶା ପୋଲିସ ହାବିଲଦାର, କନେଷ୍ଟବଳ ଓ ସିପାହୀ ସଂଘର ୪୫ତମ ବାର୍ଷିକ ଉତ୍ସବ ଆଜି ଓଏମପି ଷଷ୍ଠ ବାଟାଲିୟନ ପରିସରରେ ସଭାପତି ଅନିଲ କୁମାର ଷଣ୍ଡଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ଥିବା ବେଳେ ସମ୍ମାନିତ ଅତିଥି ଭାବେ କଟକ ସଦର ବିଧାୟକ ଇଂ ପ୍ରକାଶ ସେଠୀ, ପୋଲିସ ମହାନିର୍ଦ୍ଦେଶକ ଯୋଗେଶ ବାହାଦୂର ଖୁରାନିଆ ପ୍ରମୁଖ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଉତ୍ସବକୁ ଉଦଘାଟନ କରିଥିଲେ । କାଲି ଯେଉଁ ଦାବି ପୂରଣ କରିବାକୁ ଆମେ ଗୃହରେ ବାରମ୍ବାର ଉପସ୍ଥାପନା କରୁଥିଲୁ ଆଜି ଆମେ ସେ ସବୁ ଦାବି ଗୁଡ଼ିକୁ ପୁରଣ କରୁଛୁ । ଏହାହିଁ ସମୟର ଖେଳ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ମତବ୍ୟକ୍ତ କରିଥିଲେ । ପ୍ରାରମ୍ଭରେ ଅତିଥିଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ପରେ ପରେ ସଭାପତି ଶ୍ରୀ ଷଣ୍ଡ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସାଧାରଣ ସମ୍ପାଦକ କିଶୋର କୁମାର ମହାନ୍ତି ବାର୍ଷିକ ବିବରଣୀ ପାଠ କରିଥିଲେ । ସଙ୍ଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ କର୍ମକର୍ତାଙ୍କ କେତକ ମୌଳିକ ସମସ୍ୟା ବିଷୟରେ ଅବଗତ କରାଯାଇଥିଲା । ସେଥିମଧ୍ୟରେ ସ୍ୱାସ୍ଥ୍ୟ ବୀମା ଯୋଗାଇଦେବା, ମୋଟର ସାଇକେଲ ଭତା ପ୍ରଦାନ, ପୋଷାକ ଭତା ବୃଦ୍ଧି କରିବା, କାର୍ଯ୍ୟରତ ଥାଇ ମୃତ୍ୟୁ ବରଣ କଲେ ପୁନଃ ଥଇଥାନ, ଚର୍ତୁଥ ଶ୍ରେଣୀ କର୍ମଚାରୀଙ୍କ ନିଯୁକ୍ତି, ମେଡିକାଲରେ କର୍ମଚାରୀଙ୍କ ପାଇଁ ସ୍ୱତନ୍ତ୍ର ବେଡ ସଂରକ୍ଷଣ ରହିବା, ମହାସଂଘ ଗୃହର ପୁନଃଉଦ୍ଧାର ଏବଂ ଷଷ୍ଠ ବାଟାଲିୟନ ପରିସରରେ ପୂର୍ତ୍ତ ବିଭାଗର ଅଧୀନରେ ରହିଥିବା ଜାଗାକୁ ଷଷ୍ଠ ବାଟାଲିୟନ ନାମରେ ନାମିତ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବୀ ଗୁଡ଼ିକୁ ଉପସ୍ଥାପନ କରିଥିଲେ । ଶେଷରେ ଉପସଭାପତି ସନ୍ତୋଷ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଉତ୍ସବର କାର୍ଯ୍ୟକ୍ରମରେ ସଂଘର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିବା ବେଳେ ଷଷ୍ଠ ବାଟାଲିୟନ ସଂଘର ସଭାପତି ଅଶୋକ ବେହେରାଙ୍କ ସମେତ ସମସ୍ତ କର୍ମକର୍ତ୍ତାମାନେ ସହଯୋଗ କରିଥିଲେ ।

### ଟିପିସିଓଡିଏଲ୍ ପକ୍ଷରୁ ଗୁଣବତ୍ତା ମାସ ପାଳିତ

## ଉତ୍କର୍ଷ ଓ ପ୍ରଦର୍ଶନ ଉପରେ ଗୁରୁତ୍ୱ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ ଟିପି ସେଂଟ୍ରାଲ୍ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିସିଓଡିଏଲ୍) ପକ୍ଷରୁ ଗୁଣବତ୍ତା ମାସ-୨୦୨୪ ପାଳନ କରାଯାଇଛି। ଏହି କାର୍ଯ୍ୟକ୍ରମର ବିଷୟବସ୍ତୁ ରହିଥିଲା 'କ୍ୱାଲିଟି: ଫ୍ରମ୍ କମ୍ପ୍ଲାଏନ୍ସ ଟୁ ପରଫରମାନ୍ସ'। ମାସେ ବ୍ୟାପୀ ଚାଲିଥିବା ଏହି ଅଭିଯାନରେ ପ୍ରକ୍ରିୟା ଉତ୍କର୍ଷ, ନିରନ୍ତର ଉନ୍ନତି, ଉନ୍ନତ କର୍ମକ୍ଷେତ୍ର ପରିଚାଳନା ଓ ଦକ୍ଷତା ଗଠନ ଉପରେ ଗୁରୁତ୍ୱାରୋପ କରଯାଇଥିଲା। ଏହି କ୍ଷେତ୍ରରେ ପ୍ରମୁଖ ସଫଳତାଗୁଡ଼ିକ ମଧ୍ୟରେ ଦୈନିକ ପରିଚାଳନା ପାଇଁ ଟିକ୍ୟୁଏମ୍ ୱାର୍କବୁକର ଶୁଭାରମ୍ଭ, କ୍ୱାଲିଟି ସର୍କଲ ଗଠନ, ୫ଏସ ମେଡଲ୍ ଲୋକେସନ (ସ୍ଥାନ) ଚିହ୍ନଟ ଓ ବାର୍ଷିକ କ୍ୟୁସିସି ଓ ପ୍ରୟାସ ପ୍ରତିଯୋଗିତାରେ ୭୨ ପ୍ରୟାସ ଓ ୧୪ କ୍ୟୁସିସି ଟିମ୍ ଅଂଶଗ୍ରହଣ କରିଥିଲେ । ଭୁବନେଶ୍ୱରର ମ୍ୟାନେଜମେଣ୍ଟ ଡେଭଲପମେଣ୍ଟ ସେଣ୍ଟରର ଉଦ୍‌ଯାପନୀ ସେମାରାହ ଅନୁଷ୍ଠିତ ହୋଇଥିଲା। ଯେଉଁଥିରେ ସିଇଓ ତଥା ଟିକ୍ୟୁଏମ୍ କୋର୍ କମିଟିର ଅଧ୍ୟକ୍ଷ ଅରଭିନ୍ଦ ସିଂହ ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ।

### ଉପଯୁକ୍ତ ସମୟରେ ଉପଯୁକ୍ତ ନିଷ୍ପତ୍ତି: ମନମୋହନ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବିଷ୍ଣୁପଦ ସେଠୀଙ୍କୁ ସିବିଆଇ ସମନ ନେଇ ରାଜ୍ୟ ସଭାପତି ମନମୋହନ ସାମଲଙ୍କ ପ୍ରତିକ୍ରିୟା । ସେଥିପାଇଁ ସରକାରଙ୍କୁ ଦାୟିତ୍ୱ ନେଇଛନ୍ତି । ସରକାର ଚିନ୍ତା କରୁଛନ୍ତି । ଉପଯୁକ୍ତ ସମୟରେ ଉପଯୁକ୍ତ ନିଷ୍ପତ୍ତି ନେବେ ସରକାର । ତେବେ କଂଗ୍ରେସର ଆନ୍ଦୋଳନ ଏବଂ ଅଭିଯୋଗ ନେଇ ମନମୋହନ ପ୍ରତିକ୍ରିୟା ରଖି କହିଛନ୍ତି, କଂଗ୍ରେସକୁ ପଚାରନ୍ତୁ ତାଙ୍କ ସମୟରେ କଣ କଣ କରିଥିଲେ । ତାର ଉତ୍ତର ତାଙ୍କୁ ମିଳିବ । ଆମ ସରକାର ସ୍ୱଚ୍ଛ ସରକାର ସବୁ ଦିଗରୁ ଯାହା ଠିକ ତାହା କରିବେ । ସେମାନେ ୫୬ ବର୍ଷ ଶାସନରେ ଭଲ କାମ କଣ କରିଛନ୍ତି ତାଙ୍କୁ ପଚାରନ୍ତୁ ବୋଲି କହିଛନ୍ତି ବିଜେପି ରାଜ୍ୟ ସଭାପତି।

### ବିଜୟ ଦିବସରେ ଯୁଦ୍ଧବୀରଙ୍କୁ ସମ୍ବର୍ଦ୍ଧନା

## ସୈନିକଙ୍କ ବଳିଦାନ ପାଇଁ ଆମେ ସୁରକ୍ଷିତ ଅଛୁ: ଜଷ୍ଟିସ୍ ଷଡ଼ଙ୍ଗୀ



କଟକ(ଭାସ୍କର ନ୍ୟୁଜ୍): ଯୁଦ୍ଧବୀର କଲ୍ୟାଣ ସମିତି, ଓଡ଼ିଶା ପକ୍ଷରୁ ୧୯୭୧ ଭାରତ-ପାକିସ୍ତାନ ଯୁଦ୍ଧର 'ବିଜୟ ଦିବସ' ଉତ୍ସବ ସୋମବାର ସ୍ଥାନୀୟ କଳାବିକାଶ କେନ୍ଦ୍ର ପରିସରରେ ପାଳିତ ହୋଇଯାଇଛି। ଏହି ଅବସରରେ ୧୯୭୧ ମସିହା ଯୁଦ୍ଧ ଲଢ଼ିଥିବା ସୈନିକ, ଦିବଙ୍ଗତ ସୈନିକଙ୍କ ବୀରନାରୀ ଓ ସେନା ସହ ଜଡ଼ିତ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ହାଇକୋର୍ଟର ପ୍ରାକ୍ତନ ମୁଖ୍ୟ ବିଚାରପତି ଡକ୍ଟର ଜଷ୍ଟିସ୍ ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ ଯୋଗଦେଇ କହିଥିଲେ ଯେ, ବୀର ସୈନିକମାନଙ୍କ ନିକଟରେ ଦେଶ ସଦା ଋଣୀ। ସେମାନଙ୍କ ବଳିଦାନ ପାଇଁ ଆମେ ସଦା ସୁରକ୍ଷିତ ରହିଛେ। ଯୁଦ୍ଧବୀର କଲ୍ୟାଣ ସମିତିର ସଭାପତି ରିଟାୟାର୍ଡ କମୋଡୋର୍ ଘନଶ୍ୟାମ ଓଝାଙ୍କ ସଭାପତିତ୍ୱରେ ତଥା ସମ୍ପାଦକ ଭେଟେରାନ୍ ସଚ୍ଚିକାନ୍ତ ନାଥଙ୍କ ସଂଚାଳନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ଅତିଥି ଭାବେ ଗୋପାଳପୁରସ୍ଥିତ ଆର୍ମି ଏୟାର୍ର ଡିଫେନ୍‌ସ କଲେଜର କମାଣ୍ଡାଣ୍ଟ ମେଜର ଜେନେରାଲ୍ ଇନ୍ଦ୍ରଜିତ୍ ସିଂ ପଞ୍ଜାରଥ୍ ଯୋଗଦେଇ ଯୁଦ୍ଧବୀରମାନଙ୍କୁ ଉଦ୍ଦେଶ୍ୟରେ ବକ୍ତବ୍ୟ ରଖିବା ସହ ବାଂଲାଦେଶରେ କଟାଇଥିବା ୨ବର୍ଷର ଅନୁଭୂତି ବର୍ଣ୍ଣନା କରିଥିଲେ। ଯୁଦ୍ଧବୀର କଲ୍ୟାଣ ସମିତିର ଚିଫ୍ ପାଟ୍ରୋନ୍ ରାଟାୟାର୍ଡ ଲେଫଟନାଣ୍ଟ ଜେନେରାଲ୍ ଜୟନ୍ତ କୁମାର ମହାନ୍ତି, ପାଟ୍ରୋନ୍ ରାଟାୟାର୍ଡ ଏୟାର ମାର୍ଶଲ୍ ଜ୍ୟୋତିନାରାୟଣ ବର୍ମା ଏବଂ ମୁଖ୍ୟବକ୍ତା ତଥା ବିଶିଷ୍ଟ ସ୍ତମ୍ଭକାର ରିଟାୟାର୍ଡ କର୍ଣ୍ଣେଲ୍ ଶରତ କୁମାର ମହାପାତ୍ର ଯୋଗଦେଇ ୧୯୭୧ ଯୁଦ୍ଧ ଉପରେ ବକ୍ତବ୍ୟ ରଖିଥିଲେ ଓ ଯୁଦ୍ଧବୀରଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଶେଷରେ ଉପ-ସଭାପତି ଭେଟେରାନ୍ ଶ୍ରୀପତି ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

## ଜିଲ୍ଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ



କଟକ(ଭାସ୍କର ନ୍ୟୁଜ୍): ଜଳସଂପଦ ବିଭାଗ ତରଫରୁ କଟକ ଜିଲ୍ଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ଚଳିତ ଡିସେମ୍ବର ୨୨ ତାରିଖରୁ ଆସନ୍ତା ଜାନୁଆରୀ ୫ ତାରିଖ ପର୍ଯ୍ୟନ୍ତ ପାଳନ କରାଯିବ। ବିଭିନ୍ନ ବିଭାଗର ସହଯୋଗରେ ପାଳିତ ହେବାକୁ ଯାଉଥିବା ଏହି ପକ୍ଷର ଶୁଭାରମ୍ଭ ଡିସେମ୍ବର ୨୨ ତାରିଖ ଦିନ ପାଣି ପଞ୍ଚାୟତର ଉପଦେୟତା ବାର୍ତ୍ତା ବହନ କରୁଥିବା ଏକ ସଚେତନତା ରଥର ଶୁଭ ଉଦଘାଟନ ସହ କରାଯିବ। ଏହି ରଥ କଟକ ଜିଲ୍ଲାର ସମସ୍ତ ବ୍ଲକକୁ ଭ୍ରମଣ କରିବ । ଏହି ପକ୍ଷ ପାଳନର ବିଭିନ୍ନ କାର୍ଯକ୍ରମ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ସୋମବାର ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି ପକ୍ଷ ପାଳନର ଅଂଶବିଶେଷ ଭାବେ ପ୍ରତାପ ନଗରି ସ୍ଥିତ ୱାଲମି ଠାରେ ଚଳିତ ଡିସେମ୍ବର ୨୯ ତାରିଖ ଦିନ ଏକ ପ୍ରଦର୍ଶନୀ ଆୟୋଜିତ ହେବ ଯେଉଁଥିରେ କୃଷି ପଶୁପାଳନ ଏବଂ ପଶୁଚିକିତ୍ସା, ଜଙ୍ଗଲ, ମୃତ୍ତିକା ସରକ୍ଷଣ, ଉଦ୍ୟାନ କୃଷି , ମତ୍ସ୍ୟ, ଉଠା ଜଳସେଚନ, ଗ୍ରାମୀଣ ଉନ୍ନୟନ ବ୍ୟାଙ୍କ, ସେଚାଞ୍ଚଳ ଉନ୍ନୟନ ବିଭାଗ, ଗବେଷଣାରତ ଅନୁଷ୍ଠାନ ଆଦି ଅଂଶ ଗ୍ରହଣ କରି ସେମାନଙ୍କ କାର୍ଯକଳାପ ତଥା ଯନ୍ତ୍ରାଂଶର ପ୍ରଦର୍ଶନ କରିବେ। ଏହି ଅବସରରେ ଜିଲ୍ଲାର ବିଦ୍ୟାଳୟ ସ୍ତରୀୟ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପାଣି ପଞ୍ଚାୟତ ବିଷୟରେ ବିଭିନ୍ନ ପ୍ରତିଯୋଗୀତା ମାନ ଅନୁଷ୍ଠିତ ହେବ, ଯାହାର କୃତି ପ୍ରତିଯୋଗୀ ମାନଙ୍କୁ ଜାନୁୟାରୀ ୫ ତାରିଖରେ ହେବାକୁ ଥିବା ସମାପନୀ ସମାରୋହରେ ପୁରସ୍କୃତ କରାଯିବ। ଅନୁଷ୍ଠିତ ଏହି ପ୍ରସ୍ତୁତି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଇଞ୍ଜିନିୟର ହେମନ୍ତ କୁମାର ପାଣ୍ଡବ, ବିଜୟ କୁମାର ସେଠି, ମଳୟ କୁମାର ସାହୁ, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଅଶୋକ କୁମାର କର ଏବଂ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ମାନେ ଯୋଗଦେଇ ଜିଲ୍ଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷର ସଫଳ ପାଳନ ନିମନ୍ତେ ଆଲୋଚନା କରିଥିଲେ।

### ସିବିଆଇ ତଦନ୍ତ ଉପରେ ସନ୍ଦେହ: ବିଜେଡି

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଆଇଏଏସ୍ ବିଷ୍ଣୁପଦଙ୍କୁ ନେଇ ବିଜେଡ଼ି ବିଧାୟକ ଧ୍ରୁବ ସାହୁ ପ୍ରତିକ୍ରିୟା ରଖିଛନ୍ତି । ସେ କହିଛନ୍ତି ଯେ, ସିବିଆଇ ତଦନ୍ତ ଉପରେ ଆମର ଘୋର ସନ୍ଦେହ। କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା ଗୁଡିକୁ ରାଜନୈତିକ ଉଦ୍ଦେଶ୍ୟ ରଖି ବିଜେପି ସରକାର ବ୍ୟବହାର କରୁଛି। ୬ ମାସରେ ଆମେ ଦେଖିଲୁ ଦୁର୍ନୀତି ପାଇଁ କେତେ ଶୂନ୍ୟ ସହନଶୀଳ । ରାଜ୍ୟପାଳଙ୍କ ପୁଅ, ଭରତପୁର ଥାନା ଘଟଣା ଉଦାହରଣ ବୋଲି କହି କଟାକ୍ଷ କରିଛନ୍ତି ବିଜେଡି ବିଧାୟକ ।

### ଭୁବନେଶ୍ୱରରେ ସିବିଆଇ ଯୁଗ୍ମନିର୍ଦ୍ଦେଶକ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଭୁବନେଶ୍ୱରରେ ସିବିଆଇର ଯୁଗ୍ମନିର୍ଦ୍ଦେଶକ । ସିବିଆଇ ଅଫିସରେ ପହଂଚିଲେ ସିବିଆଇ ଯୁଗ୍ମ ନିର୍ଦ୍ଦେଶକ । ଦାମୀ କାରରୁ ଜବତ ୧୦ଲକ୍ଷ ଟଙ୍କା ସମ୍ବନ୍ଧରେ କରୁଛନ୍ତି ସମୀକ୍ଷା । ଗିରଫ ୩ ଅଭିଯୁକ୍ତଙ୍କ ସହ ଆଇଏଏସ ବିଷ୍ଣୁପଦ ସେଠୀଙ୍କ ସମ୍ପର୍କ ନେଇ ଚାଲିଛି ସମୀକ୍ଷା । ତଦନ୍ତରେ ଏବେ ସୁଦ୍ଧା ମିଳିଥିବା ତଥ୍ୟକୁ ବରିଷ୍ଠ ଅଧିକାରିଙ୍କ ସହ ଆଲୋଚନା କରୁଥିବା ସୂଚନା ମିଳିଛି ।

## କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍ ସେନ୍ ଗ୍ଲୋବ୍‌ର ୧୦ମ ପ୍ରତିଷ୍ଠା ଦିବସ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍ ସେନ୍ ଗ୍ଲୋବ୍‌ର ୧୦ମ ପ୍ରତିଷ୍ଠା ଦିବସ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓଡ଼ିଶା ବିଧାନସଭା ବାଚସ୍ପତି ସୁରମା ପାଢ଼ୀ କହିଲେ ସ୍ୱତନ୍ତ୍ର ଶିଶୁମାନେ ମଧ ଭଗବାନଙ୍କ ଅମୃତ ସନ୍ତାନ। ପିଲାଙ୍କ ବିଷୟରେ ଚିନ୍ତା କରିବା ଓ ସେମାନଙ୍କୁ ମାର୍ଗଦର୍ଶନ କରିବା ହେଉଛି ଗୁରୁ ଦାୟିତ୍ୱ। କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍ ସେନ୍ ଗ୍ଲୋବ୍ ଏ ଦିଗରେ ବ୍ୟାପକ ପଦକ୍ଷେପ ନେଇଥିବାରୁ ଶ୍ରୀମତୀ ପାଢ଼ୀ ସେନ୍ ଗ୍ଲୋବକୁ ଧନ୍ୟବାଦ ଜଣାଇଥିଲେ। କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କହିଲେ, ସ୍ୱତନ୍ତ୍ର ଛାତ୍ରଛାତ୍ରୀଙ୍କ ସମସ୍ତଙ୍କ ସହ ସମାନ ଭାବେ ବଞ୍ଚିବାର ଅଧିକାର ରହିଛି। କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍ ଭାରତର ଏକମାତ୍ର ଅନୁଷ୍ଠାନ ଯେଉଁଠି ଅନ୍ୟ ସାଧାରଣ ପିଲାଙ୍କ ସହ ସେନ୍ ଗ୍ଲୋବର ସ୍ୱତନ୍ତ୍ର ପିଲାଙ୍କୁ ସମାନ୍ତର ଭାବେ ଯତ୍ନ ନିଆଯାଇ ସମାଜର ମୁଖ୍ୟସ୍ରୋତରେ ସାମିଲ୍ କରାଯାଉଛି। ଏଭଳି ସ୍ୱତନ୍ତ୍ର ଶିଶୁଙ୍କ ପିତାମାତା ଓ ଅଭିଭାବକମାନେ ଏହାକୁ ନକରାତ୍ମକ ନଭାବି ପରିସ୍ଥିତିର ସାମନା କରିବାକୁ ଶ୍ରୀ ସାମନ୍ତ ଆହ୍ୱାନ ଦେଇଥିଲେ। କିଟ୍ ଇଣ୍ଟର ନ୍ୟାସ୍‌ନାଲ୍ ସ୍କୁଲ୍‌ର ଚେୟାରପର୍ସନ ଡ. ମୋନାଲିସା ବଳ ସ୍ୱାଗତ ଭାଷଣ ଦେଇ କହିଲେ, ସେନ୍ ଗ୍ଲୋବ୍‌ରେ ସମ୍ମିଳିତ ଶିକ୍ଷା ପ୍ରଦାନ ଉପରେ ଅଧିକ ଗୁରୁତ୍ୱ ଦିଆଯାଉଛି। ଫଳରେ ସ୍ୱତନ୍ତ୍ର ପିଲାଙ୍କ ମଧ୍ୟରେ ଥିବା ଅକ୍ଷମତା ସେମାନେ ଅନୁଭବ ନ କରି ସାମଗ୍ରିକ ବିକାଶ ଦିଗରେ ଶିକ୍ଷା ଗ୍ରହଣ କରିପାରୁଛନ୍ତି। କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍‌ର ଅଧ୍ୟକ୍ଷ ତଥା ନିର୍ଦ୍ଦେଶକ ଡ. ସଞ୍ଜୟ ସୁଆର କହିଲେ, ଗତ ୧୦ବର୍ଷ ମଧ୍ୟରେ ସେନ୍ ଗ୍ଲୋବ୍ ଯଥେଷ୍ଟ ଉନ୍ନତି କରିଛି। ଏହାର ଛାତ୍ରଛାତ୍ରୀମାନେ ଜୀବନକୌଶଳ ଶିକ୍ଷା ଲାଭ କରି ସ୍ୱାବଲମ୍ବୀ ହୋଇପାରିଛନ୍ତି। ପ୍ରାୟ ୧୦ ଜଣ ସ୍ୱତନ୍ତ୍ର ଛାତ୍ରଛାତ୍ରୀ ସାମଗ୍ରିକ ଶିକ୍ଷା ଲାଭ କରି ଉଚ୍ଚତର ଶିକ୍ଷା ପାଇଁ ଏବେ କିଟ୍ ବିଶ୍ୱବିଦ୍ୟାଳୟରେ ପଢୁଛନ୍ତି। କିଟ୍ ଓ କିସ୍ ସଭାପତି ଶାଶ୍ୱତୀ ବଳ ଓ କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍ ସେନ୍ ଗ୍ଲୋବ୍‌ର ପରାମର୍ଶଦାତା ସ୍ୱାଗତିକା ସାମନ୍ତରାୟ ଉପସ୍ଥିତ ରହି ସ୍ୱତନ୍ତ୍ର ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ଅଧିବେଶନରେ ବିଶିଷ୍ଟ ମନସ୍ତତ୍ତ୍ୱବିତ୍ ପ୍ରଫେସର ୟୁ.ଏନ୍ ଦାଶ ଷ୍ଟେଟ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସ୍ପେଶିଆଲ୍ ଏଜୁକେସନ୍ ଆଣ୍ଡ ରିସର୍ଚ୍ଚର ଗବେଷଣା ପରାମର୍ଶଦାତା ପ୍ରଫେସର ହରେଶ ମିଶ୍ର ଅଂଶଗ୍ରହଣ କରି ସ୍ୱତନ୍ତ୍ର ଛାତ୍ରଛାତ୍ରୀଙ୍କ ଯତ୍ନ ଉପରେ ଆଲୋକପାତ କରିଥିଲେ। ଶେଷରେ ସେନ୍ ଗ୍ଲୋବ୍ ସଂଯୋଜିକା ସୁକନ୍ୟା ମହାକୁଳ ଧନ୍ୟବାଦ ଅର୍ପଣ କରିଥିଲେ।



“ପୁସ୍ତକ ହିଁ ସତ୍ ଚରିତ୍ର ଗଠନର ପ୍ରମୁଖ ଭୂମିକା ଗ୍ରହଣ କରିଥାଏ।”

-ସ୍ୱାମୀ ବିବେକାନନ୍ଦ



“ଅସାଧୁ ହୁଅଇ ସାଧୁ ସାଧୁର ସଙ୍ଗରେ
ନିର୍ମଳ ପଙ୍କିଳ ଜଳ ନିର୍ମଳ ଯୋଗରେ।”

-ମଧୁସୂଦନ ରାଓ



## ମହାନଦୀ ଜଳ ବିବାଦ ଟ୍ରିବ୍ୟୁନାଲ୍

# ବିଚାର ପ୍ରକ୍ରିୟା ତ୍ୱରାନ୍ୱିତ ହେଉ

ପଡ଼ୋଶୀ ଛତିଶଗଡ଼ ସରକାର ଓଡ଼ିଶାର ଜୀବନରେଖା କୁହାଯାଉଥିବା ମହାନଦୀର ଉପରମୁଣ୍ଡରେ ଏକାଧିକ ଜଳଭଣ୍ଡାର ନିର୍ମାଣ କରି ନଦୀ ଜଳକୁ ଅଟକାଇବା ଯୋଗୁଁ ଆଗାମୀ ଦିନରେ ଆମ ରାଜ୍ୟରେ ଉତ୍କଟ ଜଳସଙ୍କଟ ଦେଖାଦେବାର ସମ୍ଭାବନା ରହିଛି। ଏହି କାରଣରୁ ଓଡ଼ିଶା ଓ ଛତିଶଗଡ଼ ମଧ୍ୟରେ ଗତ କିଛିବର୍ଷ ହେଲା ବିବାଦ ଲାଗି ରହିଛି, ଯାହାର ସମାଧାନ ପାଇଁ ୨୦୧୮ ମସିହା ମାର୍ଚ୍ଚ ୧୨ ତାରିଖରେ ଏକ ଟ୍ରିବ୍ୟୁନାଲ୍ ଗଠନ କରାଯାଇଥିଲା। କେନ୍ଦ୍ର ସରକାର ବିଚାରପତି ଏ.ଏମ୍. ଖାନ୍ ୱିଲକର୍‌ଙ୍କୁ ଏହି ଟ୍ରିବ୍ୟୁନାଲ୍‌ର ଅଧ୍ୟକ୍ଷ ରୂପେ ନିଯୁକ୍ତ କରିଥିବା ବେଳେ ବିଚାରପତି ରବି ରଞ୍ଜନ ଓ ବିଚାରପତି ଇନ୍ଦରମିତ୍ କୌର କୋଚର୍‌ଙ୍କୁ ସଦସ୍ୟ ଭାବେ ଗ୍ରହଣ କରିଥିଲେ। ତେବେ ଏହା ଭିତରେ ଛ'ବର୍ଷ ବିତିଯାଇଥିଲେ ମଧ୍ୟ ମହାନଦୀ ଟ୍ରିବ୍ୟୁନାଲ୍‌ର ବିଚାର ପ୍ରକ୍ରିୟାରେ ଆଶାନୁରୂପ ଅଗ୍ରଗତି ଘଟିନାହିଁ ଏବଂ ଏହାର କାର୍ଯ୍ୟରେ ମନ୍ଥରତା ଲକ୍ଷ୍ୟ କରାଯାଉଛି। ଟ୍ରିବ୍ୟୁନାଲ୍ ଗଠନ ପରେ ଓଡ଼ିଶାକୁ ନ୍ୟାୟ ମିଳିବାର ଆଶା ଏଯାବତ୍ ଫଳପ୍ରଦ ହୋଇପାରି ନାହିଁ। ଏହାର ଅଧ୍ୟକ୍ଷ ଖାନ୍‌ୱିଲକର ଚଳିତବର୍ଷ ମାର୍ଚ୍ଚ ୮ ତାରିଖରେ ଭାରତର ଲୋକପାଳ ରୂପେ ନିଯୁକ୍ତି ପାଇବାରୁ ଅଧ୍ୟକ୍ଷ ପଦରୁ ଇସ୍ତଫା ଦେଇଥିଲେ। ଏହାପରେ ସାଧାରଣ ନିର୍ବାଚନ ଯୋଗୁଁ ନୂତନ ଅଧ୍ୟକ୍ଷ ନିଯୁକ୍ତି ପ୍ରକ୍ରିୟାରେ ଯଥେଷ୍ଟ ବିଳମ୍ବ ଘଟିଲା ଏବଂ ବିଗତ ୯ ମାସ ଧରି ଏହି ପଦ ଖାଲି ପଡ଼ିଲା। ତେବେ ଆଶ୍ୱସ୍ତିର ବିଷୟ ଦୁଇଦିନ ପୂର୍ବେ କେନ୍ଦ୍ର ସରକାର ସୁପ୍ରିମକୋର୍ଟର ବିଚାରପତି ବେଲା ଏମ୍. ତ୍ରିବେଦୀଙ୍କୁ ମହାନଦୀ ଜଳ ବିବାଦ ଟ୍ରିବ୍ୟୁନାଲ୍‌ର ନୂତନ ଅଧ୍ୟକ୍ଷ ଭାବରେ ନିଯୁକ୍ତ କରିଛନ୍ତି। ଏଥିନେଇ କେନ୍ଦ୍ର ଜଳଶକ୍ତି ମନ୍ତ୍ରାଳୟ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ଟ୍ରିବ୍ୟୁନାଲ୍‌ର ଅଧ୍ୟକ୍ଷ ପଦ ପାଇଁ ଜଷ୍ଟିସ୍ ତ୍ରିବେଦୀଙ୍କ ନାମକୁ ସର୍ବୋଚ୍ଚ ନ୍ୟାୟାଳୟ (ସୁପ୍ରିମକୋର୍ଟ)ର ପ୍ରଧାନ ବିଚାରପତି ସୁପାରିଶ କରିଥିବା ବେଳେ କେନ୍ଦ୍ର ସରକାର ତାହାକୁ ଗ୍ରହଣ କରିଛନ୍ତି। ଟ୍ରିବ୍ୟୁନାଲ୍ ଗଠନର ଛ'ବର୍ଷ ବିତିଯାଇଥିଲେ ହେଁ ବର୍ତ୍ତମାନ ସୁଦ୍ଧା କୌଣସି ରିପୋର୍ଟ କେନ୍ଦ୍ର ସରକାରଙ୍କୁ ପ୍ରଦାନ କରାଯାଇନାହିଁ। ଗତ ୨୦୧୮ ଅଗଷ୍ଟରୁ ୨୦୨୪ ମସିହା ମଧ୍ୟରେ ଟ୍ରିବ୍ୟୁନାଲ୍‌ରେ ମୋଟ ୩୨ ଥର ମାମଲାର ଶୁଣାଣି ହୋଇଥିଲେ ହେଁ କୌଣସି ନିଷ୍କର୍ଷ ବାହାରି ପାରିନାହିଁ। ଟ୍ରିବ୍ୟୁନାଲ୍‌ଙ୍କ ଅବଧି ଆସନ୍ତା ୨୦୨୬ ଏପ୍ରିଲ ୧୩ ତାରିଖ ପର୍ଯ୍ୟନ୍ତ ବଳବତ୍ତର ରହିଛି। ସେହି ଦୃଷ୍ଟିରୁ ଦୁଇବର୍ଷରୁ କମ୍ ସମୟ ମଧ୍ୟରେ ଏହି ସମ୍ବେଦନଶୀଳ ପ୍ରସଙ୍ଗର କୌଣସି ନା କୌଣସି ସମାଧାନର ବାଟ ଫିଟାଇବାର ଜରୁରି ଆବଶ୍ୟକତା ରହିଛି। ନୂତନ ଅଧ୍ୟକ୍ଷଙ୍କ ନିଯୁକ୍ତି ପରେ ଟ୍ରିବ୍ୟୁନାଲ୍‌ର ଅନ୍ୟ ଦୁଇ ସଦସ୍ୟଙ୍କ କାର୍ଯ୍ୟକାଳ ପୂର୍ବଭଳି ଜାରି ଥିବାରୁ ବିଚାର ପ୍ରକ୍ରିୟା ଅଧିକ ତ୍ୱରାନ୍ୱିତ ହେବ ବୋଲି ଆଶା କରାଯାଉଛି। ଅଭିଯୋଗ ଅନୁଯାୟୀ ଛତିଶଗଡ଼ ସରକାର ମହାନଦୀର ଉପମୁଣ୍ଡରେ ମନୋମୁଖୀ ଭାବରେ ଜଳଭଣ୍ଡାର ନିର୍ମାଣ କରି ଚାଲିଥିଲେ ହେଁ ଓଡ଼ିଶାର ଆପତ୍ତି ଅଭିଯୋଗ ପ୍ରତି ତିଳେ ହେଲେ କର୍ଣ୍ଣପାତ କରିନାହାନ୍ତି। ଏପରିକି ୨୦୧୮ରେ ଟ୍ରିବ୍ୟୁନାଲ୍ ଗଠିତ ହେବା ପରେ ମଧ୍ୟ ଜଳଭଣ୍ଡାର ନିର୍ମାଣ କାର୍ଯ୍ୟ ବନ୍ଦ ନକରି ଏହାକୁ ଅବ୍ୟାହତ ରଖିଥିଲେ। ଛତିଶଗଡ଼ରେ ମହାନଦୀ ଜଳକୁ ଅଟକାଯିବା ଫଳରେ ଓଡ଼ିଶାକୁ ଏହାର ଜଳ ପ୍ରବାହ ହ୍ରାସ ପାଇବା ସହିତ ହୀରାକୁଦ ଜଳଭଣ୍ଡାର ବିଶେଷ ଭାବରେ କ୍ଷତିଗ୍ରସ୍ତ ହେବାର ଆଶଙ୍କା କରାଯାଉଛି। ଓଡ଼ିଶାର ପଶ୍ଚିମାଞ୍ଚଳରୁ ଆରମ୍ଭ କରି ଉପକୂଳବର୍ତ୍ତୀ ଅଞ୍ଚଳ ପର୍ଯ୍ୟନ୍ତ ଜନସାଧାରଣ ମହାନଦୀ ଜଳ ଦ୍ୱାରା ଉପକୃତ ହୋଇଥାନ୍ତି। ଜଳସେଚନ, ବିଦ୍ୟୁତ୍ ଉତ୍ପାଦନ, ନୌ-ଚଳାଚଳ କ୍ଷେତ୍ରରେ ଏହାର ସର୍ବାଧିକ ଅବଦାନ ରହିଥାଏ। ସେହି ଦୃଷ୍ଟିରୁ ଛତିଶଗଡ଼ର ଅନ୍ୟାୟ ଓ ଅବିବେକୀ ପଦକ୍ଷେପ ବିରୋଧରେ ଓଡ଼ିଶା ସରକାର ଯେଉଁ ଆଇନଗତ ଲଢ଼େଇ ଜାରି ରଖିଛନ୍ତି, ଟ୍ରିବ୍ୟୁନାଲ୍ ସେଥିରେ ଓଡ଼ିଶାକୁ ଯଥାର୍ଥ ନ୍ୟାୟ ପ୍ରଦାନ କରିବା ସର୍ବାଦୌ ବାଞ୍ଛନୀୟ। ମହାନଦୀର ଶଯ୍ୟା ଶୁଷ୍କ ହେଲେ, ରାଜ୍ୟର ଏକ ବିସ୍ତୀର୍ଣ୍ଣ ଅଞ୍ଚଳ ମରୁଭୂମିରେ ପରିଣତ ହେବାର ଯଥେଷ୍ଟ ସମ୍ଭାବନା ରହିଛି।

# ଅଣଦେଖା ମଣିପୁର



ବିଷ୍ଣୁ ପ୍ରସାଦ ଦାସ
ସ୍ନେହ କୁଟୀର, ଝାଞ୍ଜିରୀ ମଙ୍ଗଳା, କଟକ
ମୋ: ୯୯୩୭୧୭୪୦୯୭

ଭାରତର ଉତ୍ତର ପୂର୍ବ ସୀମାନ୍ତରେ ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୁର ମଣିପୁର ରାଜ୍ୟ ଅବସ୍ଥିତ। ଏହାର କ୍ଷେତ୍ରଫଳ ୨୨୩୨୭ ବର୍ଗ କିଲୋମିଟର। ଏହାର ଇତିହାସକୁ ଯଦି ଅନୁଧ୍ୟାନ କରିବା ତେବେ ଏହି ମଣିପୁର ୨୧ ସେପ୍ଟେମ୍ବର ୧୯୪୯ ମସିହାରେ ଭାରତ ଗଣ ରାଜ୍ୟରେ ମିଶିବା ନିମନ୍ତେ ଚୁକ୍ତିବଦ୍ଧ ହୋଇ ଥିଲା କିନ୍ତୁ ବିଧିବଦ୍ଧ ଭାବେ ୧୫ ଅକ୍ଟୋବର ୧୯୪୯ ମସିହାରେ କେନ୍ଦ୍ର ଶାସିତ ଅଞ୍ଚଳ ଭାବେ ତାଲିକାଭୁକ୍ତ ହୋଇ ୦୧ ନଭେମ୍ବର ୧୯୫୬ରେ କେନ୍ଦ୍ର ଶାସିତ ଅଞ୍ଚଳ ରୂପେ ଘୋଷିତ ହୋଇଥିଲା। ମଣିପୁର ୨୧ ଜାନୁଆରୀ ୧୯୭୨ ମସିହାରେ ଏକ ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ପାଇଥିଲା। ଏହି ପ୍ରଦେଶର ରାଜଧାନୀ ଇମ୍ଫାଲ ଏହାର ଜିଲ୍ଲା ସଂଖ୍ୟା ୧୬ ଲୋକସଂଖ୍ୟା ପ୍ରାୟ ୩୨ ଲକ୍ଷ ୬୦ ହଜାର, ବିଧାନସଭା ପାଇଁ ନିର୍ବାଚିତ ପ୍ରତିନିଧି ସଂଖ୍ୟା ୬୦, ରାଜ୍ୟସଭା ନିମନ୍ତେ ପ୍ରତିନିଧି ସଂଖ୍ୟା ୧ ଜଣ, ଲୋକସଭା ନିମନ୍ତେ ପ୍ରତିନିଧି ସଂଖ୍ୟା ୨ଜଣ। ମଣିପୁର ରାଜ୍ୟରେ ମଣିପୁରୀ ଭାଷା ପ୍ରଚଳିତ, ମୈତେଇ ଅକ୍ଷର/ ଲିପିରେ ଲେଖାପଢ଼ା ହୁଏ, ସ୍ୱାକ୍ଷରତା ହାର ୭୭%, ପ୍ରତି ୧୦୦୦ ପୁରୁଷରେ ୯୮୫ ମହିଳା ଦେଖାଯା'ନ୍ତି। ଏହି ସୁନ୍ଦର ରାଜ୍ୟଟି ବର୍ତ୍ତମାନ ଅଶାନ୍ତ ହୋଇ ଉଠିଛି। ନିଆଁ ଜଳୁଛି, ଗଣଦୁଷ୍କର୍ମ ହେଉଛି, ହତ୍ୟା ହେଉଛି, ଜାତି, ଧର୍ମ ଭିତ୍ତିକ ଘୃଣାଭାବ ସହିତ ବର୍ବରତାର ସୀମା ଟପି ଯାଇଛି ଏବଂ ରାଜନୈତିକ ଛକାପଞ୍ଝା ଚାଲିଛି। ରାଜ୍ୟ ତଥା କେନ୍ଦ୍ର ସରକାର ଏସବୁ ଦେଖୁଛନ୍ତି ଶୁଣୁଛନ୍ତି କିନ୍ତୁ ସେପରି କିଛି ଆଖିଦୃଶିଆ ପଦକ୍ଷେପ ନିଆଯାଇ ପାରୁନାହିଁ। ଗତ ୧୧/୧୨ /୨୦୨୪ ସଂସଦରେ ମଣିପୁର ହିଂସା ବିଷୟରେ ଜଣେ ମାନ୍ୟବର ସାଂସଦ ଉପସ୍ଥାପନା କରିଥିଲେ ଏବଂ ନିଜର କ୍ଷୋଭ ପ୍ରକାଶ କରିଥିଲେ। ମଣିପୁରରେ ଜନଜୀବନ ଦୁର୍ବିସହ ହୋଇଯାଉଛି, ନିରୀହ ଜନତା ନିଜ ଜୀବନ ଜୀବିକା ପାଇଁ ସଂଗ୍ରାମରତ, ଶିକ୍ଷା, ସାମାଜିକ ଜୀବନ, ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇ ପଡ଼ିଛି, ତେବେ ଏହାର ପଛରେ ଥିବା କାହାଣୀ କ'ଣ ? ମୁଖ୍ୟତଃ କୁକି ଜନଜାତି, ନାଗା ଜନଜାତି ଏବଂ ମୈତେଇ ଜନଜାତିଙ୍କ ଭିତରେ ଗଣ୍ଡଗୋଳ ସାରା ରାଜ୍ୟ ତଥା ଦେଶର ଚିନ୍ତା ବଢ଼ାଇ ଦେଇଛି। ମଣିପୁର ରାଜ୍ୟରେ ନାଗାମାନେ ଉତ୍ତର ଦିଗକୁ ଥିବା ଜିଲ୍ଲା ଉପରେ ପ୍ରାଧାନ୍ୟ ବିସ୍ତାର କରୁଥିବା ବେଳେ ଦକ୍ଷିଣରେ କୁକିମାନେ ପ୍ରାଧାନ୍ୟ ବିସ୍ତାର କରିଛନ୍ତି। ଆଦିବାସୀ ଲୋକଙ୍କର ଅନୁସୂଚିତ ଜନଜାତି (ଏସ୍‌ଟି) ମାନ୍ୟତା ଥିବାବେଳେ ମୈତେଇ ମାନଙ୍କୁ ଅନ୍ୟ ପଛୁଆ ଶ୍ରେଣୀ (ଓବିସି) ମାନ୍ୟତା ଦିଆଯାଇଛି, କେତେକ ନିର୍ଦ୍ଦିଷ୍ଟ ଅଞ୍ଚଳରେ ଅନୁସୂଚିତ ଜାତି (ଏସ୍‌ସି) ଭାବରେ ବର୍ଗୀକୃତ ହୋଇଛନ୍ତି। ମଣିପୁରୀ ମୈତେଇ : ମଣିପୁରୀ ବ୍ରାହ୍ମଣ ହେଉଛନ୍ତି ବ୍ରାହ୍ମଣ ଯେଉଁମାନେ ମଣିପୁରୀ ଭାଷାକୁ ମାତୃଭାଷା ଭାବରେ କୁହନ୍ତି ଏବଂ ମଣିପୁରର ଉପତ୍ୟକା ଅଞ୍ଚଳରେ ବାସ କରନ୍ତି। ଅନ୍ୟ ବ୍ରାହ୍ମଣ ଗୋଷ୍ଠୀ ହେଲେ : ବଙ୍ଗାଳୀ ବ୍ରାହ୍ମଣ ତଥା ଉତ୍କଳ ବ୍ରାହ୍ମଣ। ତେବେ କୁକିମାନଙ୍କ ବିଷୟରେ କିଛି ଜାଣିବା ଉଚିତ୍ ହେବ ବୋଲି ଅନୁଭବ କରୁଛି। କୁକିମାନେ ପାର୍ବତ୍ୟ ଅଞ୍ଚଳରେ ବସବାସ କରି ଥାଆନ୍ତି, ଜଙ୍ଗଲ ମଧ୍ୟରେ ନିଷିଦ୍ଧ ଅଫିମ ଚାଷ କରିଥାନ୍ତି। ତେବେ ମୈତେଇ ମାନଙ୍କ ସଂଖ୍ୟା ଅଧିକ ଏବଂ ସେମନେ ସମତଳ ସ୍ଥାନର ଅନେକ କୃଷି କ୍ଷେତ୍ରର ଅଧିକାରୀ ତଥା ଉନ୍ନତ ଜୀବନଯାପନ କରନ୍ତି। ନିୟମ ଅନୁଯାୟୀ ମୈତେଇମାନେ ପାର୍ବତ୍ୟ ଅଞ୍ଚଳରେ ଭୂମି କ୍ରୟ କରିପାରିବେ ନାହିଁ କିନ୍ତୁ କୁକି, ନାଗାମାନେ ମୈତେଇମାନଙ୍କ ଜମି କିଣି ପାରିବେ। ଏହି ନିୟମକୁ ନେଇ ଦୁଇ ଗୋଷ୍ଠୀ ମୁହାଁମୁହିଁ ହୋଇଛନ୍ତି।

କୁକି-ଚୀନ୍ ଜନଜାତି ବର୍ତ୍ତମାନ ଭାରତ ପାଇଁ ଏକ ଚିନ୍ତାର କାରଣ ପାଲଟି ଯାଇଛି। କୁକି-ଚୀନ୍ ଜନଜାତି କହିଲେ କ'ଣ ବୁଝାଏ ? ଏହି ଜନଜାତିର ଇତିହାସ, ଏମାନଙ୍କର ଉପସ୍ଥିତି, କାର୍ଯ୍ୟକଳାପ ତଥା ଏମାନଙ୍କ ଦ୍ୱାରା ଭାରତ ଉପରେ ପଡୁଥିବା ଚାପ ବିଷୟରେ କିଛି ଆଲୋକପାତ କରିବା, ଭାରତ ୧୯୪୭ ମସିହା ଅଗଷ୍ଟ ୧୫ ତାରିଖ ଦିନ ସ୍ୱାଧୀନ ରାଷ୍ଟ୍ରରେ ପରିଣତ ହେଲା ଏବଂ ଏହାର ଗୋଟିଏ ଦିନ ପୂର୍ବରୁ ମାନେ ୧୪ ଅଗଷ୍ଟ ୧୯୪୭ ମସିହାରେ ଭାରତରୁ ବିଚ୍ଛିନ୍ନ ହୋଇ ଏକ ନୂତନ ରାଷ୍ଟ୍ର ପାକିସ୍ତାନ ଜନ୍ମ ହେଲା। ଇଂରାଜୀ ଶାସକ ତଥା ଆମ ସ୍ୱାଧୀନତା ସଂଗ୍ରାମୀ ନେତୃବୃନ୍ଦ ନିଜ ଭିତରେ ଆଲୋଚନା ସମାଲୋଚନା କରି ଦେଶକୁ ଦୁଇ ଭାଗ କରିଦେଲେ, ଏହି ଭାଗ ପ୍ରକ୍ରିୟାରେ ସବୁଠାରୁ ବେଶୀ କ୍ଷତି ସହି ଥିଲା ପଶ୍ଚିମରେ ପଞ୍ଜାବ ପ୍ରଦେଶ ଏବଂ ପୂର୍ବରେ ବଙ୍ଗଳା ପ୍ରଦେଶ। ସଂଖ୍ୟା ଗରିଷ୍ଠ ମୁସଲିମ ସମ୍ପ୍ରଦାୟ ବାସ କରୁଥିବା ସ୍ଥାନ ଯଥା ପଞ୍ଜାବ ଦୁଇଭାଗ ହୋଇଗଲା, ପୂର୍ବରେ ଥିବା ବଙ୍ଗଳା ମଧ୍ୟ ଦୁଇଭାଗ ହୋଇ ପୂର୍ବ-ବଙ୍ଗ ଏବଂ ପଶ୍ଚିମ-ବଙ୍ଗ ହୋଇଗଲା। ପଶ୍ଚିମରେ ପଞ୍ଜାବ (ଆଂଶିକ) ଏବଂ ପୂର୍ବ-ବଙ୍ଗ ପାକିସ୍ତାନ ଅକ୍ତିଆରକୁ ଚାଲିଗଲା, ପୂର୍ବ ବଙ୍ଗର ନାମ ପରିବର୍ତ୍ତନ ହୋଇ ପୂର୍ବ ପାକିସ୍ତାନ ହୋଇଗଲା। ସେହି ସମୟରେ ଚିଟାଗଙ୍ଗ ପାର୍ବତୀୟ କ୍ଷେତ୍ରରେ ରହୁଥିବା ଜନ ସମୁଦାୟ ଯେଉଁମାନେ କି ୯୮.୨ % ବୌଦ୍ଧ ଧର୍ମାବଲମ୍ବୀ ଥିଲେ ସେମାନେ ଚାହୁଁଥିଲେ ଦେଶ ବିଭାଜନ ସମୟରେ ସେମାନଙ୍କ ଭୂଖଣ୍ଡ(ଚିଟାଗଙ୍ଗ)କୁ ଭାରତରେ ମିଶାଯାଉ କିନ୍ତୁ ରାଜନୀତିର ପଶାକାଠି ଖେଳରେ ସେମାନେ ଭାରତ ବଦଳରେ ପୂର୍ବ ପାକିସ୍ତାନ ଏବଂ ବର୍ତ୍ତମାନର ବଙ୍ଗଳା ଦେଶରେ ରହି ଯାଇଛନ୍ତି। ଚିଟାଗଙ୍ଗ ପାର୍ବତୀୟ କ୍ଷେତ୍ରକୁ ଲାଗି ଭାରତର ମିଜୋରାମ ପ୍ରଦେଶର ପାର୍ବତୀୟ କ୍ଷେତ୍ର ଏବଂ ଆହୁରି ପୂର୍ବକୁ ଗଲେ ମିଆଁମାର ଦେଶର ଚୀନ୍ ପ୍ରଦେଶର ପାର୍ବତୀୟ କ୍ଷେତ୍ରରେ ପ୍ରାୟ ଏକପ୍ରକାର ଜନଜାତିର ଅଧିବାସୀ ରହି ଆସୁଛନ୍ତି। ଏମାନଙ୍କର ମଧ୍ୟରେ ଅନେକ ସାମଞ୍ଜସ୍ୟ ରହିଛି ଏହି ଜନଜାତି ଗୁଡ଼ିକ ହେଲେ ଲାଂଗଙ୍ଗ, କୋଇରାଓ, ଥାଙ୍ଗଲ, ମ୍ୟାନ, ମନସିଂ, ଚିରୁ, କୋଇରଙ୍ଗ, କୋମ, ଆନଲ, ଚୋଥେ, ଥାଦୌ, ପିତେ, ହମର, ଗାଙ୍ଗଟେ, ଏଇମାଲ, ଯୋଉ, ଭାପି ଇତ୍ୟାଦି ଅନେକ ଛୋଟ ବଡ଼ ସମ୍ପ୍ରଦାୟର ସମଷ୍ଟି ଏହି ତିନୋଟି ଦେଶର ପାର୍ବତୀୟ ଭୂଖଣ୍ଡକୁ ନେଇ ବସବାସ କରି ଆସୁଛନ୍ତି, ଏହି ସମ୍ପ୍ରଦାୟର ଲୋକଙ୍କୁ କୁକି-ଚୀନ୍ ସମ୍ପ୍ରଦାୟ କୁହାଯାଏ। ଏମାନେ ପ୍ରଥମରୁ ବୌଦ୍ଧ ଥିଲେ କିନ୍ତୁ ସମୟ ଚକ୍ରରେ ବୌଦ୍ଧ ଧର୍ମରୁ ଏମାନଙ୍କ ମଧ୍ୟରୁ ୯୦ ଭାଗ ଧର୍ମ ପରିବର୍ତ୍ତନ କରି ଖ୍ରୀଷ୍ଟିୟାନ ହୋଇ ଗଲେଣି।

ଭାରତର ମିଜୋରାମ ପ୍ରଦେଶରେ ବାସ କରୁଥିବା ଏହି ଜନଜାତିକୁ 'କୁକି' କୁହାଯାଏ ଏବଂ ମିଆଁମାର ଦେଶର ଚୀନ ପ୍ରଦେଶରେ ବାସ କରୁଥିବା ଏହି ସମ୍ପ୍ରଦାୟର ଜନଜାତିକୁ 'ଚୀନ୍' କୁହାଯାଏ ତେଣୁ ଏକ ପ୍ରକାର ଦୁଇ ଜନଜାତି ନାମର ସମଷ୍ଟି ହେଲା 'କୁକି-ଚୀନ୍'। ବାଂଲାଦେଶର ଦକ୍ଷିଣ ପୂର୍ବରେ ଚିଟାଗଙ୍ଗ ୧୩,୨୯୫ ବର୍ଗ କିଲୋମିଟର ପରିମିତ ସ୍ଥାନରେ ଅବସ୍ଥିତ ଏହାର ପ୍ରାକୃତିକ ପରିବେଶ ଏବଂ ସୁନ୍ଦର ପର୍ବତମାଳା ଖୁବ ଆକର୍ଷଣୀୟ। ଦେଶ ପରାଧୀନ ଥିବା ସମୟରୁ କୁକି-ଚୀନ୍ ସମ୍ପ୍ରଦାୟ ଏହି ଅଞ୍ଚଳରେ ବସ ବାସ କରି ଆସୁଛନ୍ତି, କାଳକ୍ରମେ ବ୍ରିଟିଶ ଶାସନ ଯାଇ, ପାକିସ୍ତାନୀ ଶାସନ ଆସିଲା ଏବଂ ପରବର୍ତ୍ତୀ ସମୟରେ ଭାରତର ତତ୍କାଳୀନ ପ୍ରଧାନମନ୍ତ୍ରୀ ଦିବଂଗତ ଇନ୍ଦିରା ଗାନ୍ଧୀଙ୍କ ସମୟରେ ପୂର୍ବ ପାକିସ୍ତାନ ହୋଇଥିବା ସ୍ୱାଧୀନତା ସଂଗ୍ରାମ ଭାରତର ସାମରିକ ବାହିନୀ ସହଯୋଗରେ ଏକ ନୂତନ ଦେଶକୁ ଜନ୍ମ ଦେଲା ପୂର୍ବ ପାକିସ୍ତାନ ପୃଥିବୀ ମାନଚିତ୍ରରେ ସବୁଦିନ ପାଇଁ ବିଲୀନ ହୋଇ 'ବାଂଲାଦେଶ' ନାମରେ ସ୍ୱୀକୃତି ପାଇଲା। ସେହି ସମୟରେ ମଧ୍ୟ କୁକି-ଚୀନ୍ ସମ୍ପ୍ରଦାୟର ଲୋକମାନେ ଭାବି ଥିଲେ ଯେ, ସେମାନେ ଭାରତ ଗଣ ରାଜ୍ୟରେ ମିଶିଯିବେ କିନ୍ତୁ ତାହା ମଧ୍ୟ ସମ୍ଭବ ହେଲା ନାହିଁ, ବାଂଲାଦେଶୀ ଶାସକଙ୍କ ପାଖରେ ସେମାନେ ନିଜ ସପକ୍ଷରେ ଅନେକ ଦାବି ରଖି ଆସୁଛନ୍ତି, ସରକାରଙ୍କ ଦ୍ୱାରା ଦାବି ପୂରଣ ହେବା ପରିବର୍ତ୍ତେ ସେମାନଙ୍କ ଉପରେ ବାଂଲାଦେଶୀ ସେନାବାହିନୀ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି ଫଳରେ ସରକାରଙ୍କ ଉପରେ ସେମାନଙ୍କର ଅସନ୍ତୁଷ୍ଟତା ବଢି ବଢି ଚାଲିଛି। ସେମାନଙ୍କର ବାସ ସ୍ଥାନକୁ ସରକାର ବିଭିନ୍ନ ଆଳ ଦେଖାଇ ଦଖଲ କରି ପର୍ଯ୍ୟଟନ କ୍ଷେତ୍ରରେ ପରିଣତ କରି ଦେଉଥିବାରୁ ଜନଜାତିମାନଙ୍କର ସ୍ୱାଧୀନତା ସଂକୁଚିତ ହେଉଛି, ଆର୍ଥିକ ଅବସ୍ଥା ନିମ୍ନଗାମୀ ତଥା କୃଷି କାର୍ଯ୍ୟରେ ବ୍ୟାଘାତ ଘଟୁଛି। ସାମରିକ ବାହିନୀର ଅକଥନୀୟ ଅତ୍ୟାଚାର ସହି ନ'ପାରି ଅନେକ କୁକି-ଚୀନ୍ ପଡୋଶୀ ଦେଶ ଭାରତର ମିଜୋରାମ, ନାଗାଲ୍ୟାଣ୍ଡ, ମଣିପୁର ପ୍ରଦେଶ ଭିତରେ ଶରଣାର୍ଥୀ ହିସାବରେ ପ୍ରବେଶ କରୁଛନ୍ତି ତଥା କିଛି ଶରଣାର୍ଥୀ ଭାରତରେ ସ୍ଥାୟୀ ଭାବେ ରହି ଭାରତ ବିରୋଧୀ କାର୍ଯ୍ୟରେ ମଧ୍ୟ ଲିପ୍ତ ହେବାର ଅନେକ ନଜିର ରହିଛି। ମଣିପୁର ରାଜ୍ୟରେ ଥିବା କୁକି ଜାତି ଏହି ସମ୍ପ୍ରଦାୟର ସେମାନେ ସାଧାରଣତଃ ପାହାଡ଼ ପର୍ବତ ଉପରେ ବସବାସ କରନ୍ତି। ବର୍ତ୍ତମାନ କୁକି ଜନଜାତି ଏବଂ ମୈତେଇମାନଙ୍କ ମଧ୍ୟରେ ଯୁଦ୍ଧ ଚାଲିଛି ଦୁଇପକ୍ଷ ଆଧୁନିକ ଡ୍ରୋନ ଆଧୁନିକ ଆରପିଜି ରକେଟ୍, ଏମ୍ ୪୧୬ ରାଇଫଲ୍ ଦ୍ୱାରା ସୁସଜ୍ଜିତ, ଆଚ୍ଛା କୁହନ୍ତୁ ତ ଏହି ପ୍ରକାର ଅତ୍ୟାଧୁନିକ ହାତ ହତିଆର ଏମାନଙ୍କ ପାଖକୁ ଆସିଲା କିପରି ? ଏଗୁଡିକ କିଣିବା ପାଇଁ ଏତେ ଅର୍ଥ ସେମାନେ କେଉଁଠୁ ପାଇଲେ ବା କିଏ ଏମାନଙ୍କୁ ଲଢେଇ କରିବାକୁ ଉସୁକାଉଛନ୍ତି ? ଟଙ୍କା ଓ ଅସ୍ତ୍ରଶସ୍ତ୍ର ଯୋଗାଇ ଭାରତ ଭିତରେ କେଉଁ ଶକ୍ତି ଅସ୍ଥିରତା ସୃଷ୍ଟି କରୁଛନ୍ତି ତାହା ବର୍ତ୍ତମାନ ଦେଖିବା କଥା। ହୁଏତ କିଛି ବିଦେଶୀ ଶକ୍ତିଙ୍କର କୁ-ଚକ୍ରାନ୍ତ ପାଇଁ, କିଛି ରାଜନେତା ନିଜ ଫାଇଦା ବା ଲାଭ ପାଇଁ ଦୁଇ ଜନଜାତି ମଧ୍ୟରେ ଏପରି ବିଦ୍ୱେଷ ସୃଷ୍ଟି କରିଥାଇ ପାରନ୍ତି ବା ସରକାର/ଅଦାଲତଙ୍କ ତ୍ରୁଟିପୂର୍ଣ୍ଣ ରାୟ ବିରୁଦ୍ଧରେ ଦୁଇ ଗୋଷ୍ଠୀ ରକ୍ତମୁଖା ହେଉଛନ୍ତି ସେହି ପରିପ୍ରେକ୍ଷୀରେ ମୋର ସୀମିତ ଜ୍ଞାନରୁ ମତାମତ ଦେବା ଅଜ୍ଞତାର ପରିଚୟ ହେବ। ତେବେ ସରକାର ତାଙ୍କ ଗୁପ୍ତଚର ତାଙ୍କ ପରାମର୍ଶଦାତା, ମଣିପୁର ରାଜ୍ୟର ଦୁଇ ବା ତତୋଧିକ ଜନଜାତିର ପ୍ରତିନିଧି, ରାଜ୍ୟ ସରକାର, ରାଜନୈତିକ ସମୀକ୍ଷକମାନେ ବସି ଆଲୋଚନା କରି ଏହାର ସମାଧାନ କରିବା ଉଚିତ୍ ହେବ। ବିଦେଶୀ ଅନୁପ୍ରବେଶକାରୀମାନଙ୍କୁ ତୁରନ୍ତ ଦେଶାନ୍ତର କରିବାର ସତ୍ ସାହସ ସରକାର ଦେଖାଇବା ଉଚିତ୍ ହେବ, ଯଦି ଏଥିରେ ଭୋଟ ରାଜନୀତି ଜଡ଼ିତ ଥାଏ ତେବେ ସେସବୁ ଭୁଲିଯାଇ ଦେଶର ସାର୍ବଭୌମତ୍ୱ ପ୍ରତି ଧ୍ୟାନ ଦେବା ଦେଶ ଭକ୍ତ ନେତା/ଦଳମାନଙ୍କ ନିମନ୍ତେ ଉଚିତ୍ ନିର୍ଣ୍ଣୟ ହେବ, ଅନ୍ୟଥା ଶାନ୍ତି ଫେରି ଆସିବ ନାହିଁ ବୋଲି ହୃଦ୍‌ବୋଧ ହୁଏ।

# ମା'ର ମମତା



ଡ. ଅରୁନ୍ଧତୀ ଦେବୀ
ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ
ଅଶୋଭନୀୟତା ନିରୋଧ ଆନ୍ଦୋଳନ
କଟକ, ମୋ: ୯୯୩୭୧୭୨୮୧୦

ମା'ର ସ୍ନେହ, ମମତା ସବୁଠାରୁ ଉଚ୍ଚରେ। ସେଥିପାଇଁ କୁହାଯାଏ ଦୁନିଆର କୌଣସି ଜିନିଷ ମା' ସ୍ନେହ ସହ ତୁଳନା ନୁହେଁ। ଗୋଟିଏ ପିଲା ସର୍ବଦା ତା' ମାଆକୁ ଘୃଣା କରୁଥିଲା। କାରଣ ତା' ମାଆର ଗୋଟିଏ ଆଖି ନଥିଲା। ସେଥିପାଇଁ ତା'ର ସାଙ୍ଗସାଥୀମାନେ ସବୁବେଳେ ତାକୁ ଥଟ୍ଟା ପରିହାସ କରୁଥିଲେ। ସେ ଯେତେବେଳେ ତା'ର ମାଆକୁ ଆସି ପଚାରେ ତୋର ଆଉ ଗୋଟିଏ ଆଖି କୁଆଡ଼େ ଗଲା ତା' ମାଆ କିଛି କହନ୍ତି ନାହିଁ। ପିଲାଟି ରାଗିଯାଇ ସବୁବେଳେ ଘର ଛାଡ଼ି ଚାଲିଯିବାକୁ ଚାହୁଁଥିଲା। ବଡ଼ ହେବା ପରେ ସ୍ତ୍ରୀ ଏବଂ ପିଲାଙ୍କୁ ଧରି ସେ ଯାଇ ସହରରେ ଅଲଗା ରହିଲା। ଥରେ ତା'ର ବୃଦ୍ଧା ମାଆ ତାକୁ ଦେଖା କରିବାକୁ ଗଲେ। ଘର କବାଟ ବାଡ଼େଇବାରୁ ପୁଅର ପିଲାମାନେ କବାଟ ଖୋଲି ଖୁବ୍ ଜୋରରେ ହସିବାକୁ ଲାଗିଲେ। ଏଇ ସମୟରେ ପୁଅ ଆସି ରାଗିଯାଇ କହିଲା ଘରୁ ବାହାରି ଯିବାକୁ। ମାଆ ଦୁଃଖରେ ଫେରି ଆସିଲେ।

ଦିନେ ଉକ୍ତ ଯୁବକ ସ୍କୁଲ ସାଙ୍ଗଙ୍କୁ ଦେଖା କରିବା ପାଇଁ ନିଜ ଗାଁକୁ ଯାଇଥିବା ବେଳେ ତାଙ୍କ ପଡ଼ୋଶୀ କହିଲେ ତୁମ ମାଆ ମରିଯାଇଛନ୍ତି ଏବଂ ତୁମ ପାଇଁ ଚିଠିଟିଏ ଛାଡ଼ି ଯାଇଛନ୍ତି। ଚିଠିରେ ଲେଖା ହୋଇଥିଲା 'ମୁଁ ସବୁବେଳେ ତୋର ମଙ୍ଗଳ ଚିନ୍ତାକରେ ପୁଅ, ମୁଁ ତୋ ଘରକୁ ଯାଇଥିବାରୁ ମୋର ଭୁଲ୍ ହୋଇଯାଇଛି। ତୁ ଯେତେବେଳେ ଛୋଟ ଥିଲୁ ଦୁର୍ଘଟଣାରେ ତୋର ଗୋଟିଏ ଆଖି ନଷ୍ଟ ହୋଇଯାଇଥିଲା, ବଦଳରେ ମୁଁ



ମୋର ଗୋଟିଏ ଆଖି ତୋତେ ଦେଇଥିଲି। କାରଣ ମୁଁ କେବେ ବି ଚାହେଁନି ମୋ ପୁଅ ତା'ର ସାରାଜୀବନ ଗୋଟିଏ ଆଖିରେ ଦେଖୁ। ଆଜି ମୁଁ ଗର୍ବ ଅନୁଭବ କରେ କି ମୋ ପୁଅ ଆଖିରେ ମୁଁ ସାରା ଦୁନିଆ ଦେଖି ପାରୁଛି'। ନିଜର ଭୁଲ ବୁଝିପାରି ପୁଅ ଅନୁତାପ କଲା।

# ମାନବିକ ଅଧିକାର ମାନବବାଦର ଜୟଯାତ୍ରା



ଉମାଶଙ୍କର ପ୍ରସାଦ
ସମ୍ପାଦକ, ମାର୍ଗଦର୍ଶୀ, ଖୋର୍ଦ୍ଧା
ମୋ: ୬୩୭୦୬ ୭୫୫୬୨

ଆଜି ବିଶ୍ୱରେ ମାନବିକ ଅଧିକାର ହେଉଛି ଏକ ବହୁ ଚର୍ଚ୍ଚିତ ପ୍ରସଙ୍ଗ। ଜାତିସଂଘ ସମେତ ପୃଥିବୀର ବିଭିନ୍ନ ଗଣତାନ୍ତ୍ରିକ ରାଷ୍ଟ୍ର ଏ ଦିଗରେ ସଚେତନତା ପ୍ରକାଶ କରି ସକ୍ରିୟ ଭାବରେ କାର୍ଯ୍ୟ କରୁଛନ୍ତି ଯାହା ମାନବବାଦର ଜୟଯାତ୍ରା କ୍ଷେତ୍ରରେ ଏକ ଶୁଭ ସୂଚନା ବୋଲି ମନେହୁଏ। ଫ୍ରେଞ୍ଚଫରାସୀ ଦାର୍ଶନିକ ଜିନ୍ ଜାକୁସ ରୁଷୋ ୧୭୬୨ ରେ କହିଥିଲେ "Man is born free, and every where he is in chain" ଅର୍ଥାତ ମନୁଷ୍ୟ ସ୍ୱାଧୀନ ଭାବରେ ଜନ୍ମ ହୋଇଥିଲେ ମଧ୍ୟ ସେ ସର୍ବଦା ବନ୍ଧନ ଯୁକ୍ତ ଅଟେ। ତାକୁ କେତେଗୁଡିଏ ରାଷ୍ଟ୍ରୀୟ ଶୃଙ୍ଖଳାର ଅଧୀନ ହେବାକୁ ପଡିଥାଏ। ତେଣୁ ସ୍ୱାଧୀନତା ଓ ମାନବିକ ଅଧିକାର ଏକାକଥା ନୁହେଁ, ପ୍ରକୃତ ପକ୍ଷେ ରାଷ୍ଟ୍ର ଅନ୍ତର୍ଗତ ଜଣେ ସର୍ବନିମ୍ନ ନାଗରିକର ବ୍ୟକ୍ତିଗତ ସ୍ୱୀକୃତି ଓ ତା'ର ମର୍ଯ୍ୟାଦା ସୁରକ୍ଷା ହେଉଛି ପ୍ରକୃତ ମାନବିକ ଅଧିକାର। ଅତୀତର ରାଜତନ୍ତ୍ରର ସ୍ୱାର୍ଥସର୍ବସ୍ୱ ନୀତିକୁ ଉଚ୍ଛେଦ କରି ଗଣତନ୍ତ୍ରର ବିକାଶ ଫଳରେ ରାଜନୀତିକ ଜଗତରୁ ଏହି ଏକଛତ୍ରବାଦୀ ଦର୍ଶନ ଲୋପ ପାଇଛି। ବ୍ୟକ୍ତି ହେଉଛି ରାଷ୍ଟ୍ରର ସର୍ବଶ୍ରେଷ୍ଠ ସମ୍ପତ୍ତି। ୧୯୪୮ ମସିହା ଡିସେମ୍ବର ମାସ ୧୦ ତାରିଖରେ ଜାତିସଂଘ ସାଧାରଣ ପରିଷଦରେ ଗୃହୀତ ହେଲା ସାର୍ବଜନୀନ ମାନବିକ ଅଧିକାର ଘୋଷଣା ନାମା। ସେ ସମୟରେ ସେଥିରେ ୫୮ଟି ଦେଶର ସଦସ୍ୟ ଥିଲେ। ମାନବ ମର୍ଯ୍ୟାଦାର ସହ ବାସ କରିବା ପାଇଁ କେତେକ ସର୍ବନିମ୍ନ ବ୍ୟବସ୍ଥା ଥିବା ବାଞ୍ଛନୀୟ। ଏପରି ୩୦ଟି ବ୍ୟବସ୍ଥା ଉପରେ ସଦସ୍ୟମାନେ ପ୍ରାଧାନ୍ୟ ଦେଇଥିଲେ। ୧୯୪୮ ମସିହାର ସେ ଦିବସଟିକୁ ସ୍ମରଣୀୟ କରିବା ସହ ଲୋକମାନଙ୍କ ମନରେ ସଚେତନତା ବୃଦ୍ଧି କରିବା ନିମିତ୍ତ ପ୍ରତିବର୍ଷ ଡିସେମ୍ବର ୧୦ ତାରିଖରେ 'ମାନବିକ ଅଧିକାର ଦିବସ ପାଳନ ହେଉଛି'। "ପ୍ରତ୍ୟେକ ମାନବ ନିମିତ୍ତ ସମସ୍ତ ମାନବିକ ଅଧିକାର"। ଭାଷା, ଜାତି, ଲିଙ୍ଗ ନିର୍ବିଶେଷରେ ଆମେ ମୌଳିକ ଅଧିକାର ପାଇବାକୁ ହକ୍‌ଦାର୍। ପ୍ରତ୍ୟେକ ମାନବ ସାମାଜିକ, ସାଂସ୍କୃତିକ ଓ ଅର୍ଥନୈତିକ ଅଧିକାର ପାଇବା ପାଇଁ ଚେଷ୍ଟିତ ହେବା ଦରକାର।

ଆଜିର ଆଧୁନିକ ଯୁଗରେ ଗଣତନ୍ତ୍ରର ପ୍ରସାର ଓ ଶିକ୍ଷା, ସଂସ୍କୃତିର ବିକାଶ ଫଳରେ ପ୍ରତ୍ୟେକ ବ୍ୟକ୍ତିଠାରେ ଏକ ଆତ୍ମ ସଚେତନ ଭାବ ଜାଗ୍ରତ ହୋଇଛି। ଏହି ଆତ୍ମସଚେତନ ଭାବଟି ହେଉଛି ଅଧିକାର ସଚେତନତା ଏବଂ ଆତ୍ମମର୍ଯ୍ୟାଦା ସଚେତନା। ଜଣେ ଦରିଦ୍ର ଭୂମିହୀନ ଶ୍ରମିକ ମଧ୍ୟ ଆଜି ନିଜର ଆତ୍ମମର୍ଯ୍ୟାଦା ତଥା ମୌଳିକ ଅଧିକାର ବିଷୟରେ ସଚେତନ ଅଟେ। ଏହା ସତ୍ତ୍ୱେ ମାନବ ସମାଜ ଉପରେ ବିଭିନ୍ନ ପ୍ରକାର ଅନ୍ୟାୟ ଅତ୍ୟାଚାର ହେବାରେ ଲାଗିଛି। ଆଇନ କାନୁନର ସମସ୍ତ ପ୍ରକାର ବ୍ୟବସ୍ଥା ସତ୍ତ୍ୱେ ମାନବିକ ଅଧିକାର ଯେ ମାନବିକ ଅଧିକାର ଯେ ସୁରକ୍ଷିତ ହୋଇପାରିଛି, ସେ କଥା କହିହେବ ନାହିଁ। ଶୋଷଣ, କଷଣ, ବେକାରୀ, ଅଶିକ୍ଷା, ନାରୀ ନିର୍ଯାତନା, ପ୍ରଭୁତ୍ୱ ବ୍ୟକ୍ତିମାନଙ୍କ ଦ୍ୱାରା ସରକାରୀ ତଥା ଦେବ ସମ୍ପତ୍ତି ହଡପ ତଥା ଜବରଦଖଲ ତା'ର କାୟା ବିସ୍ତାର କରି ଚାଲିଛି। ରାଜତନ୍ତ୍ରର ବିଲୋପ ଘଟିଥିଲେ ମଧ୍ୟ ଗଣତାନ୍ତ୍ରିକ ଏକଛତ୍ରବାଦ ଭାରତକୁ ଏବେ ଗ୍ରାସ କରିଛି। ସାଧାରଣ ନିରୀହ ଲୋକ ସତ କହିବାକୁ ସାହସ କରି ପାରୁନାହାଁନ୍ତି ; ସମ୍ଭ୍ରାନ୍ତ ଓ ପଦସ୍ଥ ବ୍ୟକ୍ତି ତଥା ନିଜକୁ ବୁଦ୍ଧିଜୀବୀ ବୋଲାଉଥିବା ଲୋକମାନଙ୍କ ବିରୋଧରେ ସ୍ୱର ଉତ୍ତୋଳନ କଲେ ତାଙ୍କୁ ନିର୍ଯାତନା ଦିଆଯାଉଛି। ଦେଶରେ କଳାଧନ, କଳା କାରବାର ଦିନକୁ ଦିନ ବୃଦ୍ଧିପାଉଛି। ରାଜନୈତିକ ବ୍ୟକ୍ତିମାନେ ନିଜ ଦେଶର ସମ୍ପତ୍ତିକୁ ବିଭିନ୍ନ କମ୍ପାନୀର ମାଲିକମାନଙ୍କୁ ଟେକି ଦେଇ ସମଗ୍ର ମାନବ ଜାତିକୁ ଗୋତିଶ୍ରମିକ କରିବାରେ ଲାଗିଛନ୍ତି। ସମାଜବାଦ ଆମ ସମ୍ବିଧାନର ଆଦର୍ଶ ହୋଇଥିଲେ ମଧ୍ୟ ସ୍ୱାଧୀନତା ପରେ ପୁଞ୍ଜିପତିମାନଙ୍କ ସଂଖ୍ୟା ଦିନକୁ ଦିନ ବଢିବାରେ ଲାଗିଛି। ରାଜନେତାମାନଙ୍କ ଦୁର୍ନୀତି ଦିନକୁ ଦିନ ଆମ ସମାଜକୁ ଏଭଳି ଗ୍ରାସ କରିଛି ଯେ ମାନବ ତା'ର ମାନବିକ ଅଧିକାରକୁ ଭୁଲିଯାଇଛି। ହଜାର ହଜାର ନୀରିହ ଲୋକଙ୍କୁ ସନ୍ତ୍ରାସବାଦୀମାନେ ହତ୍ୟାକଲାବେଳେ ମାନବିକ ଅଧିକାର ପ୍ରସଙ୍ଗଟି ଉଠୁନାହିଁ; ଅଥଚ ସନ୍ତ୍ରାସବାଦୀମାନଙ୍କ ପ୍ରତି ବା ତାଙ୍କ ପରିବାରବର୍ଗଙ୍କ ପ୍ରତି ପୋଲିସ କର୍ମଚାରୀ କଠୋର ଆଚରଣ କଲେ ମାନବିକ ଅଧିକାର ଉଲ୍ଲଂଘନ ହେଲା ବୋଲି ନ୍ୟସ୍ତ ସ୍ୱାର୍ଥ ରାଜନୀତିକ ଲୋକମାନେ ଚିତ୍କାର କରୁଛନ୍ତି। ତେଣୁ ଲୋକମାନେ ସର୍ବନିମ୍ନ ମୌଳିକ ସୁବିଧା ସୁଯୋଗ ହାସଲ କରିବା ସହ ଶୋଷଣରୁ ମୁକ୍ତ ହୋଇପାରିଲେ ସମାଜରେ ଶାନ୍ତି ବିରାଜମାନ ହେବ। ଅନୁକୂଳ ସାମାଜିକ ପରିବେଶ ନ ପାଇଲେ ମାନବର ଉନ୍ମେଷମୁଖୀ ପ୍ରତିଭାର ବିକାଶ ସମ୍ଭବପର ନୁହେଁ। ମାନବ ନିଜକୁ ସୁରକ୍ଷିତ ମଣିଲେ ସବୁ କାମକୁ ସୁଚାରୁ ଭାବରେ କରିପାରିବ। ତେଣୁ ମୋ ମତରେ ଏକ ସୁନ୍ଦର ବିଶ୍ୱ ଗଠନ ନିମନ୍ତେ ମାନବିକ ଅଧିକାରର ସୁରକ୍ଷା ଉପରେ ପ୍ରାଥମିକତା ଦେବାକୁ ପଡିବ।

# ଶିଶୁଟି ଆହା କି ସୁନ୍ଦର, ମଣି ରଙ୍ଗରତନ...

ଡ. ସୁରେଶ କୁମାର ନାୟକ
ଅଧ୍ୟକ୍ଷ, ଏସେଲ୍ସ ପବ୍ଲିକ ସ୍କୁଲ
ସେକ୍ଟର-୯, ସିଡିଏ, କଟକ

କଥାରେ ଅଛି ଅଭ୍ୟାସ ବଳେ ସବୁ ଗ୍ରନ୍ଥ ପଢ଼ି ହୋଇବ ଜ୍ଞାନବନ୍ତ। ଅର୍ଥାତ ସବୁ କାମରେ ସଫଳତା ପାଇବାକୁ ହେଲେ ଅଭ୍ୟାସ ଜାରି ରଖିବାକୁ ହେବ। ପ୍ରତିଦିନ ଅଭ୍ୟାସ କରୁଥିଲେ କୌଣସି କାମରେ ବିଫଳତା ସ୍ପର୍ଶ କରିପାରିବ ନାହିଁ। ସେଥିପାଇଁ ତ ପିଲାମାନଙ୍କୁ ଛୋଟ ବେଳରୁ ହିଁ ଅଭ୍ୟାସ କରିବା ପାଇଁ ଶିକ୍ଷା ଦିଆଯାଇଥାଏ। ଘରେ ହେଉ ବା ସ୍କୁଲରେ ସବୁ କ୍ଷେତ୍ରରେ ସଫଳତା ପାଇଁ ବାରମ୍ବାର ଅଭ୍ୟାସ କରିବାକୁ ଶିକ୍ଷା ଦିଆଯାଏ। ଅବଶ୍ୟ ପ୍ରଥମେ ହିଁ ପିଲାମାନଙ୍କୁ ସାହାଯ୍ୟ କରନ୍ତି। ସେହିମାନଙ୍କ ପାଇଁ ସମସ୍ତ ଜୀବନରେ ଅନେକଗୁଡ଼ିଏ ଅଭ୍ୟାସ ପିଲାବେଳରୁ ଆମ ଅଜାଣତରେ ହିଁ ହୋଇଯାଇଥାଏ। ଯାହା ଜୀବନର ଅନେକ କ୍ଷେତ୍ରରେ ଆମକୁ ସଫଳତାର ମାର୍ଗ ଦେଖାଇଥାଏ। ତେଣୁ କୌଣସି ଏକ ଲକ୍ଷ୍ୟସ୍ଥଳରେ ପହଞ୍ଚିବା ପାଇଁ ହେଲେ ନିରନ୍ତର ଅଭ୍ୟାସ କରି ଅନେକ କିଛି କରିବାକୁ ହେବ ଓ ସେହି ଅନୁରୂପ ଆମକୁ ପ୍ରସ୍ତୁତି କରିବାକୁ ହେବ।

ପ୍ରଥମେ ନିଜ ଲକ୍ଷ୍ୟ ଅନୁସାରେ କେଉଁ ସବୁ ଅଭ୍ୟାସ କରିବେ ସ୍ଥିର କରନ୍ତୁ। ଅର୍ଥାତ୍ ପ୍ରତିଦିନ କ'ଣ ସବୁ କାମ କରିବେ ସେ ନେଇ ନିଶ୍ଚିତ ହୁଅନ୍ତୁ। ମନେକର ଆପଣ ସବୁଦିନ ବ୍ୟାୟାମ କରିବାକୁ ଚାହୁଁଛନ୍ତି ଅଥବା ପ୍ରତିଦିନ କିଛି ପୃଷ୍ଠା ପଢ଼ିବାକୁ କିମ୍ବା ଲେଖିବାକୁ ଚାହୁଁଛନ୍ତି, ଇତ୍ୟାଦି...। ଏଭଳି କୌଣସି କାମକୁ ଆପଣ ଯଦି କରିବାକୁ ଚାହୁଁଛନ୍ତି ସେନେଇ ପ୍ରଥମେ ନିଜେ ସ୍ଥିର କରନ୍ତୁ। ପ୍ରଥମେ ଲକ୍ଷ୍ୟ ସ୍ଥିର ହେଲେ ସେହି ଅନୁସାରେ ଅଭ୍ୟାସ ନିମନ୍ତେ ପ୍ରସ୍ତୁତ ହେବାକୁ ପଡ଼ିବ।

କୌଣସି ନିର୍ଦ୍ଦିଷ୍ଟ ଲକ୍ଷ୍ୟରେ କାମ ଆରମ୍ଭ କଲେ ତାହା ଅଭ୍ୟାସରେ ପରିଣତ ହେବା ପାଇଁ କିଛି ସମୟ ଲାଗିବ। ସେଥି ନିମନ୍ତେ ଧୈର୍ଯ୍ୟର ସହ ନିରନ୍ତର ଅଭ୍ୟାସ ଜରୁରି। କୌଣସି ଦିନ ବି ଅଭ୍ୟାସ ବନ୍ଦ କରନ୍ତୁ ନାହିଁ। ବେଳେ ବେଳେ ଇଚ୍ଛା ହେଉନି କି ଦେହ ଭଲ ନାହିଁ ଅବା ପାଗ ଭଲ ନାହିଁ ଏମିତି କିଛି କହି ଅଭ୍ୟାସ ଅନୁସାରେ କାମ ବନ୍ଦ କରିବା ଆଦୌ ଠିକ ନୁହେଁ। ଯେକୌଣସି ପରିସ୍ଥିତିରେ ବି ଅଭ୍ୟାସ ନିମନ୍ତେ କାମ କରନ୍ତୁ।

ନିଜର ଲକ୍ଷ୍ୟ ତଥା ଅଭ୍ୟାସ ସମ୍ପର୍କରେ ଅନ୍ୟମାନଙ୍କୁ ଜଣାନ୍ତୁ। ଅନ୍ୟମାନେ ଆପଣ ଅଭ୍ୟାସ ସମ୍ପର୍କରେ ଜାଣିବା ଫଳରେ ଆପଣ ସତର୍କ ରହିବେ। କାମରେ କୌଣସି ଭୁଲ ହେବାମାତ୍ରେ ଅନ୍ୟମାନେ ଆପଣଙ୍କ ଉପର ଦୃଷ୍ଟି ରଖିଥିବେ। ଏହା ଫଳରେ ଆପଣଙ୍କୁ କେହି ଜଣେ ଜଗି ରହିବା ଭଳି ମନେହେବ। ଫଳରେ ପ୍ରତିଦିନ ଅଭ୍ୟାସ କରିବା ନିମନ୍ତେ ଅଧିକ ଯତ୍ନଶୀଳ ହୋଇପାରିବେ।

ଭଲ ଅଭ୍ୟାସଟିଏ ଆରମ୍ଭ କରିଥିଲେ ନିଜକୁ ନିଜେ ସମୀକ୍ଷା କରନ୍ତୁ। ପ୍ରତିଦିନ ଅଭ୍ୟାସ ଅନୁସାରେ କାମ କରୁଛନ୍ତି ଓ କିଛିଦିନ ପରେ ଧୀରେ ଧୀରେ ନିଜର କିଛି ପରିବର୍ତ୍ତନ ହେଉଛି କି ନାହିଁ ସେ ନେଇ ନିଜକୁ ପରୀକ୍ଷା କରନ୍ତୁ। କିଛିଦିନ ମଧ୍ୟରେ ନିଜେ ଅନୁଭବ କରିପାରିବେ ଯେ ନିଶ୍ଚିତ ଭାବେ କିଛି ସକାରାତ୍ମକ ପରିବର୍ତ୍ତନ ହେଉଛି। ଫଳରେ ପ୍ରତିଦିନର କାମକୁ ଅଭ୍ୟାସରେ ପରିଣତ କରିବା ପାଇଁ ନିଜ ମନରୁ ମଧ୍ୟ ପ୍ରେରଣା ଆସିବ। ସମୟ ପୂର୍ବରୁ ମନକୁ ମନ ସଚେତନ ହୁଅନ୍ତୁ। ଅର୍ଥାତ୍ ଆସନ୍ତା କାଲି ସକାଳୁ ଉଠି କୌଣସି କାମ କରିବାକୁ ଥିଲେ ପୂର୍ବଦିନ ରାତିରୁ ହିଁ ମନ ଭିତରେ ପ୍ରସ୍ତୁତି କରି ଶୋଇବାକୁ ହେବ। ଏଭଳି ଭାବେ ସମୟ ଆସିବ ପ୍ରାକୃତିକ ଭାବେ ଆପଣ ସେହି ସବୁ କାମ ଠିକ ସମୟରେ ଉଠି କରିପାରିବେ।

କୌଣସି କାମକୁ ଅଭ୍ୟାସରେ ପରିଣତ କରିବା ପାଇଁ ମାସ ମାସ କି ବର୍ଷ ବର୍ଷ ଲାଗି ନପାରେ। ଦୃଢ଼ ମନୋବଳ ଆଉ ଇଚ୍ଛାଶକ୍ତି ଥିଲେ ହୁଏତ ମାତ୍ର କିଛି ଘଣ୍ଟା ମଧ୍ୟରେ ବି ଅଭ୍ୟାସରେ ପରିଣତ ହୋଇପାରେ। କିଛି ଅଭ୍ୟାସ ଏପରି ଅଛି ଯାହା ଏକ କ୍ଷଣରେ ବି ହୋଇପାରେ। ଉଦାହରଣ ସ୍ୱରୂପ ଆପଣ ଏକ ଗରମ ଜିନିଷରେ ହାତ ଲଗାଇ ଦେବା ଫଳରେ ହାତ ପୋଡ଼ି ଯାଇପାରେ। ସେହି ଘଟଣା ପରଠାରୁ ସେଭଳି କୌଣସି ଜିନିଷରେ ହାତ ଲଗାଇବା ପୂର୍ବରୁ ଆପଣ ସତର୍କ ହୋଇ ପ୍ରଥମେ ଧୀରେ ଧୀରେ ଅନ୍ୟ କୌଣସି ଉପାୟରେ ହାତ ଲଗାଇବେ। ତେଣୁ ଏଭଳି କିଛି ଅଭ୍ୟାସ ରହିଛି, ଯାହା ମାତ୍ର କିଛି ମିନିଟ ମଧ୍ୟରେ ହୋଇପାରେ।

କୌଣସି କାମକୁ ଅଭ୍ୟାସରେ ପରିଣତ କରିବା ନେଇ ଅନୁଭବ କରିବା ପରେ ଖୁସି ହୁଅନ୍ତୁ। ଲକ୍ଷ୍ୟସ୍ଥଳରେ ପହଞ୍ଚିବା ନେଇ ମାତ୍ର କିଛି ପାହାଚ ଅତିକ୍ରମ କରିପାରିଥିଲେ ବି ସେଥିରେ ଖୁସି ଜାହିର କରନ୍ତୁ। ଏଭଳି ସକାରାତ୍ମକ ଅନୁଭବ ଆଗକୁ ଯିବା ପାଇଁ ମନ ଭିତରୁ ପ୍ରେରଣା ଦେଇପାରିବ। ଫଳରେ ନିଶ୍ଚୟ ସଫଳତା ହାସଲ କରିବେ ଓ ଲକ୍ଷ୍ୟସ୍ଥଳରେ ପହଞ୍ଚି ପାରିବେ।

ପିଲାମାନଙ୍କୁ ଗଢ଼ି ତୋଳିବାରେ ଆମ ସମସ୍ତଙ୍କର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ରହିଛି। ସର୍ବପ୍ରଥମେ ଅଭିଭାବକ, ପରିବାର ଓ ସେ ମିଶୁଥିବା ସମସ୍ତଙ୍କର ମଧ୍ୟ ଉତ୍ତମ ଦିଗଦର୍ଶନର ସହଯୋଗିତା ରହିଛି। ଆପଣଙ୍କ ଆଜିର କୋମଳମତି ଶିଶୁଟି ଆସନ୍ତା କାଲି ସକାଳର ଏକ ଉଜ୍ଜ୍ୱଳ ଭବିଷ୍ୟତ। ଏହି ସମୟରେ କାନ୍ତ କବି ଲକ୍ଷ୍ମୀକାନ୍ତଙ୍କ କାଳଜୟୀ ଧାଡ଼ିଟି ମନେପଡୁଛି -

'ଶିଶୁ ବୋଲି ଦୁଇ ଅକ୍ଷର, ଅଟେ ସଂସାରେ ସାର।
ପିତାମାତାଙ୍କର ଗଳାରେ, ସେହି କୁସୁମ ହାର।
ଶିଶୁଟି ଆହା କି ସୁନ୍ଦର, ମଣି ରଙ୍ଗରତନ।
ଅଞ୍ଚଳରେ ବାନ୍ଧି ରଖିବ, କରି ଅତି ଯତନ।
ପାଟ, ମଠା, ସୁନା ଗହଣା ଆଦି କି ଅବା ଛାର।
ଶିଶୁଟିଏ ନାହିଁ ଯାହାକୋଳେ ତା'ର ଘର ଅନ୍ଧାର।
ସମ୍ପି ଦେଇଛନ୍ତି ଠାକୁରେ ଯାହା ହାତେ ସେ ଧନ,
ପାପ ହେବ ତାକୁ ସେ ଯେବେ ନ କରଇ ଯତନ।'

ଓଡ଼ିଶା ଭାସ୍କର
ODISHA BHASKAR
ରାଜ୍ୟ ଖବର



କଣିହାଁ, (ଭାସ୍କର ନ୍ୟୁଜ୍): ଅନୁଗୋଳ ଜିଲ୍ଲା କଣିହାଁ ବ୍ଲକରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସମିତି ପବିତ୍ରମୋହନ ସଭାଗୃହ ଠାରେ ସୋମବାର ପୂର୍ବାହ୍ନରେ ଆୟୋଜିତ ଶୁଣାଣି କାର୍ଯ୍ୟକ୍ରମରେ ଅନୁଗୋଳ ଜିଲ୍ଲାପାଳ ଅବାଲ ଏମ ଅଖତର ଯୋଗଦେଇ ଆରକ୍ଷୀ ଅଧିକ୍ଷକ ରାହୁଲ ଜୈନ ଏବଂ ବିଭାଗୀୟ ଅଧିକାରୀଙ୍କ ଉପସ୍ଥିତିରେ ୭୯ ଅଭିଯୋଗର ଶୁଣାଣି କରିଥିଲେ। ଜିଲ୍ଲା ରେଡକ୍ରସ ପାଣ୍ଠିରୁ ତାଳପଦା ପଞ୍ଚାୟତର କିଆଝର ଗ୍ରାମର ରୁନି ନାଏକଙ୍କୁ ଚିକିତ୍ସା ନିମନ୍ତେ ୭୫୦୦ ଟଙ୍କା ଆର୍ଥିକ ରାଶି ପ୍ରଦାନ କରା ଯାଇଥିଲା। ଅଭିଯୋଗ ଶୁଣାଣି ମଧ୍ୟରେ କଣିହାଁ ଅଞ୍ଚଳର ବିଭିନ୍ନ ସମସ୍ୟା ଓ ତାର ସମାଧାନ ପାଇଁ କଣିହାଁ ପ୍ରେସ କ୍ଲବ ପକ୍ଷରୁ ସମସ୍ତ କର୍ମକର୍ତ୍ତା ଓ ସଦସ୍ୟ ଜିଲାପାଳଙ୍କୁ ଅଭିଯୋଗ କରିଥିଲେ। ଅଭିଯୋଗ ମଧ୍ୟରେ କୋଇଲା ଓ ପାଉଁଶ ଜନିତ ଭାରିଯାନ ଚଳାଚଳ ଯୋଗୁଁ ପ୍ରଦୂଷଣ ହେଉଥିବା, ଏନଟିପିସି ଓ ଜେଆଇପିଲର ପାଉଁଶ ପାଣି ଟିକିରା ନଦୀରେ ମିଶି ପ୍ରଦୂଷିତ ହେଉଥିବା, ଏମ ଜି ଆର ଠାରୁ କଣିହାଁ ହାଟ ପର୍ଯ୍ୟନ୍ତ ଥିବା ଷ୍ଟ୍ରିଟ ଲାଇଟକୁ ପୁନଃ କାର୍ଯ୍ୟକ୍ଷମ କରିବା, ଟାକୁଆ ଠାରୁ ଗୋଡ଼ିବନ୍ଧ ପର୍ଯ୍ୟନ୍ତ ଜାତୀୟ ରାଜପଥ ୫୩ କାମ ତୁରନ୍ତ କରିବା, ବିଜିଗୋଳ ଠାରୁ ବଲାଙ୍ଗି ପର୍ଯ୍ୟନ୍ତ ଥିବା ପୁରୁଣା ରାସ୍ତାକୁ କାର୍ଯ୍ୟକ୍ଷମ କରାଇବା ଇତ୍ୟାଦି ଅନ୍ତର୍ଭୁକ୍ତ।



# ବିପର୍ଯ୍ୟସ୍ତ କଳିଙ୍ଗ ପ୍ରବେଶ ପଥ, କେବେ ଫେରିବ ହୃତ ଗୌରବ ?




ଚାନ୍ଦବାଲି(ଭାସ୍କର ନ୍ୟୁଜ୍): କଳିଙ୍ଗ-ଉତ୍କଳ ନୌବାଣିଜ୍ୟ ପରମ୍ପରାର ସୁବର୍ଣ୍ଣ ସ୍ମାରକୀ ବହନ କରିଥିବା ଐତିହାସିକ କଳିଙ୍ଗ ପ୍ରବେଶ ପଥ, ବିଶ୍ୱ ବିସ୍ମୟ ଭିତରକନିକା ପ୍ରବେଶ ଦ୍ୱାର ଓ ଓଡ଼ିଶାର ଏକ ମାତ୍ର ନଦୀ ବନ୍ଦର ଚାନ୍ଦବାଲି ଆଜି ବିପର୍ଯ୍ୟସ୍ତର ଦ୍ୱାର ଦେଶରେ। ବନ୍ଦରର ସ୍ମୃତି ଇତିହାସ କାଳ ଗର୍ଭରେ ଲୀନ ହୋଇଯାଇଛି। ବୋଇତ ରାଣୀ ବୈତରଣୀ ବିଳାପ କରୁଛି। ଅନ୍ତର୍ଦେଶୀୟ ଜଳ ପରିବହନ ଓ ଲଞ୍ଚ ସେବା ମଧ୍ୟ ବିପର୍ଯ୍ୟସ୍ତ। ଏକଦା ଏହି ପଥ ଦେଇ କଲିକତାକୁ ଉତ୍କଳ ଗୌରବ ମଧୁସୁଦନ ଦାସ ଯାତ୍ରା କରିଥିବା ବେଳେ କଲିକତାରୁ ମା' ଶାରଦା ଦେବୀ ଆସିଥିଲେ। ଯାହାର ଇତିହାସ ମୂକସାକ୍ଷୀ ହୋଇରହିଛି। ଅପରପକ୍ଷରେ ଅତୀତରେ ଚାନ୍ଦବାଲିରୁ ଶୈବ ପୀଠ ଆରଡ଼ି, ଶକ୍ତି ପୀଠ ମା' ଧାମରାଇ ଓ ରାଜନଗର ତାଳଚୁଆକୁ ମଟର ଲଞ୍ଚ ଯୋଗେ ଯାତ୍ରୀ ଓ ମାଲ୍ ପରିବହନ ହୋଇ ଆସୁଥିଲା। କାଳ କ୍ରମେ ସ୍ଥଳପଥର ଚାହିଦା ଦୃଷ୍ଟିରୁ ଜଳ ପଥରେ ଯାତାୟାତ ଓ ମାଲ୍ ପରିବହନ କ୍ରମଶଃ ହ୍ରାସ ପାଇଲା। ଅଧିକାଂଶ ମଟର ଲଞ୍ଚ ମରାମତି ନ ହୋଇ ଅଚଳ ହୋଇ ପଡ଼ି ରହିଲା। ଏବେ କେବଳ

◆ ବିଳାପ କରୁଛି ବୈତରଣୀ

◆ କାଳ ଗର୍ଭରେ ଲୀନ ସ୍ମୃତି ଇତିହାସ

ଭଙ୍ଗା ଦଦରା ଲଞ୍ଚ ଧାମରା କୁ ଯାତାୟାତ କରୁଛି। ରାଜ୍ୟ ସରକାରଙ୍କ ବାଣିଜ୍ୟ ଓ ପରିବହନ ବିଭାଗ ଅଧିକାରୀ ମାନେ ଦୃଷ୍ଟି ନ ଦେବା ଫଳରେ ଐତିହାସିକ କଳିଙ୍ଗ ପ୍ରବେଶ ପଥ ଇତିହାସର ବିଷୟ ସ୍ତୁ ହୋଇ ରହିଗଲା। ନିକଟ ଅତୀତରେ ରାଜ୍ୟ ସରକାରଙ୍କ ବାଣିଜ୍ୟ ସଚିବ ଓ କେନ୍ଦ୍ର ସରକାରଙ୍କ ବନ୍ଦର ଜାହାଜ ଚଳାଚଳ ନିର୍ଦ୍ଦେଶକ ଚାନ୍ଦବାଲି ଗସ୍ତରେ ଆସି ଘଟଣାର ଅନୁଧ୍ୟାନ କରିଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ତାର ପୁନରୁଦ୍ଧାର ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରିନାହାନ୍ତି। ବିଗତ ଚାରିବର୍ଷ ହେଲା ଭୂପେନ ହାଜାରିକ ବୈତରଣୀରେ ଭାସମାନ ଅବସ୍ଥାରେ କାର୍ଯ୍ୟ କ୍ଷମ ନ ହୋଇ ଦୃଶ୍ୟମାନ ହେଉଛି। ଏକଦା ଚାନ୍ଦବାଲି, କନିକା ଓ ଧାମରାର ସାଧବ ସୌଦାଗର ମାନେ ନୌ ବାଣିଜ୍ୟ କରିବା ପାଇଁ ଏହି ଜଳ ପଥ ଦେଇ ଦରିଆ ପାରିଦେଶକୁ ଯାତାୟାତ କରୁଥିଲେ। 'ବାଣୀଜେ ବସତି ଲକ୍ଷ୍ମୀ 'ଚାନ୍ଦବାଲି ଧାମରାର ସାଂସ୍କୃତିକ ପରମ୍ପରା ସୃଷ୍ଟି କରିବା ସଙ୍ଗେ ସଙ୍ଗେ ଓଡ଼ିଶା ଆର୍ଥିକ ବିକାଶରେ ସହାୟକ ହୋଇଥିଲା। ସସ୍କୃତି ଗବେଷକ ପ୍ରଫୁଲ୍ଲ କୁମାର ଦାସ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବାରମ୍ବାର ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କଳିଙ୍ଗ ପ୍ରବେଶ ପଥ ଓ ଅନ୍ତର୍ଦେଶୀୟ ଜଳ ପରିବହନ ଲଞ୍ଚ ସେବାର ସୁଧାର ଆସିପାରିଲା ନାହିଁ। ସଂସ୍କୃତି ପ୍ରିୟ ଓଡ଼ିଶା ସରକାର ଏ ଦିଗରେ ଅନୁସନ୍ଧାନ କରି ଚାନ୍ଦବାଲିର ଅକ୍ଷୟ ସ୍ମାରକୀ କଳିଙ୍ଗ ପ୍ରବେଶ ପଥର ହୃତ ଗୌରବକୁ ଫେରେଇ ଆଣିବା ଦିଗରେ ଉଦ୍ୟମ କରିବାକୁ ଶ୍ରୀ ଦାସ ନିବେଦନ କରିଛନ୍ତି।

# ଭିନ୍ନକ୍ଷମ ସାମର୍ଥ୍ୟ ଶିବିରରେ ଉପମୁଖ୍ୟମନ୍ତ୍ରୀ



ନିମାପଡ଼ା(ଭାସ୍କର ନ୍ୟୁଜ୍): ନିମାପଡ଼ା ପଞ୍ଚାୟତ ସମିତି ପକ୍ଷରୁ ଅୟୋଜିତ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିରରେ ଉପ ମୁଖ୍ୟମନ୍ତ୍ରୀ ଯୋଗଦେଇ ଭିନ୍ନକ୍ଷମମାନଙ୍କୁ ଉପକରଣ ବଣ୍ଟନ କରିଛନ୍ତି। ପୁରୀ ଜିଲ୍ଲା ନିମାପଡ଼ା ପୁରୁଣା ବାଳକ ଉଚ୍ଚ ବିଦ୍ୟାଳୟ ପରିସରରେ ନିମାପଡ଼ା ପଞ୍ଚାୟତ ସମିତି ପକ୍ଷରୁ ନିମାପଡ଼ା ପିଙ୍ଗଳାକ୍ଷୀ ପବ୍ଲିକ୍ ୱେଲଫେୟାର ଅର୍ଗାନାଇଜେସନ ଓ ସାମାଜିକ ସୁରକ୍ଷା ଭିନ୍ନକ୍ଷମ ବିଭାଗ ଓଡ଼ିଶା ସରକାରଙ୍କ ମିଳିତ ଆନୁକୁଲ୍ୟରେ ସୋମବାର ପୂର୍ବାହ୍ନରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଓଡ଼ିଶାର ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା ଯୋଗ ଦେଇଥିବା ବେଳେ ବ୍ଲକ୍ ଅଧ୍ୟକ୍ଷ ଶଙ୍କର ଭୋଇ, ଉପାଧ୍ୟକ୍ଷା ଅନସୂୟା ମହାନ୍ତି, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶୁଭ୍ରାଂଶୁ ମହାରଣା, ବିଡ଼ିଓ ଡ଼ଃ ଅଭିଜିତ୍ ଷଡ଼ଙ୍ଗୀ, ସାଂସଦଙ୍କ ନିମାପଡ଼ା ବ୍ଲକ୍ ପ୍ରତିନିଧି ପୂର୍ଣ୍ଣଚନ୍ଦ୍ର ଓଝା, ପିଙ୍ଗଳାକ୍ଷୀ ପବ୍ଲିକ୍ ୱେଲଫେୟାର ଅର୍ଗାନାଇଜେସନର ସଭାପତି ଗଗନ ବିହାରୀ ଦାସ, ଉପ-ସଭାପତି ପଦ୍ମଲୋଚନ ମହାନ୍ତି, ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ ଜୟକୃଷ୍ଣ ସ୍ୱାଇଁ, ପୂର୍ଣ୍ଣିମା ବେହେରାଙ୍କ ସମେତ ବ୍ଲକ୍‌ର ସମସ୍ତ କର୍ମଚାରୀ ଯୋଗ ଦେଇଥିଲେ। ୩୨ଟି ପଞ୍ଚାୟତରୁ ଆସିଥିବା ଚଳନ ବାଧିତ ୫୧୨, ଶ୍ରବଣ ବାଧିତ ୧୪୩, ଦୃଷ୍ଟି ବାଧିତ ୮୫, ମାନସିକ ଅନଗ୍ରସର ୧ଶହ ମୋଟ ୮୪୦ ଜଣଙ୍କ ନାମ ପଞ୍ଜୀକରଣ କରାଯାଇ ଡାକ୍ତରମାନଙ୍କ ଦ୍ୱାରା ଚିହ୍ନଟ କରାଯାଇଥିଲା। ଏହି ଅବସରରେ ଉପ-ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ୮ଜଣ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ହ୍ୱିଲଚେୟାର ଓ ୮ଜଣଙ୍କୁ ଟ୍ରାଇ ସାଇକେଲ ପ୍ରଦାନ କରାଯାଇଛି। ଉପ-ମୁଖ୍ୟମନ୍ତ୍ରୀ ଶ୍ରୀମତି ପରିଡ଼ା କହିଛନ୍ତି, ଅନ୍ୟ ଭିନ୍ନକ୍ଷମ ମାନଙ୍କୁ ତୁରନ୍ତ ଚିହ୍ନଟ କରାଯାଇ ସେମାନଙ୍କୁ ଯନ୍ତ୍ର ଓ ସାଇକେଲ ପ୍ରଦାନ କରାଯିବ।

## ବିଜେପି ଜିଲ୍ଲା ଉପସଭାପତିଙ୍କ ପରଲୋକ



ଭଣ୍ଡାରିପୋଖରୀ(ଭାସ୍କର ନ୍ୟୁଜ୍): ଭାରତୀୟ ଜନତା ପାର୍ଟିର ଭଦ୍ରକ ଜିଲା ଶାଖାର ଉପସଭାପତି ଦାୟିତ୍ୱରେ ଥିବା ଜଳମଣ୍ଡୁଆ ଗ୍ରାମ ପଞ୍ଚାୟତର ପୂର୍ବତନ ସରପଞ୍ଚ ଜଗବନ୍ଧୁ ଦାସଙ୍କର ସୋମବାର ଦିନ ପରଲୋକ ହୋଇଯାଇଛି। ଅସୁସ୍ଥତା ଅନୁଭବ କରିବା ପରେ ତାଙ୍କୁ କଟକର ଆଚାର୍ଯ୍ୟ ହରିହର କର୍କଟ ହାସପାତାଳକୁ ନିଆଯାଇଥିଲା ବେଳେ ଜରୁରୀକାଳୀନ ବିଭାଗରେ ପରଲୋକ ହୋଇଥିଲା ବୋଲି ସୂଚନା ମିଳିଛି। ସ୍ୱର୍ଗତ ଦାସ ବିଜେପି ସଙ୍ଗଠନର ବିଭିନ୍ନ ପଦପଦବୀରେ ରହି ଦଳୀୟ କାମ କରିବା ସହ ଜଳମଣ୍ଡୁଆ ସେବା ସମବାୟ ସମିତିର ସଭାପତି, ସରପଞ୍ଚ ଭାବେ କାର୍ଯ୍ୟ ସମ୍ପାଦନ କରିଥିଲେ। ତାଙ୍କ ପତ୍ନୀ ଏବେ ସରପଞ୍ଚ ଅଛନ୍ତି। ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ଆକ୍ରମଣ ଓ ଘରପୋଡ଼ି ମାମଲାରେ ୧୫ ଜଣଙ୍କୁ ଜେଲ୍

ନିମାପଡ଼ା(ଭାସ୍କର ନ୍ୟୁଜ୍): ନିମାପଡ଼ା ୩୦ ବର୍ଷ ପରେ ଘରପୋଡ଼ି ଓ ଆକ୍ରମଣ ଘଟଣା ମାମଲାର ରାୟ ପ୍ରକାଶ ପାଇଥିବା ବେଳେ ୧୫ ଜଣ ଆସାମୀଙ୍କୁ ଜେଲ, ଜରିମାନା ଆଦେଶ ହୋଇଛି। ସୂଚନା ଅନୁଯାୟୀ, ପୁରୀ ଜିଲ୍ଲା ନିମାପଡ଼ା ବ୍ଲକ୍ ଅରିଷଣ୍ଡ ଗ୍ରାମ ପଞ୍ଚାୟତ ବାମଝାଟିପାଟଣା ଗ୍ରାମର ନିତ୍ୟାନନ୍ଦ ରଣାଙ୍କ ଘର ନିକଟରେ ୨୨.୦୪.୧୯୯୪ ମସିହା ରାତ୍ର ୮ଟା ସମୟରେ ସେହି ଗ୍ରାମର ୧୫ ଜଣ ଆସାମୀ ମାରଣାସ୍ତ୍ର ଧରି ଏତଲାକାରୀଙ୍କ ଘରେ ପଶି ଏତଲାକାରୀଙ୍କୁ ଅତର୍କିତ ଭାବେ ଆକ୍ରମଣ କରିଥିଲେ। ପରିବାରର ସମସ୍ତଙ୍କୁ ଘରେ ପୁରାଇ ଘରର ସମସ୍ତ ଆସବାବପତ୍ର ଲୁଟ୍ କରିଥିଲେ ଓ ଏତଲାକାରୀଙ୍କ ଘରକୁ ନିଆଁ ଲଗାଇ ଦେଇଥିଲେ। ଏତଲାକାରୀ ଏ ସଂପର୍କରେ ନିମାପଡ଼ା ଥାନାରେ ଅଭିଯୋଗ ଦେବା ପରେ ପୋଲିସ ଏହି ଘଟଣରେ ଥାନା କେସ୍ ନଂ-୧୬୫/୯୪ର ମାମଲା ରୁଜୁ କରି ସହକାରୀ ଦୌରାଜଜ୍ ନିମାପଡ଼ାଙ୍କ କୋଟର୍ରେ ଚାର୍ଜସିଟ୍ ଦାଖଲ କରିଥିଲେ। ଏସ୍‌ଟି କେସ୍ ୩/୧୯୭, ୧୯୯୭ ସାକ୍ଷୀମାନଙ୍କ ବୟାନ୍‌କୁ ଆଧାର କରି ସହକାରୀ ଦୌରାଜଜ୍ ନିମାପଡ଼ା ସଂଘମିତ୍ରା ବିଶ୍ୱାଳ ସୋମବାର ଅପରାହ୍ନରେ ଏହି ରାୟ ଶୁଣାଇଛନ୍ତି। ଦୋଷୀ ସାବ୍ୟସ୍ତ ହୋଇଥିବା ଆସାମୀମାନେ ହେଲ ଦୁର୍ଯ୍ୟୋଧନ ବେହେରା, ପ୍ରେମୋଦ କୁମାର ମେକାପ, ନରେନ୍ଦ୍ର ସାହୁ, ଲକ୍ଷ୍ମୀଧର ବେହେରା, ଜୟରାମ ବେହେରା, ରାମଚନ୍ଦ୍ର ପୃଷ୍ଟି, ବୁଲୁ କୁମାର ପୃଷ୍ଟି, ରେମଶ ବେହେରା, ଶଙ୍କର ବେହେରା, ଦିଲ୍ଲୀପ ବାରିକ, ବିପିନ ବିହାରୀ ବେହେରା, ପ୍ରହଲ୍ଲାଦ ସାହୁ, ଦୁଃଶାସନ ବେହେରା, ଭାଗିରଥୀ ସାହୁ ଓ ପ୍ରଭାକର ବାରିକ ଓରଫ ବଙ୍କା।

## ଆଖଣ୍ଡଳମଣିଙ୍କୁ ଲାଗି ହେଲା ଧନୁମୁଆଁ ଭୋଗ

ଚାନ୍ଦବାଲି(ଭାସ୍କର ନ୍ୟୁଜ୍): ପବିତ୍ର ଧନୁ ସଂକ୍ରାନ୍ତି ଅବସରରେ ବାବା ଆଖଣ୍ଡଳମଣିଙ୍କୁ ଲାଗି ହୋଇଛି ଧନୁମୁଆଁ ଭୋଗ। ମନ୍ଦିରରେ ପ୍ରଚଳିତ ବିରଜା ପଞ୍ଜିକା ଅନୁଯାୟୀ ପୌଷମାସର ପ୍ରଥମଦିନ ହୋଇଥିବାରୁ ବାବାଙ୍କୁ ପହିଲି ଅନ୍ନନୀତି ଭୋଗ ଲାଗି କରାଯାଇଛି। ଏଥିପାଇଁ ସୋମବାର ଭୋର ୪ଟାରେ ଦ୍ୱାରଫିଟା ଯିବା ପରେ ମଙ୍ଗଳ ଆଳତୀ, ମହାସ୍ନାନ, ଘର୍ଷଣଲାଗି ସମ୍ପନ୍ନ ହେବା ପରେ ପବିତ୍ର ଧନୁ ସଂକ୍ରାନ୍ତି ଅବସରରେ ସେବାୟତ ଓ ଭକ୍ତଙ୍କ ପକ୍ଷରୁ ଧନୁମୁଆଁ ଭୋଗ ଲାଗି କରାଯାଇଥିଲା। ଅପରାହ୍ନରେ ବଡସିଂହାର ବେଶ ଓ ସନ୍ଧ୍ୟାରେ ଧନୁ ନୀତି ଓ ଆଳତୀ କରାଯାଇଛି।

# ବଳଙ୍ଗା ଥାନା ଉଦ୍‌ଘାଟିତ



ନିମାପଡ଼ା(ଭାସ୍କର ନ୍ୟୁଜ୍): ନିମାପଡ଼ା ବ୍ଲକ୍ ବଳଙ୍ଗା ଥାନା ବିସ୍ଫୋରଣରେ ଉଡ଼ି ଯାଇଥିବା ବେଳେ ନୂତନ ଥାନା ନିର୍ମାଣ କରାଯାଇଥିଲା। ଥାନାକୁ ଆଜି ଉପ ମୁଖ୍ୟମନ୍ତ୍ରୀ ଗସ୍ତ କରିଥିବା ବେଳେ ଆଭାଷୀ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହାକୁ ଉଦ୍‌ଘାଟନ କରିଛନ୍ତି। ପିପିଲି ପୋଲିସ ଉପଖଣ୍ଡ ଅଧିକାରୀ ବିରଞ୍ଚି ନାରୟଣ ପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା, ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର, କେନ୍ଦ୍ରାଞ୍ଚଳ ଡ଼ିଆଇଜି ଚରଣ ସିଂହ ମୀନା ପ୍ରମୁଖ ଯୋଗ ଦେଇଥିଲେ। ନୂତନ ଗୃହରେ ରହିଥିବା ବିଭିନ୍ନ ସୁବିଧା ସହେଯାଗ ଥାନାରେ ଜନସାଧାରଣଙ୍କ ପାଇଁ ପ୍ରତୀକ୍ଷାଳୟ, ମହିଳା ଓ ଶିଶୁ ଡ଼େସ୍କ, ପାଇଖାନା, ଇଣ୍ଟରଗେସନ୍ ଗୃହ ସହିତ ମହିଳା ଓ ପୁରୁଷଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ରହିଛି। ଏହି ଅବସରରେ ଉପ-ମୁଖ୍ୟମନ୍ତ୍ରୀ ଅଞ୍ଚଳରେ ବଢୁଥିବା ନିଶା କାରବାର ବିଶେଷକରି ବ୍ରାଉନ୍‌ସୁଗାର ବ୍ୟବସାୟ ଦିନକୁ ଦିନ ବଢ଼ି ଚାଲିଥିବାରୁ ଏଥିପ୍ରତି ସ୍ୱତନ୍ତ୍ର ଭାବେ ଦୃଷ୍ଟି ଦେବାକୁ ପୋଲିସ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ଯୁବ ନେତୃତ୍ୱ ଶିବିର ଉଦ୍‌ଯାପିତ



ଧାମନଗର(ଭାସ୍କର ନ୍ୟୁଜ୍): ଧାମନଗର ବ୍ଲକ କୋଠାର ସ୍ଥିତ ମା' ଶାରଦା ଦେବୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ତରଫରୁ ଆୟୋଜିତ ଜିଲ୍ଲାସ୍ତରୀୟ ଯୁବ ନେତୃତ୍ୱ ଶିବିର ଉଦଯାପନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ତିନିଦିନ ବ୍ୟାପୀ ଚାଲିଥିବା କାର୍ଯ୍ୟକ୍ରମରେ ସମୋବାର ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗ ଦେଇଥିଲେ। କାଲିର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଆଜିର ଯୁବସମାଜ ଉପରେ ନିବେଶ ଅତ୍ୟନ୍ତ ଆବଶ୍ୟକ। କେବଳ ରାଜନୈତିକ କିମ୍ବା ସାଙ୍ଗଠନିକ ଦୃଷ୍ଟିରୁ ନୁହେଁ, ବରଂ ପ୍ରତ୍ୟେକ କ୍ଷେତ୍ରରେ, ଆଜିର ଯୁବ ସମାଜରୁ ନୂତନ ବିଚାର, ନୂତନ କୌଶଳ ଆଧାରରେ ନୂଆ ନେତୃବୃନ୍ଦ ସୃଷ୍ଟି ହୁଅନ୍ତୁ ବୋଲି ଶ୍ରୀ ସୂରଜ ବକ୍ତବ୍ୟରେ କହିଥିଲେ। ଅଧକ୍ଷା ପୁଷ୍ପାଞ୍ଜଳୀ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଯାପନୀ ସଭାରେ ସମ୍ମାନିତ ଅତିଥି ଭାବେ ଡିଗ୍ରୀ କଲେଜର ଅଧକ୍ଷ ସତ୍ୟବ୍ରତ ଭାରତୀ, ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ କମଳାକାନ୍ତ ଓଝା ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଅଧ୍ୟାପକ ରବିନ୍ଦ୍ର ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଧାନ କିଣାର ଶୁଭାରମ୍ଭ

କେନ୍ଦୁଝର(ଭାସ୍କର ନ୍ୟୁଜ୍): କେନ୍ଦୁଝର ଜିଲ୍ଲା ଝୁମ୍ପୁରା ବ୍ଲକ୍ ଅନ୍ତର୍ଗତ ଉଖୁଣ୍ଡା ସେବା ସମବାୟ ସମିତି ଧାନମଣ୍ଡିରେ ଆନୁଷ୍ଠାନିକ ଭାବେ ଧାନ କିଣା ଶୁଭାରମ୍ଭ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାୟକଙ୍କ ଦ୍ୱାରା ହୋଇଛି। କାର୍ଯ୍ୟକ୍ରମରେ ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ମହେଶ୍ୱର ସାହୁ ଯୋଗଦାନ କରିଥିଲେ। ଲୋକପ୍ରିୟ ଚାଷୀ ଦରଦୀ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସରକାର ଚାଷୀ ମାନଙ୍କୁ ୮ ଶହ ଟଙ୍କା ଅତିରିକ୍ତ ଆର୍ଥିକ ସହାୟତା ସହ ଧାନ କୁଇଣ୍ଟାଲ ୩୧୦୦ ଟଙ୍କା ପ୍ରଦାନ କରିବା ସହିତ ୫୮ ଟି ସବ୍‌ଡିଭିଜନରେ ଶୀତଳଭଣ୍ଡାର କରିବା ନିଷ୍ପତି, ୬ ଲକ୍ଷ ଚାଷୀଙ୍କୁ ପି.ଏମ କିସାନରେ ସାମିଲ କରିବା, ୪୬ ଲକ୍ଷ ଚାଷୀଙ୍କୁ ସି.ଏମ୍ କିସାନ ଯୋଜନାରେ ସହାୟତା ପ୍ରଦାନ କରିବା, ଅତ୍ୟାଧୁନିକ ପନିପରିବା ମଣ୍ଡି କରିବା ନିଷ୍ପତ୍ତି, ଚାଷୀ ପରିବାର ପୁଅ ଝିଅ ମାନଙ୍କୁ ଉଚ୍ଚଶିକ୍ଷା ପାଇଁ ୨ ଲକ୍ଷ ଟଙ୍କାର ସହାୟତା ପ୍ରଦାନ ଏକ ଐତିହାସିକ ପଦକ୍ଷେପ ବୋଲି ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ଶ୍ରୀ ସାହୁ ତାଙ୍କ ବକ୍ତବ୍ୟରେ କହିଥିଲେ। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଆଲୋକ କୁମାର ପ୍ରଧାନ, ଚମ୍ପୁଆ ଉପଜିଲ୍ଲାପାଳ ଉମାକାନ୍ତ ପରିଡା, ଜିଲ୍ଲା ଖାଦ୍ୟ ଯୋଗାଣ ଅଧିକାରୀ ଅଜୟ କୁମାର ରଥ, ଜିଲ୍ଲା ସେବା ସମବାୟ ଅଧିକାରୀ ଶୁଭ୍ରକାନ୍ତ ତୁଙ୍ଗ, ରାଧାକାନ୍ତ ମହାନ୍ତ, ସୁବ୍ରତ କୁମାର ମହାନ୍ତି, ପ୍ରକାଶ ସୂତ୍ରଧର, ସରେନ୍ଦ୍ର ବାରିକ, ପ୍ରବୀର କୁମାର ନାୟକ, ଅନିନ୍ଦ୍ୟ ବେହେରା, ସତ୍ୟବାନ୍ କର, ମହେନ୍ଦ୍ର କୁମାର ପଟ୍ଟନାୟକ, ପିଣ୍ଟୁ ମାଟିଆ, କ୍ଷୀରୋଦ ମହାନ୍ତ, ଲକ୍ଷ୍ମୀ ମହାନ୍ତ, ବୈକୁଣ୍ଠନାଥ ମହାନ୍ତ ପ୍ରମୁଖଙ୍କ ସମେତ ଶତାଧିକ ଚାଷୀ ସାମିଲ ହୋଇଥିଲେ।

# ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ



କୋଷାଗୁମୁଡ଼ା(ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡ଼ା ବ୍ଲକ ମାଝୀଗୁଡା ଓଡିଶା ଆଦର୍ଶ ବିଦ୍ୟାଳୟର ଷଷ୍ଠ ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରିନ୍ସପାଲ ସୁବାଷ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଏହି ବାର୍ଷିକ ଉତ୍ସବଟି ବହୁ ସୁନ୍ଦର ଭାବେ ପାଳନ ହୋଇଥିଲା। ପୂର୍ବାହ୍ନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ ଯୋଗଦେଇଥିବା ବେଳେ ସ୍ଥାନୀୟ କୋଡ଼ିଙ୍ଗା କଲେଜର ପ୍ରିନ୍ସପାଲ ଅମିତା ରାୟ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ। ସମ୍ମାନୀୟ ଅତିଥି ଭାବରେ କୋଷାଗୁମୁଡ଼ା ବ୍ଲକ ଚେୟାରମ୍ୟାନ ସର୍ବେଶ୍ୱରୀ ମାଝୀ, ଭାଇସ ଚେୟାରମ୍ୟାନ ଯୋଗେନ୍ଦ୍ର ସ୍ୱାଇଁ, ବିଡିଓ ଆଶିଷ ତ୍ରିପାଠୀ, ତହସିଲଦାର ସୁବ୍ରତ କୁମାର ବେହେରା, ସମାଜସେବୀ କୁଞ୍ଜ ବିହାରୀ ଦାସ, ହରିବନ୍ଧୁ ମାଝୀ, ସରପଞ୍ଚ ଡାଲିମ୍ବ ମାଝୀ, ଭୁବନେଶ୍ୱର ନାୟକ, ପଦ୍ମସାଇ ମାଳି ପ୍ରମୁଖ ଉପସ୍ଥିତ ଥିଲେ।

## ଜନଶୁଣାଣି ଶିବିରରେ ୧୨୨ ଅଭିଯୋଗ ଆଗତ

ଭଣ୍ଡାରିପୋଖରୀ(ଭାସ୍କର ନ୍ୟୁଜ୍): ଭଣ୍ଡାରିପୋଖରୀ ବ୍ଲକରେ ସୋମବାର ଦିନ ଜିଲ୍ଲାପାଳ ଓ ଏସପିଙ୍କ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଅଛି। ଜିଲ୍ଲାପାଳ ଦିଲୀପ ରାଉତ୍‌ରାୟ ଓ ଏସ ପି ମାଡକର ସନ୍ଦୀପ ସଂପତ୍ତଏହି ଶିବିରରେ ଯୋଗ ଦେଇ ସମୁଦାୟ ୧୨୨ ଟି ଅଭିଯୋଗ ଶୁଣିଥିଲେ। ମୁଖ୍ୟମନ୍ତ୍ରୀଙ୍କ ସହାୟତା ପାଣ୍ଠିରୁ ବାସୁଦେବପୁରର ଲୁଙ୍ଗା ଗ୍ରାମର କର୍କଟ ରୋଗୀ ଜଳଧର ମଲ୍ଲିକଙ୍କୁ ୫ ହଜାର ଟଙ୍କା ଓ ଜିଲ୍ଲା ରେଡକ୍ରସ ପାଣ୍ଠିରୁ ଭଣ୍ଡାରିପୋଖରୀ ବ୍ଲକ୍‌ର କୋଟସିରାର ହରିହର ସେଠୀଙ୍କୁ କର୍କଟ ରୋଗର ଚିକିତ୍ସା ପାଇଁ୫ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ ପାଇଁ ଜିଲ୍ଲାପାଳ ମଞ୍ଜୁର କରିଛନ୍ତି। ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ କୁମାର ଦତ୍ତ, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ସିଡିଏମ୍‌ଓ ଡା ସୁଧାଂଶୁ ଶେଖର ବଳ, ବ୍ଲକ୍ ଅଧକ୍ଷା ସୁମତି ସେଠୀ, ବିଡିଓ, ଦେବଦତ୍ତ ଦାସ ,ତହସିଲଦାର ସରୋଜକାନ୍ତ ନାୟକ ପ୍ରମୁଖ ଏହି ଶିବିରରେ ଉପସ୍ଥିତ ରହି ଜିଲ୍ଲାପାଳଙ୍କୁ ସହଯୋଗ କରିଥିଲେ।

# ମୃତକ ପରିବାରଙ୍କୁ ଅନୁକମ୍ପା ରାଶି ପ୍ରଦାନ



ପରଜଙ୍ଗ(ଭାସ୍କର ନ୍ୟୁଜ୍): ଢ଼େଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ ଖଇରାମୁଣ୍ଡା ଗ୍ରାମ ନିକଟରେ ଗତ ସୋମବାର ୫୩ ନମ୍ବର ଜାତୀୟ ରାଜପଥ ଉପରେ ଏକ ଯାତ୍ରୀବାହୀ ବସ୍ ଧକ୍କାରେ ୩ ଜଣଙ୍କର ମୃତ୍ୟୁ ବରଣ ଘଟିଥିଲା। ମର୍ମନ୍ତୁଦ ଦୁର୍ଘଟଣାରେ ମୃତ୍ୟୁ ବରଣ କରିଥିବା ମୁଣ୍ଡେଇଲୋ ପଞ୍ଚାୟତ ଅଧିନସ୍ଥ ନାଉପାଳ କାଟେଣି ଗ୍ରାମର ସୁମନ୍ତ ପରିଡା, ପିନୁ ସାହୁ ଓ ସାଗର ପ୍ରଧାନ ପରିବାରଙ୍କ ଘରେ ସମାଜସେବୀ ତଥା ଜିଲ୍ଲା ପରିଷଦ ସଦସ୍ୟ ନିରାକାର ପ୍ରଧାନ ପହଞ୍ଚି ଗଭୀର ଦୁଃଖ ପ୍ରକାଶ କରିବା ସହ ସମବେଦନା ଜଣାଇଥିଲେ। ଶ୍ରୀ ପ୍ରଧାନ ନିଜ ତରଫରୁ ତିନି ହଜାର ଲେଖାଏଁ ଅନୁକମ୍ପା ରାଶି ପରିବାରକୁ ପ୍ରଦାନ କରିଥିବା ଜଣାପଡିଛି।

## ୮ ଫୁଟ୍ ଲମ୍ବର ନାଗ ସାପ ଉଦ୍ଧାର

ଗୋପ, (ଭାସ୍କର ନ୍ୟୁଜ୍): ଗୋପ ବ୍ଲକ ଅଧିନ ଏରବଙ୍ଗ ପଞ୍ଚାୟତ ନାଗସାହି ଗ୍ରାମର ସୁରେଶ ଚନ୍ଦ୍ର ସେନାପତିଙ୍କ ଘରୁ ଏକ ୮ ଫୁଟ୍‌ର ନାଗ ସାପ ଉଦ୍ଧାର ହୋଇଛି। ଆଜି ଅପରାହ୍ନ ପ୍ରାୟ ୪ ଟା ସମୟରେ ସୁରେଶ ତାଙ୍କ ଘର ଭିତରେ ଏକ ନାଗ ସାପ ବୁଲୁ ଥିବାର ଦେଖି ସ୍ନେକ୍ ହେଲ୍ପ ଲାଇନ ସଦସ୍ୟ କାକଟପୁର ବାଜପୁର ଅଂଚଳର ବ୍ରଜ କିଶୋର ସାହୁଙ୍କୁ ଖବର ଦେଇଥିଲେ। ଖବର ପାଇ ବ୍ରଜ କିଶୋର ତାଙ୍କ ଘରେ ପଂହଚି ସାପ ଟିକୁ ଉଦ୍ଧାର କରିଥିଲେ। ମଙ୍ଗଳବାର ସାପଟିକୁ ଜଙ୍ଗଲରେ ଛଡାଯିବ ବୋଲି ବ୍ରଜ କହିଛନ୍ତି।



# ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ନେଇ ପ୍ରସ୍ତୁତି ବୈଠକ

ଡେରାବିଶ(ଭାସ୍କର ନ୍ୟୁଜ୍): ଡେରାବିଶ ବ୍ଲକ ଚାନ୍ଦୋଳ ପଞ୍ଚାୟତ ଅନ୍ତର୍ଗତ ଗଣେଶପୁର ସ୍ଥିତ ଲାଲବାହାଦୁର ଶାସ୍ତ୍ରୀ ସରକାରୀ ଉଚ୍ଚ ବିଦ୍ୟାପୀଠର ସୁବର୍ଣ୍ଣ ଜୟନ୍ତୀ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ପୁରାତନ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଅନୁଷ୍ଠିତ ହୋଇଯାଇଛି। ଏହି ବିଦ୍ୟାଳୟର ୧୯୭୫ ମସିହାରେ ପ୍ରଥମ ମାଟ୍ରିକ ପରୀକ୍ଷା ଦେଇଥିଲେ। ପ୍ରଥମ ବ୍ୟାଚର ଛାତ୍ର ଅବସରପ୍ରାପ୍ତ ଶିକ୍ଷକ ଅଦ୍ୱୈତ କୁମାର ବରାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ପ୍ରସ୍ତୁତି ବୈଠକରେ ୫୦ରୁ ଉର୍ଦ୍ଧ୍ୱ ପୁରାତନ ଛାତ୍ରଛାତ୍ରୀମାନେ ଯୋଗ ଦେଇଥିଲେ। ଏହି ବୈଠକରେ ଡକ୍ଟର ରାଜକିଶୋର ମଲିକ, ଅମରେନ୍ଦ୍ର ବରାଳ, ସମୀର ସାମଲ, ମହେଶ ମିଶ୍ର, ଦେବାଶିଷ ଶତପଥି ପ୍ରମୁଖଙ୍କୁ ଉପଦେଷ୍ଟା କମିଟିରେ ସଭ୍ୟ ରଖାଯାଇଥିବା ବେଳେ କାର୍ଯ୍ୟକାରିଣୀ କମିଟିରେ ରଞ୍ଜନ ପାତ୍ର, ବନବିହାରୀ ମହାନ୍ତି, ବିଶ୍ୱ ବିଜୟ ତ୍ରିପାଠୀ, ଆଶିଷ ବରାଳ, ପ୍ରସନ୍ନଜିତ ପୁହାଣ, ଅନିଲ ଶତପଥି, ଦିଲ୍ଲୀପ ସାମଲ, ନିରଞ୍ଜନ ବରାଳ, ମନୋଜ ମଲିକ, ଏସ୍‌କେ ଅନୱାର, ଜୟନ୍ତ ଶତପଥି, ବିଜୟ ମହାରଣା, ରତ୍ନାକର ପାତ୍ର, ରାମଚନ୍ଦ୍ର ବେହେରା ଓ ରାଜକିଶୋର ଦାସଙ୍କୁ ସଭ୍ୟ ଭାବେ ମନୋନିତ କରାଯାଇଥିଲା। ସୁବର୍ଣ୍ଣ ଜୟନ୍ତୀ ସମ୍ପର୍କରେ ସମସ୍ତ ଛାତ୍ରଛାତ୍ରୀମାନଙ୍କୁ ଅବଗତ କରାଇ ପୂର୍ଣ୍ଣ ବୈଠକ ଆସନ୍ତା ବର୍ଷ ଜାନୁୟାରୀ ୫ ତାରିଖ ରବିବାର କରିବା ପାଇଁ ସ୍ଥିର କରାଯାଇଥିଲା। ଶେଷରେ ଅବନୀ କୁମାର ବରାଳ ଧନ୍ୟବାଦ ଦେଇଥିଲେ।

# ଜିଲ୍ଲାସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ଉଦ୍‌ଘାଟିତ




କେନ୍ଦୁଝର(ଭାସ୍କର ନ୍ୟୁଜ୍): ସ୍ଥାନୀୟ ସରକାରୀ ବାଳିକା ଉଚ୍ଚବିଦ୍ୟାଳୟଠାରେ ଜିଲ୍ଲାସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ଉଦଘାଟିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ପବିତ୍ର ମୋହନ ବାରିକଙ୍କ ସଭାପତିତ୍ୱରେ ଆୟୋଜିତ ଉଦଘାଟନୀ ସଭାରେ ଧରଣୀଧର ବିଶ୍ୱବିଦ୍ୟାଳୟର କୁଳପତି ଡ. ପ୍ରତାପ କୁମାର ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କୁନି ବୈଜ୍ଞାନିକଙ୍କୁ ଉତ୍ସାହିତ କରିବା ସହ ଗବେଷଣାରେ ଅଧିକ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ। ଲେଇପଜିଗ ବିଶ୍ୱବିଦ୍ୟାଳୟ,ଜର୍ମାନୀରେ କାର୍ଯ୍ୟରତ ଓଡ଼ିଆ ବୈଜ୍ଞାନିକ ଡ. ଶିବାଶିଷ ଗିରି ଯୋଗ ଦେଇ ସାମ୍ପ୍ରତିକ ଯୁଗରେ ବିଜ୍ଞାନର ଆବଶ୍ୟକତା ଓ ଏହାର ସୁବିନିଯୋଗକୁ ଗୁରୁତ୍ୱାରୋପ କରିଥିଲେ। ସମ୍ମାନିତ ଅତିଥି ଭାବେ ପାଟଣା ବ୍ଲକ୍ ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଅମାନ୍ତ ଏବଂ ବାଂଶପାଳ ବ୍ଲକ୍ ଶିକ୍ଷା ଅଧିକାରୀ ତୃପ୍ତିମୟୀ ପାତ୍ର ଯୋଗ ଦେଇଥିଲେ। ଜିଲ୍ଲା ବିଜ୍ଞାନ ପରିଦର୍ଶକ ପରମେଶ୍ୱର ମହାନ୍ତ ସ୍ୱାଗତ ଅଭିଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ।ଜିଲ୍ଲା ସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀରେ ୧୩ଟି ବ୍ଲକ ରୁ ୮୮ ଜଣ କୁନି ବୈଜ୍ଞାନିକ ଏବଂ ୮୮ ଜଣ ବିଜ୍ଞାନ ଶିକ୍ଷକ ଗାଇଡ ଶିକ୍ଷକ ଅଂଶଗ୍ରହଣ କରିଥିଲେ। ସନ୍ତୋଷୀ ମା' ରିଜିଓନାଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଝାରବେଲଦାର ଗଣିତ ଅଧ୍ୟାପକ ତୁଳସୀ ଚରଣ ମହାନ୍ତ, ପଦାର୍ଥ ବିଜ୍ଞାନ ଅଧ୍ୟାପକ ଅଶୋକ କୁମାର ସାହୁ, ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟ, ପଦ୍ମପୁରର ଉଦ୍ଭିଦ ବିଜ୍ଞାନ ଅଧ୍ୟାପକ ସନତ କୁମାର ଦାସ ଏବଂ ବ୍ରଜବନ୍ଧୁ ମହାବିଦ୍ୟାଳୟ, ହରିଚନ୍ଦନପୁର ରସାୟନ ବିଜ୍ଞାନ ଅଧ୍ୟାପକ ଟିକେଶ୍ୱର ବାରିକ ବିଚାରକ ଭାବେ ପ୍ରକଳ୍ପ ଗୁଡିକର ମୂଲ୍ୟାଙ୍କନ କରିଥିଲେ।

## ଗ୍ରାମାଞ୍ଚଳ ସଂକୀର୍ତ୍ତନ ସମାବେଶ

ପରଜଙ୍ଗ(ଭାସ୍କର ନ୍ୟୁଜ୍): ଢେଙ୍କାନାଳ ଜିଲ୍ଲା କଙ୍କଡ଼ାହାଡ଼ ବ୍ଲକ କଟୁରିଆ ପଞ୍ଚାୟତ ବାଘମୁଣ୍ଡା ଗାଁ ହନୁମାନ ମନ୍ଦିର ପ୍ରାଙ୍ଗଣରେ ପାରମ୍ପରିକ କଳା ଓ ସଂସ୍କୃତିକୁ ନେଇ ଆରମ୍ଭ ହୋଇଛି ଗ୍ରାମାଞ୍ଚଳ ସଂକୀର୍ତ୍ତନ ମହା ସମାବେଶ। ପରଜଙ୍ଗ ଆଞ୍ଚଳିକ କୀର୍ତ୍ତନ ମହାସଂଘ ଆନୁକୁଲ୍ୟରେ ବାଘମୁଣ୍ଡା ସଂକୀର୍ତ୍ତନ କମିଟି ଗୁରୁ ନରୋତ୍ତମ ସିଂହ ଦ୍ୱାରା ଆୟୋଜିତ ଏହି ଗ୍ରାମାଞ୍ଚଳ କୀର୍ତ୍ତନ ସମାରୋହରେ ମହାସଂଘର ସଭାପତି ଅକ୍ଷୟ କୁମାର ନାୟକ, ବିନୟ କୁମାର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦାନ କରଥିବା ବେଳେ, ସମ୍ମାନିତ ଅତିଥି ଭାବେ ଉପଦେଷ୍ଟା ବୟୋଜ୍ୟେଷ୍ଠ ତଆଁଲୁ ସାହୁ, ବ୍ରହ୍ମଚାରୀ ମୁନା ବାବା, କାଳିଆ ବାବା, କୋଷାଧକ୍ଷ ଅଭୟ ସାହୁ, ସମ୍ପାଦକ ଅଶୋକ କୁମାର ଦଳବେହେରା ଯୋଗ ଦେଇଥିଲେ। ଏହି ସମାବେଶରେ ଆଖ ପାଖ ଅଞ୍ଚଳର ପନ୍ଦରରୁ ଉର୍ଦ୍ଧ୍ୱ ସଂକୀର୍ତ୍ତନ ଦଳ ଓ ଶତାଧିକ ସଂକୀର୍ତ୍ତନ ପ୍ରେମୀ ଯୋଗଦାନ କରିଥିବା ବେଳେ ଆଧାତ୍ମିକ ପରିବେଶ ଜାଗ୍ରତ ହୋଇଥିଲା।

# 'ଡିଜିଟାଲ ଯୁଗରେ ଗଣମାଧ୍ୟମର ଆହ୍ୱାନ' ଆଲୋଚନାଚକ୍ର



ଛତ୍ରପୁର(ଭାସ୍କର ନ୍ୟୁଜ୍): ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ସାମ୍ବାଦିକତା ଓ ଗଣଯୋଗାଯୋଗ ବିଭାଗର ସ୍ୱର୍ଣ୍ଣିମ ଜୟନ୍ତୀ ଉଦଯାପିତ ହୋଇଯାଇଛି। ଉଦଯାପନୀ ଦିବସରେ 'ଦୋ-ଛକିରେ ଗଣମାଧ୍ୟମ' ଏବଂ 'ଡିଜିଟାଲ ଯୁଗରେ ଗଣମାଧ୍ୟମର ଆହ୍ୱାନ' ସଂପର୍କିତ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଗୀତାଞ୍ଜଳି ଦାସଙ୍କ ପୃଷ୍ଟପୋଷକତାରେ ଆୟୋଜିତ ଆଲୋଚନାଚକ୍ରରେ ରାଜ୍ୟର ବରିଷ୍ଠ ସମ୍ପାଦକ ତଥା ଓଡିଶା ଲାଇଭର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ନୀଳାମ୍ବର ରଥ ଯୋଗଦେଇ ସାମ୍ବାଦିକତା ଓ ଗଣଯୋଗାଯୋଗର ଭୂମିକା ଓ ଆବଶ୍ୟକତାକୁ ଆଲୋକପାତ କରିବା ସହିତ ନିଜର ବକ୍ତବ୍ୟରେ ବିଦ୍ୟାର୍ଥୀଙ୍କୁ ନିଜ କାର୍ଯ୍ୟକୁ ଭଲ ପାଇବା ହିଁ ପ୍ରତେକଙ୍କୁ ଶୀର୍ଷତାରେ ପହଞ୍ଚିବାରେ ସହାୟକ ହେବ ବୋଲି ଆହ୍ୱାନ କରିଥିଲେ। ଅନ୍ୟତମ ଅତିଥି ରୂପେ ବ୍ରହ୍ମପୁର ପ୍ରେସ କ୍ଲବର ସଭାପତି ଅଶୋକ କୁମାର ବ୍ରହ୍ମା, ଇଟିଭି ଭାରତର ବରିଷ୍ଠ ସମ୍ବାଦିକ ସମୀର କୁମାର ଆଚାର୍ଯ୍ୟ, ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ସୁକାନ୍ତ କୁମାର ତ୍ରିପାଠୀ, ପ୍ରାକ୍ତନ ପ୍ରଫେସର ବେଣୁଧର ପଣ୍ଡା ସମାଜର ପ୍ରତିନିଧି ତଥା ବରିଷ୍ଠ ସାମ୍ବାଦିକ ରାଜୀବ ଲୋଚନ ମିଶ୍ର, ଧରିତ୍ରୀ ପ୍ରତିନିଧି ସୁବାସ ଚନ୍ଦ୍ର ପାଢୀ, ଇନାଡୁର ପ୍ରତିନିଧି ଏନ୍.ନାଗଭୂଷଣ, ନାରାୟଣ ମହାକୁଡ ପ୍ରମୁଖ ମଞ୍ଚାସୀନ ଥିଲେ। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଉତ୍କର୍ଷତାକୁ ବିଭାଗୀୟ ମୁଖ୍ୟ ଡଃ. ବନ୍ଦିତା କୁମାରୀ ପଣ୍ଡା ନିଜର ଅଭିଭାଷଣ ରଖିଥିବା ବେଳେ ବିଭାଗୀୟ ପ୍ରଫେସର ଗଣେଶ ସେଠୀ କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ।

ଓଡ଼ିଶା ଭାସ୍କର
ODISHA BHASKAR
ରାଜ୍ୟ ଖବର




ବ୍ରଜରାଜନଗର, (ଭାସ୍କର ନ୍ୟୁଜ ): କୋଇଲା ଇଣ୍ଡିଆ ଅନୁସୂଚିତ ଜାତି ଓ ଜନଜାତି କର୍ମଚାରୀ ସଂଘ (ସିଷ୍ଟା) ଏସ୍‌ଓସିପି ୟୁନିଟ, ଇବ୍ ଭ୍ୟାଲି କ୍ଷେତ୍ର ତରଫରୁ ରବିବାର ହିଲଟପ ସ୍ଥିତ ସୁରଭି କ୍ଲବଠାରେ ସହିଦ ବିର୍ସା ମୁଣ୍ଡାଙ୍କ ୧୫୦ତମ ଜୟନ୍ତୀ ପାଳନ କରାଯାଇଛି । ଏହି ଅବସରରେ ଅନୁଷ୍ଠିତ ସଭାରେ ନିମାପଡ଼ା ତହସିଲଦାର ବସନ୍ତ ହାତୀ ମୁଖ୍ୟ ଅତିଥି, ଏସ୍‌ଓସିପି ପ୍ରକଳ୍ପ ଅଧିକାରୀ କହ୍ନେୟା ମିଶ୍ର, ସିଷ୍ଟା ପ୍ରତିଷ୍ଠାତା ସଭ୍ୟ ବାଲିରାମ ଲେହେରି, କାଉନସିଲର ମିନା ନାୟକ ସମ୍ମାନିତ ଅତିଥି, ଡାକ୍ତର କପିଳ ଭୋୟାର ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ । ମଞ୍ଚ ପରିଚାଳନା ସନାତନ ବେହେରା, ଅତିଥି ପରିଚୟ ଦଦନ ସିଂହ ଓ ସ୍ୱାଗତ ଭାଷଣ ଭୀମସେନ ନାଏକ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅତିଥିଗଣ ସହିଦ ବିର୍ସା ମୁଣ୍ଡାଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ଓ ଦୀପ ପ୍ରଜ୍ୱଳନ କରିଥିଲେ । ଅର୍ଜୁନ, ରବି ରୋହିଦାସ, ଚନ୍ଦ୍ର କିଶୋର ଗଣ୍ଡ, ରାମ ନେଓ୍ୱାଲ, ଜଗଦୀଶ ମହାନନ୍ଦିଆ, ସଞ୍ଜୀବ ରୋହିଦାସ, ଭଗବାନ ରୋହିଦାସ, ସାଗର ହରିଜନ, ସହଦେବ ଭୋଇ, ମହେନ୍ଦ୍ର ସେଠ, ଅକାଲୁ ରାମ, ଭଗବାନ ଧୁରୁଆ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ । ଏହା ପରେ ବିଦ୍ୟାର୍ଥୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।



# ୧୧ରୁ ବ୍ରହ୍ମପୁର ମହୋତ୍ସବ



ବ୍ରହ୍ମପୁର,(ଭାସ୍କର ନ୍ୟୁଜ): ବହୁ ପ୍ରତିକ୍ଷିତ ରାଜ୍ୟର ଅନ୍ୟତମ ଆକର୍ଷଣୀୟ ସାଂସ୍କୃତିକ ମହୋତ୍ସବ ଜନସାଧାରଣଙ୍କ ଅନୁରୋଧ କ୍ରମେ ଆସନ୍ତା ନୂତନ ବର୍ଷରେ ଜାତୀୟ ଯୁବ ସପ୍ତାହ ଅବସରରେ ୧୧ ଜାନୁୟାରୀ ରୁ ୧୬ ଜାନୁୟାରୀ ପର୍ଯ୍ୟନ୍ତ ଖଲିକୋଟ ବିଶ୍ୱବିଦ୍ୟାଳୟ ଖେଳପଡିଆରେ ମହାସମାହାରରେ ଆୟୋଜନ କରାଯିବ । ପ୍ରତ୍ୟେକ ଦିନ ରାଜ୍ୟ ସରକାରଙ୍କ ସାଂସ୍କୃତିକ ବିଭାଗ ଦ୍ୱାରା ପ୍ରେରିତ ସମ୍ବଲପୁରୀ, ଧେମସା, ଗୋଟିପୁଅ, ଛଉ ନୃତ୍ୟ ସହ ଅଞ୍ଚଳେ ଲୋକ ନୃତ୍ୟ ଓ ସ୍ଥାନୀୟ କଳାକାରଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବ । ଦକ୍ଷିଣ ଓଡ଼ିଶାର ସାମୁହିକ ବିକାଶ ତଥା ପର୍ଯ୍ୟଟନ ସାଂସ୍କୃତିକ ସ୍ୱାସ୍ଥ୍ୟ ଶିକ୍ଷା ଉପରେ ଆଲୋଚନାଚକ୍ର ଅନୁଷ୍ଠିତ ହେବ । ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, କେନ୍ଦ୍ର ମନ୍ତ୍ରୀ, ସାଂସଦ, ବିଧାୟକ, ଗଣମାଧ୍ୟମ, ସାହିତ୍ୟିକ, ଅଭିନେତାଙ୍କୁ ବିଭିନ୍ନ ଦିନରେ ଅତିଥି ଭାବେ ନିମନ୍ତ୍ରଣ କରାଯିବା ସହ ମହୋତ୍ସବକୁ ପ୍ରସାଶନିକ, ପୋଲିସ, ମହାନଗର ନିଗମ ଓ ସମସ୍ତଙ୍କ ସହୋଜୋଗରେ ଜାତୀୟସ୍ତରରେ ପରିଚିତ କରାଯିବ ବୋଲି ଆୟୋଜକ ତଥା ଜାତୀୟ ସ୍ତରର ବିଶିଷ୍ଟ ସଂଗଠକ ମହାନ୍ ସଂଘ ସଭାପତି ସୁଶାନ୍ତ କୁମାର ସାବତ ପ୍ରକାଶ କରିଛନ୍ତି । ବିଭିନ୍ନ କିଷମର ୧୫୦ରୁ ଊର୍ଦ୍ଧ୍ୱ ଷ୍ଟଲ୍ ଖୋଲାଯିବା ସହ ଓଲିଉଡ଼ ବଲିଉଡ କଳାକାରଙ୍କ ଦ୍ୱାରା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଆୟୋଜନ କରାଯିବା ବୋଲି ରେଷ୍ଟନ୍ସ ଇଭେଣ୍ଟର ପରିଚାଳନା ନିର୍ଦ୍ଦେଶକ ରବିଶଙ୍କର ପ୍ରକାଶ କରିଛନ୍ତି । ବ୍ରହ୍ମପୁର ମହୋତ୍ସବ ସହର ତଥା ଦକ୍ଷିଣ ଓଡ଼ିଶାର ସ୍ୱାଭିମାନ ଓ ଏହାର ଆୟୋଜନରେ ଅଞ୍ଚଳର ଅର୍ଥନୀତି ବିକାଶ ସହ ସଂସ୍କୃତି, ପର୍ଯ୍ୟଟନ କଳାକାରର ବିକାଶ ଜଡ଼ିତ ଏଣୁ ଏହାକୁ ସବୁ ସ୍ତରରେ ସମସ୍ତେ ସହୋଯୋଗ କରାଯିବ ବୋଲି ସ୍ଥାନୀୟ ରାଜସ୍ୱ ବଙ୍ଗଳା ସମ୍ମିଳନୀ ପ୍ରକୋଷ୍ଟରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ବିଶିଷ୍ଟ ବ୍ୟକ୍ତିମାନେ ପ୍ରତିଶ୍ରୁତି ଦେଇଥିଲେ । ପୂର୍ବତନ ବିଧାୟକ ଡ ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ସୁବାସ ମହାରଣା, ପ୍ରମେୟ ଡିଜିଏମ୍ ଅମ୍ବିକା ଦାସ, ଗଞ୍ଜାମ ବାର ଆସୋସିଏସନ୍ ସଭାପତି ନୟନ ମହାପାତ୍ର, ପ୍ରେସ କ୍ଲବ୍ ସଭାପତି ଅଶୋକ ବ୍ରହ୍ମା, ସମ୍ପାଦକ ପ୍ରହ୍ଲାଦ ସାହୁ, ବରିଷ୍ଟ ଆଇନଜୀବୀ ପୀତବାସ ପଣ୍ଡା, ପ୍ରଶାସକ ବିନୋଦ ବେହେରା, ବବିତା ପାତ୍ର, ବଦ୍ରିନାଥ ପାତ୍ର, ଦଣ୍ଡପାଣି ନାୟକ, ପି ବୁଚି ବାବୁ, ଲୋକନାଥ ମିଶ୍ର, ସୁଭାଷିନୀ ପଟ୍ଟନାୟକଙ୍କ ସମେତ ବହୁ ସାମ୍ବାଦିକ, ସଂଗଠକ, ବିଶିଷ୍ଟ ନାଗରିକମାନେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ମହାନ୍ ସଂଘ ସାଧାରଣ ସଂପାଦକ ପ୍ରଶାନ୍ତ ପାତ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ମହୋତ୍ସବ ସମ୍ପାଦକ ଗୋପାଳ ପଟ୍ଟନାୟକ ପ୍ରାରମ୍ଭିକ ସୂଚନା ଦେଇଥିଲେ । ଚିତ୍ତରଞ୍ଜନ ପ୍ରଧାନ, ଡ ସନ୍ଧ୍ୟାରାଣି ପଟ୍ଟନାୟକ, ଶିବରାମ ଚଉଧୁରୀ, ଶ୍ରୀକାନ୍ତ ସାବତ, ସସ୍ମିତା ମିଶ୍ର, ସାଧନା ପାଢ଼ୀ, ନିବେଦିତା ପାଢ଼ୀ, ମନୁ ପାଢ଼ୀ, ବିଭୂତି ସାବତ, ପ୍ରଦୀପ ଚୌଧୁରୀ, ଅନନ୍ତ ପ୍ରଧାନ, ନାରାୟଣ ମହାକୁଡ଼, ଅନିଲ ପାତ୍ର, ନମିତା ରାଣୀ ରାଉତ, ସସ୍ମିତା ଶର୍ମା, ଦେବିପ୍ରଭା ରଥ, ସୁଡ଼ିପା ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଶତାଧିକ ବୁଦ୍ଧଜୀବୀ ଯୋଗଦେଇ ବ୍ରହ୍ମପୁର ମହୋତ୍ସବ ସଫଳ କାମନା କରିଥିଲେ । ଶେଷରେ ସହ ସମ୍ପାଦକ ପ୍ରକାଶ ବଜନି ଧନ୍ୟବାଦ୍ ପ୍ରଦାନ କରିଥିଲେ।

# ଚୋର ଗ୍ୟାଙ୍ଗକୁ କାବୁ କଲା ପୋଲିସ
# ନାବାଳକ ସହ ୫ ଗିରଫ



ଚିକିଟି, (ଭାସ୍କର ନ୍ୟୁଜ): ବ୍ରହ୍ମପୁର ପୋଲିସ ଜିଲ୍ଲାର କେ.ନୂଆଗାଁ ଥାନା ଓ ଜରଡ଼ା ଥାନାରେ ଦୀର୍ଘଦିନ ହେଲା ଚୋରି ଅନବରତ ଚାଲି ଆସୁଥିବା ବେଳେ ଗତ ଶନିବାର ଦିନ ଜରଡ଼ା ପୋଲିସ ଓ ନୂଆଗାଁ ଥାନା ପୋଲିସ ମିଳିତ ଭାବରେ ଚୋର ଗ୍ୟାଙ୍ଗକୁ କାବୁ କରିଥିଲା । ଏହି ଗ୍ୟାଙ୍ଗର କିଛି ସଦସ୍ୟଙ୍କୁ ଜରଡ଼ା ପୋଲିସ ପିଛା କରି କେଲୁଆ ଛକ ନିକଟରେ ଥିବା ଏକ ପୋଖରୀ ନିକଟରେ କାବୁ କରିଥିଲେ । କାବୁ କରିଥିବା ଚୋରମାନଙ୍କୁ ଦୀର୍ଘ ସମୟ ଧରି ପଚରାଉଚରା କରିବା ପରେ ଅନ୍ୟ ଚୋରମାନଙ୍କ ନାମ ଜାଣିବାକୁ ପାଇଥିବା ପୋଲିସ ପ୍ରକାଶ କରିଥିଲା । ପରେ ପରେ ପୋଲିସ ଅନ୍ୟ ଚୋରମାନଙ୍କୁ କାବୁ କରିବା ପାଇଁ ଚେଷ୍ଟା କରି ଶେଷରେ ଜଣେ ନାବାଳକଙ୍କ ସହ ଅନ୍ୟମାନଙ୍କୁ କାବୁ କରିବାରେ ସଫଳ ହୋଇଥିଲା । ଏମାନଙ୍କ ଭିତରୁ ପାତ୍ରପୁର ବ୍ଲକ ଜରଡ଼ା ଥାନା ଅଧିନସ୍ଥ ଝଗଡ଼ା ଗ୍ରାମର ଅଲେଖ ନାଇକ, ତୁମ୍ବା ସରଦାପୁର ଗ୍ରାମର ଦୁର୍ଗା ବାଗ ସିଂ, ଚନ୍ଦନ ଦଳାଇ, କେ. ନୂଆଗାଁ ଥାନା ଇଲାକାର ଚିଲାଡୀ ଗ୍ରାମର ବି. ଦୀପକଙ୍କୁ କାବୁ କରି ରବିବାର କୋର୍ଟ ଚାଲାଣ କରିଥିବା ସୂଚନା ମିଳୁଛି । ନାବାଳକକୁ ଜୁବିନାଲକୁ ମଧ ପଠାଇ ଦିଆଯାଇଛି । ଏମାନେ ଗତ ନଭେମ୍ବର ୨୭ରେ ପାତ୍ରପୁରର କାନାଡ଼ା ବ୍ୟାଙ୍କ, ନଭେମ୍ବର ୨୯ରେ କଳବାଡ ପଞ୍ଚାୟତ ଅଫିସ୍ ଓ ଡିସେମ୍ବର ୧୩ରେ ପାଣ୍ଡ୍ରି ଗ୍ରାମର ଗୋଟିଏ ମୋବାଇଲ ଦୋକାନରେ ଚୋରି କରି ପୋଲିସ ଆଖିରେ ଧୂଳି ଦେଇ ଫେରାର ହୋଇଯାଇଥିଲେ । କାବୁ କରିବା ପରେ ଏମାନଙ୍କ ଠାରୁ ୪ଟୀ ସିପିୟୁ, ଗୋଟିଏ ଲାପଟପ୍, ଗୋଟିଏ କମ୍ପ୍ୟୁଟର ଡିସପ୍ଲେ, ଗୋଟିଏ ଟିଭି ସହ ଗୋଟିଏ ମୋଟର ସାଇକେଲ, ସ୍କୁଟି ସହ ଲୁହାକଟର ମଧ ଜବତ କରାଯାଇଛି । ଦୀର୍ଘଦିନ ହେଲା ସମଗ୍ର ଅଞ୍ଚଳରେ ଚୋରମାନେ କୋକୁଆ ଭୟ ସୃଷ୍ଟି କରୁଥିବା ବେଳେ ପୋଲିସ ହାତ ବାନ୍ଧି ବସିଥିଲା । ଏ ନେଇ ସାଧାରଣରେ ଚର୍ଚ୍ଚା ଜୋର ଧରିଥିଲା । ପୋଲିସର ଶିଥିଳତା ଓ ରାତ୍ରି ପାଟ୍ରୋଲିଂ ଅଭାବ ହେତୁ ଏଭଳି ଘଟଣା ଘଟୁଥିବା ଦେଖିବାକୁ ମିଳୁଛି ।

## ଏସ୍‌ୟୁଜେ ସାମ୍ବାଦିକ ସଂଘର କର୍ମକର୍ତ୍ତା ନିର୍ବାଚନ

ପଟ୍ଟାମୁଣ୍ଡାଇ, (ଭାସ୍କର ନ୍ୟୁଜ): ସୋମବାର ରାଜ୍ୟ ସାମ୍ବାଦିକ ନିର୍ବାଚନ ସଂଘ (ଏସ୍‌ୟୁଜେ) କେନ୍ଦ୍ରାପଡ଼ା ଜିଲ୍ଲା ଶାଖାର କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାର ମା' ପଥରକଣୀ ମନ୍ଦିର ଠାରେ ଅନୁଷ୍ଠିତ ସାଧାରଣ ବୈଠକ ଏବଂ ଜିଲ୍ଲା କମିଟି ଗଠନ ପରିପ୍ରେକ୍ଷୀରେ ସଭାପତି ଭାବେ ଦୈତାରୀ ଜେନା ଏବଂ ସାଧାରଣ ସମ୍ପାଦକ ଭାବେ ଅସିତ ପଣ୍ଡା, ଉପସଭାପତି ଭାବେ ସଞ୍ଜୟ ପଣ୍ଡା, ସହ ସମ୍ପାଦକ ଭାବେ ତ୍ରିଲୋଚନ ବେହେରା, ଆଇନ ପରାମର୍ଶଦାତା ଭାବେ ପ୍ରମୋଦ କୁମାର ଦାଶ, କୋଷାଧ୍ୟକ୍ଷ ଭାବେ ଅଲେଖ ନାୟକ, ସଂଗଠନ ସମ୍ପାଦକ ଭାବେ ରଞ୍ଜନ ସାହୁ ଓ ମହିଳା ସଂଗଠନ ସଂଯୋଗ ଭାବେ ସସ୍ମିତା ପଲେଇ, ଜିଲ୍ଲା ଉପଦେଷ୍ଟା ଭାବେ ସୁଶାନ୍ତ କର ଏବଂ ଜଗନ୍ନାଥ ଧଳ ସର୍ବସମ୍ମତିକ୍ରମେ ମନୋନୀତ ହୋଇଥିଲେ । ଏହି ଜିଲ୍ଲାର ପର୍ଯ୍ୟବେକ୍ଷକ ଦାୟିତ୍ୱରେ ଥିବା ରାଜ୍ୟ ସମ୍ପାଦକ ଶିବାଶିଷ ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଉକ୍ତ କର୍ମକର୍ତ୍ତା ମନୋନୟନ ପ୍ରକ୍ରିୟା ସମ୍ପନ୍ନ ହୋଇଥିଲା । ୨୦୨୫-୨୬ ବର୍ଷ ନିମନ୍ତେ ଦାୟିତ୍ୱ ଗ୍ରହଣ କରିଛନ୍ତି ।

# ଶୀତଋତୁ ଆସିଲେ କଣ୍ଟିତୋଟାରେ ବଣଭୋଜି ଆସର ଜମୁଛି



କଣାସ, (ଭାସ୍କର ନ୍ୟୁଜ): ଶୀତର ପସରା ଆସ୍ତେ ଆସ୍ତେ ବଢି ଚାଲିଥିବା ବେଳେ ବିଭିନ୍ନ ରମଣୀୟ ସ୍ଥାନରେ ବଢିବଢି ଚାଲିଛି ବଣ ଭୋଜିର ଆସର । କର୍ମକାନ୍ତ ଜୀବନରୁ କିଛି ସମୟ ବିରତି ନେଇ ସମସ୍ତେ ଧାଇଁଛନ୍ତି ବିଭିନ୍ନ ବଣଜଙ୍ଗଲର ରମଣୀୟ ସ୍ଥାନକୁ । ଭୋଜିଭାତ ଗୀତରେ କମ୍ପି ଉପଠୁଛି ଧରା । ଏହିଭଳି କୋଳାହଳମୟ ପରିବେଶରୁ ବାଦପଡି ନାହିଁ ପୁରୀ ଜିଲ୍ଲା କଣାସ ବ୍ଲକ ଅନ୍ତର୍ଗତ ତ୍ରିଲୋଚନପୁର ଗ୍ରାମ ନିକଟ ଦୟାନଦୀ କୂଳ କଣ୍ଟିତୋଟା । କଣ୍ଟିତୋଟାର ପରିବେଶ ବେଶ୍ ମନୋରମ । ଗୋଟିଏ ପଟେ ତୋଟାତମାଳ ଓ ଅପରପାର୍ଶ୍ୱ ବାଦମ ଫସଲ ଭରା ସବୁଜିମା ଗାଲିଚ୍ଛ ମଧରେ ବୋହିଯାଉଛି ଦୟାନଦୀ । ଘଞ୍ଚ ତୋଟା ମଧରେ ଆମ୍ବ, ପଣସ, ପୋଲାଙ୍ଗ, ଟିଣିଆ, ଚାଖୁଣ୍ଡା ଗଛ ସମାରୋହ ସହ ବୁଢ଼ା ବୁଢା ବାଉଁଶ ଗଛ ବନ ଶୋଭାକୁ ବଢାଇଦେଉଛି । ଶହଶହ ବର୍ଷ ତଳର ଆମ୍ବ, ଚାଖୁଣ୍ଡା ଗଛ ମୂଳରେ ବଣଭୋଜି କରିବା ପାଇଁ ପ୍ରତ୍ୟେକ ବର୍ଷ ଆଖପାଖ ଗ୍ରାମ ସହ ନିକଟ ସହରରୁ ଦଳଦଳ ଲୋକ ଛୁଟିଆସନ୍ତି କଣ୍ଟିତୋଟା । ଦୟାନଦୀ ପାର୍ଶ୍ୱର ଶୋଭା ବିବର୍ଦ୍ଧକ କଣ୍ଟିତୋଟା ସହରର ଚାକଚକୀୟ ବ୍ୟସ୍ତବହୁଳ ଜୀବନରୁ ଅବ୍ୟହତି ନେଇ ମନକୁ ହାଲୁକା କରିବା ପାଇଁ ଏକ ପ୍ରକୃଷ୍ଟ ସ୍ଥାନ ବୋଲି ଦର୍ଶାଇଛନ୍ତି ପୁରୀ ଖୁଣ୍ଟିଆସାହିର ତ୍ରିପାଠୀ ପରିବାର ଓ ବନ୍ଧୁମାନଙ୍କ ପକ୍ଷରୁ ଆୟୋଜିତ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମରେ ଆସିଥିବା କଣ୍ଟିତୋଟାକୁ ବିଶିଷ୍ଟ ସାହିତିକ ଶିବସୁନ୍ଦର ମିଶ୍ର କଣ୍ଟିତୋଟାର ପରିବେଶ ମନକୁ ହାଲିକା-ଫୁଲୁକା କରିବା ପାଇଁ ନିଶ୍ଚିତ ସହାୟକ ହେବ ବୋଲି ମତ ଦେଇଛନ୍ତି ପୁରୀ ଜିଲ୍ଲା ବିଶିଷ୍ଟି କ୍ରୀଡ଼ା ପ୍ରଶିକ୍ଷକ ଅଜୟ ମିଶ୍ର, ସମାଜସେବୀ ପ୍ରଭାତ କିଶୋର ଦାସ କିନ୍ତୁ କ୍ଷୋଭ ପ୍ରକାଶ କରିଛନ୍ତି ଏହି ଏହି ମନୋରମ ସ୍ଥାନ ପ୍ରତି ସରକାରୀ ଅବହେଳା ପାଇଁ । ଗତ ୨୦୧୯ ମସିହାର ଫାଇଲିନ୍ ବାତ୍ୟା କଣ୍ଟିତୋଟାର ବହୁତ ପୁରାତନ ଗଛ ଉପୁଡି ତୋଟାକୁ ଶ୍ରୀହିନ କରିଦେଇଥିବା ବେଳେ ଏହା ବନିକରଣ ପାଇଁ ବିଭାଗୀୟ ଦୃଷ୍ଟି ପଡୁନାହିଁ । ବାରମ୍ବାର ଦୃଷ୍ଟି ଆକର୍ଷଣ ପରେ ମଧ ବୋଲି ଶ୍ରୀ ଦାସ ପ୍ରକାଶ କରିଛନ୍ତି । ବୁଦ୍ଧିଜୀବୀଙ୍କ ମତରେ ଏହି ତୋଟାର ପୂର୍ଣ୍ଣଉଧାର ପାଇଁ ସରକାର ଦୃଷ୍ଟି ଦେବା ଜରୁରୀ ଆବଶ୍ୟକ ।

# ମାରଓ୍ୱାଡ଼ି ଯୁବା ମଞ୍ଚ ପକ୍ଷରୁ ରକ୍ତଦାନ ଶିବିର



ବ୍ରଜରାଜନଗର, (ଭାସ୍କର ନ୍ୟୁଜ): ବ୍ରଜରାଜନଗର ମୁଖ୍ୟ ସହର ସ୍ଥିତ ଅଗ୍ରସେନ ଭବନରେ ମାରଓ୍ୱାଡ଼ି ଯୁବା ମଞ୍ଚ ପକ୍ଷରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଉଦ୍‌ଘାଟନୀ ଉତ୍ସବରେ ପୂର୍ବତନ ନଗରପାଳ ନନ୍ଦ କିଶୋର ଅଗ୍ରଓ୍ୱାଲ ମୁଖ୍ୟ ଅତିଥି, ଅଗ୍ରଓ୍ୱାଲ ସମିତି ସଭାପତି ଗୋବିନ୍ଦ ଅଗ୍ରଓ୍ୱାଲ, ବ୍ରଜରାଜନଗର ଉପ ନଗରପାଳ କୃଷ୍ଣ ଗୋପାଳ ସୀତାନୀ, ରତନ ଅଗ୍ରଓ୍ୱାଲ, ସୁଭାଷ ସୀତାନୀ, କମଳ ଅଗ୍ରଓ୍ୱାଲ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ମାରଓ୍ୱାଡ଼ି ଯୁବା ମଞ୍ଚ ଅଧକ୍ଷ ଆଦିତ୍ୟ ସୀତାନୀ ଉଦ୍‌ଘାଟନୀ ଉତ୍ସବର ଅଧକ୍ଷତା କରିଥିଲେ । ରକ୍ତଦାନ ଶିବିରରେ ମୋଟ ୫୧ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ସ୍ୱାଗତ ଭାଷଣ ଅନୁପ ଅଗ୍ରଓ୍ୱାଲ ଓ ଶେଷରେ ହନୀ ସଂଘାଇ ଧନ୍ୟବାଦ ଅର୍ପଣ କରିଥିଲେ । ଅନମୋଲ ଅଗ୍ରଓ୍ୱାଲ, ଅନମୋଲ ସଂଘାଇ, ଅରୁଣ ଅଗ୍ରଓ୍ୱାଲ, କୁଶଳ ସୀତାନି, ମନୀଷ ଅଗ୍ରଓ୍ୱାଲ, ପଙ୍କଜ ବନସଲ, ଅଭିନବ ଅଗ୍ରଓ୍ୱାଲ, ପୂର୍ବକ ସିତାନି, ପଙ୍କଜ ରଙ୍ଗଟା, କିଶୋର ଅଗ୍ରଓ୍ୱାଲ, ରମେଶ ଅଗ୍ରଓ୍ୱାଲ, ଶୁଭମ ଅଗ୍ରଓ୍ୱାଲ, ଯୋଗେଶ ଅଗ୍ରଓ୍ୱାଲ, ପଙ୍କଜ ସଂଘାଇ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ବ୍ଲକ୍‌ସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି




ଲକ୍ଷ୍ମୀପୁର, (ଭାସ୍କର ନ୍ୟୁଜ): ଲକ୍ଷ୍ମୀପୁର ବ୍ଲକ କାର୍ଯ୍ୟାଳୟ ପରିସରରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଗୁରେଶ୍ୱର ଭୋଇଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ବ୍ଲକ୍‌ସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ପ୍ରକଳ୍ପ ନିର୍ଦ୍ଦେଶକ ଦେବାଶିଷ ପଟ୍ଟନାୟକ ଉପସ୍ଥିତ ରହି ବ୍ଲକରେ ଥିବା ୧୩ଟି ପଞ୍ଚାୟତବାସୀଙ୍କ ବିଭିନ୍ନ ପ୍ରକାରର ୭୧ ଅଭିଯୋଗର ଶୁଣାଣି କରି ବିଭାଗୀୟ ଅଧିକାରୀମାନଙ୍କୁ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଅଧିକାଂଶ ପଞ୍ଚାୟତକୁ ଲକ୍ଷ୍ମୀ ବସ୍ ଯାଉ ନଥିବା ଅଭିଯୋଗ ସହ ନୂତନ ରାସ୍ତା ନିର୍ମାଣ, ପାନୀୟ ଜଳ, ଆବାସ ଯୋଜନା, ଶିକ୍ଷା, ଅଙ୍ଗନଓ୍ୱାଡ଼ି, ମନରେଗା ଉପରେ ଅଭିଯୋଗ ହୋଇଥିଲା । ଓଡ଼ିଆ ପେଣ୍ଠ ପଞ୍ଚାୟତର କେନ୍ଦୁଆଡା ପରଡିଗୁଡା, ରଥ ଗୁଡା, ଦାନା ପଣସ ଗୁଡା କରଗୁଡା, ଖାଲ କଣା, ଲୁଦୁରୀପୁଟ, କନାପାଇ ଗ୍ରାମକୁ ଖଣି ପ୍ରଭାବିତ ଅଞ୍ଚଳ ରୂପେ ସାମିଲ କରାଯିବା ସହ ଲକ୍ଷ୍ମୀପୁରରୁ ଭାଲୁଯୋଡି ଯାଏଁ ଲକ୍ଷ୍ମୀ ବସ୍ ଚଳାଚଳ, ଲକ୍ଷ୍ମୀପୁର ଠାରୁ ଆଦର୍ଶ ବିଦ୍ୟାଳୟକୁ ଯାଉଥିବା ଛାତ୍ରଛାତ୍ରୀଙ୍କ ପାଇଁ ନୂତନ ବସ୍ ସେବା, ଲକ୍ଷ୍ମୀପୁର ବଜାର ଠାରୁ ବ୍ଲକ୍ କାର୍ଯ୍ୟାଳୟ ପର୍ଯ୍ୟନ୍ତ ରାସ୍ତା ଅବସ୍ଥା ଶୋଚନୀୟ ହୋଇ ପଡ଼ିଥିବା ଓ ବ୍ଲକ ସଦରରେ ଥିବା ଇଂଲିଶ ମିଡିୟମ ସ୍କୁଲରେ ମାତ୍ରାଧିକ ଫିଜ ଆଦାୟ ସହ ମନଇଚ୍ଛା ପବଲିକେସନ ବହି ଆଣି ଚଢା ଦରରେ ବିକୁଥିବା, ଚାଷୀଙ୍କ ପାଇଁ ଚେକ ଡ୍ୟାମ, ଅନେକ ବିଜୁଳି ଉପଭୋକ୍ତାଙ୍କ ବିଲ୍ ଅଧିକ ଆସୁଥିବା ଭଳି ଅଭିଯୋଗ ହୋଇଥିଲା । ଏହି ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ପ୍ରକଳ୍ପ ନିର୍ଦ୍ଦେଶକଙ୍କ ସହ ଉପଜିଲ୍ଲାପାଳ ବେଣୁଧର ଶବର, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ମନବ୍ରୋତା ଶତପଥୀ, ସିଡିଏମ୍‌ଓ ବରଦା କାନ୍ତ ମିଶ୍ର, ତହସିଲଦାର ନୈବେଦ୍ୟ ଭୋଇ, ଏ.ଇ ଏମ ପବନ କୁମାର, ଲକ୍ଷ୍ମୀପୁର ପଞ୍ଚାୟତ ସମିତି ଅଧକ୍ଷା ସୁଆଇ କୁଲେଶିକା ଓ ଉପାଧକ୍ଷା ଆରତୀ କୁଲଦୀପ ପ୍ରଭୃତି ଉପସ୍ଥିତ ଥିଲେ । ଏଥିରେ ବ୍ଲକରେ ଥିବା ସମସ୍ତ ସରକାରୀ, ବେସରକାରୀ କାର୍ଯ୍ୟାଳୟର ଅଧିକାରୀଙ୍କ ସମେତ ସମସ୍ତ ଲୋକ ପ୍ରତିନିଧି ଓ ଜିଲ୍ଲାସ୍ତରୀୟ ଅଧିକାରୀ ମାନେ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ଜିପିଓ ସୁଧୀର ବେହେରା ପରିଚାଳନା କରିଥିବା ବେଳେ ବ୍ଲକ୍ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ, ଯନ୍ତ୍ରୀ, ଗ୍ରାମ ରୋଜଗାର ସେବକ, ପଞ୍ଚାୟତ ନିର୍ବାହୀ ଅଧିକାରୀମାନେ ଉପସ୍ଥିତ ରହି ସହୋଯୋଗ କରିଥିଲେ । ଶାନ୍ତିଶୃଙ୍ଖଳା ପାଇଁ ଲକ୍ଷ୍ମୀପୁର ଆଇଆଇସି ସୁଜ୍ଞାନୀ ସାହୁ, ଏଏସ୍‌ଆଇ ରମେଶ କିନ୍ତାଲିଙ୍କ ସମେତ ପୋଲିସ କର୍ମୀ ନିୟୋଜିତ ହୋଇଥିଲେ । ଶେଷରେ ଏସ୍‌ବିଆଇ ବ୍ୟାଙ୍କ ତରଫରୁ ୭ଜଣ ସ୍ୱୟଂ ସହାୟକ ଗୋଷ୍ଠୀକୁ ୩୬ ଲକ୍ଷ ଓ ଇଣ୍ଡିଆନ ଓଭର ସିଜ୍ ବ୍ୟାଙ୍କ ତରଫରୁ ୫ଟି ଗ୍ରୁପ୍‌କୁ ୩୦ ଲକ୍ଷ ଟଙ୍କାର ଲୋନ୍ ପ୍ରଦାନ କରାଯାଇଥିଲା।

## କିଡ୍‌ନୀ ରୋଗରେ ପୀଡିତ ଉଦିତଙ୍କୁ ଆର୍ଥିକ ସହାୟତା

କୁଜଙ୍ଗ, (ଭାସ୍କର ନ୍ୟୁଜ): ଜଗତସିଂହପୁର ଜିଲ୍ଲା କୁଜଙ୍ଗ ବ୍ଲକ ଅନ୍ତର୍ଗତ ବାଗୋଇ ପଞ୍ଚାୟତର ବାଗୋଇ ଗ୍ରାମର କିଡ୍‌ନୀ ରୋଗରେ ପୀଡିତ ଉଦିତ ନାରାୟଣ ସାମଲଙ୍କୁ ସହାୟତାର ହାତ ବଢ଼ାଇଛନ୍ତି ଓଡ଼ିଶାର ପ୍ରମୁଖ ଦାତବ୍ୟ ଟ୍ରଷ୍ଟ ମା' ତାରିଣୀ ହେଲପିଙ୍ଗ ହ୍ୟାଣ୍ଡସ । ସୂଚନାଯୋଗ୍ୟ କି, ଉଦିତ ଜଣେ ଗରିବ ଶ୍ରେଣୀର ପିଲା ଅଟନ୍ତି । ଗତ କିଛି ମାସ ହେବ ଉଦିତ କିଡ୍‌ନୀ ରୋଗରେ ପୀଡିତ ହୋଇ ବର୍ତ୍ତମାନ ସେ ଚଲାବୁଲା ଠିକ ସେ କରିପାରୁନାହାନ୍ତି । ଗୋଡ ହାତ ସବୁ ଫୁଲି ଯାଉଛି । ଅର୍ଥାଭାବରୁ ଚିକିତ୍ସାରେ ଅର୍ଥ ସାଜିଛି ବାଧକ । ବିଭିନ୍ନ ଗଣମାଧମରୁ ଏହି ଦୁଃଖଦ ଖବର ପାଇ ମା' ତାରିଣୀ ହେଲପିଙ୍ଗ ହ୍ୟାଣ୍ଡସର ସଭାପତି ତଥା ଯୁବ ସମାଜସେବୀ ଇଂ ଶଙ୍ଖେଶ୍ୱର ପ୍ରସାଦ ମହାନ୍ତିଙ୍କ ପରାମର୍ଶକ୍ରମେ ବରିଷ୍ଠ ସଦସ୍ୟ ସୂର୍ଯ୍ୟକାନ୍ତ ରାଉତ, ନନ୍ଦନନ୍ଦନ ଜୟସିଂ, ପ୍ରବୀର ସ୍ୱାଇଁ, ଜ୍ୟୋତିରଞ୍ଜନ ସ୍ୱାଇଁ, ସୁଧାକର ମହାନ୍ତି, ଚିନ୍ମୟ କୁମାର ବେଉରା, ହରେକୃଷ୍ଣ ବେହେରା ଓ ତୁଷାରକାନ୍ତ ସ୍ୱାଇଁ ପ୍ରମୁଖ ଉଦିତଙ୍କ ବାସଭବନରେ ପହଞ୍ଚି ତାଙ୍କୁ ଦଶ ହଜାର ଟଙ୍କାର ଆର୍ଥିକ ସହାୟତା ଦେବା ସହ ତାଙ୍କର ଆଶୁ ଆରୋଗ୍ୟ କାମନା କରିଥିଲେ । ମା' ତାରିଣୀ ହେଲ୍‌ପିଙ୍ଗ ହ୍ୟାଣ୍ଡସର ଏଭଳି ବଦାନ୍ୟତା ପାଇଁ ଉଦିତ ଏବଂ ତାଙ୍କ ପରିବାର କୃତଜ୍ଞତା ଜଣାଇଥିବା ବେଳେ ଅନୁଷ୍ଠାନର ଏହି କାର୍ଯ୍ୟକୁ ସ୍ଥାନୀୟ ଅଞ୍ଚଳରେ ଭୂୟସୀ ପ୍ରଶଂସା କରାଯାଇଛି ।



## ଗୀତା ମହାଯଜ୍ଞ ଓ ଠାକୁରଙ୍କ ଶୀତବସ୍ତ୍ର ପରିଧାନ ବେଶ

ବେଲପାହାଡ଼,(ଭାସ୍କର ନ୍ୟୁଜ): ଝାରସୁଗୁଡ଼ା ଜିଲ୍ଲା ବେଲପାହାଡ଼ ସମଡ଼ା ଜଗନ୍ନାଥ ମନ୍ଦିର ପ୍ରାଚୀନ କ୍ଷେତ୍ରରେ ରବିବାର ମାର୍ଗଶିର ମାସ ଶୁକ୍ଳପକ୍ଷ ଷଷ୍ଠୀ ତିଥିରେ ତୃତୀୟ ବର୍ଷରେ ଗୀତା ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଠାକୁରଙ୍କ ଶୀତ ବସ୍ତ୍ର ପରିଧାନ ବେଶ କାର୍ଯ୍ୟକ୍ରମ ମଧ ଅନୁଷ୍ଠିତ ହୋଇଥିଲା । ଏହା ନୂତନ ପରିଚାଳନା କମିଟି ଗଠନ ହେବା ପରେ ତୃତୀୟ ବର୍ଷ ପାଇଁ ଅନୁଷ୍ଠିତ ହୋଇଛି । ଏହି ପବିତ୍ର ତିଥିରେ ଚତୁର୍ଦ୍ଧା ମୂର୍ତ୍ତି ଏବଂ ସମସ୍ତ ପାର୍ଶ୍ୱ ଦେବଦେବୀଙ୍କୁ ଶୀତ ବସ୍ତ୍ର ପରିଧାନ କରାଯାଇଥିଲା । ଠାକୁରଙ୍କର ଏହି ବେଶ ଆସନ୍ତା ମାଘ ମାସ ଶୁକ୍ଳପକ୍ଷ ପଞ୍ଚମୀ ତିଥି ପର୍ଯ୍ୟନ୍ତ ଜାରି ରହିବ। ମନ୍ଦିର ପୂଜକ ପଣ୍ଡିତ ଡମ୍ବରୁଧର ମିଶ୍ର, ରାଜେନ୍ଦ୍ର ମିଶ୍ର ଗୀତା ମହାଯଜ୍ଞର ସମସ୍ତ ପୂଜା କାର୍ଯ୍ୟ ତୁଲାଇଥିଲେ । ଏହି ଅବସରରେ ମନ୍ଦିର ପରିଚାଳନା କମିଟିର ସାଧାରଣ ସମ୍ପାଦକ ସତ୍ୟପ୍ରକାଶ ମହାନ୍ତି ସମେତ ଅନ୍ୟ ସଦସ୍ୟ ଓ ଶହ ଶହ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା । ଯଜ୍ଞ ଶେଷରେ ସମସ୍ତ ଶ୍ରଦ୍ଧାଳୁଙ୍କ ପାଇଁ ମହାପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା ।

# ନବନିଯୁକ୍ତ କନିଷ୍ଠ ଶିକ୍ଷକ ସମ୍ମିଳନୀ



ଢେଙ୍କାନାଳ, (ଭାସ୍କର ନ୍ୟୁଜ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବ୍ଲକରେ ନବନିଯୁକ୍ତ ଶିକ୍ଷକ/ଶିକ୍ଷୟିତ୍ରୀଙ୍କୁ ନେଇ ଖଜୁରିଆକଟା ଶଙ୍କରବାହାଳୀ ପଡିଆଠାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଉପସ୍ଥିତ ସଦସ୍ୟମାନେ ଗଣତାନ୍ତ୍ରିକ ଉପାୟରେ ନିଜ ନିଜ ବ୍ଲକ୍‌ରେ ସଭାପତି, ସଂପାଦକ ଓ କୋଷାଧ୍ୟକ୍ଷ ମନୋନିତ କରିବା ସହ ଅନେକଗୁଡିଏ ଅତିରିକ୍ତ ପଦପଦବୀ ପାଇଁ ସଦସ୍ୟ ଚୟନ କରିଥିଲେ । ଏହି ଅବସରରେ ଉପସ୍ଥିତ ସଦସ୍ୟମାନେ ନିଜ ନିଜର ମନ୍ତବ୍ୟ ରଖିବା ସହ ସଂଘକୁ ସୁଦୃଢ କରିବାକୁ ଆହ୍ୱାନ ଦେଇଥିଲେ । ଏହି ବୈଠକରେ ବିଭିନ୍ନ ସମସ୍ୟା ଓ ଏହାର ସମାଧାନ ପନ୍ଥା ନିର୍ଣ୍ଣୟ କରିବା ସମ୍ପର୍କରେ ଆଲୋଚନା କରାଯାଇଥିଲା । ଆଗାମୀ ଦିନରେ ପ୍ରାଥମିକ ଶିକ୍ଷକ ସମାଜର ହିତ ଦିଗରେ କି ପଦକ୍ଷେପ ନେଇ ହେବ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା । ଶେଷରେ ପ୍ରତ୍ୟେକ ସଦସ୍ୟ ସଂଘ ପ୍ରତି ଆନୁଗତ୍ୟ ରଖିବା ସହିତ ଏକତା ବଜାୟ ରଖିବାକୁ ଶପଥ ଗ୍ରହଣ କରିଥିଲେ । ସଂଘ ଦ୍ୱାରା ମନୋନିତ ସଦସ୍ୟମାନଙ୍କର ନାମ ଓ ପଦବୀ ଘୋଷଣା କରାଯାଇଥିଲା । ସଭାପତି ଭାବେ ରୋହିତ ବେହେରା ମନୋନିତ ହୋଇଥିବାବେଳେ ଉପସଭାପତି ଭାବେ ସୁବାଷ କୁମାର ବିହାରୀ, ସଂପାଦକ ଭାବେ ରତିରନ ଦାଶ, କୋଷାଧ୍ୟକ୍ଷ ପିଂଟୁ ବେହେରା ଓ ଉପଦେଷ୍ଟା କମିଟିରେ ପ୍ରିୟବ୍ରତ ସାହୁ, ବିମଳ ସାହୁ, ସୁଶ୍ରୀ ମମତା ଗଡନାୟକ, ଗୋପବନ୍ଧୁ ବେହେରା, ପିଂଟୁ ବେହେରା, ରାହୁଲ ବେହେରା ଓ ଲିପୁ ବେହେରା ପ୍ରମୁଖଙ୍କ ନାମ ଘୋଷଣା କରାଯାଇଥିଲା ।

# ଧାନମଣ୍ଡି ଉଦ୍‌ଘାଟିତ

ମାଲକାନଗିରି, (ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲାରେ ଖୋଲିଲା ଧାନ ମଣ୍ଡି । ଧାନ ମଣ୍ଡିକୁ ଉଦ୍‌ଘାଟନ କରିଛନ୍ତି ଉପମୁଖ୍ୟମନ୍ତ୍ରୀ ତଥା କୃଷି ମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ । ଚଳିତ ବର୍ଷ ମାଲକାନଗିରି ଜିଲ୍ଲାରୁ ୦୯ ଲକ୍ଷ ୨୪ ହଜାର କ୍ୱିଣ୍ଟାଲ ଧାନ କିଣିବା ଲାଗି ରାଜ୍ୟ ସରକାର ସ୍ଥିର କରିଛନ୍ତି । ହେଲେ ପୂର୍ବପରି ଚାଷୀଙ୍କୁ ଆଉ ଓଦା ଧାନ କହି କଟନି ଛଟନି କରିପାରିବେ ନାହିଁ ମିଲର । ସମସ୍ତ ଧାନ ମଣ୍ଡିରେ ସିସି ଟିଭି କେମେରା ଲାଗିବ । ମଣ୍ଡିରେ ଚାଷୀଙ୍କ ସାମନାରେ ମେସିନ ଭିତରେ ଧାନ ଟେଷ୍ଟ କରାଯିବ ଓ ଏହାର ରିପୋର୍ଟ ଉଭୟ ଚାଷୀ ଓ ମିଲ ମାଲିକଙ୍କୁ ଦିଆଯିବା । କୌଣସି ଚାଷୀ ଦଲାଲଙ୍କ ପାଖରେ ଧାନ ବିକ୍ରି ନକରି ମଣ୍ଡିରେ ଧାନ ବିକ୍ରି କରିବା ଲାଗି ଯୋଗାଣ ବିଭାଗର ଅଧିକାରୀଙ୍କୁ ତାଗିତ କରାଯାଇଛି ବୋଲି କହିଛନ୍ତି କୃଷି ମନ୍ତ୍ରୀ ତଥା ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂଦେଓ । ଏହା ସହ ସରକାରଙ୍କ ପ୍ରତିଶ୍ରୁତି ଅନୁଯାୟୀ ଚାଷୀମାନେ ଧାନର ସହାୟକ ମୂଲ୍ୟ ୨୩୦୦ ଟଙ୍କା ସହ ୮୦୦ ଟଙ୍କା ଇନପୁଟ୍ ମିଶାଇ କ୍ୱିଣ୍ଟାଲ ପିଛା ମୋଟ ୩୧୦୦ ଟଙ୍କା ପାଇବେ । ଏହା ଉଦ୍‌ଘାଟନୀ ଉତ୍ସବରେ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲଙ୍କ ସହ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ, ଉପଜିଲ୍ଲାପାଳ, ଆରକ୍ଷୀ ଅଧିକ୍ଷକ, ଜିଲ୍ଲା ଯୋଗାଣ ଅଧିକାରୀ, ଆର୍‌ଏମ୍‌ସି ସେକ୍ରେଟାରୀ, ମାଲକାନଗିରି ଲ୍ୟାମ୍ପସର କର୍ମଚାରୀ, ଜିଲ୍ଲାର ଚାଷୀଙ୍କ ସମେତ ବିଭାଗୀୟ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ ।

# ବେଆଇନ ଭାବେ ଚାଲିଛି କୁକୁଡ଼ା ଲଢ଼େଇ



କେନ୍ଦୁଝର, (ଭାସ୍କର ନ୍ୟୁଜ): କେନ୍ଦୁଝର ଜିଲ୍ଲା ତେଲକୋଇ ଥାନା ଅଞ୍ଚଳରେ ଚାଲିଛି ବେଧଡ଼କ କୁକୁଡ଼ା ଲଢ଼େଇ ଓ ଜୁଆ ଖେଳ । ଏହି ଜୁଆଖେଳରେ ବାଜିରେ ଲାଗୁଛି ଲକ୍ଷ ଲକ୍ଷ ଟଙ୍କା । ପଡ଼ାରେ ଉଡୁଛି ଭଳିକି ଭଳି ଗାନ୍ଧି ମୁଣ୍ଡ । ଯିଏ ବାଜି ଜିତୁଛି ମସଗୁଲରେ ଘରକୁ ଆସୁଛି ଆଉ ଯିଏ ବାଜିରେ ହାରୁଛି ମୁଣ୍ଡ କାନ ଆଉଁଶି ଘରକୁ ଫେରୁଛି । ଏମିତିକି ଲୋକେ ଘରୁ ଧାନ, ଚାଉଳ ବିକ୍ରି କରି ଜୁଆ ଖେଳି ସର୍ବସ୍ୱାନ୍ତ ହେଉଛନ୍ତି । ଫଳରେ ସଂପୃକ୍ତ ପରିବାର ରେ ବିଭିନ୍ନ ପ୍ରକାର ସମସ୍ୟା ଦେଖା ଦେବା ସହିତ ପାରିବାରିକ ଆସନ୍ତି ଦେଖା ଦେଉଛି । ଅନ୍ୟପଟେ ଏହି ବେଆଇନ ଜୁଆ ଆଡା ସମାଜରେ କୁପ୍ରଭାବ ପକାଉ ଥିବା ଅଭିଯୋଗ ହୋଇଛି । ଯୁବ ପୀଢ଼ି ଠାରୁ ଆରମ୍ଭ କରି ନା ବାଳକ ଏବଂ ସ୍କୁଲ କଲେଜ ଛାତ୍ରମାନେ ପଥଭ୍ରଷ୍ଟ ହେଉଛନ୍ତି । ଅନେକ ନାବାଳକ ଓ ଛାତ୍ରମାନେ ମଧ ଏହି ବେଆଇନ କୁକୁଡ଼ା ଲଢେଇ ଓ ଜୁଆ ଖେଳରେ ମାତୁ ଥିବା ଦେଖା ଯାଇଛି । ବିଭିନ୍ନ ସାପ୍ତାହିକ

## ବାଜିରେ ଲାଗୁଛି ଲକ୍ଷାଧିକ ଟଙ୍କା

ହାଟ ଏବଂ ନିଛାଟିଆ ସ୍ଥାନ ଜୁଆ ଖେଳାଳିମାନଙ୍କ ପେଣ୍ଠସ୍ଥଳୀ ପାଲଟିଛି । ପ୍ରତ୍ୟେକ ଥର ସ୍ଥାନ ପରିବର୍ତ୍ତନ କରି ଏହି ଜୁଆ ଖେଳ ଚାଲୁଛି । ଏଥିରେ ସ୍ୱତନ୍ତ୍ର ଭାବେ ଗୋଟିଏ ଜୁଆଡ଼ି ରାକେଟ ସକ୍ରିୟ ଥିବା ଅଭିଯୋଗ ହୋଇଛି । ତେବେ କାହା ଅନୁକମ୍ପାରେ ତେଲକୋଇ ଅଞ୍ଚଳର ବିଭିନ୍ନ ସାପ୍ତାହିକ ହାଟରେ କୁକୁଡ଼ା ଲଢେଇ ଓ ଜୁଆଖେଳ ଚାଲିଛି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ।



କରଞ୍ଜିଆ, (ଭାସ୍କର ନ୍ୟୁଜ) : ଦେଓଘର ସତସଙ୍ଗ କେନ୍ଦ୍ରର ପରମ ପୂଜ୍ୟପାଦ ଶ୍ରୀ ଶ୍ରୀ ଆଚାର୍ଯ୍ୟଦେବଙ୍କୁ ରବିବାର ଯଶିପୁରରେ ଭକ୍ତଗଣ ଭକ୍ତି ଭାବପୂର୍ଣ୍ଣ ସହକାରେ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଛନ୍ତି । ଏହି ଅବସରରେ ଠାକୁରମୁଣ୍ଡା ଯୁକ୍ତ ଦୁଇ ମହାବିଦ୍ୟାଳୟର କେତେକ ଛାତ୍ରୀ ଠାକୁରଙ୍କୁ ଭକ୍ତି ସମର୍ପିତ ଏକ ସ୍ୱାଗତ ଗୀତ ନୃତ୍ୟ ପରିବେଷଣ କରିଥିଲେ । ଯଶିପୁର ଧୋବାଡିହା ସ୍ଥିତ ସତସଙ୍ଗ କେନ୍ଦ୍ରରେ ଶ୍ରୀ ଶ୍ରୀ ଆଚାର୍ଯ୍ୟଦେବ ପହଞ୍ଚିବା କ୍ଷଣି ଯୁଗ ପୁରୁଷୋତ୍ତମ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ଭକ୍ତମାନେ ପ୍ରଣାମ ଜଣାଇ ଶୃଙ୍ଖଳିତ ମଧରେ ତାଙ୍କୁ ଶ୍ରୀମନ୍ଦିର ଭିତରକୁ ପାଛୋଟି ନେଇଥିଲେ । ଏହାପରେ ଆଚାର୍ଯ୍ୟଦେବଙ୍କ ପ୍ରବଚନ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ଭକ୍ତମାନଙ୍କୁ ଠାକୁରଙ୍କ ନିକଟରେ ନିଜକୁ ସମ୍ପୂର୍ଣ୍ଣ ସମର୍ପିତ କରିବା ସହ ଭକ୍ତି ମାର୍ଗ ଉଦ୍ଦେଶ୍ୟରେ ଆଚାର୍ଯ୍ୟଦେବ ପ୍ରବଚନ ଦେଇଥିଲେ । ସହପ୍ରତିରିତୀକ୍ ଡ଼ଃ ତପନ କୁମାର ମାଟିଆ କହନ୍ତି ପୂଜ୍ୟପାଦ ଆଚାର୍ଯ୍ୟଦେବଙ୍କ ଯଶିପୁର ଆଗମନ ସଦାସର୍ବଦା ଚୀର ସ୍ମରଣୀୟ ହୋଇ ରହିବ । ଯଶିପୁର ସତସଙ୍ଗକେନ୍ଦ୍ରର ସହପ୍ରତିରିତୀକ୍ ଦେବେନ୍ଦ୍ରନାଥ ମହାନ୍ତ, ପରମାନନ୍ଦ ମହାନ୍ତ, ଲମ୍ବୋଦର ମହାନ୍ତ, କମଳାକାନ୍ତ ମହାନ୍ତ, ବୃନ୍ଦାବନ ମହାନ୍ତ, ପ୍ରଫୁଲ୍ଲ ମହାନ୍ତ, ବେଣୁଧର ମହାନ୍ତ, ଡ଼ଃ ଦିବ୍ୟ ସୁନ୍ଦର ମହାନ୍ତ, ମନ୍ମଥ ମହାନ୍ତଙ୍କ ସମେତ ଅନେକ ଭକ୍ତ ଶ୍ରୀ ଶ୍ରୀ ଆଚାର୍ଯ୍ୟଦେବଙ୍କ ଶୁଭ ଆଗମନ ଓ ପ୍ରବଚନ କାର୍ଯ୍ୟକ୍ରମକୁ ସୁପରିଚାଳନା କରିଥିଲେ ।

### ସନ୍ଦେହ ଘେରରେ ପିସିଆର୍ ଡ୍ରାଇଭର ମୃତ୍ୟୁ ଘଟଣା

## ନ୍ୟାୟ ପାଇଁ ପୁଣି ଥାନା ଆଗରେ ଧାରଣା





ପାରାଦୀପ, (ଭାସ୍କର ନ୍ୟୁଜ୍) : ପାରାଦୀପ ଆଦର୍ଶ ଥାନାରେ ପିସିଆର୍ ଡ୍ରାଇଭର ଭାବେ କାର୍ଯ୍ୟ କରିଥିବା ସୁକେଶ ମଣ୍ଡଳଙ୍କ ମୃତ୍ୟୁକୁ ୫ ମାସ ପୂରିଥିବା ଏବଂ ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ସନ୍ଦେହ କରାଯାଉଥିବା ବେଳେ ଏହି ଘଟଣାର ସଠିକ୍ ତଦନ୍ତ ଓ ସଂପୃକ୍ତ ଅଭିଯୁକ୍ତଙ୍କୁ ଏପର୍ଯ୍ୟନ୍ତ ଗିରଫ କରାଯାଇ ପାରିନି । ଏହି ଘଟଣାର ପର୍ଦ୍ଦାଫାଶ କରିବା ସହ ସଂପୃକ୍ତ ଅଭିଯୁକ୍ତଙ୍କ ଗିରଫ ଦାବିରେ ରବିବାର ଦିନ ସୁକେଶ ରହୁଥିବା ମଧୁବନ ଜଗନ୍ନାଥ କଲୋନୀର ବସ୍ତି ବାସିନ୍ଦାମାନେ ଏକ ଶୋଭାଯାତ୍ରାରେ ଆସି ପାରାଦୀପ ଆଦର୍ଶ ଥାନା ଆଗରେ ଧାରଣ ଦେଇଥିଲେ । ମଧୁବନରେ ଥିବା ଗାନ୍ଧୀ ମୂର୍ତ୍ତିରେ ଫୁଲହାର ଦେଇ ଏକ ବିଶାଳ ଶୋଭାଯାତ୍ରା କଂଗ୍ରେସ ନେତା ନିରଞ୍ଜନ ନାୟକଙ୍କ ନେତୃତ୍ୱରେ ମୃତ ସୁକେଶ ମଣ୍ଡଳଙ୍କ ବାପା ସୁନିଲ ମଣ୍ଡଳଙ୍କ ସମେତ ଜଗନ୍ନାଥ କଲୋନୀ ବସ୍ତି ବାସିନ୍ଦାମାନେ ପାରାଦୀପ ଥାନା ଆଗରେ ପହଞ୍ଚିଥିଲେ । ପାରାଦୀପ ଆଦର୍ଶ ଥାନାର ନୂତନ ଅଧିକାରୀ ଛୁଟିରେ ଥିବା ଏବଂ ନୂତନ ଭାବେ ଦାୟିତ୍ୱ ଗ୍ରହଣ କରିବାକୁ ଆସିଥିବା ପାରାଦୀପର ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସ୍ମୃତି ରଞ୍ଜନ କର ଘଟଣା ସମ୍ପର୍କରେ ଆଲୋଚନା କରିଥିଲେ । ସୁକେଶଙ୍କ ମୃତ୍ୟୁକୁ ଦୀର୍ଘ ମାସ ବିତିଥିଲେ ମଧ ଅଭିଯୁକ୍ତମାନଙ୍କୁ କାହିଁକି ପୋଲିସ ପଚାରାଉଚରା କରୁନି ବୋଲି ପ୍ରଶ୍ନ କରିଥିଲେ । ମୃତ ସୁକେଶଙ୍କ ବାପା ସୁନୀଲ ମଣ୍ଡଳ ଅଭିଯୋଗ କରିଥିଲେ ଯେ, ପୋଲିସ ପିସିଆର୍ ଡ୍ରାଇଭର ମୃତ୍ୟୁ ଘଟଣାରେ ଯଦି ନ୍ୟାୟ ମିଳୁନାହିଁ ତେବେ ସାଧାରଣ ଲୋକଙ୍କୁ ପୋଲିସ କି ନ୍ୟାୟ ଦେବ । ଏହି ଘଟଣାର ଫରେନସିକ୍ ରିପୋର୍ଟ ଆସିନଥିବା କହିଥିଲେ ଡିଏସ୍‌ପି ସନ୍ତୋଷ ଜେନା । ନୂତନ ଭାରପ୍ରାପ୍ତ ଥାନା ଅଧିକାରୀ କାର୍ଯ୍ୟରେ ଯୋଗ ଦେବା ପରେ ଘଟଣାରେ ସଂପୃକ୍ତ ସମସ୍ତ ଅଭିଯୁକ୍ତମାନଙ୍କୁ ଡକାଇ ଜେରା କରାଯିବ ବୋଲି ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀ କର ପ୍ରତିଶ୍ରୁତି ଦେବା ପରେ ଧାରଣା ହଟିଥିଲା । ଯଦି ୫ରୁ ୬ ଦିନ ମଧରେ କୌଣସି ସୁଫଳ ନମିଳେ ତେବେ ପୁର୍ନବାର ଆନ୍ଦୋଳନ ହେବ ବୋଲି କଂଗ୍ରେସ ନେତା ନିରଞ୍ଜନ ନାୟକ, ନଗର କଂଗ୍ରେସ୍ ସଭାପତି କେଦାର ନାଥ ବିଶ୍ୱାଳ, ଜଗନ୍ନାଥ କଲୋନୀ ବସ୍ତି କମିଟି ସଭାପତି ଶୁବଳ ଦାସ୍ କହିଛନ୍ତି ।

## ଗଙ୍ଗାଦେବୀ ଓ ପୀରଜାହାନିଆ ପୀଠରେ ପର୍ଯ୍ୟଟକଙ୍କ ଭିଡ଼





ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ୍) : ପର୍ଯ୍ୟଟନ ଋତୁର ଆନନ୍ଦ ନେବା ପାଇଁ ପୁରୀ ଜିଲ୍ଲା ଅସ୍ତରଙ୍ଗ ପୀରଜାହାନିଆ ଓ ଗଙ୍ଗାଦେବୀ ନିକଟରେ ଜମୁଛି ପର୍ଯ୍ୟଟକଙ୍କ ଭିଡ଼ । ଶୀତଋତୁ ପାଇଁ ପର୍ଯ୍ୟଟକଙ୍କ ମନରେ ଅନେକ ଉନ୍ମାଦନା । ପ୍ରକୃତିର ଅପରୂପ ସୌନ୍ଦର୍ଯ୍ୟକୁ ଉପଭୋଗ କରିବା ପାଇଁ ଅସ୍ତରଙ୍ଗ ଅଭିମୁଖେ ହେନ୍ତାଳ ବଣ ସହ ପୀରଜାହାନିଆ ଗଙ୍ଗାଦେବୀ ଓ କେଳୁଣୀ ମୁହାଁଣ ନିକଟରେ ବଣଭୋଜିର ଆସର ଜମୁଛି । ବିଶେଷ କରି ଡିସେମ୍ବର ମାସ ଥିବାରୁ ପୁରୀ ଜିଲ୍ଲା ଅସ୍ତରଙ୍ଗ ଦେବୀ ମୁହାଁଣ ପାଲଟିଛି ଏକ ପ୍ରକୃଷ୍ଟ ସ୍ଥାନ । ଝାଉଁ ଜଙ୍ଗଲରେ ଅବସ୍ଥିତ ଏହି ପୀଠଟି ଏବେ ପିକ୍‌ନିକ୍ ସ୍ପଷ୍ଟ ପାଇଁ ପ୍ରଥମ ପସନ୍ଦ ପାଲଟିଛି । ପ୍ରାକୃତିକ ସୌନ୍ଦର୍ଯ୍ୟ ଭରପୁର ଏହି ପୀରଜାହାନିଆ ପୀଠ । ପ୍ରତିବର୍ଷ ପର୍ଯ୍ୟଟନ ଋତୁରେ ଶୋଭା ଉପଭୋଗ କରିବାକୁ ରାଜ୍ୟ ତଥା ରାଜ୍ୟ ବାହାରୁ ପର୍ଯ୍ୟଟକଙ୍କ ସୁଅ ଛୁଟୁଛି । ପୀରଜାହାନିଆ ପୀଠ ହେଉଛି ହିନ୍ଦୁ ଓ ମୁସଲିମଙ୍କ ସମନ୍ୱୟ ପୀଠ । ପର୍ଯ୍ୟଟକ ଆସିଲେ ପୀରବାବାଙ୍କୁ ଦର୍ଶନ ସହ ସମୁଦ୍ରରେ ସ୍ନାନ କରିବା ମଜା ସହ ବଣଭୋଜିର ମଜା ନେଇଥାନ୍ତି । ୨୦୨୪ବର୍ଷ ବିଦାୟ ନେବାକୁ ଆଉ ଅଳ୍ପ କିଛିଦିନ ଥିବାରୁ କିଏ ନିଜ ପରିବାର ସହ ଆଉ କିଏ ସାଙ୍ଗସାଥିଙ୍କ ସହିତ ପିକ୍‌ନିକ୍ ପାଇଁ ଆସୁଛନ୍ତି । ବଣଭୋଜିରେ ସ୍ୱାଦିଷ୍ଟ ବ୍ୟଞ୍ଜନ ସହିତ ନାଚଗୀତ ମଜା ବି ଉଠାଉଛନ୍ତି ପର୍ଯ୍ୟଟକ । ଏଠାକାର ପ୍ରାକୃତିକ ସୌନ୍ଦର୍ଯ୍ୟ ପର୍ଯ୍ୟଟକଙ୍କୁ ଯେତିକି ଆକୃଷ୍ଟ କରିଥାଏ, ଏଠାକାର ବଣଭୋଜି କରିବାର ମଧ ନିଆରା ଆନନ୍ଦ ରହିଥାଏ । ପର୍ଯ୍ୟଟନ ଋତୁ ଥିବାରୁ ପର୍ଯ୍ୟଟନସ୍ଥଳୀ ସମ୍ପୂର୍ଣ୍ଣ ଲୋକାରଣ୍ୟ ହେଉଛି ।

## ଗୁଣିଗାରେଡ଼ି ସନ୍ଦେହରେ ଯୁବକଙ୍କୁ ଆକ୍ରମଣ

ଟାଙ୍ଗୀ-ଚୌଦ୍ୱାର, (ଭାସ୍କର ନ୍ୟୁଜ୍) : ସମାଜରେ ଆଜି ବି ଅନ୍ଧବିଶ୍ୱାସ ଯୋଗୁଁ ବହୁ ଅପରାଧିକ ଘଟଣା ଦେଖିବାକୁ ମିଳୁଛି । ଏପରି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ଟାଙ୍ଗୀ ଥାନା ଅନ୍ତର୍ଗତ ଭଟିମୁଣ୍ଡା ଅଂଚଳରେ । ପ୍ରକାଶଥାଉକି, ରୁଦ୍ରପୁର ଅଂଚଳର ଜିତେନ୍ଦ୍ର ମଲ୍ଲିକ (୩୪) ଭଟିମୁଣ୍ଡା ଦଳିତ ବସ୍ତିରେ ବିବାହ କରିଥିବା ବେଳେ ଅନେକ ସମୟରେ ଶ୍ୱଶୁର ଘରକୁ ଆସିବା ସହ ଠାକୁରାଣୀ ପୂଜାରେ ଗୁରୁତ୍ୱ ଦେଉଥିଲେ । ଗତ କିଛିଦିନ ହେବ ଉକ୍ତ ବସ୍ତିର ଜଣେ ଯୁବତୀ ଅସ୍ୱାଭାବିକ ବ୍ୟବହାର ପ୍ରଦର୍ଶନ କରୁଥିବାରୁ ଏହା ଜିତେନ୍ଦ୍ରଙ୍କ ଠାକୁରାଣୀ ପୂଜା ଓ ଗୁଣିଗାରେଡ଼ି ପାଇଁ ହେଉଛି ବୋଲି ଗ୍ରାମବାସୀ ସନ୍ଦେହ କରି ବୁଧବାର ଅପରାହ୍ଣରେ ବସ୍ତିବାସିନ୍ଦା ଜିତେନ୍ଦ୍ରର ଦୁଇ ହାତକୁ ବାନ୍ଧି ନିସ୍ତୁକ ମାଡ଼ ମାରିଥିବା ନେଇ ପରିବାର ଲୋକେ ଟାଙ୍ଗୀ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଜିତେନ୍ଦ୍ର ଗୁରୁତର ଆହତ ହୋଇ କଟକ ବଡ଼ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ବେଳେ ପୁଲିସ୍ ଏ ଘଟଣାରେ ଉକ୍ତ ବସ୍ତିର ପ୍ରମୋଦ ମଲ୍ଲିକ (୩୨) ଓ ସୁରେଶ ମଲ୍ଲିକ (୨୦)ଙ୍କୁ ଗିରଫ୍ କରି କୋର୍ଟଚାଲାଣ କରିଥିବା ଜଣାପଡ଼ିଛି ।

## ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣିରେ ଅଭିଯୋଗକାରୀଙ୍କ ଅଭାବ



ଚମ୍ପୁଆ, (ଭାସ୍କର ନ୍ୟୁଜ୍) : ଆଜି ଚମ୍ପୁଆ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ କେନ୍ଦୁଝର ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ କେନ୍ଦୁଝର ଜିଲ୍ଲାପାଳ କୌଣସି କାରଣ ବଶତଃ ଯୋଗ ଦେଇ ପାରିନଥିବା ବେଳେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ କେନ୍ଦୁଝର କୁମାର ନାଗ ଭୂଷଣ, କେନ୍ଦୁଝର ସହକାରୀ ଏସ୍‌ପି ହରପ୍ରିୟା ନାୟକ, ଚମ୍ପୁଆ ଉପଜିଲ୍ଲାପାଳ ଉମାକାନ୍ତ ପରିଡ଼ା, ବିଡିଓ ରାଜା ରଞ୍ଜିତ ପ୍ରତାପ ବଳ, ତହସିଲଦାର ସୁଜିତ୍ ମାର୍କି, କେନ୍ଦୁଝର ସିଡିଏମଓ କିଶୋର କୁମାର ପୃଷ୍ଟି, ଏସଡିଏମଓ ଉମାକାନ୍ତ ସାହୁ, ଏବିଡିଓ ଚୁନୁ ହାସଦାଙ୍କ ସହିତ ଅନେକ ସରକାରୀ ପଦାଧିକାରୀ ଯୋଗ ଦେଇଥିଲେ । ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ କିଛି ସରକାରୀ ଅଧିକାରୀ ଆସି ନଥିବା ଯୋଗୁଁ ତାଙ୍କ ଚଉକି ଖାଲି ପଡିଥିବା ଦେଖିବାକୁ ମିଳିଥିଲା । ତେବେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣିରେ ଅଭିଯୋଗକାରୀଙ୍କର ମଧ ଘୋର ଅଭାବ ଦେଖାଯାଇଥିଲା । ସକାଳ ୧୦ ଘଟିକା ଠାରୁ ଅଭିଯୋଗ ଶୁଣାଣି ଆରମ୍ଭ ହୋଇଥିବା ବେଳେ ଅପରାହ୍ନ ୧.୩୦ ଘଟିକା ସୁଦ୍ଧା ମାତ୍ର ୭୬ ଜଣ ଅଭିଯୋଗକାରୀ ତାଙ୍କ ବିଭିନ୍ନ ଅଭିଯୋଗ ନେଇ ଆସିଥିବା ଦେଖିବାକୁ ମିଳିଥିଲା । ଅଭିଯୋଗ କାରୀଙ୍କ ବସିବା ପାଇଁ ଚେୟାର ବ୍ୟବସ୍ଥା କରାଯାଇ ଥିଲେ ମଧ ଚେୟାର ସବୁ ଫାଙ୍କା ପଡିଥିବା ଦେଖିବାକୁ ମିଳିଥିଲା । ଅଧିକାରୀମାନେ ଅଧିକ ଅଭିଯୋଗକାରୀ ଆସିବା ନେଇ ଅପେକ୍ଷା କରିବା ପରେ ଆଉ କୌଣସି ଅଭିଯୋଗକାରୀ ନଆସିବାରୁ ଜନଶୁଣାଣିକୁ ଅପରାହ୍ନ ୧.୩୦ ଘଟିକାରେ ସମାପ୍ତ କରିଦେଇଥିଲେ । ତେବେ ଚମ୍ପୁଆରେ କେନ୍ଦୁଝର ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣିରେ ଏତେ କମ୍ ସଂଖ୍ୟାରେ ଅଭିଯୋଗକାରୀ ଆସିବା ନେଇ ଉପସ୍ଥିତ ଲୋକମାନେ ଅଭିଯୋଗ ଶୁଣାଣିରେ ଅଭିଯୋଗ କଲେ ମଧ କୌଣସି ସୁଫଳ ହେଉ ନଥିବା ଯୋଗୁଁ ଲୋକମାନେ ଆଉ ଅଭିଯୋଗ ଶୁଣାଣିକୁ ଆସିବା ପାଇଁ ଆଗ୍ରହ ପ୍ରକାଶ କରୁନାହାଁନ୍ତି ବୋଲି ମତପ୍ରକାଶ କରିଥିବା ବେଳେ ଅଧିକାରୀମାନେ ଧାନ କଟା ଚାଲିଥିବା ଯୋଗୁଁ ଅଧିକ ଲୋକ ଅଭିଯୋଗ କରିବା ପାଇଁ ଆସିପାରି ନାହାଁନ୍ତି ବୋଲି ମତ ପୋଷଣ କରିଛନ୍ତି ।

## ଓକେସିଏଲ୍‌ର ଆଞ୍ଚଳିକ ସମ୍ମିଳନୀ

ଛତ୍ରପୁର, (ଭାସ୍କର ନ୍ୟୁଜ) : ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରରେ ଓଡିଶାକୁ ଏକ ସ୍ୱତନ୍ତ୍ର ସ୍ଥାନ ପ୍ରଦାନ କରିବା ପାଇଁ କାର୍ଯ୍ୟରତ ଓଡିଶା ନଲେଜ କର୍ପୋରେସନ ଲିମିଟେଡ ପକ୍ଷରୁ ଏକ ଆଞ୍ଚଳିକ ସମ୍ମିଳନୀ ଛତ୍ରପୁର ସ୍ଥିତ ଋଷିକୂଲ୍ୟା ସମ୍ମିଳନୀ କକ୍ଷରେ ରବିବାର ଦିନ ଆୟୋଜିତ ହୋଇ ଯାଉଛି । ଓକେସିଏଲର ଗଞ୍ଜାମ ଜିଲ୍ଲାର ମୁଖ୍ୟ ଏସ୍. ରେଖା ମହାନ୍ତିଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଗଞ୍ଜାମ, ଗଜପତି ଓ କନ୍ଧମାଳ ଜିଲ୍ଲାରେ ଓକେସିଏଲର ଡିଜିଟାଲ ଶିକ୍ଷା ପାଠ୍ୟକ୍ରମ ପ୍ରଦାନ କରୁଥିବା ଶତାଧିକ ଶିକ୍ଷାକେନ୍ଦ୍ରର ପରିଚାଳକମାନେ ଯୋଗଦେଇଥିଲେ । ଓକେସିଏଲ୍‌ର ପରିଚାଳନା ନିର୍ଦ୍ଦେଶକ ଡକ୍ଟର ମନୋରଞ୍ଜନ ପୁଥଲ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍‌ଘାଟନ କରିବା ସହ ସମ୍ମିଳନୀକୁ ଉଦ୍‌ବୋଧନ ଦେଇଥିଲେ । ପରିବର୍ଦ୍ଧିତ ବୈଶ୍ୱିକ ବାତାବରଣରେ ଓଡ଼ିଶାର ସମସ୍ତ ଗ୍ରାମ ଓ ସହରାଞ୍ଚଳର ଓଡ଼ିଆ ମାଧ୍ୟମ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ଜାତୀୟ ଓ ଆନ୍ତର୍ଜାତିକ ସ୍ତରର ପାଠ୍ୟକ୍ରମ ପ୍ରଦାନ ସ୍ୱଳ୍ପ ମୂଲ୍ୟରେ ପ୍ରଦାନ କରି କିପରି ସାମାଜିକ ମାନ ବୃଦ୍ଧି ପାଇବ ସେ କ୍ଷେତ୍ରରେ ଓକେସିଏଲର ସମସ୍ତ ଅଧିକୃତ କେନ୍ଦ୍ରମାନଙ୍କ ସଞ୍ଚାଳକ ଚେଷ୍ଟା କରିବାକୁ ଶ୍ରୀ ପୁଥଲ ଆହ୍ୱାନ ଦେଇଛନ୍ତି । ଏହି ଅବସରରେ ଏହି ତିନୋଟିଯାକ ଜିଲ୍ଲାରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା କେନ୍ଦ୍ର ଗୁଡିକୁ ଶ୍ରୀ ପୁଥଲ ସମ୍ମାନୀତ ଓ ପୁରସ୍କୃତ କରିଥିଲେ । ଓକେସିଏଲର ବରିଷ୍ଠ ପରିଚାଳକ ସୁଶାନ୍ତ ଜେ ଦାସଙ୍କ ସମେତ ଜୟଶ୍ରୀ ଦେହୁରୀ, ହିମଜା ହବିଷମତି, ସୌମ୍ୟ ଶୁଭମ ରାଉତ, ଜସ୍ମିନ ପଣ୍ଡା ଓ ଦେବାଶିଷ ସାହୁ ବିଭିନ୍ନ ଆଗାମୀ ପ୍ରୋଜେକ୍ଟ ସମ୍ପର୍କିତ ତାଲିମ ପ୍ରଦାନ କରିଥିଲେ । ଓକେସିଏଲର ଗଜପତି ଜିଲ୍ଲା ମୁଖ୍ୟ ଶ୍ରୀକାନ୍ତ ମହାନ୍ତି ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ କନ୍ଧମାଳ ଜିଲ୍ଲାର ମୁଖ୍ୟ ସୁଜିତ କୁମାର ଚୌଧୁରୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ୫୭ବର୍ଷରେ ପଦାର୍ପଣ କଲା ରାଢ଼ଙ୍ଗ ମହଲକ୍ଷ୍ମୀ ପୂଜା ମହୋତ୍ସବ



ଜଗତସିଂହପୁର,(ଭାସ୍କର ନ୍ୟୁଜ୍) : ଜଗତସିଂହପୁର ଜିଲ୍ଲା ଅଧିନସ୍ଥ ରଘୁନାଥପୁର ବ୍ଲକ ଅନ୍ତର୍ଗତ ରାଢ଼ଙ୍ଗ ଗ୍ରାମରେ ମାର୍ଗଶୀର ମାସର ଶେଷ ଗୁରୁବାର ମାଣବସା ଓଷା ଉପଲକ୍ଷେ ମାଆ ମହାଲକ୍ଷ୍ମୀଙ୍କ ପୂଜା ଜାକଜମକରେ ପାଳନ କରାଯାଉଅଛି । ଏହା ସାତ ଦିନ ବ୍ୟାପି ଆସନ୍ତା ବୁଧୁବାର ପର୍ଯ୍ୟନ୍ତ ଚାଲିବ । ବିଗତ ପ୍ରାୟ ୫୭ ବର୍ଷ ତଳୁ ରାଢ଼ଙ୍ଗ ଗ୍ରାମରେ ମାଆ ମହାଲକ୍ଷ୍ମୀଙ୍କ ପୂଜା କରାଯାଇ ଆସୁଅଛି । ସେତେବେଳେ ଭଙ୍ଗା ଚାଳ ଘରେ ନଡ଼ିଆ ବାହୁଙ୍ଗା ଛପା, ଦେବଦାରୁ ପତ୍ର, ଆମ୍ବ ପତ୍ର, କଦଳୀ ଗଛ, ଧାନ ମେଣ୍ଟି ଆଦିକୁ ସଜାଇ, ମାଟିଘର କାନ୍ଥରେ, ଢ଼ିଙ୍କି କୁଟା ଅରୁଆ ଚାଉଳକୁ ବାଟି ଚିତା ପକାଇ ମାଆ ଲକ୍ଷ୍ମୀଙ୍କ ପୂଜା ଆରମ୍ଭ କରାଯାଉଥିଲା । ଅତ୍ୟନ୍ତ ଭକ୍ତି ଭାବରେ ଗ୍ରାମବାସୀ ମାର୍ଗଶିର ମାସ ଶେଷ ଗୁରୁବାର ଠାରୁ ସାତ ଦିନ ଧରି ମାଆ ଲକ୍ଷ୍ମୀଙ୍କ ପୂଜାର୍ଚ୍ଚନା କରି ସପ୍ତମ ଦିନରେ ବିସର୍ଜନ କରନ୍ତି । ମାଆ ଲକ୍ଷ୍ମୀଙ୍କ ଏହି ସାତଦିନ ମଧରେ ଗ୍ରାମ ମଧକୁ ଆମିଷ ଦ୍ରବ୍ୟ ପ୍ରବେଶ ନିଷେଧ କରାଯାଇଥାଏ ଏବଂ ପ୍ରତ୍ୟେକ ଦିନ ପ୍ରଭୁଙ୍କ ନାମ ସଙ୍କୀର୍ତ୍ତନ, ଭଜନ କୀର୍ତ୍ତନ ଚାଲେ । କ୍ରମଶଃ ରାଢ଼ଙ୍ଗ ଗ୍ରାମର ଲକ୍ଷ୍ମୀପୂଜା ଚତୁଃପାର୍ଶ୍ୱରେ ଥିବା ପୂଜା, କଳିଙ୍ଗା, ଇଚ୍ଛାପୁର, ଜିରା ଗ୍ରାମ ଗୁଡ଼ିକୁ ପ୍ରଭାବିତ କରିଥିଲା । ଏହି ଗ୍ରାମ ମାନଙ୍କରେ ମଧ ଲକ୍ଷ୍ମୀଙ୍କ ପୂଜା କରିବାର ଆଗ୍ରହ ପ୍ରକାଶ ପାଇଥିଲା । ଏହି ଗ୍ରାମ ମାନଙ୍କର ଲକ୍ଷ୍ମୀ ମେଢ଼ ସବୁ ରାଢ଼ଙ୍ଗ ବଟ ପ୍ରାଙ୍ଗଣରେ ସମବେତ କରାଯାଇ ମେଳଣର ଆୟୋଜନ ହେଉଥିଲା । ଏହି ମେଳଣରେ ରାଢ଼ଙ୍ଗ ଯାତ୍ରା ପାର୍ଟି ଦ୍ୱାରା ସାରା ରାତି ନାଟକ ପରିବେଷଣ କରାଯାଉଥିଲା । ସେତେବେଳେ ମାଆ ଲକ୍ଷ୍ମୀ ପୂଜା ଗ୍ରାମଗ୍ରାମ ମଧରେ ଆତ୍ମିୟତା, ଆଧାତ୍ମିକତା, ଭାଇଚାରା ସୃଷ୍ଟି କରିବାରେ ସହାୟକ ସାଜିଥିଲା । ଅବଶ୍ୟ ଏବେ ସମୟ ଅନେକ ଅତୀତ ହୋଇ ଯାଇଛି । ପୂଜା ପଦ୍ଧତି, ସାଜସଜ୍ଜା ଆଦିରେ ଅନେକ ଆଧୁନିକତାର ଛାପ ସ୍ପଷ୍ଟ ପରିଲକ୍ଷିତ ହୋଇଛି । ତଥାପି ମହାଲକ୍ଷ୍ମୀଙ୍କ ପୂଜା ଏବେ ବି ରାଢ଼ଙ୍ଗ ଗ୍ରାମର ସ୍ୱାଭିମାନ, ସମ୍ମାନ, ସମନ୍ୱୟ ରକ୍ଷା କରିବାରେ ଗୁରୁତ୍ୱ ପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି । ରାଢ଼ଙ୍ଗ ଗ୍ରାମରେ ଏବେ ମାଆ ନାରାୟଣୀ ଲକ୍ଷ୍ମୀପୂଜା କମିଟି, ପାଳସାହି ଲକ୍ଷ୍ମୀ ପୂଜା କମିଟି, ମହାଦେବ ଲକ୍ଷ୍ମୀ ପୂଜା କମିଟି, ରାଉତ ସାହି ମହାଲକ୍ଷ୍ମୀ ପୂଜା କମିଟି ମାନେ ମାଆ ଲକ୍ଷ୍ମୀଙ୍କ ପୂଜା ଜାକଜମକରେ ପାଳନ କରୁଥିବାରୁ ଅଞ୍ଚଳରେ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛନ୍ତି । ଏହି ପରିପ୍ରେକ୍ଷୀରେ ରାଉତ ସାହି ପୂଜା ମଣ୍ଡପ ପଡିଆରେ ଗତ ୧୪/୧୨ ଠାରୁ ୧୫/୧୨ ଦୁଇଦିନ ଧରି ମା ନାରାୟଣୀ ନାଟ୍ୟସଂସଦ ଦ୍ୱାରା ଗ୍ରାମର ଯୁବକମାନଙ୍କୁ ନେଇ ଡ୍ରାମା ଅନୁଷ୍ଠିତ ହୋଇଯାଇଛି । ଏହି ଡ୍ରାମା ପେଣ୍ଡାଲରେ ସାଧାରଣ ସଭା ସାଙ୍ଗକୁ ବରିଷ୍ଠ କଳାକାରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ସମ୍ବର୍ଦ୍ଧିତ ସଭାକୁ ରାଜ୍ୟପାଳ ତଥା ରାଷ୍ଟ୍ରପତି ପୁରସ୍କୃତ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସୁଭାଷ ଚନ୍ଦ୍ର ରାଉତ ଉଦ୍ଘାଟନ କରି କହିଥିଲେ ରାଢଙ୍ଗ କିପରି କଳାକାରର ଗାଁ ଓ ଏହାଦ୍ୱାରା ସେ କିପରି ଛୋଟ ବେଳୁ ପ୍ରଭାବିତ ହୋଇଥିଲେ । ଏହି ସଭାରେ ଝାଟୁ ପାଳ, କାହ୍ନୁ ନାୟକ ଓ ଭ୍ରମରବର ପାଳଙ୍କ ପରି ବର୍ଷିଆନ କଳାକାରଙ୍କୁ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା । ଏଥିରେ ମୁଖ୍ୟବକ୍ତା ଭାବେ ବିଶିଷ୍ଟ ଶିକ୍ଷାବିତ ପ୍ରାଧାପକ ଡ. ତପନ କୁମାର ଜେନା, ସମ୍ମାନୀୟ ଅତିଥି ଭାବେ ଓମ୍ଫେଡର ଅବସରପ୍ରାପ୍ତ ବରିଷ୍ଠ ଅଧିକାରୀ ଶୈଳେନ୍ଦ୍ର ରାଉତରାୟ, ରାଢଙ୍ଗର ପୂର୍ବତନ ସରପଞ୍ଚ ପ୍ରଭାକାର ଜେନା ଓ ପଞ୍ଚାୟତ ସମିତି ସଭ୍ୟ ପ୍ରାନ୍ତରଶ୍ମୀ ପାଳ, ବରିଷ୍ଠ ଯାତ୍ରା କଳାକାର ଅଶୋକ ରାଉତ ଯୋଗଦେଇଥିଲେ । ଅର୍ଜୁନ ଚରଣ ରାଉତ ସଭାପତିତ୍ୱ କରିଥିବା ବେଳେ ନାରାୟଣୀ ନାଟ୍ୟ ସଂସଦର ସମ୍ପାଦକ ବିପିନ ସେଠି ବାର୍ଷିକ ବିବରଣୀ ପାଠ କରିବା ସହିତ ସଂସଦର ନାଟ୍ୟ ନିର୍ଦ୍ଦେଶକ ଭାଗିରଥି ରାଉତ ଧନ୍ୟବାଦ ଅର୍ପଣ କରିଥିଲେ । ସୁଶାନ୍ତ ଜେନା ମଞ୍ଚ ପରିଚାଳନା କରିବା ସହିତ ମାନପତ୍ର ପଠନ କରିଥିଲେ । ଏହି ସଭା କାର୍ଯ୍ୟରେ ନିମାଇଁ ଚରଣ ରାଉତ, ନିର୍ବିକାର ସେଠି, ଅଣକାର ରାଉତ ସୌମ୍ୟକାନ୍ତ ଜେନା, ଉଲ୍ଲାଶ ପାଳ, ସମୀର ରାଉତ, ନିରାକାର ସେଠି, ବଳରାମ ପାଳ ପ୍ରମୁଖ ସହଯୋଗ କରିଥିଲେ । ସେହିପରି ଆଜି ସନ୍ଧ୍ୟା ୭ଘଟିକାରେ ମହୋତ୍ସବର ଉଦଯାପନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହିସଭାକୁ ନାରାୟଣୀ ନାଟ୍ୟସଂସଦର ସଭାପତି ନିମାଇଁ ଚରଣ ରାଉତଙ୍କ ଦ୍ୱାରା ଉଦ୍ଘାଟନ କରାଯାଇ ଦୁଇଦିନ ଧରି ପରିବେଷଣ କରାଯାଉଥିବା ନାଟକ 'ଏମିତି କେମିତି ହେଲା 'ଓ 'ଇଏ କି ବିଧାତାର ଖେଳ'ରେ କୃତିତ୍ୱର ସହ ଅଭିନୟ କରିଥିବା କଳାକାର ମାନଙ୍କୁ ମାନପତ୍ର ଓ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା । ମା ମହାଲକ୍ଷ୍ମୀଙ୍କ ଭାଷାଣି ଉତ୍ସବ ବୁଧବାର ହେବ ବୋଲି ପୂଜା ମଣ୍ଡପର ଅଧିକାରୀମାନେ କହିଥିଲେ ।

## କିଡ୍‌ନୀ ରୋଗରେ ପୀଡିତ ଉଦିତଙ୍କୁ ଆର୍ଥିକ ସହାୟତା



କୁଜଙ୍ଗ,(ଭାସ୍କର ନ୍ୟୁଜ୍): ଜଗତସିଂହପୁର ଜିଲ୍ଲା କୁଜଙ୍ଗ ବ୍ଲକ ଅନ୍ତର୍ଗତ ବାଗୋଇ ପଞ୍ଚାୟତର ବାଗୋଇ ଗ୍ରାମର କିଡ଼ନୀ ରୋଗରେ ପୀଡିତ ଉଦିତ ନାରାୟଣ ସାମଲଙ୍କୁ ସହାୟତାର ହାତ ବଢ଼ାଇଛନ୍ତି ଓଡ଼ିଶାର ପ୍ରମୁଖ ଦାତବ୍ୟ ଟ୍ରଷ୍ଟ ମା' ତାରିଣୀ ହେଲପିଙ୍ଗ ହ୍ୟାଣ୍ଡସ । ସୂଚନାଯୋଗ୍ୟ କି, ଉଦିତ ଜଣେ ଗରିବ ଶ୍ରେଣୀର ପିଲା ଅଟନ୍ତି । ଗତ କିଛି ମାସ ହେବ ଉଦିତ କିଡ଼ନୀ ରୋଗରେ ପୀଡିତ ହୋଇ ବର୍ତ୍ତମାନ ସେ ଚଲାବୁଲା ଠିକ ସେ କରିପାରୁନାହାନ୍ତି । ଗୋଡ ହାତ ସବୁ ଫୁଲି ଯାଉଛି । ଅର୍ଥାଭାବରୁ ଚିକିତ୍ସାରେ ଅର୍ଥ ସାଜିଛି ବାଧକ । ବିଭିନ୍ନ ଗଣମାଧ୍ୟମରୁ ଏହି ଦୁଃଖଦ ଖବର ପାଇ ମା' ତାରିଣୀ ହେଲପିଙ୍ଗ ହ୍ୟାଣ୍ଡସର ସଭାପତି ତଥା ଯୁବ ସମାଜସେବୀ ଇଂ ଶଙ୍ଖେଶ୍ୱର ପ୍ରସାଦ ମହାନ୍ତିଙ୍କ ପରାମର୍ଶ କ୍ରମେ ବରିଷ୍ଠ ସଦସ୍ୟ ସୂର୍ଯ୍ୟକାନ୍ତ ରାଉତ, ନନ୍ଦନନ୍ଦନ ଜୟସିଂ, ପ୍ରବୀର ସ୍ୱାଇଁ, ଜ୍ୟୋତିରଞ୍ଜନ ସ୍ୱାଇଁ, ସୁଧାକର ମହାନ୍ତି, ଚିନ୍ମୟ କୁମାର ବେଉରା, ହରେକୃଷ୍ଣ ବେହେରା ଓ ତୁଷାରକାନ୍ତ ସ୍ୱାଇଁ ପ୍ରମୁଖ ଉଦିତଙ୍କ ବାସଭବନରେ ପହଞ୍ଚି ତାଙ୍କୁ ଦଶ ହଜାର ଟଙ୍କାର ଆର୍ଥିକ ସହାୟତା ଦେବା ସହ ତାଙ୍କର ଆଶୁ ଆରୋଗ୍ୟ କାମନା କରିଥିଲେ । ମା' ତାରିଣୀ ହେଲପିଙ୍ଗ ହ୍ୟାଣ୍ଡସର ଏଭଳି ବଦାନ୍ୟତା ପାଇଁ ଉଦିତ ଏବଂ ତାଙ୍କ ପରିବାର କୃତଜ୍ଞତା ଜଣାଇଥିବା ବେଳେ ସ୍ଥାନୀୟ ଅଞ୍ଚଳବାସୀ ଭୂୟସୀ ପ୍ରଶଂସା କରିଛନ୍ତି ।

## ଗୋପବନ୍ଧୁ ସେବା ସଂଘ ପକ୍ଷରୁ ଦୁର୍ଘଟଣାଗ୍ରସ୍ତ ରୋଗୀଙ୍କୁ ସହାୟତା



ତିହିଡ଼ି,(ଭାସ୍କର ନ୍ୟୁଜ୍) : ତିହିଡ଼ି ବ୍ଲକର ଅଗ୍ରଣୀ ସାମାଜିକ ସଂଗଠନ ଗୋପବନ୍ଧୁ ସେବା ସଂଘ ପକ୍ଷରୁ ଚାନ୍ଦବାଲି ବ୍ଲକ ଅଧୀନସ୍ଥ ଆରଡ଼ି ଓଳଙ୍ଗ ଗ୍ରାମର ଦୁର୍ଘଟଣାଗ୍ରସ୍ତ ରୋଗୀ ଧର୍ମାନନ୍ଦ ସୂତାରଙ୍କ ପରିବାରକୁ ସହାୟତା ପ୍ରଦାନ କରିଥିବା ଜଣାଯାଇଛି । ପ୍ରକାଶ ଯେ, ଧର୍ମାନନ୍ଦ ଏକ ସଡ଼କ ଦୁର୍ଘଟଣାଗ୍ରସ୍ତ ହୋଇ ମେରୁଦଣ୍ଡ ଓ ଗୋଡ଼ ଭାଙ୍ଗିଯିବାରୁ ଦୀର୍ଘଦିନ ହେବ ଶଯ୍ୟାଶାୟୀ ଅଛନ୍ତି । ଧର୍ମାନନ୍ଦ ଜଣେ କାଠ ମିସ୍ତ୍ରୀ ଭାବେ ଯାହା ରୋଜଗାର କରନ୍ତି ସେଥିରେ ତାଙ୍କର ଦୁଇଝିଅ ଓ ସ୍ତ୍ରୀ କଷ୍ଟେ ମଷ୍ଟେ ଚଳି ଯାଉଥିଲେ । ସେ ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ଥିବାରୁ ଏବେ ତାଙ୍କ ପରିବାର ଆର୍ଥିକ ଅନଟନ ଦେଇ ଗତି କରୁଛି । ସେ ରୋଗଶଯ୍ୟାରେ ପଡ଼ିଥିବାରୁ ନିଜର ଔଷଧ ଖର୍ଚ୍ଚ ଓ ପିଲାଙ୍କ ପାଠପଢ଼ା ତୁଲାଇବା ତାଙ୍କ ପକ୍ଷେ ସମ୍ଭବପର ହୋପାରୁନାହିଁ । ଏହି ଖବର ପାଇବା ପରେ ଗୋପବନ୍ଧୁ ସେବା ସଂଘ ତାଙ୍କୁ ସହାୟତାର ହାତ ବଢ଼ାଇଛି । ସଂଘର ସଭାପତି ରାଜୀବ କୁମାର ନାୟକ, ସେକ୍ ଲିଆକତ, ରବିଶଙ୍କର ଦାସ, କ୍ଷୀରୋଦ ଦାସ, ବସନ୍ତ ଦାସ, ରାମଚନ୍ଦ୍ର ନାୟକ, ପ୍ରଫୁଲ୍ଲ ସେନାପତି, ଶଶିକାନ୍ତ ବେହେରା, ଜନ୍ମେଜୟ ସିହ୍ନା, ଅଶୋକ ନାୟକ ପ୍ରମୁଖ ଧର୍ମାନନ୍ଦଙ୍କ ଘରେ ପହଞ୍ଚି ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ । ଏଥି ସହ ତାଙ୍କର ଚିକିତ୍ସା ପାଇଁ ୫ହଜାର ଟଙ୍କା ଆର୍ଥିକ ସହାୟତା ଓ ଦୁଇଝିଅ ଏବଂ ସ୍ତ୍ରୀଙ୍କ ପାଇଁ ବସ୍ତ୍ର ପ୍ରଦାନ କରି ସମବେଦନା ଜଣାଇଛନ୍ତି ।

## ରାଶିଫଳ

ମଙ୍ଗଳବାର, ୧୭ ଡିସେମ୍ବର ୨୦୨୪



**ମେଷ:** ଦିନଟି ଲାଭଦାୟକ ହେବ । ଆଜି ବ୍ୟବସାୟ ଅନୁକୂଳ ଲାଭ ଦେବ । ତୁମେ ତୁମର ଜୀବନସାଥୀଙ୍କ ଠାରୁ ସମର୍ଥନ ପାଇବ । ଚାକିରିରେ କାମକୁ ପ୍ରଶଂସା କରାଯିବ । ଆଜିର ଦିନଟି ଭଲରେ କଟିବ । ଲାଭ ସୁଯୋଗ ଆସିବ ।



**ବୃଷ:** ସ୍ଥାୟୀ ସମ୍ପତ୍ତି କ୍ରୟ ଏବଂ ବିକ୍ରୟ ହୋଇପାରେ । ଦୀର୍ଘ ବିଚାରାଧୀନ କାର୍ଯ୍ୟ ସମାପ୍ତ ହେବାର ସମ୍ଭାବନା ଅଛି । ବେକାରୀ ସମସ୍ୟା ଦୂର କରିବା ପାଇଁ ପ୍ରୟାସ ସଫଳ ହେବ । ପ୍ରଗତିର ରାସ୍ତା ଖୋଲିଯିବ । ଶତ୍ରୁମାନଙ୍କଠାରୁ ସତର୍କତା ଆବଶ୍ୟକ ।



**ମିଥୁନ:** ଛାତ୍ରଛାତ୍ରୀ ସଫଳତା ହାସଲ କରିବ । ପାର୍ଟି ଏବଂ ପିକନିକ୍ ଉପଭୋଗ କରିବ । ଆପଣ ଚାକିରିରେ କିଛି ନୂତନ କାର୍ଯ୍ୟ କରିବାକୁ ସମର୍ଥ ହେବେ । ସୁସ୍ୱାଦୁ ଖାଦ୍ୟ ଉପଭୋଗ କରାଯାଇପାରେ । ବିନିଯୋଗ କରିବାକୁ ତତ୍ପର ହୁଅନ୍ତୁ ନାହିଁ ।



**କର୍କଟ:** କିଛି ବଡ଼ ଅସୁବିଧା ଆସିପାରେ । ଅଧିକ ତ୍ୱରାନ୍ୱିତ ହେବ । ଦୁଃଖଦ ଖବର ଗ୍ରହଣ କରାଯାଇପାରେ । ତୁମର ବକ୍ତବ୍ୟକୁ ନିୟନ୍ତ୍ରଣ କର । ଆଶା କରାଯାଉଥିବା କାର୍ଯ୍ୟ ବିଳମ୍ବ ହେବ । ଆୟ ହେବ । ବ୍ୟବସାୟ ଭଲ ହେବ । ଚାକିରିରେ କାର୍ଯ୍ୟଭାର ରହିବ ।



**ସିଂହ:** ବନ୍ଧୁ ଏବଂ ସମ୍ପର୍କୀୟଙ୍କୁ ଭେଟିବାର ସୁଯୋଗ ମିଳିବ । କିଛି ମହତ୍ କାର୍ଯ୍ୟ କରିବାକୁ ଇଚ୍ଛୁକ ହେବେ । ବୟସ୍କମାନଙ୍କ ମାର୍ଗଦର୍ଶନ ଲାଭ ବୃଦ୍ଧି କରିବ । ବ୍ୟବସାୟ ବୃଦ୍ଧି ପାଇବ । ଚାକିରିରେ ତୁମେ ଏକ ଉଚ୍ଚ କର୍ତ୍ତୃପକ୍ଷଙ୍କ ସୁଖ ପାଇବ ।



**କନ୍ୟା:** ଉତ୍ସାହଜନକ ସୂଚନା ଗ୍ରହଣ କରାଯିବ । ତୁମେ ଭୁଲି ଯାଇଥିବା ସାଙ୍ଗମାନଙ୍କୁ ଭେଟିବ । ବିବାଦକୁ ଉତ୍ସାହିତ କରନ୍ତୁ ନାହିଁ । ଆତ୍ମ ସମ୍ମାନ ରହିବ । କିଛି ବଡ଼ କାମ ଏବଂ ବାହାରକୁ ଯିବାକୁ ଇଚ୍ଛା ହେବ । ବ୍ୟବସାୟ ଲାଭଦାୟକ ହେବ । ଧନ ପ୍ରାପ୍ତ ହେବ ।



**ତୁଳା:** ଉପହାର ଗ୍ରହଣ କରାଯାଇପାରେ । ବେକାରୀ ସମସ୍ୟା ଦୂର କରିବା ପାଇଁ ପ୍ରୟାସ ସଫଳ ହେବ । ବ୍ୟବସାୟ ଯାତ୍ରା ସଫଳ ହେବ । କିଛି ବଡ ଘଟଣା ହୋଇପାରେ । ଆପଣ ଜଣେ ବରିଷ୍ଠ ବ୍ୟକ୍ତିଙ୍କ ମାର୍ଗଦର୍ଶନ ପାଇବେ । ବ୍ୟବସାୟ ଅନୁକୂଳ ଲାଭ ଦେବ ।



**ବିଛା:** ଖର୍ଚ୍ଚ ବୃଦ୍ଧି ପାଇବ । ବିବାଦକୁ ଉତ୍ସାହିତ କରନ୍ତୁ ନାହିଁ । ଦୁଷ୍ଟମାନଙ୍କଠାରୁ ସତର୍କତା ଆବଶ୍ୟକ । ଏକ ପୁରୁଣା ରୋଗ ପୁନର୍ବାର ହୋଇପାରେ । ବିପଦପୂର୍ଣ୍ଣ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ । କୌଣସି ନିଷ୍ପତ୍ତି ନେବାରେ ବିବେକ ବ୍ୟବହାର କରନ୍ତୁ । ଜୀବନ ପରିବାର ସହିତ ଖୁସିରେ ବିତାଇବ । ବ୍ୟବସାୟ ଭଲ ହେବ ।



**ଧନୁ:** ଅଟକି ରହିଥିବା ଟଙ୍କା ପାଇବାର ସମ୍ଭାବନା ଅଛି । ବ୍ୟବସାୟ ଯାତ୍ରା ସଫଳ ହେବ । ରାଜନୈତିକ ସମର୍ଥନ ମିଳିବ । ବ୍ୟବସାୟ ବୃଦ୍ଧି ପାଇବ । ଭାଗ୍ୟ ଆପଣଙ୍କୁ ସମର୍ଥନ କରିବ । ସହକର୍ମୀମାନେ ଆପଣଙ୍କୁ କାର୍ଯ୍ୟରେ ସାହାଯ୍ୟ କରିବେ । ଟଙ୍କା ପାଇବା ସହଜ ହେବ । ଅଳସୁଆ ହୁଅ ନାହିଁ ।



**ମକର:** ଦୀର୍ଘ ବିଚାରାଧୀନ କାର୍ଯ୍ୟ ସମାପ୍ତ ହେବାର ସମ୍ଭାବନା ଅଛି, ଚେଷ୍ଟା ଜାରି ରଖନ୍ତୁ । ଅର୍ଥନୈତିକ ପ୍ରଗତି ପାଇଁ ଏକ ନୂତନ ନୀତି ପ୍ରସ୍ତୁତ କରାଯିବ । ସିଷ୍ଟମ୍ ଉନ୍ନତି କରିବ । ଆୟ ବୃଦ୍ଧି ପାଇବ । ଆପଣ ସାଙ୍ଗମାନଙ୍କୁ ସାହାଯ୍ୟ କରିପାରିବେ । ପ୍ରତିଷ୍ଠା ବୃଦ୍ଧି ପାଇବ । ବ୍ୟବସାୟ ଏବଂ ବ୍ୟବସାୟ ଲାଭଦାୟକ ହେବ ।



**କୁମ୍ଭ:** ଆଜି ଏକ ବିଶେଷ ପୂଜା ଦିବସ ହେବ । ଚାକିରିରେ କାମ କରିବାକୁ ଭଲ ପାଆନ୍ତି । ଆପଣ ଜଣେ ସାଧୁଙ୍କ ସେବା କରିବାର ସୁଯୋଗ ପାଇବେ । ବ୍ୟବସାୟ ଯାତ୍ରା ସଫଳ ହେବ । ବ୍ୟବସାୟ ଲାଭଦାୟକ ହେବ । ବିନିଯୋଗ ଲାଭଦାୟକ ହେବ । ଘର ବାହାରେ ସୁଖ ମିଳିବ ।



**ମୀନ:** ବ୍ୟବସାୟ ଲାଭଦାୟକ ହେବ । ଅଳସୁଆତା ଜିତିବ । ଆଘାତ ଏବଂ ଦୁର୍ଘଟଣା କ୍ଷତି ହୋଇପାରେ । ଦ୍ୱନ୍ଦ୍ୱ ଥାଇପାରେ । ଜଣେ ବ୍ୟକ୍ତିର ଆଚରଣ ମନକୁ ଆଘାତ ଦେଇପାରେ । ତତ୍ପରତା ନାହିଁ । ବିବାଦ ଉପୁଜିବାକୁ ଦିଅନ୍ତୁ ନାହିଁ । କୌଣସି ଅଜ୍ଞାତ ବ୍ୟକ୍ତିଙ୍କ ଉପରେ ବିଶ୍ୱାସ ରଖନ୍ତୁ ନାହିଁ ।



ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



ଉମରକୋଟ, (ଭାସ୍କର ନ୍ୟୁଜ୍): ବିଶିଷ୍ଟ ଶିକ୍ଷାବିତ୍ ତଥା ବରିଷ୍ଠ ନେତା ଜୟ ଦେବ କୁମାର ପରିଡ଼ା ଙ୍କ ୭୮ ତମ ଜନ୍ମ ବାର୍ଷିକ ଉପଲକ୍ଷେ ଜେପି ଏଜୁକେସନାଲ ଟ୍ରଷ୍ଟ ପକ୍ଷରୁ ବୃତ୍ତି ପରୀକ୍ଷା ୨୦୨୫ ଆଜି ସ୍ଥାନୀୟ ଶହୀଦ ଲକ୍ଷ୍ମଣ ନାୟକ ପବ୍ଲିକ ସ୍କୁଲ ଠାରେ ଅନୁଷ୍ଠିତ ହେଇଥିଲା। ଆଜିର ପରୀକ୍ଷାରେ ଉମରକୋଟ ସହର ଓ ବ୍ଲକରେ ଥିବା ସରକାରୀ ଉଚ୍ଚ ବିଦ୍ୟାଳୟ ରେ ପଢୁଥିବା ଦଶମ ଶ୍ରେଣୀ ର ମୋଟ ୧୧୨ ଜଣ ଛାତ୍ର ଛାତ୍ରୀ ପରୀକ୍ଷା ରେ ଅଂଶ ଗ୍ରହଣ କରି ଥିଲେ। ମେଧାବୀ ଓ ଆର୍ଥିକ ଅନଗ୍ରସର ଶ୍ରେଣିର ମୋଟ ୬ ଜଣ ଛାତ୍ର ଛାତ୍ରୀ ଙ୍କୁ ଜେପି ଏଜୁକେସନାଲ ଟ୍ରଷ୍ଟ ପକ୍ଷରୁ ୨୦୨୪ ମସିହାରୁ ଏହି ବୃତ୍ତି ପ୍ରଦାନ କରାଯାଉଛି। ପରୀକ୍ଷା ।ରେ କୃତିତ୍ୱ ହାସଲ କରିଥିବା ଉମରକୋଟ ପୌର ପରିଷଦ ର ୨ ଜଣ ଓ ବ୍ଲକ୍ ର ୪ ଜଣ ଛାତ୍ର ଛାତ୍ରୀ ଙ୍କୁ ୧୫୦୦୦/ ଟଙ୍କା ଚେକ ମାଧ୍ୟମ ରେ ପ୍ରଦାନ କରାଯିବ । କୃତି ଛାତ୍ର ଛାତ୍ରୀ ମାନେ ଏହି ରାଶିରେ ସରକାରୀ କଲେଜ ରେ ଯୁକ୍ତ ୨ ରେ ନାମ ଲେଖାଇବା ସହ ୟୁନିଫର୍ମ କିଣି ପାରିବେ। ଏହି ଅର୍ଥ ଆସନ୍ତା ଫେବୃୟାରୀ ୩ ତାରିଖ ଦିନ ଜୟ ଦେବ କୁମାର ପରିଡ଼ାଙ୍କ ୭୮ ତମ ଜନ୍ମ ବାର୍ଷିକ ଦିନ ଚେକ୍ ମାଧ୍ୟମ ରେ ପ୍ରଦାନ କରାଯିବ। ପରୀକ୍ଷା ଫଳ ଜାନୁଆରୀ ଦ୍ୱିତୀୟ ସପ୍ତାହ ରେ ପ୍ରକାଶ ପାଇବ। ଆର୍ଥିକ ଅନଗ୍ରସର ଛାତ୍ର ଛାତ୍ରୀ ମାନେ ଆର୍ଥିକ ଅନଟନ ରୁ ଦଶମ ଶ୍ରେଣୀ ପୂର୍ବରୁ ପାଠ ଛାଡି ଦେଉଛନ୍ତି ଏହି ବୃତ୍ତି ରାଶି ସେମାନଙ୍କୁ ପାଠ ପଢ଼ିବ। ପାଇଁ ସହାୟକ ହେବ ବୋଲି ବୋଲି ଟ୍ରଷ୍ଟର ଅଧକ୍ଷ ଜୟ ଦେବ କୁମାର ପରିଡ଼ା ମତ ପ୍ରଦାନ କରିଛନ୍ତି।

### ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କଲେ ରାଜସ୍ୱ ମନ୍ତ୍ରୀ

## ବସୁନ୍ଧରା ଯୋଜନାରେ ୨୨ଜଣ ହିତାଧିକାରୀଙ୍କୁ ଜମି ପଟ୍ଟା ପ୍ରଦାନ

ବେଲପାହାଡ଼,( ଭାସ୍କର ନ୍ୟୁଜ): ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ ଅଞ୍ଚଳର ବିଭିନ୍ନ ସ୍ଥାନରେ ରବିବାର ମୁଖ୍ୟ ଅତିଥି ଭାବେ ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଯୋଗଦେଇ ବିଭିନ୍ନ ପ୍ରକଳ୍ପର ଉଦଘାଟନ ଓ ଶିଳାନ୍ୟାସ କରିଛନ୍ତି। ଏହି ଅବସରରେ ମନ୍ତ୍ରୀ ଶ୍ରୀ ପୂଜାରୀ ସୀମାନ୍ତ କନକତୋରା ପଞ୍ଚାୟତ ଅନ୍ତର୍ଗତ କନକତୋରା ଠାରେ ନବ ନିର୍ମିତ ଏକ ପ୍ରାଣୀ ଚିକିତ୍ସା କେନ୍ଦ୍ର ଏବଂ ଏକ ସର୍ବ ସାଧାରଣ ସୁବିଧା କେନ୍ଦ୍ରର ଶୁଭ ଉଦଘାଟନ କରିଛନ୍ତି। ବାଦିମାଲ ପଞ୍ଚାୟତ ଅନ୍ତର୍ଗତ ବଡ଼ଧରା ଗ୍ରାମରେ ମନ୍ତ୍ରୀ ଶ୍ରୀ ପୂଜାରୀ ଗ୍ରାମବାସୀଙ୍କ ଉପସ୍ଥିତିରେ ନୂତନ ଭାବେ ନିର୍ମିତ ଏକ ଗୋଷ୍ଠୀ କେନ୍ଦ୍ରର ଶୁଭ ଉଦଘାଟନ କରିଛନ୍ତି। କଦମଘାଟ-ଅତାବିରା ପିଏସ ରାସ୍ତାର କଦମଘାଟ ନାଳ ଉପରେ ଏକ ସେତୁ ନିର୍ମାଣ ପାଇଁ ମନ୍ତ୍ରୀ ଶ୍ରୀ ପୂଜାରୀ ଭିତ୍ତି ପ୍ରସ୍ତର ସ୍ଥାପନ କରିଛନ୍ତି। ଏହା ସହ ମନ୍ତ୍ରୀ ଶ୍ରୀ ପୂଜାରୀ ପଞ୍ଚଗାଁ ବିଜାପାଲି ମହିମାପୁରମ୍ ସ୍ଥିତ ମହିମା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ତଥା ଜୁନିୟର କଲେଜର



ବାର୍ଷିକ ଉତ୍ସବରେ ଯୋଗଦେଇ ବିଭିନ୍ନ କ୍ଷେତ୍ରରେ କୃତୀ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ଏହା ବ୍ୟତୀତ କତରବଗାଠାରେ ନୂତନ ନିର୍ମିତ ଏକ ରାଜସ୍ୱ ନିରୀକ୍ଷକ (ଆରଆଇ) କାର୍ଯ୍ୟାଳୟର ଶୁଭ ଉଦଘାଟନ କରିବା ସହିତ ବସୁନ୍ଧରା ଯୋଜନା ଅଧୀନରେ ମୋଟ ୨୨ ଜଣ ହିତାଧିକାରୀଙ୍କୁ ମନ୍ତ୍ରୀ ଶ୍ରୀ ପୂଜାରୀ ଜମି ପଟ୍ଟା ପ୍ରଦାନ କରିଥିଲେ। ସମସ୍ତ ସ୍ଥାନରେ ମନ୍ତ୍ରୀଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା। ମନ୍ତ୍ରୀ ଶ୍ରୀ ପୂଜାରୀ ଅଞ୍ଚଳର ବିଭିନ୍ନ ସମସ୍ୟା ଓ ଏହାର ସମାଧାନ ସମ୍ପର୍କରେ ଲୋକଙ୍କ ସହିତ ଆଲୋଚନା କରିଥିଲେ। ଏହା ପରେ ବେଲପାହାଡ଼ଠାରେ ମନ୍ତ୍ରୀଙ୍କୁ ଲୋକେ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଦାବିପାତ୍ର ଓ ଅଭିଯୋଗ କରିଥିଲେ। ଏହି ଉଦଘାଟନ ସମାରୋହରେ ମନ୍ତ୍ରୀ ଶ୍ରୀ ପୂଜାରୀଙ୍କ ସହିତ ଝାରସୁଗୁଡ଼ା ଜିଲାପାଳ ଅବୋଲି ସୁନୀଲ ନରଓ୍ୱଣେ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରବୀର କୁମାର ନାୟକ, ଜିଲା ପ୍ରାଣୀ ଚିକିତ୍ସା ଅଧିକାରୀ ଦୟାସାଗର ତୁରିଆ, ଲଖନପୁର ବିଡିଓ ବିନୟ ପଟେଲ, ଲଖନପୁର ତହସିଲଦାର ପ୍ରସନ୍ନ ପଟେଲ, ଲଖନପୁର ବ୍ଲକ ଅଧକ୍ଷା ହୁତେଶ୍ୱରୀ ତିହିରିଆ, ଜିଲା ପରିଷଦ ସଭ୍ୟ ସନତ ସିଂ, ଲଖନପୁର ସରପଞ୍ଚ ଆରତୀ ପଧାନ, କନକତୋରା ସରପଞ୍ଚ ସୁଶାନ୍ତ ଚୈନୀଙ୍କ ସମେତ ବିଭିନ୍ନ ସ୍ଥାନରେ ସ୍ଥାନୀୟ ଜନପ୍ରତିନିଧି, ବିଭିନ୍ନ ବିଭାଗର ଅଧିକାରୀ, ବିଜେପି କର୍ମୀ ଓ ଜନସାଧାରଣ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମ ଗୁଡ଼ିକୁ ସୁପରିଚାଳନା ନିମନ୍ତେ ଜିଲା ପ୍ରଶାସନ ଓ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା।

### ମାଲ୍ୟବନ୍ତ ମହୋତ୍ସବର ତୃତୀୟ ସନ୍ଧ୍ୟା

## ଦର୍ଶକଙ୍କୁ ବିଭୋର କଲା ଘୁମୂରା ନୃତ୍ୟ



ମାଲକାନଗିରି (ଭାସ୍କର ନ୍ୟୁଜ):ମାଲକାନଗିରି ଜିଲ୍ଲାର ଲୋକ ଉତ୍ସବ ମାଲ୍ୟବନ୍ତ ମହୋତ୍ସବର ଆଜି ତୃତୀୟ ସନ୍ଧ୍ୟାରେ ବିଭୋର ହୋଇଛନ୍ତି ଦର୍ଶକ। ଘୁମରା ନୃତ୍ୟ ସହ ସିଗନେଚର ବ୍ୟାଣ୍ଡର ମେଲୋଡିରେ ଦର୍ଶକଙ୍କୁ ବଡହ୍ନି ରଖିଥିବା ବେଳେ ଏହି ମୁକ୍ତାକାଶ ରଙ୍ଗ ମଞ୍ଚ ଜୁମି ଉଠିଥିବା ଦକ୍ହେିବାକୁ ମିଳିଛି। ତୃତୀୟ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ଉପ ମୁଖ୍ୟ ମନ୍ତ୍ରୀ କନକ ବରଦାନ ସିଂଦେଓ ଯୋଗ ଦେଇ କଳାକାରଙ୍କୁ ପୁରସ୍କାର ଓ ମାନପ?ତ୍ର ପ୍ରଦାନ କରିଥିଲେ। ତୃତୀୟ ସନ୍ଧ୍ୟାରେ ବିଭିନ୍ନ ସ୍ଥାନରୁ ଆସିଥିବା ନୃତ୍ୟ କଳାକାର ମାନେ ଚିତାକର୍ଷକ ନୃତ୍ୟ ପରିବେଷଣ କରିଥିଲେ। ବିଶେଷ କରି ଘୁମୁରା ନୃତ୍ୟ ଲୋକଙ୍କୁ ବେସ ଆକୃଷ୍ଟ କରିଥିଲା। ସେହିପରି ସମସ୍ତ ନୃତ୍ୟ ପରିବେଷଣ କାର୍ଯ୍ୟକ୍ରମ ସେସ ହେବ ପରେ ସିଗନେଚର ବ୍ୟାଣ୍ଡର ମେଲୋଡିର ନାଚ ଗୀତର ତାଳେ ତାଳେ ଦର୍ଶକ ଉତକ୍ଷିତ ଓ ବିଭୋର ହୋଇଥିବା ଦେଖିବାକୁ ମିଳିଥିଲା। ମାଲ୍ୟବନ୍ତ ଉତ୍ସବ ସ୍ଥଳରେ ଜିଲ୍ଲାରେ ଓରମାସ ପକ୍ଷରୁ ଏସଏଜି ଗ୍ରୁପ, ସହିତ ଜିଲ୍ଲା ଓ ଜିଲ୍ଲା ବାହରରୁ ଅନେକ ଷ୍ଟଲ ଖୋଲା ଯାଇଥିଲା। ଶୀତ ସନ୍ଧ୍ୟାରେ ଠୁଙ୍କାପୁରୀ, ଦହିବରା ଆଳୁଦମ, ଚାଟ,ଆଇସି କ୍ରିମ,ପୁରୀର ମାଲପୁଆ,ଗଜା,ଛତିଶଗଡର ବର୍ଫି ମିଠା,ଖାଇବାସିହତ ଅନେକ ଘରକରଣା ଜନିଷ କିଣି ଦର୍ଶକ ମାନେ ମଜାଉଠାଇଥିଲେ। ଉତ୍ସବ ମଇଦାନରେ ବିଭିନ୍ନ ବିଭାଗର ଉନ୍ନୟନମୁଳକ ଷ୍ଟଲ ସହିତ, ଦୋକାନ ବଜାର, ମିନାବଜାର ସାଙ୍ଗକୁ ଭେଲିକି ଭଳି ରଙ୍ଗବେରଙ୍ଗର ତୋରଣ ବେଶ ଚିତିକର୍ଷକ ହୋଇଛ। ତେବେ ଏହି ମହୋତ୍ସବ ଆଜି ସେସ ହୋଇଥିବା ବେଳେ ଆସନ୍ତା ୧୭ ତାରିଖ ପର୍ଯ୍ୟନ୍ତ ପଲ୍ଲୀଶ୍ରୀମେଳା ଚାଲିବ ବୋଲି ଜଣା ପଡିଛି। ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ମାଲ୍ୟବନ୍ତ ମଣ୍ଡପ ସହିତ ଜିଲ୍ଲାରେ କଡା ପୁଲିସ ସୁରକ୍ଷା ବ୍ୟବସ୍ଥା କରା ଯାଇଛି। ବିଏସଏଫ ଜବାନ ମାନଙ୍କ ସହିତ ଏସଓଜି, ଓ ବହୁପରିମାଣରେ ଜିଲ୍ଲା ପୁଲିସଙ୍କୁ ମୁତୟନ କରା ଯାଇଛି। ଏହି ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖିବା ପାଇଁ ଜିଲ୍ଲାର ହଜାର ହଜାର ଦର୍ଶକଙ୍କ ଭିଡ଼ ଜମିଥିବା ଦେଖିବାକୁ ମିଳିଛି।

## ଏମ୍‌ଏସ୍‌ଏମ୍‌ଇର ସ୍ୱରୋଜଗାର ତାଲିମ ଶିବିର



ମାଲକାନଗିରି(ଭାସ୍କର ନ୍ୟୁଜ):ମାଲକାନଗିରି ସଦର କୁମୁଟିଗୁଡା ସ୍ଥିତ ଏମ୍ଏସ୍ଏମ୍ଇ ଶିବିରରେ ନୂତନ ଭାବେ କାର୍ଯ୍ୟଭାର ସମ୍ଭାଳିଥିବା ନିର୍ଦ୍ଦେଶକ ଜ୍ୟୋତିରଞ୍ଜନ ବେହେରାଙ୍କ ଅଧକ୍ଷତାରେ ସମାରୋହ ଆରମ୍ଭ ହୋଇଥିଲା। ଏମ୍ଏସ୍ଏମ୍ଇ ନିର୍ଦ୍ଦେଶକ ଗଦାଧର ପରିଡା ଯୁବପିଢ଼ିଙ୍କୁ ସ୍ୱାବଲମ୍ବି କରିବା ଓ ଉଜ୍ୱଳ ଭବିଷ୍ୟତ ଏହା ଏକ ସୁବର୍ଣ୍ଣ ସୁଯୋଗ ବୋଲି କହିଥିଲେ।ଆ,ସେ,ଟି ଏକପ୍ରକୃତ ମଞ୍ଚ ଯାହା କି ରୂପାୟନ କରାଯାଇ ପାରିବ। ଏଲ,ଡି,ଏମ୍ ମାଲକାନଗିରି ଚକ୍ରଧର ନାୟକ ଏମ୍,ଏସ୍,ଏମ୍,ଇ ଋଣ ପ୍ରଦାନ ପାଇଁ ବ୍ୟାଙ୍କର ଭୂମିକା ବିଷୟରେ ଆଲୋକ ପିତା କରି ମାର୍ଗ ଦର୍ଶନ କରି ଥିଲେ।ଏମ୍ ,ଏସ୍,ଏମ୍.ଇର ସହ ନିର୍ଦ୍ଦେଶକ ଶ୍ରୀ ରାଓ ଲଘୁ ମଧ୍ୟମ ଶିଳ୍ପର ଜିଲ୍ଲାରେ କ'ଣ ସୁବିଧା ସୂଯୋଗ ରହିଛି ଓ ଏହାର ସ୍ୱରୋଜଗାର ପାଇଁ କିପରି ସଞ୍ଜିବନି ଅଟେ ତାହା ଦର୍ଶାଇ ଥିଲେ। ସହ ନିର୍ଦ୍ଦେଶକ ଏନ୍,ରତ୍ନମ୍ କାର୍ଯ୍ୟକ୍ରମ ରେ ଉପସ୍ଥିତ ଥିଲେ । ପରିଶେଷରେ ଅନୁଷ୍ଠାନର ପ୍ରଶିକ୍ଷକ ବିପିନ୍‌ବିହାରୀ ଶତପଥି ଧନ୍ୟବାଦ ଅର୍ପଣ କରି ଥିଲେ।ଏଠାରେ ପ୍ରକାଶ ଥାଉ କି ଷ୍ଟେଟ୍ ବ୍ୟାଙ୍କ ସ୍ୱରୋଜଗାର ତାଲିମ୍ ପ୍ରତିଷ୍ଠାନରେ ୬୦ ପ୍ରକାର ମାଗଣାରେ ପ୍ରଦାନ କରାଯାଏ।

## ନିତ୍ୟାନନ୍ଦ ପାଠାଗାରର ବାର୍ଷିକ ଉତ୍ସବ

ପାରଳାଖେମୁଣ୍ଡି (ଭାସ୍କର ନ୍ୟୁଜ):ପାରଳାଖେମୁଣ୍ଡି ଶ୍ରୀ କରଣ ସାହି ସ୍ଥିତ ନିତ୍ୟାନନ୍ଦ ପାଠାଗାର ପରିସରରେ ଏହାର ଏକାଦଶ ତମ ବାର୍ଷିକ ଉତ୍ସବ ମହା ଆଡ଼ମ୍ବରରେ ପାଳିତ ହୋଇଯାଇଛି ।ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା ଏବଂ ମୁଖ୍ୟ ବକ୍ତା ଭାବେ ଗୁରୁଗୌରବ ଗୌରଚନ୍ଦ୍ର ପଣ୍ଡା ମହୋଦୟ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଓଡିଆ ଅସ୍ମିତାକୁ ନେଇ କରାଯାଇଥିବା ବିଭିନ୍ନ ପ୍ରତିଯୋଗିତାରେ ଭାଗନେଇ କୃତକାର୍ଯ୍ୟ ହୋଇଥିବା ବିଭିନ୍ନ ସ୍କୁଲର ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ସମଲେଇ ସାଂସ୍କୃତିକ ଅନୁଷ୍ଠାନ, ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶୀକ୍ଷାକେନ୍ଦ୍ର, ପୂର୍ଣ୍ୟପୀଠ ଏବଂ ବିଭିନ୍ନ ଅନୁଷ୍ଠାନର ଛାତ୍ରଛାତ୍ରୀଙ୍କ ନୃତ୍ୟକୁ ନେଇ ହୋଇଥିବା ସାଂସ୍କୃତିକ କାର୍ଯ୍ୟକ୍ରମ ଚିତ୍ତାକର୍ଷକ




ହୋଇଥିଲା। ଗୁରୁ ଶ୍ରୀ କୈଳାସ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ପ୍ରାରମ୍ଭିକ ସଂଗୀତ ଗାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଗୌରହି ପଟ୍ଟନାୟକ ସଭାପତିତ୍ୱ କରିଥିଲାବେଳେ ସଂପାଦକ ସୂର୍ଯ୍ୟନାରାୟଣ ପଟ୍ଟନାୟକ ବିବରଣୀ ପାଠ କରିଥିଲେ। ଉପଦେଷ୍ଟା ମଲ୍ଲିକାର୍ଜୁନ ପଟ୍ଟନାୟକ, ନୃସିଂହ ଚରଣ ପଟ୍ଟନାୟକଙ୍କ, ହରିମୋହନ ପଟ୍ଟନାୟକ ଓ ପ୍ରେମାନନ୍ଦ ପଟ୍ଟନାୟକ ଉପଢୌକନ ଦେଇ ଅତିଥିଙ୍କୁ ସମ୍ମାନିତ କରିଥିଲେ। ଅନୁଷ୍ଠାନର ଉପସଭାପତି ବିଚିତ୍ରାନନ୍ଦ ବେବର୍ତ୍ତା କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ କୋଷାଧକ୍ଷ ରବିନାରାୟଣ ଚୌଧୁରୀ,ସଭ୍ୟ ହରିଶ୍ଚନ୍ଦ୍ର ପାତ୍ର, ମୃତ୍ୟୁଞ୍ଜୟ ପଟ୍ଟନାୟକ, ରବିନ୍ ପଟ୍ଟନାୟକ ତଥା ଅନ୍ୟ ସଭ୍ୟ ମାନେ ସହଯୋଗ କରି କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିଥିଲେ।

## ତେଲେଙ୍ଗାନାରେ ଓଡ଼ିଶା ଦାଦନ ଶ୍ରମିକଙ୍କ ମୃତ୍ୟୁ

ଖପ୍ରାଖୋଲ, (ଭାସ୍କର ନ୍ୟୁଜ୍) :ଖପ୍ରାଖୋଲ ବ୍ଲକ ଲରମ୍ଭା ଥାନା ଲୁହାସିଂହା ପଞ୍ଚାୟତ ତେଙ୍ଗେରାପଥର ଗାଁ ର ଜଣେ ଦାଦନ ଶ୍ରମିକ ଙ୍କ ତେଲେଙ୍ଗାନା ରାଜ୍ୟ ସିକିନ୍ଦ୍ରାବାଦ ନିକଟ ଏକ ଇଟା ଭାଟିରେ ମୃତ୍ୟୁ ହୋଇଥିବା ଜଣାଯାଇଛି। ମୃତ ଶ୍ରମିକ ଜଣକ ହେଲେ ଟେଙ୍ଗେରାପଥର ଗାଁ ର ବୁଟୁଲୁ ବାରିହାଙ୍କ ପୁଅ ବନମାଳୀ ବରିହା (୨୨) ବୋଲି ଜଣାଯାଇଛି। ମୃତ ଶ୍ରମିକ ଜଣକ ତାଙ୍କ କାକା ଘର ପରିବାର ସହିତ ଇଟା କାମ ପାଇଁ ଜଣେ ମଧ୍ୟସ୍ଥିଙ୍କ ମାଧ୍ୟମ ରେ ଯାଇଥିବା ବେଳେ ରବିବାର ସକାଳେ ମୃତ୍ୟୁ ହୋଇଥିବା ମୃତକଙ୍କ କାକା ଗାଁ କୁ ଫୋନ ଯୋଗେ ଜଣାଇଥିବା ୱେଲେ ଗାଁ ରେ ଶୋକ ର ଛାୟା ଖେଳିଯାଇଛି। ଏନେଇ ଲରମ୍ଭା ଥାନା ଅଧିକାରୀ ଭାନୁଶଙ୍କର ଯାଦବ ଙ୍କୁ ପଚାରିବାରୁ ପରିବାର ତରଫରୁ ଏନେଇ କୌଣସି ଅଭିଯୋଗ କରିନ ଥିବା କହିଛନ୍ତି।

## ଜୁଆ ଆଡ୍ଡାରେ ଚଢ଼ଉ, ୪ ଗିରଫ

ବେଲପାହାଡ଼(ଭାସ୍କର ନ୍ୟୁଜ୍): ଝାରସୁଗୁଡ଼ା ଜିଲ୍ଲା ରେଙ୍ଗାଲି ଥାନା ପୋଲିସ ରବିବାର ବିଜାପାଲି ରାସ୍ତାରେ ଚାଲିଥିବା ଏକ ଜୁଆ ଆଡା ଉପରେ ଚଢ଼ଉ କରି ୪ ଜଣ ଯୁଆଡ଼ିଙ୍କୁ ଗିରଫ କରିଥିବା ବେଳେ ସେମାନଙ୍କ ନିକଟରୁ ଗୋଟିଏ ଘୁଡୁଘୁଡି ପଟି, ୬ଟି ଗୋଟି, ଦୁଇଟି ମୋବାଇଲ, ଗୋଟିଏ ବାଇକ୍ ଓ ୨୩ ହଜାର ୨୭୦ ଟଙ୍କା ଜବତ କରିଛି। ଅଭିଯୁକ୍ତମାନେ ହେଲେ ପଞ୍ଚଗାଁର ପ୍ରସନ୍ନ ପଧାନ (୫୮), ସଞ୍ଜୟ ମେହେର (୪୫), ରେଙ୍ଗାଲି ଗ୍ରାମର ଟଙ୍କଧର ରଣା (୩୭) ଓ ଭିକମପାଲି ଗ୍ରାମର ସଦ୍ଦାମ ଶେଖ୍ (୨୭)।

## ଶ୍ରୀ ଅରବିନ୍ଦ ଦେହାଂଶ ମନ୍ଦିର ପ୍ରତିଷ୍ଠା ଦିବସ

ଖଡ଼ିଆଳ, (ଭାସ୍କର ନ୍ୟୁଜ୍): ଖଡ଼ିଆଳ ସ୍ଥିତ ଶ୍ରୀ ଅରବିନ୍ଦ ଦେହାଂଶ ମନ୍ଦିର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ୨୦୦୩ ମସିହା ଆଜିର ଦିନରେ ମନ୍ଦିର ପ୍ରତିଷ୍ଠା ହୋଇଥିଲା । ସକାଳେ ସଭାପତି ମେଜର ଡଃ ରାମ ଚନ୍ଦ୍ର ମିଶ୍ର ଆଧ୍ୟାତ୍ମିକ ପତାକା ଉତ୍ତୋଳନ କରିଥିଲେ । ଏହାପରେ ସମାଧି ପୀଠରେ ଧୂପ,ପୁଷ୍ପ ଅର୍ପଣ କରାଯାଇ ସମବେତ ଧ୍ୟାନ କରାଯାଇଥିଲା । ପୂର୍ବତନ ଆୟକର କମିଶନର ଶ୍ରୀକାନ୍ତ ଚାଟାର୍ଜୀ ଦୂର୍ଗାସ୍ତୁତି, ମାଆ ବହି ଓ ଦର୍ଶନ ତତ୍ତ୍ୱ ପାଠଚକ୍ରରେ ଆଲୋଚନା କରିଥିଲେ । ଏଥିରେ ଖଡିଆଳ କୋମନା, ଭେଲାର ଛାତ୍ର ଛାତ୍ରୀ ତଥା ବହୁ ମାତୃଭକ୍ତ ଯୋଗଦେଇଥିଲେ । କାର୍ଯ୍ୟକ୍ରମକୁ ନବୀନ ଭାଇ, ବେଣୁ ଭାଇ, ମୁନୁ ଭାଇ, ପ୍ରଦୀପ ଭାଇ, ସୁନିତୀ ଅପା, ସମ୍ପାଦକ ସବିତା ଅପା ଆଦି ସହଯୋଗ କରିଥିଲେ ।

## ଗାନ୍ଧୀ ଆଦର୍ଶକୁ ନେଇ ମହାବିଦ୍ୟାଳୟ ସହ ଏମଓୟୁ ସ୍ୱାକ୍ଷରିତ

ପାରଳାଖେମୁଣ୍ଡି,(ଭାସ୍କର ନ୍ୟୁଜ୍): ମୋହନା ସ୍ଥିତ ହିଲ୍ ଟପ୍ ସ୍ନାତକ ମହାବିଦ୍ୟାଳୟ ସହ ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନ ଓଡିଶା ଶାଖା ମଧ୍ୟରେ ଏକ ବୁଝାମଣା ପତ୍ର ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ପ୍ରତିଷ୍ଠାନର ସମ୍ପାଦକ ବିରୁପାକ୍ଷ ତ୍ରିପାଠୀ ଓ ମହାବିଦ୍ୟାଳୟର ଅଧକ୍ଷ ଶୁଭ୍ରକାନ୍ତ ମହାନ୍ତିଙ୍କ ମଧ୍ୟରେ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଯାଇଛି ।ଏହାଦ୍ୱାରା ଉଭୟ ଅନୁଷ୍ଠାନ ମିଳିତ ଭାବେ ଗାନ୍ଧୀଙ୍କର ନିତୀ ଓ ଆଦର୍ଶ ସମ୍ପର୍କରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯିବା ସହିତ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ଗାନ୍ଧୀଙ୍କ ନିତୀ ଓ ଆଦର୍ଶକୁ ପାଥେୟ କରି ଆଗକୁ କିଭଳି ସୁସ୍ଥ ସମାଜ ଗଠନ କରିବାରେ ସେମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିବ ସେ ସଂପର୍କରେ ଏବଂ ଗାନ୍ଧୀ ଦର୍ଶନ ସଂପର୍କରେ ଗାନ୍ଧୀ ପ୍ରତିଷ୍ଠାନର ଆବାହକ ଡ଼କ୍ଟର ବିଶ୍ୱଜିତ୍ ମତପ୍ରକାଶ କରିଥିଲେ। ଅନୁଷ୍ଠାନର କାର୍ଯ୍ୟକାରୀ ସମ୍ପାଦକ ହରିହର ସେନଙ୍କ ସମେତ ମହାବିଦ୍ୟାଳୟର ଅଧାପକ ଜଗନ୍ନାଥ ପଣ୍ଡା, ଡକ୍ଟର ପ୍ରଣବାନନ୍ଦ ପାଙ୍ଗୋସୀ, ଡ଼କ୍ଟର ମନୋରଞ୍ଜନ ପାଣିଗ୍ରାହୀ, ଶିବ ସୁନ୍ଦର ସୁଖବିନ୍ଦର ସିଂ, ସନ୍ତୋଷ ନନ୍ଦ, ଅଧାପିକା ସ୍ୱୟଂପ୍ରଭା ସାହୁ, ଗୀତାଞ୍ଜଳି ପାଢ଼ୀ ପ୍ରମୂଖ ଉପସ୍ଥିତ ଥିଲେ।

## ମହିଳାଙ୍କ ଆତ୍ମହତ୍ୟା

ଉମରକୋଟ, (ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ୍ ଅନ୍ତର୍ଗତ ବଡ କୁମାରୀ ଗ୍ରାମ ପଞ୍ଚାୟତର ଖୁଟୁଗୁଡା ବଙ୍ଗୀୟ ଗ୍ରାମ ଠାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ତେବେ ମହିଳାଙ୍କୁ ତାଙ୍କ ସ୍ୱାମୀ , ଶଶୁର ଓ ଶାଶୂ ହତ୍ୟା କରିଥିବା ଅଭିଯୋଗ ଆଣି ଉମରକୋଟ ଥାନାରେ ଏତଲା ଦେଇଛନ୍ତି ମୃତକଙ୍କ ପିତା ପଙ୍କଜ ବୈରାଗୀ। ପଙ୍କଜ ବୈରାଗୀ ଉମରକୋଟ ଥାନାରେ ଦେଇଥିବା ଲିଖିତ ଅଭିଯୋଗ ଅନୁସାରେ ତାଙ୍କ ଝିଅ ପଲ୍ଲବୀ ବୈରାଗୀ ୨୧ ବର୍ଷ ୨ ବର୍ଷ ତଳେ ଖୁଟୁଗୁଡା ଗ୍ରାମର କ୍ରିଷ୍ଣା ପଦ ରୟଙ୍କ ୨୧ ବର୍ଷୀୟ ପୁଅ କପିଳ ରାୟଙ୍କ ସହ ପ୍ରେମ ବିବାହ କରିଥିଲେ। ତେବେ ବିବାହ ପର ଠାରୁ ସ୍ୱାମୀ କପିଳ , ଶ୍ୱଶୁର ଓ ଶାଶୂ ଯୌତୁକ ଆଣିବା ପାଇଁ ଗାଳି ଗୁଲଜ ସହ ମାରପିଟ କରୁଥିଲେ ଏତଲାରେ ଉଲ୍ଲେଖ ରହିଛି। ଫଳ ରେ ପଲ୍ଲବୀ ବାପ ଘର କୁ ଆସି ମସେ ଦୁଇ ମାସ ରହି ଯାଉଥିବା ମଧ ଏତଲା ରେ ଉଲ୍ଲେଖ ରହିଛି। ଏପରି ଏହି ଘଟଣା କୁ ନେଇ ଗାଁ ରେ ବହୁ ଥର ବୈଠକ ବସିଛି ଫଳରେ ଗ୍ରାମ ବସି ମଧ ଅବଗତ ଅଛନ୍ତି ବୋଲି ପିତ। ଅଭିଯୋଗ କରିଛନ୍ତି ଏପରି କି ସ୍ୱାମୀ କପିଳଙ୍କ ଅନ୍ୟ କିଛି ଝିଅଙ୍କ ସହ ଅନ୍ୟତିକ୍ ସମ୍ପର୍କ ରହିଥିବା ସହ ଶାଶୂ ଝିଅ ଓ ସ୍ୱାମୀ କୁ ଅଲଗା ଅଲଗା ରୁମ ରେ ଶୋଇବା ପାଇଁ ବାଧ କରୁଥିଲେ ବୋଲି ମଧ ଏତଲାରେ ଉଲ୍ଲେଖ ରହିଛି। ଯେହେତୁ ମୋ ଝିଅର କୌଣସି ଦେହ ଖରାପ ନ ଥିବ। ବେଳେ ସ୍ୱାମୀ, ଶ୍ୱଶୁର ଓ ଶାଶୂ ମିଶିକି ହତ୍ୟା କରି ଦେଇଛନ୍ତି ବୋଲି ପଙ୍କଜ ବୈରାଗୀ ଅଭିଯୋଗ କରିଛନ୍ତି। ତେବେ କିଛି ଆଜି ପଲ୍ଲବୀ ନିଜ ଓଢଣୀକୁ ବେକ ରେ ଲଗାଇ ଝୁଲନ୍ତା ଅବସ୍ଥାରେ ସ୍ୱାମୀ କପିଳ ଦେଖିବା ପରେ ତୁରନ୍ତ ଉମରକୋଟ ହସ୍ପିଟାଲକୁ ଆଣିଥିବା କପିଳ ଙ୍କ ପରିବାର ପକ୍ଷରୁ କୁହାଯାଇଛି। ସେଠାରେ ଡକ୍ଟର ପଲ୍ଲବୀଙ୍କୁ ମୃତ ଘୋଷଣା କରିଥିଲେ। ହତ୍ୟା ଓ ଯୌତୁକ ନିର୍ଯ୍ୟତନ୍। କେସ ରେ ମାମଲା ରୁଜୁ କରିଛି ଉମରକୋଟ ପୋଲିସ। ମୃତ। ଯୁବତୀ ଙ୍କ ଶବ ବ୍ୟବଚ୍ଛେଦ ପରେ ଉମରକୋଟ ପୋଲିସ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ତେବେ ଘଟଣା ର କଣ ସତ୍ୟ ।ସତ୍ୟ ଅଛି ତାକୁ ଅନୁସନ୍ଧାନ କରୁଛି ଉମରକୋଟ ପୋଲିସ।

## ମୋହନା ମହୋତ୍ସବ ଉଦ୍‌ଯାପିତ



ପାରଳାଖେମୁଣ୍ଡି(ଭାସ୍କର ନ୍ୟୁଜ): ଗଜପତି ଜ଼ିଲ୍ଲା ମୋହନା ସ୍ଥିତ ହାଇସ୍କୁଲ ମିନି ଷ୍ଟାଡିୟମଠାରେ ଶୁକ୍ରବାର ବ୍ଲକ ସ୍ତରୀୟ ମୋହନା ମହୋତ୍ସବ ମହାସମାରୋହରେ ଉଦଯାପିତ ହୋଇଯାଇଛି। ଏହି ମହୋତ୍ସବରେ ମୁଖ୍ୟ ଅତିଥି ଭାବେ ମୋହନା ବିଧାୟକ ଦାଶରଥି ଗମାଙ୍ଗ ଯୋଗଦେଇ ଗଜପତି ଜିଲ୍ଲାର କଳା ସଂସ୍କୃତି ଓ ପରମ୍ପରା ଉପରେ କହିଥିଲେ। ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନ ସମେତ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ପକ୍ଷରୁ ବିଭିନ୍ନ ଖାଦ୍ୟ ସାମଗ୍ରୀ ଓ ସଚେତନତା ମୂଳକ ଷ୍ଟଲ ପ୍ରଦର୍ଶିତ ହୋଇଥିଲା। ଅତିଥିମାନେ ଷ୍ଟଲ ପରିଦର୍ଶନ କରିବା ସହ ଏହି ଉତ୍ସବର ମହତ୍ତ୍ୱ, ଉଦ୍ଦେଶ୍ୟ ଓ ଲକ୍ଷ୍ୟ ସମ୍ପର୍କରେ କହିଥିଲେ। ମୋହନା ବିଡ଼ିଓ ରାଜୀବ ଦାସଙ୍କ ପୌରହିତ୍ୟରେ ଆୟୋଜିତ ଦ୍ୱିତୀୟ ସନ୍ଧ୍ୟାର ରଙ୍ଗାରଙ୍ଗ କାର୍ଯ୍ୟକ୍ରମରେ ରାଜ୍ୟର ବହୁ ସୁନାମଧନ୍ୟ କଳାକାର ଯୋଗଦେଇ ସଂଗୀତ ପରିବେଷଣ କରି ଦର୍ଶକଙ୍କ ମନମୁଗ୍ଧ କରିଥିଲେ। ଏଥିସହ ବିଭିନ୍ନ ଅଞ୍ଚଳରୁ ଆସିଥିବା କଳାକାରମାନେ ଆଦିବାସୀ ନୃତ୍ୟ ଏବଂ ଗୀତ ପରିବେଷଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ପାରଳାଖେମୁଣ୍ଡି ବିଧାୟକ ରୁପେଶ ପାଣିଗ୍ରାହୀ, ଜିଲ୍ଲାପାଳ ବିଜୟ କୁମାର ଦାଶ , ଉପ- ଜିଲ୍ଲାପାଳ ଅନୁପ ପଣ୍ଡା, ଜିରାଙ୍ଗ ବୌଦ୍ଧ ମନ୍ଦିର ଗୁରୁଜୀ ଖେଂପୋ ପେମା ଟେମ୍ପଲ, ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀ ପାରଳାଖେମୁଣ୍ଡି ପୃଥ୍ୱୀରାଜ ମଣ୍ଡଳ ,ବ୍ଲକ ଅଧକ୍ଷ ରଞ୍ଜୀବ ଶବର, ଜିଲ୍ଲାପରିଷଦ ସଭ୍ୟ ଚ଼ନ୍ଦ୍ର ମଲ୍ଲିକ ଓ ସୁନିଲ ବିଷୋୟୀ ପ୍ରମୁଖ ଯୋଗଦେଇଥିଲେ। ବିଭିନ୍ନ ଅଞ୍ଚଳରୁ ଆସିଥିବା ଶହ ଶହ ଦେଖଣାହାରୀ ଶୀତୁଆ ରାତିର ମଜା ନେବା ସହିତ ନାଚ଼ ଗୀତର ମଜା ନେଇ ଝୁମି ଥିଲେ। ପ୍ରଥମ ଦିବସରେ ବ୍ଲକ ସ୍ତରୀୟ ମୋହନା ମହୋତ୍ସବ - ୨୦୨୪ର ମୁଖ୍ୟ ଅତିଥି ଭାବେ ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନସାମନ୍ତରା ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ମୋହନାର ବିଭିନ୍ନ ଗ୍ରାମ ପଞ୍ଚାୟତରୁ ଆସିଥିବା କଳାକାର ମାନେ ବିଭିନ୍ନ ଆଦିବାସୀ ନୃତ୍ୟ ଏବଂ ଗୀତ ପରିବେଷଣ କରିଥିଲେ କ୍ଷ ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ଭାବେ ଜ଼ିଲ୍ଲା ଆରକ୍ଷୀ ଅଧିକ୍ଷକ ଯତୀନ୍ଦ୍ର ପଣ୍ଡା, ଜ଼ିଲ୍ଲା ବନ ଅଧିକାରୀ ଏସ୍. ଆନନ୍ଦ, ଜ଼ିଲ୍ଲା ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ପ୍ରକଳ୍ପ ପ୍ରଶାସକ ଅଂଶୁମାନ ମହାପାତ୍ର ଯୋଗ ଦେଇଥିଲେ।

## ଥାର୍ଡ଼ ବାଟାଲିଆନ ଏନ୍‌ଡିଆର୍‌ଏଫ୍‌ର ସଚେତନତା କାର୍ଯ୍ୟକ୍ରମ

ମାଲକାନଗିରି,(ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକର ବିଭିନ୍ନ ବିଦ୍ୟାଳୟମାନଙ୍କରେ ଥାର୍ଡ଼ ବାଟାଲିଆନ ଏନ୍‌ଡିଆର୍‌ଏଫ୍ ମୁଣ୍ଡଳୀ କଟକରୁ ଆସିଥିବା ଏକ ସ୍ୱତନ୍ତ୍ର ଦଳ ପକ୍ଷରୁ ବିଭିନ୍ନ ପ୍ରକାରର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯାଇଛି। ବିଶେଷ କରି ସ୍ୱାସ୍ଥ୍ୟଗତ ସମସ୍ୟା ତଥା ଆକସ୍ମିକ ହୃଦଘାତ ଭଳି ଲକ୍ଷଣ କୌଣସି ବ୍ୟକ୍ତି ପାଖରେ ଦେଖା ଦେଲେ ତୁରନ୍ତ ତାଙ୍କୁ ଡାକ୍ତରଙ୍କ ଆବଶ୍ୟକତା ପଡ଼େ। କିନ୍ତୁ ଜଣେ ସାଧାରଣ ବ୍ୟକ୍ତି ଚାହିଁଲେ ହଠାତ ହୃଦଘାତର ଶିକାର ହୋଇଥିବା ବ୍ୟକ୍ତିଙ୍କୁ କିପରି ଭାବେ ଡାକ୍ତରଙ୍କ ପାଖକୁ ନ ନେଇ ବାମ ଓ ଛାତିରେ ପଂଚିଙ୍ଗ କରି ଜୀବନ ବଞ୍ଚାଇ ହେବ ସେ ବିଷୟରେ ବିଦ୍ୟାଳୟ ମାନଙ୍କରେ ଛାତ୍ରଛାତ୍ରୀଙ୍କୁ ସଚେତନତା କରାଯାଇଛି। ଅନ୍ୟପଟେ ବିଭିନ୍ନ ପ୍ରକାର ସଚେତନତା କାର୍ଯ୍ୟକ୍ରମର ପାଠ ପଢ଼ାଯାଇଛି। କିପରି ପ୍ରାକୃତିକ



ଦୁର୍ବିପାକ ତଥା ବନ୍ୟା, ବାତ୍ୟା ଘେରରେ ପଶିଥିବା ଲୋକଙ୍କୁ କିପରି ସାହାଯ୍ୟ କରିବା, ଏବଂ ବନ୍ୟା ପ୍ରଭାବିତ ଅଞ୍ଚଳରୁ ସାଧାରଣ ଜନତାଙ୍କୁ ଉଦ୍ଧାର କରାଯାଇପାରିବ ଓ ହାତ ଗୋଡ଼ ଭାଙ୍ଗିଯାଇଥିବା ଲୋକଙ୍କୁ କିପରି ଫାଷ୍ଟଏଡ଼ କରାଯିବ ଓ ଜରୁରୀ କାଳୀନ ଚିକିତ୍ସା ଦିଆଯାଇପାରିବ ଇତ୍ୟାଦି। କାଲିମେଳା ବ୍ଲକ ଅଧିନ ସରକାରୀ ଉଚ୍ଚ ବିଦ୍ୟାଳୟ ପୁଲିମେଟଳା, ପୋଟେରୁ କଲେଜ, ସରକାରୀ ଉଚ୍ଚ ବିଦ୍ୟାଳୟ କାଲିମେଳା, ଅରବିନ୍ଦ ବିଦ୍ୟାପିଠ ଏପିଭି :୧୩, ରବୀନ୍ଦ୍ର ନାଥ ବିଦ୍ୟାପିଠ ମାଙ୍ଗିପାଲ୍ଲୀ, ଅରବିନ୍ଦ ଉଚ୍ଚ ବିଦ୍ୟାଳୟ ଏମଭି :୫୫, ସରକାରୀ ୟୁଜିହେଚ କାଙ୍ଗୁରୁକୋଣ୍ଡା, ସରକାରୀ ୟୁଜିହେଚଏମଭି :୬୮, ସରକାରୀ ୟୁଜିହେଚ ଏମପିଭି:୬୫ ପ୍ରମୁଖ ବିଦ୍ୟାଳୟ ମାନଙ୍କରେ ସଚେତନତା କାର୍ଯ୍ୟକ୍ରମ ଥାର୍ଡ଼ ବାଟାଲିୟନ ଏନଡିଆରଏଫ ମୁଣ୍ଡଳୀ କଟକ ପକ୍ଷରୁ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଥିବା ବେଳେ, ଏହି କାର୍ଯ୍ୟକ୍ରମ ଗତ ତା ୯/୧୨/୨୦୨୪ ରୁ ଆରମ୍ଭ କରାଯାଇଛି ଏବଂ ଏହି କାର୍ଯ୍ୟକ୍ରମ ଆସନ୍ତା ତା ୨୧/୧୨/୨୦୨୪ ପର୍ଯ୍ୟନ୍ତ ଚାଲିବ ବୋଲି ଜଣାପଡିଛି। ଏହି ସ୍ୱତନ୍ତ୍ର ଦଳ କାଲିମେଳା ଅଗ୍ନିଶମ ବିଭାଗ କାର୍ଯ୍ୟଳୟରେ ରହି ପ୍ରତିଦିନ କାଲିମେଳା ବ୍ଲକ ଅଧୀନ ବିଭିନ୍ନ ପଂଚାୟତର ବିଦ୍ୟାଳୟମାନଙ୍କୁ ଯାଇ ଏହି ସଚେତନତା କାର୍ଯ୍ୟକ୍ରମ କରୁଅଛନ୍ତି। କେତେକ ବିଦ୍ୟାଳୟରେ ଏହି ସଚେତନତା କାର୍ଯ୍ୟକ୍ରମ ଶେଷ ହୋଇ ଯାଇଥିବା ବେଳେ ବଳକା ବିଦ୍ୟାଳୟ ମାନଙ୍କରେ ଆସନ୍ତା ତା ୨୧/୧୨/୨୦୨୪ ରେ ସମ୍ପର୍ଣ୍ଣ କରାଯିବାର କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ଏସ ଆଇ ଆନନ୍ଦ କୁମାର, ହାବିଲଦାର ଶ୍ରୀକାନ୍ତ ଦାସ, ଭି.ତୁଳସୀ ଦାସ, ଚିତ୍ରୋସେନ ଗଣ୍ଡ, ଏସପି ବେହେରା ପ୍ରମୁଖ ଏହି କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସଚେତନତା କାର୍ଯ୍ୟକ୍ରମ କରୁଅଛନ୍ତି।

## ଟ୍ରାକ୍ଟର ତଳେ ଚାପିହୋଇ ବାଳକ ମୃତ

ଉମରକୋଟ(ଭାସ୍କର ନ୍ୟୁଜ): ଟ୍ରାକ୍ଟର ତଳେ ଚାପିହୋଇ ଜଣେ ବାଳକର ମୃତ ବରଣ ଘଟିଛି। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲ୍ଲା ଉମରକୋଟ ଥାନା ଅଧୀନରେ। ମୃତକ ଜଣକ ବକୋଦା ପଞ୍ଚାୟତ ମୁଣ୍ଡା ପଦର ଗ୍ରାମର ସୁଶାନ୍ତ ଭତରା (୧୨)। ମିଳିଥିବା ସୂଚନା ଅନୁସାରେ ସୁଶାନ୍ତ ଚାଲି ଚାଲି ବକୋଦା ଗ୍ରାମରୁ ଜଡାଗୁଡା ଗ୍ରାମକୁ ଯାଉଥିଲେ। ଏହି ସମୟରେ ଏକ ଟ୍ରାକ୍ଟର ଦୃତ ଗତିରେ ଆସି ଭାରସାମ୍ୟ ହରାଇ ସୁଶାନ୍ତଙ୍କ ଉପରେ ଓଲଟି ପଡ଼ିଥିଲା। ଫଳରେ ସୁଶାନ୍ତ ଟ୍ରାକ୍ଟର ତଳେ ଚାପିହୋଇ ରହି ଯାଇଥିଲେ। ସୁଶାନ୍ତଙ୍କୁ ଉଦ୍ଧାର କରି ଉମରକୋଟ ଉପଖଣ୍ଡ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ। ସେଠାରେ ତାଙ୍କର ପ୍ରାଣବାୟୁ ଉଡି ଯାଇଥିଲା।




ରାଇଘର (ଭାସ୍କର ନ୍ୟୁଜ): ନବରଙ୍ଗପୁର ଜିଲ୍ଲା ସୀମାନ୍ତ ରାଇଘର ବ୍ଲକ ସମ୍ମିଳନୀ କକ୍ଷ ଠାରେ ବ୍ଲକ ସ୍ତରୀୟ ଜିଲ୍ଲାପାଳଙ୍କ ଯୁଗ୍ମ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି।ଏହି ଯୁଗ୍ମ ଜନଶୁଣାଣି ଶିବିରରେ ବ୍ଲକର ବିଭିନ୍ନ ଅଞ୍ଚଳରୁ ଆସିଥିବା ୨୫ଗୋଟି ଆପତ୍ତି ଅଭିଯୋଗ ର ପଞ୍ଜୀକରଣ କରାଯାଇଥିଲା। ଏହି ମଧ୍ୟରୁ ୭ଗୋଟି ଗୋଷ୍ଠୀ ଗତ ସମସ୍ୟା ରହିଥିବା ବେଳେ ୧୮ ଗୋଟି ବ୍ୟକ୍ତି ଗତ ଆପତ୍ତି ଅଭିଯୋଗ ରହିଥିଲା ବେଳେ ଦୁଇ ଗୋଟି ସମସ୍ୟାର ତ୍ୱରିତ ସମାଧାନ ଶିବିରରେ ସମାଧାନ କରଯାଇଥିଲା। ଏଥିରେ ବିଦ୍ୟୁତ୍ ସଂଯୋଗୀକରଣ,ପାନୀୟ ଜଳ ଯୋଗାଣ, ରାସ୍ତା ନିର୍ମାଣ, ଯୁକ୍ତ ତିନି ଛାତ୍ର ଛାତ୍ରୀଙ୍କ ପଠନ ପାଇଁ ନୂତନ ଶ୍ରେଣୀ ଗୃହ ନିର୍ମାଣ ଆଦି ବହୁବିଧ ସମସ୍ୟା ଉପରେ ଆପତ୍ତି ଅଭିଯୋଗର ଜିଲ୍ଲାପାଳ ଡଃ ଶୁଭଙ୍କର ମହାପାତ୍ର ଶୁଣାଣି କରି ଏହାର ତୁରନ୍ତ ପଦକ୍ଷେପ ଗ୍ରହଣ କରି ସମାଧାନ କରିବା ପାଇଁ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।ଏହି ଜନଶୁଣାଣି ଶିବିର ରେ ଆରକ୍ଷୀ ଅଧୀକ୍ଷକ ମିହିର କୁମାର ପଣ୍ଡା,ଡି ଏସ ଡବ୍ଲୁ ଓ ଦ୍ରୌପଦୀ କହଁର, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ସନ୍ତୋଷ କୁମାର ପଣ୍ଡାଙ୍କ ସହ ଜିଲ୍ଲା ସ୍ତରୀୟ ଅଧିକାରୀ ଗଣ, ସହ ରାଇଘର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲକ୍ଷ୍ମୀ ସାଗର ମାଝୀ, ସ୍ଥାନୀୟ ତହସିଲଦାର ରିତୁ ସିଂ, ରାଇଘର ବ୍ଲକ ଅଧକ୍ଷ ଗୁପ୍ତ ପ୍ରସାଦ ଝାଙ୍କର,ରାଇଘର ବ୍ଲକ ଗୋଷ୍ଟି ଶିକ୍ଷା ଅଧିକାରୀ ଈଶ୍ୱର ଚନ୍ଦ୍ର ମାଝୀଙ୍କ ସହ ସମସ୍ତ ବିଭାଗର ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲ ।



# ବୃକ୍ଷରୋପଣ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଓପିଜିସି ସମ୍ମାନିତ




ଝାରସୁଗୁଡା(ଭାସ୍କର ନ୍ୟୁଜ୍): ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡିଶା ସରକାର, ଏବଂ ଝାରସୁଗୁଡା ଜିଲ୍ଲା ପ୍ରଶାସନ ବୃକ୍ଷରୋପଣ କାର୍ଯ୍ୟରେ ଉଦ୍ୟମକୁ ସ୍ୱୀକୃତି ଦେବା ଏବଂ ବୃକ୍ଷରୋପଣ ଲକ୍ଷ୍ୟ ହାସଲ କରିବାରେ ଆଜି ଓଡିଶା ଶକ୍ତି ଉତ୍ପାଦନ ନିଗମ (ଓପିଜିସି)କୁ ଉତ୍ସାହିତ କରିଛି। ଝାରସୁଗୁଡା କଲେକ୍ଟର, କଲେକ୍ଟର ଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଝାରସୁଗୁଡା ଓପିଜିସିକୁ ଏକ ସାର୍ଟିଫିକେଟ୍ ଅଫ୍ କୃତଜ୍ଞତା ପ୍ରଦାନ କରିଥିଲେ ଯାହାକୁ ଶ୍ରୀମନ୍ଦିର (ପରିବେଶ) ପାର୍ଥସାରଥୀ ପଣ୍ଡା ଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଝାରସୁଗୁଡା ଜିଲ୍ଲାପାଳ ଅବୋଲି ସୁନୀଲ ନାରଭାନେ ଅଧ୍ୟକ୍ଷତା କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଧାୟକ ଟଙ୍କଧର ତ୍ରିପାଠୀ ଯୋଗଦେଇ କହିଥିଲେ ଯେ, ପରିବେଶ ସଂରକ୍ଷଣକୁ ପ୍ରୋତ୍ସାହିତ କରିବାରେ ଝାରସୁଗୁଡା ଜିଲ୍ଲାପାଳ, ଜଙ୍ଗଲ ବିଭାଗ ଏବଂ ଓପିଜିସି ଭଳି ଶିଳ୍ପଗୁଡିକର ସାମୂହିକ ଉଦ୍ୟମକୁ ପ୍ରଶଂସା କରିଥିଲେ ।ଏଥିସହ ଶିଳ୍ପ-ସରକାରୀ ସହଭାଗୀତା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି କାର୍ଯ୍ୟକ୍ରମରେ ଝାରସୁଗୁଡା ଡିଭିଜନାଲ ବନ ଅଧିକାରୀ (ଡିଏଫଓ) ମନୁ ଅଶୋକ ଭଟ୍ଟ, ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟ (ଏଡିଏମ) ବ୍ରଜବନ୍ଧୁ ଭୋଇ, ତହସିଲଦାର ସାଦକର କୁମ୍ଭାର, ଜିଲ୍ଲା ପରିବେଶ ସମାଜର ସଦସ୍ୟ, ବନ ବିଭାଗର ଅଧିକାରୀ ଏବଂ ପ୍ରତିନିଧୀମାନେ ଯୋଗ ଦେଇଥିଲେ।

# କଟୁରି ଦେଖାଇ ୧୦ଲକ୍ଷ ଲୁଟ୍

ସୋର(ଭାସ୍କର ନ୍ୟୁଜ): ସୋମବାର ଶେରଗଡ଼ ୟୁକୋ ବ୍ୟାଙ୍କରେ ଜମା କରିବା ପାଇଁ ଯାଉଥିବାବେଳେ ଜଣେ ଆଳୁ ବ୍ୟବସାୟୀଙ୍କଠାରୁ ୬ଜଣ ଦୁର୍ବୃତ୍ତ କଟୁରି ଦେଖାଇ ୧୦ଲକ୍ଷ ଟଙ୍କା ଲୁଟି ନେଇଥିବା ଖନ୍ତାପଡ଼ା ଥାନାରେ ଅଭିଯୋଗ ହୋଇଛି। ପୋଲିସ ତଦନ୍ତ ଆରମ୍ଭ କରିଛି।

# ଜୟଦେବ ଗ୍ରାମ ପଞ୍ଚାୟତ ପରିସରରେ ଜନ ଅଭିଯୋଗ ଶୁଣାଣି ଶିବିର




ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଜନ ସାଧାରଣଙ୍କୁ ହାତ ପାଆନ୍ତାରେ ସେମାନଙ୍କର ବିଭିନ୍ନ ଆପତ୍ତି ଅଭିଯୋଗ ଓ ସମସ୍ୟା ଗୁଡ଼ିକୁ ସମାଧାନ କରି ସେମାନଙ୍କୁ ଉପଯୁକ୍ତ ନ୍ୟାୟ ଓ ସେବା ଯୋଗାଇ ଦେବା ପାଇଁ ରାଜ୍ୟ ସ୍ତରରୁ, ଜିଲ୍ଲା,ବ୍ଲକ ଏବଂ ଗ୍ରାମ ପଞ୍ଚାୟତ ସ୍ତର ପର୍ଯ୍ୟନ୍ତ ଜନ ଅଭିଯୋଗ ଶୁଣାଣି ଶିବିର ଆୟୋଜନ କରାଯାଇ ଜନ ସାଧାରଣଙ୍କ ଆପତ୍ତି ଅଭିଯୋଗ ଗୁଡ଼ିକୁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ସମାଧାନ କରାଯାଉଅଛି। ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଜନ ସାଧାରଣଙ୍କୁ ତ୍ୱରିତ ସେବା ପ୍ରଦାନ କରିବାରେ ଏକ ଉତ୍କୃଷ୍ଟ ମାଧ୍ୟମ ଅଟେ । ଏହି କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରି ସମସ୍ତ ଅଧିକାରୀ ନିଷ୍ଠା ଓ ଆନ୍ତରିକତା ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ମଧ୍ୟରେ ସମାଜର ତୃଣମୂଳ ସ୍ତରରୁ ଆସୁଥିବା ଅଭିଯୋଗ ଗୁଡ଼ିକୁ ସମାଧାନ କରିବାକୁ ଆଜି ପୂର୍ବାହ୍ନରେ ବାଲିଅନ୍ତା ବ୍ଲକ ଅନ୍ତର୍ଗତ ଜୟଦେବ ଗ୍ରାମ ପଞ୍ଚାୟତ ପରିସରରେ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଅଧ୍ୟକ୍ଷତା କରି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସାଫଲ୍ୟ ମଣ୍ଡିତ ପ୍ରଧାନ ଉପରୋକ୍ତ ବିଷୟ ପ୍ରକାଶ କରିଛନ୍ତି। ମିଳିତ ଜନ ଅଭିଯୋଗ ପ୍ରକୋଷ୍ଠରୁ ପଠାଯାଉଥିବା ଅଭିଯୋଗ ଦରଖାସ୍ତ ଗୁଡ଼ିକ ଉପରେ ଅଗ୍ରାଧିକାର ଭିତ୍ତିରେ ପଦକ୍ଷେପ ଗ୍ରହଣ କରି ତୁରନ୍ତ ସମାଧାନ ସହ ଜିଲ୍ଲା ପ୍ରଶାସନକୁ ଜଣାଇବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ଆଜିର ଅଭିଯୋଗ ପ୍ରକୋଷ୍ଠରେ ସମୁଦାୟ ୧୫୨ ଗୋଟି ଦରଖାସ୍ତ ଆସିଥିବା ବେଳେ ତନ୍ମଧ୍ୟରୁ ବ୍ୟକ୍ତିଗତ ଅଭିଯୋଗ ୧୧୮ ଓ ଗ୍ରାମ ସମସ୍ୟା ଜନିତ ୨୭ ଗୋଟି ଅଭିଯୋଗ ଥିଲା। ଅଭିଯୋଗ ପ୍ରକୋଷ୍ଠରେ ୬୪ ଗୋଟି ଅଭିଯୋଗର ତ୍ୱରିତ ଶୁଣାଣି କରି ସମାଧାନ କରାଯାଇଥିଲା । ଅଭିଯୋଗ ପ୍ରକୋଷ୍ଠରେ ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ ତରଫରୁ ୩ଜଣ ଦିବ୍ୟାଙ୍ଗଙ୍କୁ ହୁଇଲ ଚେୟାର ପ୍ରଦାନ କରାଯାଇଥିଲା । ଜିଲ୍ଲା ପ୍ରଶାସନର ଏହି ମିଳିତ ଅଭିଯୋଗ ଶୁଣାଣି ଶିବିରରେ ବିଧାୟକ ନବ କିଶୋର ମଲ୍ଲିକ, ଉପଜିଲାପାଳ, ଭୁବନେଶ୍ୱର ଡ଼.ମନୋରଞ୍ଜନ ସାହୁ, ବିଡିଓ, ବାଲିଅନ୍ତା ସ୍ମୃତିପ୍ରଜ୍ଞା, ତହସିଲଦାର, ବିମଳ କୁମାର ଲେଙ୍କା, ସହକାରୀ ଜିଲ୍ଲାପାଳ, ଅଭିଯୋଗ ଭୁବନେଶ୍ୱରୀ କଅଁର,ବିଭିନ୍ନ ବିଭାଗୀୟ ଜିଲ୍ଲାସ୍ତରୀୟ ଅଧିକାରୀ ଏବଂ ବିଭିନ୍ନ ଲାଇନ ଡିପାର୍ଟମେଣ୍ଟ ବରିଷ୍ଠ ଅଧିକାରୀ ଏବଂ ଯନ୍ତ୍ରୀମାନେ ଯୋଗଦେଇ ଥିଲେ।

# ନୂତନ ଏନ୍‌ସିଇଆରଟି ଅଡିଟୋରିୟମ ପାଇଁ ଭୂମିପୂଜନ କଲେ ଧର୍ମେନ୍ଦ୍ର ପ୍ରଧାନ




ନୂଆଦିଲ୍ଲୀ/ଭୁବନେଶ୍ୱର(ବ୍ୟୁରୋ): ଏନସିଇଆରଟି ଭାରତର ଗୌରବ ଏବଂ ଦେଶର ଶିକ୍ଷା ବ୍ୟବସ୍ଥାର ମୂଳଦୁଆ । ଏହା କେବଳ ଏକ ଅନୁଷ୍ଠାନ ନୁହେଁ ବରଂ ଦେଶର ଏକ ସାମୂହିକ ଶୈକ୍ଷିକ ଭଣ୍ଡାର । ସୋମବାର କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏନସିଇଆରଟିର ୯୦୦ ସିଟ୍ କ୍ଷମତା ବିଶିଷ୍ଟ ନୂତନ ଅଡିଟୋରିୟମ ଏବଂ ଅନେକ ଶିକ୍ଷା ସମ୍ବନ୍ଧୀୟ କାର୍ଯ୍ୟକ୍ରମ ତଥା ପଦକ୍ଷେପର ଶୁଭାରମ୍ଭ କରିବା ଅବସରରେ ଏହା କହିଛନ୍ତି । କେନ୍ଦ୍ରମନ୍ତ୍ରୀଙ୍କ ଉପସ୍ଥିତିରେ ଏନସିଇଆରଟି ଏବଂ ଇ-କମର୍ସ ପ୍ଲାଟଫର୍ମ ଫ୍ଲିପକାର୍ଟ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା । ଏହା ଦ୍ୱାରା ସାରା ଦେଶରେ ବିଶେଷ କରି ଟାୟାର-୨ ଏବଂ ଟାୟାର-୩ ସହରରେ ଏନସିଇଆରଟି ପ୍ରକାଶନର ପୁସ୍ତକଗୁଡ଼ିକ ସୁଲଭ ମୂଲ୍ୟରେ ଶିକ୍ଷାର୍ଥୀଙ୍କ ପାଖରେ ପହ□ପାରିବ । ଏହି ଅବସରରେ ଶ୍ରୀ ପ୍ରଧାନ ଗୁଗୁଲ ଲର୍ଣ୍ଣିଂ ସେ□ରକୁ ମଧ୍ୟ ଉଦଘାଟନ କରିଥିଲେ । ଏହି ପଦକ୍ଷେପ ଏଆଇ ସମେତ ଡିଜିଟାଲ ଉପକରଣରେ ଶିକ୍ଷକ ଏବଂ ଶିକ୍ଷୟିତ୍ରୀମାନଙ୍କ ଦକ୍ଷତା ବିକାଶରେ ସହାୟକ ହେବ । କେନ୍ଦ୍ରମନ୍ତ୍ରୀଙ୍କ କରକମଳରେ ପର୍ଯ୍ୟାପ୍ତ କମ୍ପ୍ୟୁଟର ଓ ନେଟୱାର୍କିଂ ସୁବିଧା ଥିବା ୪୦ ଜଣଙ୍କ ପାଇଁ ଏକ ଅତ୍ୟାଧୁନିକ ଲ୍ୟାବ୍ ଓ ପିଏମ ଇ ବିଦ୍ୟା ଟିଭି ଚ୍ୟାନେଲର ପ୍ରସାରଣ ପାଇଁ ୨୦୦ ଟି ୟୁଟ୍ୟୁବ ଚ୍ୟାନେଲର ଶୁଭାରମ୍ଭ ହୋଇଥିଲା । ଏହି ଅବସରରେ ଶ୍ରୀ ପ୍ରଧାନ ନିଷ୍ଠା ସମନ୍ୱିତ ଶିକ୍ଷକ ପ୍ରଶିକ୍ଷଣ ମଡ୍ୟୁଲ, ନିଷ୍ଠା-ଇଟି, କୌଶଳ ଏବଂ ଏଜୁକେସନ ଲିଡରକୁ ଉନ୍ମୋଚନ କରିଥିଲେ । ଶ୍ରୀ ପ୍ରଧାନ କହିଛନ୍ତି ଯେ ଏନସିଇଆରଟି ଏକ ଗବେଷଣା ବିଶ୍ୱବିଦ୍ୟାଳୟରେ ପରିଣତ ହେବା ପରେ ଏହା ଗୋଟିଏ ଛାତ ତଳେ ବିଷୟବସ୍ତୁ ବିକାଶ, ପାଠ୍ୟକ୍ରମ ଡିଜାଇନ୍, ଶିକ୍ଷାଗତ ପଦ୍ଧତି, ଅଭିନବ ଶିକ୍ଷାଗତ ଅଭ୍ୟାସ, ଶିକ୍ଷକ ଦକ୍ଷତା ବୃଦ୍ଧି ଏବଂ ଟେକ୍ନୋଲୋଜି ନିବେଶକୁ ସମନ୍ୱିତ କରି ଏକ ମେଲଟିଂ ପଟରେ ପରିଣତ ହେବାର ଇଚ୍ଛା ରଖିବା ଆବଶ୍ୟକ ବୋଲି ମନ୍ତ୍ରୀ ଉଲ୍ଲେଖ କରିଥିଲେ । ଏକବିଂଶ ଶତାବ୍ଦୀର ଶିକ୍ଷା ଓ ଲର୍ଣ୍ଣରଙ୍କ ପାଇଁ ଭାରତର ନୂତନ ପିଢ଼ିଙ୍କୁ ପ୍ରସ୍ତୁତ କରିବା ପାଇଁ ସେ ଏନସିଇଆରଟିର ଦାୟିତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ । ଏନସିଇଆରଟି ଏବଂ ଫ୍ଲିପକାର୍ଟ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ ହେବା ଦ୍ୱାରା ଏନସିଇଆରଟି ପାଠ୍ୟପୁସ୍ତକର ଉପଲବ୍ଧତା ବୃଦ୍ଧି ପାଇବ ଏବଂ ଦେଶର କୋଣ ଅନୁକୋଣରେ ପୁସ୍ତକ ଗୁଡ଼ିକ ଶିକ୍ଷାର୍ଥୀଙ୍କ ଡୋରଷ୍ଟେପରେ ପହ□ପାରିବ । ନିଷ୍ଠା ଶିକ୍ଷକ ପ୍ରଶିକ୍ଷଣ ମଡ୍ୟୁଲ୍ ଏବଂ ଗୁଗୁଲ ଇଣ୍ଡିଆ ଦ୍ୱାରା ଅନୁଭୂତିମୂଳକ ଶିକ୍ଷା କେନ୍ଦ୍ର ଭଳି ପଦକ୍ଷେପ ଶିକ୍ଷକମାନଙ୍କ ଦକ୍ଷତାକୁ ସୁଦୃଢ଼ କରିବ ଏବଂ ଉଭୟ ଶିକ୍ଷକ ଏବଂ ଛାତ୍ରଛାତ୍ରୀଙ୍କୁ ସଶକ୍ତ କରିବ ବୋଲି ସେ କହିଛନ୍ତି । ଉଲ୍ଲେଖନୀୟ ଯେ, ଫ୍ଲିପକାର୍ଟ ପୂର୍ବରୁ ଭାରତ ସରକାରଙ୍କ ଅଧୀନରେ ଥିବା ଏନସିଇଆରଟି ଏବଂ ଅନ୍ୟତମ ସର୍ବବୃହତ ଇ-କମର୍ସ ପ୍ଲାଟଫର୍ମ ଆମାଜନ ସେଲର୍ସ ପ୍ରାଇଭେଟ୍ ଲିମିଟେଡ୍ ମଧ୍ୟରେ ଲେଟର୍ ଅଫ୍ ଏନଗେଜମେ□(ଏଲଓଇ) ସ୍ୱାକ୍ଷରିତ ହୋଇସାରିଛି ।

# ବିଶ୍ୱ ଭିନ୍ନକ୍ଷମ ମାସ ପାଳିତ

ଭୁବନେଶ୍ୱର (ଭାସ୍କର ନ୍ୟୁଜ) : ରେଡ୍ ସ୍ୱସ୍ତିକ ସୋସାଇଟି ଓଡ଼ିଶା ଶାଖା ପକ୍ଷରୁ ବିଶ୍ୱ ଭିନ୍ନକ୍ଷମ ମାସ ସ୍ଥାନୀୟ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ସ୍ଥିତ ଉତ୍କଳ ରଙ୍ଗମଞ୍ଚରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ୧୨୦ ଜଣ ଭିନ୍ନକ୍ଷମଙ୍କୁ ସ୍ୱୟଂଚାଳିତ ବୈଦ୍ୟୁତିକ ହାତ ଯୋଗାଇ ଦିଆଯାଇଛି । ଏହା ସହ ୬୦ ଜଣଙ୍କୁ କମ୍ବଳ ବଣ୍ଟନ ଓ ୧୦ ଜଣଙ୍କୁ ଜରିପାଲ ମଧ୍ୟବଣ୍ଟନ କରାଯାଇଥିଲା । ରେଡ୍ ସ୍ୱସ୍ତିକ ସୋସାଇଟି ଓଡିଶା ଓ ଇନାଲି ଫାଉଣ୍ଡେସନର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉପ ମୁଖ୍ୟମନ୍ତ୍ରୀ କେଭି ସିଂହଦେଓ ଯୋଗଦେଇ କହିଥିଲେ ଯେ ମୋ ଜିଲ୍ଲାରେ ଅନୁଷ୍ଠାନ ପକ୍ଷରୁ ଯେଉଁ କାର୍ଯ୍ୟକ୍ରମମାନ ହାତକୁ ନିଆଯାଇଛି ତାହା ପ୍ରଶଂସନୀୟ । ରେଡ଼ ସ୍ୱସ୍ତିକ ଏହିଭଳି କାର୍ଯ୍ୟ ଆଗକୁ ଚଳୁରଖିବ ବୋଲି ମୁଁ ଆଶା ପ୍ରକଟ କରୁଛି । ମୁଁ ସଦା ସର୍ବଦା ଆପଣଙ୍କ ସହ ରହିଛି ଓ ରହିବି । ସମ୍ମାନିତ ଅତିଥି ଭାବେ ଏସଏନଏମ୍ ଗ୍ରୁପର ନର୍ଦ୍ଦେଶକ ଡ. ପ୍ରବୋଧ ମହାନ୍ତି ଯୋଗଦେଇଥିଲେ । ରେଡ୍ ସ୍ୱସ୍ତିକ ସୋସାଇଟି ଓଡ଼ିଆ ଶାଖାର ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଭିନ୍ନକ୍ଷମଙ୍କ ତଥ୍ୟ ସଂଗ୍ରହ କରି ଏହି ପଦକ୍ଷେପ ହାତକୁ ନେଇଛି । ରାଜ୍ୟରେ ଭିନ୍ନକ୍ଷମମାନଙ୍କ ଉନ୍ନତିକରଣ ନିମନ୍ତେ ବିବିଧ କାର୍ଯ୍ୟକ୍ରମମାନ ହାତକୁ ନିଆଯାଇଛି ଓ ଆଗକୁ ନିଆଯିବ ବୋଲି ରେଡ୍ ସ୍ୱସ୍ତିକ ସୋସାଇଟି, ଓଡ଼ିଶା ଶାଖା ସଚିବ ଦେବାଶିଷ ପଟ୍ଟନାୟକ କହିଥିଲେ କାର୍ଯ୍ୟକ୍ରମରେ ସମାଜସେବୀ ପ୍ରମୋଦ ପାତ୍ର, କଣ୍ଠଶିଳ୍ପୀ ଅନିନ୍ଦିତା ଦାସ, ଅଭିନେତ୍ରୀ କାଜଲ ଶତପଥି, ଫିଜିଓଥେରାପିଷ୍ଟ ପ୍ରଭଞ୍ଜନ ରାୟସାମନ୍ତ, ଗ୍ରୀନ୍ ଟିଲିଜ୍‌ର ପ୍ରତିଷ୍ଠାତା ଏମ୍ କେଶବ ରାଓଙ୍କୁ ସମ୍ମାନିତ କରାଯାଇଥିଲା ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ଆଜି ଲୋକସଭାରେ...

କରାଯାଇଛି। ଏହାକୁ ବାସ୍ତବ ରୂପ ଦେବାପାଇଁ ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରାଯାଇଥିଲା। କମିଟି ତା'ର ରିପୋର୍ଟ ଦେବାପରେ କେନ୍ଦ୍ର କ୍ୟାବିନେଟ ଏହାକୁ ଅନୁମୋଦନ କରିଥିଲା। ଯଦି ବିଲ୍‌ଟିକୁ ଜେପିସିକୁ ଯାଇ ତେବେ ସେଥିରେ ଥିବା ସବୁ ରାଜନୈତିକ ଦଳର ସଦସ୍ୟମାନେ ଏହା ଉପରେ ବିଶଦ ଆଲୋଚନା କରି ଆବଶ୍ୟକ ପ୍ରସ୍ତାବ ଦେବେ। ଏପରିକି ସହମତି ଆଣିବା ପାଇଁ କେନ୍ଦ୍ର ସରକାର ବିଭିନ୍ନ ରାଜନୈତିକ ଦଳଙ୍କ ସହ ଆଲୋଚନା କରିବେ। ଏହି ବିଲ୍ ପାରିତ ହେବାପାଇଁ ସଂସଦରେ ଦୁଇ ତୃତୀୟାଂଶ ସଦସ୍ୟଙ୍କ ସମର୍ଥନର ଆବଶ୍ୟକତା ରହିଛି। ଚୂଡ଼ାନ୍ତ ବିଲ୍ ଉପସ୍ଥାପନ ପୂର୍ବରୁ ସରକାର ମଧ୍ୟ ବିଭିନ୍ନ ବ୍ୟକ୍ତିବିଶେଷ, ବୁଦ୍ଧିଜୀବୀ, ସବୁ ବିଧାନସଭାର ବାଚସ୍ପତି ଏବଂ ବିଭିନ୍ନ ସାମାଜିକ ସଂସ୍ଥାର ସଦସ୍ୟମାନଙ୍କ ସହ ଆଲୋଚନା କରିଥିବା ସୂଚନା ମିଳିଛି।

### ବିଷ୍ଣୁପଦଙ୍କୁ...

ନେଇ କୌଣସି ସୂଚନା ଦେଇନାହିଁ। ବିଷ୍ଣୁପଦଙ୍କ ନାମରେ ଅଭିଯୋଗ ଆସିବା ପରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ଏହାକୁ ଗମ୍ଭୀରତାର ସହ ନେଇଛି। ଅନ୍ୟପକ୍ଷରେ ରାଜ୍ୟ ଆଇନମନ୍ତ୍ରୀ କହିଛନ୍ତି ଯେ ଯିଏ ଦୁର୍ନୀତି କରିବ ତାକୁ ଛଡ଼ାଯିବ ନାହିଁ । ମନ୍ତ୍ରୀଙ୍କର ଏଭଳି ସୂଚନା ପରେ ରାଜ୍ୟ ସରକାର ଯେକୌଣସି ମୁହୂର୍ତ୍ତରେ ଶ୍ରୀ ସେଠୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରନ୍ତି ବୋଲି ଚର୍ଚ୍ଚା ଜୋର ଲାଗି ରହିଛି। ଅନ୍ୟପକ୍ଷରେ ସିବିଆଇର ସମନ ସତ୍ତ୍ୱେ ବିଷ୍ଣୁପଦ ହାଜର ହେଉନଥିବାରୁ ତାଙ୍କୁ ପୁଣିଥରେ ସମନ କରାଯାଇଛି। ଗିରଫ ହୋଇଥିବା ୩ ଅଭିଯୁକ୍ତଙ୍କୁ ପୁଣିଥରେ ରିମାଣ୍ଡରେ ଆଣି ବିଷ୍ଣୁପଦଙ୍କ ସହ ମୁହାଁମୁହିଁ ସିବିଆଇ ଜେରା କରିବାର ସମ୍ଭାବନା ରହିଛି। ମଙ୍ଗଳବାର ଦ୍ୱିତୀୟ ଥରପାଇଁ ରିମାଣ୍ଡରେ ଆସିଥିବା ଚଞ୍ଚଳ ମୁଖାର୍ଜୀ, ଠିକାଦାର ସନ୍ତୋଷ ମହାରଣା ଏବଂ ମଧ୍ୟସ୍ଥ ଦେବଦତ୍ତ ମହାପାତ୍ରଙ୍କୁ ରିମାଣ୍ଡ ଶେଷ ପରେ କୋର୍ଟରେ ହାଜର କରାଯାଇ ଜେଲ୍ ହାଜତକୁ ପଠାଇ ଦିଆଯାଇଛି।

### ଆଜିଠୁ ମୁଖ୍ୟମନ୍ତ୍ରୀଙ୍କ...

ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଶ୍ରୀ ମାଝୀ ପ୍ରଥମେ ସପ୍ତମ ସର୍ବଭାରତୀୟ ସାନ୍ତାଳୀ ଲେଖକ ସମ୍ମିଳନୀରେ ଯୋଗଦେବା ପରେ ସେଠାରୁ ମୁକୁନା ସତ୍ୟନାରାୟଣ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣଜୟନ୍ତୀ ଉତ୍ସବରେ ଯୋଗଦେବେ। ପରେ ତାଳପଦା ଫୁଟବଲ ମ୍ୟାଚ୍‌ରେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଏହାପରେ ସ୍ଥାନୀୟ ସର୍କିଟ ହାଉସରେ ସେ ରାତ୍ରିଯାପନ କରିବେ। ୧୮ ତାରିଖ ସକାଳେ ଶ୍ରୀ ମାଝୀ ସିଦ୍ଧମଠ କାର୍ଯ୍ୟକ୍ରମରେ ଯୋଗଦେବା ପରେ ସର୍କିଟ ହାଉସରେ ବିଶ୍ରାମ ନେବେ। ସନ୍ଧ୍ୟା ୭ଟାରେ କାଳୀ ପଡ଼ିଆରେ ଅନୁଷ୍ଠିତ ଗୋନାସିକା ମହୋତ୍ସବରେ ଯୋଗଦେବେ। ସେହିପରି ୧୯ ତାରିଖରେ ମହତାବ ଉଚ୍ଚବିଦ୍ୟାଳୟ ଚମ୍ପୁଆର ହୀରକ ଜୟନ୍ତୀ ଉତ୍ସବରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହାପରେ ସେ ଭୁବନେଶ୍ୱର ଅଭିମୁଖେ ପ୍ରତ୍ୟାବର୍ତ୍ତନ କରିବେ ବୋଲି ସୂଚନା ଦିଆଯାଇଛି।

### ପ୍ରଦୂଷିତ ସହରଗୁଡ଼ିକର...

ଅଛି କି ନାହିଁ ତାହା ମଧ୍ୟ ଅବଗତ କରାନ୍ତୁ। ଆମେ ଉକ୍ତ ସଂସ୍ଥାକୁ ସର୍ବଭାରତୀୟ ସ୍ତରକୁ ବୃଦ୍ଧି କରିବାକୁ ଚାହୁଁଛୁ। ଆମେ ସୁପ୍ରିମକୋର୍ଟରେ ବସି କେବଳ ଦିଲ୍ଲୀର ପ୍ରଦୂଷଣ କଥା ଚିନ୍ତା କରୁଛୁ ବୋଲି ଏକ ଭୁଲ ଚିନ୍ତାଧାରା ବାହାରକୁ ଯାଉ ବୋଲି ଆମେ ଚାହୁଁନାହିଁ । ତେଣୁ ଦିଲ୍ଲୀଭଳି ପ୍ରଦୂଷଣ ନିୟନ୍ତ୍ରଣ ବ୍ୟବସ୍ଥା ସମଗ୍ର ଦେଶରେ ଲାଗୁ କରାଯିବା ଉଚିତ୍ । ଅନ୍ୟ ରାଜ୍ୟରେ ପ୍ରଦୂଷଣ ନିୟନ୍ତ୍ରଣ କରିବା ପାଇଁ ପଦକ୍ଷେପ ଗ୍ରହଣ କରାଯାଉନଥିବାରୁ ଦିଲ୍ଲୀରେ ମଧ୍ୟ ସ୍ଥିତି ଉତ୍କଟ ହେଉଛି ବୋଲି ଖଣ୍ଡପୀଠ କହିଥିଲେ। ଅନ୍ୟପକ୍ଷରେ ଜାତୀୟ ରାଜଧାନୀ ଦିଲ୍ଲୀରେ ପ୍ରଦୂଷଣ ସ୍ଥିତି ପୁଣିଥରେ ସାଂଘାତିକ ରୂପ ନେବାରୁ ଏୟାର କ୍ୱାଲିଟି ମ୍ୟାନେଜମେଣ୍ଟ କମିଶନଙ୍କ ପକ୍ଷରୁ ଗ୍ରାପ୍-୩ ଲାଗୁ କରାଯାଇଛି। ଦିଲ୍ଲୀ-ଏନସିଆରରେ ପ୍ରଦୂଷଣ ନିୟନ୍ତ୍ରଣ କରିବାକୁ ଏପରି କରାଯାଇଥିବା କୁହାଯାଇଛି। ଦିଲ୍ଲୀରେ ବର୍ତ୍ତମାନ ବାୟୁର ଗୁଣବତ୍ତା ସୂଚକାଙ୍କ ୪୦୧ରୁ ୪୫୦ ମଧ୍ୟରେ ରହିଛି। ତେଣୁ ପ୍ରଦୂଷଣକୁ ତୁରନ୍ତ ନିୟନ୍ତ୍ରଣକୁ ଆଣିବାପାଇଁ କଟକଣା ଲାଗୁ କରାଯାଇଛି।

### ଆଉ ୨୪ ଘଣ୍ଟା...

ପ୍ରକୋପରେ ସକାଳ ଓ ରାତି ସମୟରେ ଘରୁ ବାହାରିବା କାଠିକର ପାଠ ହୋଇପଡୁଛି। ସକାଳେ କୁହୁଡ଼ିର ଚାଦର ଢାଙ୍କି ହେଉଛି ଏବଂ ସନ୍ଧ୍ୟାହେଲେ ଜାଡ଼ ମାଡ଼ିଆସୁଛି। ଦେହ ଥରାଇ ଦେଉଛି କୋହଲା ପବନ। ବିଶେଷକରି ଉପାନ୍ତ ଓ ପାହାଡ଼ିଆ ଅଞ୍ଚଳରେ ଅଧିକ ଶୀତ ଅନୁଭୂତ ହେଉଛି। ଏପରିକି ରାଜ୍ୟର ୧୫ ସହର ୧୦ଡିଗ୍ରୀ ତଳେ ରହିଥିବା ସୂଚନା ଦିଆଯାଇଛି। ଶିମିଳିପାଳ ଅଭୟାରଣ୍ୟରେ ସର୍ବନିମ୍ନ ତାପମାତ୍ରା ୧ ଡିଗ୍ରୀ ରେକର୍ଡ କରାଯାଇଛି। ଭୁବନେଶ୍ୱର, କଟକ ଓ ପାରାଦୀପ ସମେତ ଉପକୂଳ ଓଡ଼ିଶାରେ ତାପମାତ୍ରା ସ୍ୱାଭାବିକଠାରୁ ୨ରୁ ୪ ଡିଗ୍ରୀ କମ୍ ରେକର୍ଡ କରାଯାଇଛି। ଦାରିଙ୍ଗିବାଡ଼ି ଓ ଫୁଲବାଣୀରେ ତାପମାତ୍ରା ୮.୫ ଡିଗ୍ରୀ ରହିଥିବାବେଳେ ଝାରସୁଗୁଡ଼ାରେ ୬.୧, ରାଉରକେଲାରେ ୫.୬, କେନ୍ଦୁଝରରେ ୮.୮, ଦାରିଙ୍ଗିବାଡ଼ିରେ ୮.୫, ଅନୁଗୋଳରେ ୯, କେନ୍ଦୁଝରରେ ୯.୨, ସୁନ୍ଦରଗଡ଼ରେ ୯.୪, ଭବାନୀପାଟଣାରେ ୯.୪, କଟକରେ ୧୧.୫ ଓ ଭୁବନେଶ୍ୱରରେ ୧୦.୯ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଛି। ତେବେ ମଙ୍ଗଳବାରଠାରୁ ଶୀତର ପ୍ରକୋପ ହ୍ରାସ ପାଇବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

### ଆଜିଠୁ ରତ୍ନଭଣ୍ଡାର...

ଏସଓପି ପାଳନ କରିବାକୁ ଏଏସଆଇ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ରତ୍ନଭଣ୍ଡାର ସଂରକ୍ଷଣ କାମରେ ଏଏସଆଇର ସମସ୍ତ ଅଧିକାରୀ ଓ ଆବଶ୍ୟକ ସଂଖ୍ୟକ ଶ୍ରମିକ ସାମିଲ ହେବେ। ଉକ୍ତ କାମକୁ ଦିଲ୍ଲୀରୁ ଉଚ୍ଚ ଅଧିକାରୀ ନିରୀକ୍ଷଣ କରିବେ। ଶ୍ରୀମନ୍ଦିର କୋର କମିଟି ମଧ୍ୟ ବିଭିନ୍ନ ସମୟରେ କାର୍ଯ୍ୟକୁ ନିରୀକ୍ଷଣ କରିବ। ପ୍ରଥମେ ଭିତର ରତ୍ନଭଣ୍ଡାର ଓ ପରେ ବାହାର ରତ୍ନଭଣ୍ଡାର ମରାମତି ହେବ।

### ସବୁ ଜିଲ୍ଲାରେ...

4. ई–निविदा खोलने का स्थान – कार्यपालक अभियंता का कार्यालय, ग्रामीण विकास विशेष प्रमंडल, धनबाद।
5. ई–निविदा खोलने की तिथि एवं समय– 02.05.2025 अपराह्न 2:00 बजे
6. ई–निविदा आमंत्रित करने वाले पदाधिकारी का नाम एवं पता :– ई0 नरेन्द्र कुमार, कार्यपालक अभियंता, ग्रामीण विकास विशेष प्रमंडल, धनबाद।
7. ई–निविदा प्रकोष्ठ का दूरभाश सं० – 8789242462 (संबंधित कार्यपालक अभियंता का दूरभाष नम्बर)
8. परिमाण विपत्र की राशि घट–बढ़ सकती है तद्नुसार अग्रधन की राशि देय होगी।
9. निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
10. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो सारी जबावदेही आपकी होगी।

विस्तृत जानकारी के लिये वेबसाईट www.jharkhandtenders.gov.in एवं कार्यालय की सूचना पट्ट पर देखा जा सकता है।

(ई0 नरेन्द्र कुमार)
कार्यपालक अभियंता ग्रामीण विकास विशेष प्रमंडल,धनबाद

PR 342134 Rural Development(24-25)D

ଓଡ଼ିଶା ଭାସ୍କର
ODISHA BHASKAR

# ବିବିଧବର୍ଣ୍ଣା





ଆଜିକାଲିର ବ୍ୟସ୍ତବହୁଳ ଜୀବନରେ ଅଧିକାଂଶ ଲୋକ ଚାପରେ ରହୁଥିବା ଦେଖାଯାଉଛି । ପାରିବାରିକ ସମସ୍ୟା, ବୃତ୍ତିଗତ ଜୀବନରେ କାର୍ଯ୍ୟ ଭାର ଚିନ୍ତା, ଆର୍ଥିକ ସମସ୍ୟା, ସ୍ୱାସ୍ଥ୍ୟଗତ ସମସ୍ୟା ଆଦି ବିଭିନ୍ନ କାରଣରୁ ଲୋକମାନେ ଅଶାନ୍ତିରେ ଜୀବନ ଯାପନ କରୁଛନ୍ତି । ତେବେ ଆପଣମାନେ ଯଦି ଦିନକୁ କେବଳ ୧୨ ମିନିଟ୍ ନିରବରେ ବିତାଇ ପାରିବେ ତେବେ ଆପଣଙ୍କୁ ଅନେକ ଫାଇଦା ମିଳିବ । ମୌନ ରହିଲେ ଷ୍ଟ୍ରେସନ ହର୍ମୋନ କୋର୍ଟିସୋଲ ସ୍ତରର ହ୍ରାସ ପାଇଥାଏ । ଏଥିସହିତ ଏହା ଆପଣଙ୍କୁ ନିଦକୁ ବଢ଼ାଇବା ସହିତ ବିପିକୁ ନିୟନ୍ତ୍ରଣ କରିବାରେ ସହାୟକ ହୋଇଥାଏ । ପ୍ରକାଶ ପାଇଥିବା ଏକ ରିପୋର୍ଟ ମୁତାବକ, ମୌନ ରହିବା ଆପଣଙ୍କୁ ମାନସିକ ଭାବେ ମଜବୁତ କରିଥାଏ । ଯେତେବେଳେ ଆପଣ ୧୨ ମିନିଟ୍ ଧରି ନିରବ ରହିଥାନ୍ତି ସେତେବେଳେ ଆପଣଙ୍କର ବ୍ରେନ ଶାନ୍ତ ହୋଇଯାଇଥାଏ ଓ ରିଲାକ୍ସ ମୁଡ଼ରେ ଚାଲିଯାଇଥାଏ । ୧୨ ମିନିଟ୍ ଧରି ନିରବରେ ରହିବା ଫଳରେ ତାହା ଆପଣଙ୍କର କ୍ରିଏଟିଭିଟି ଓ କନସେନଟ୍ରେସନକୁ ଆକ୍ଟିଭ ରଖିବାରେ ସହାୟକ ହୋଇଥାଏ । ସକାଳ ଓ ସନ୍ଧ୍ୟା ସମୟରେ ଏକ ଏକାନ୍ତ ସ୍ଥାନରେ ଆପଣ ୧୨ ମିନିଟ୍ ପର୍ଯ୍ୟନ୍ତ ଆଖି ବନ୍ଦ କରି ମୌନରେ ବସପାରିବେ । ପ୍ରଥମେ ଏହା କରିବା ଆପଣଙ୍କ ପାଇଁ ମୁସ୍କିଲ ହୋଇପାରେ, ମାତ୍ର ପରେ ଅଭ୍ୟାସ ହୋଇଗଲେ ତାହା ସହଜ ହୋଇଯିବ ।

## 'ସ୍ପିରିଟ୍' ରେ ପ୍ରଭାସଙ୍କ ନାୟିକା ହେବେ ମୃଣାଳ



'କବୀର ସିଂହ' ଓ 'ଆନିମଲ୍' ଭଳି ଦୁଇଟି ଫିଲ୍ମ କରି ସନ୍ଦୀପ ରେଡ୍ଡୀ ବାଙ୍ଗା ବଲିଉଡ୍‌ରେ ନିଜ ପାଇଁ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଛନ୍ତି । ବାଙ୍ଗା ଏବେ ତାଙ୍କର ଆଉ ଏକ ମହତ୍ୱାକାଂକ୍ଷୀ ପ୍ରୋଜେକ୍ଟ 'ସ୍ପିରିଟ୍' ଲାଗି ପ୍ରସ୍ତୁତ ହେଉଛନ୍ତି । ସେଥିରେ ପ୍ରଭାସଙ୍କୁ ହିରୋ ଭାବେ ଦେଖିବାକୁ ମିଳିବ । ସେ ଜଣେ ପୁଲିସ ଅଧିକାରୀଙ୍କ ଭୂମିକାରେ ନଜର ଆସିବେ । ଫିଲ୍ମରେ ତାଙ୍କ ବିପକ୍ଷରେ ଅଭିନେତ୍ରୀ ମୃଣାଳ ଠାକୁର ସ୍କ୍ରିନ୍ ସେୟାର କରିପାରନ୍ତି । 'ସ୍ପିରିଟ୍'ର ଫିମେଲ୍ ଲିଡ୍ ହେବାଲାଗି ମୃଣାଳଙ୍କ ସହିତ ଆଲୋଚନା ଚୂଡ଼ାନ୍ତ ପର୍ଯ୍ୟାୟରେ ଥିବା ଜଣାପଡ଼ିଛି । ସେହିପରି ସୈଫ୍ ଅଲ୍ଲୀ ଖାନ୍ ଓ କରୀନା କପୁରଙ୍କୁ ସେଥିରେ ନେଗେଟିଭ୍ ରୋଲ୍‌ରେ ଦେଖିବାକୁ ମିଳିପାରେ । ଦମ୍ପତିଙ୍କ ସହିତ ଏ ନେଇ ଆଲୋଚନା ଜାରି ରହିଛି । ଆସନ୍ତାବର୍ଷ ଫିଲ୍ମର ସୁଟିଂ ଆରମ୍ଭ ହୋଇପାରେ । ୨୦୨୬ରେ ତାହା ମୁକ୍ତିଲାଭ କରିବାର ଯୋଜନା ରହିଛି । ବର୍ତ୍ତମାନ 'ସ୍ପିରିଟ୍'ର ଟିମ୍ ପ୍ରି-ପ୍ରଡକ୍ସନ୍ ସହିତ ଅଭିନେତା ଓ ଅଭିନେତ୍ରୀମାନଙ୍କୁ କାଷ୍ଟିଂ କରୁଛନ୍ତି । ଇଣ୍ଡଷ୍ଟ୍ରିର ସବୁଠୁ ପ୍ରତିଭାଶାଳୀ କଳାକାରଙ୍କୁ ଏଥିରେ କାଷ୍ଟ କରିବାକୁ ସେମାନଙ୍କର ଯୋଜନା ରହିଛି । 'ସ୍ପିରିଟ୍' ବ୍ୟତୀତ ମୃଣାଳଙ୍କୁ 'ସନ୍ ଅଫ୍ ସର୍ଦ୍ଦାର-୨'ରେ ଦେଖିବାକୁ ମିଳିବ । ସେଥିରେ ତାଙ୍କ ସହିତ ଅଜୟ ଦେବଗନ ନଜର ଆସିବେ । ଏହାଛଡ଼ା ଆଉ ୨-୩ଟି ବଡ଼ ପ୍ରୋଜେକ୍ଟ ମଧ୍ୟ ତାଙ୍କ ହାତରେ ରହିଛି ।





## ସ୍ୱାସ୍ଥ୍ୟ ପାଇଁ ରାମବାଣ ବ୍ଲୁବେରୀ



*ବ୍ଲୁବେରୀ ଫଳ, ଅନେକ ପୋଷକ ତତ୍ତ୍ୱର ଅଧିକାରୀ । ବ୍ଲୁବେରି ଏକ ସୁସ୍ଥ ଏବଂ ଚାପମୁକ୍ତ ଖାଦ୍ୟ । ଏଥିରେ ଫାଇବର, ଭିଟାମିନ୍ ସି, ଭିଟାମିନ୍ କେ, ମାଙ୍ଗାନିଜ୍ ଏବଂ ପୋଟାସିୟମ୍ ଭରପୂର ପରିମାଣରେ ଭରିରହିଛି । ଏଥିସହିତ ଏଥିରେ ସୋଡିୟମ୍ ମଧ୍ୟ କମ୍ ଏବଂ ପ୍ରାୟତଃ ଏଥିରେ ଅଧିକ ଚର୍ବି ନାହିଁ । ଏହାକୁ ଖାଇବା ଦ୍ୱାରା ବିଭିନ୍ନ ରୋଗକୁ ନିୟନ୍ତ୍ରଣ କରିବା ସହିତ ଏହା ଶରୀର ପାଇଁ ରାମବାଣ ସଦୃଶ କାମ କରିଥାଏ । ବର୍ତ୍ତମାନ ଆସନ୍ତୁ ଜାଣିବା ଏହି ଫଳ ସେବନ କରିବା ଦ୍ୱାରା ଆମ ଶରୀରକୁ କି କି ଲାଭ ମିଳିଥାଏ ? ଜାଣନ୍ତୁ....*

ବ୍ଲୁବେରୀ ଏକ ପୁଷ୍ଟିକର ବା ସୁପରଫୁଡ୍ ବୋଲି ବିବେଚନା କରାଯାଏ, ଯେଉଁଥିରେ କ୍ୟାଲୋରି, ଭିଟାମିନ୍ ଏବଂ ଫାଇବରରେ ଅଧିକ ଥାଏ । ଏଥିରେ ଭିଟାମିନ୍ କେ ଏବଂ ଭିଟାମିନ୍ ସି ରହିଛି । ଏଥିସହିତ ଖାଇବାକୁ ମଧ୍ୟ ସ୍ୱାଦିଷ୍ଟ ଲାଗିଥାଏ ।

### ଦୂର କରେ କ୍ୟାନସର ଆଶଙ୍କା

ବ୍ଲୁବେରୀ କେବଳ ଖାଦ୍ୟରେ ସ୍ୱାଦିଷ୍ଟ ନୁହେଁ, ଏହା ସ୍ୱାସ୍ଥ୍ୟ ପାଇଁ ମଧ୍ୟ ଲାଭଦାୟକ । ବ୍ଲୁବେରୀ ଖାଇବା ଦ୍ୱାରା ଏହା ଶରୀରର ଡିଏନଏ ଅଣୁକୁ କ୍ଷୟ ହେବାରୁ ରକ୍ଷା କରେ । ଏଥିସହିତ ଏହାର ଆଣ୍ଟିଅକ୍ସିଡାଣ୍ଟ ଗୁଣ ଶରୀରର ହାର୍ମଫୁଲ ମୁକ୍ତ ରାଡିକାଲ୍ସକୁ ପୋଷକତତ୍ତ୍ୱ ଯୋଗାଇଥାଏ । ଯାହାଦ୍ୱାରା ବାର୍ଦ୍ଧକ୍ୟ ଏବଂ କ୍ୟାନସର ଭଳି ରୋଗର ଆଶଙ୍କା ହ୍ରାସ କରିଥାଏ ।

### ରକ୍ତଚାପ କମ୍ କରେ

ଉଚ୍ଚ ରକ୍ତଚାପ ଥିବା ଲୋକଙ୍କୁ ଲାଭଦାୟକ ବ୍ଲୁବେରୀ । ଆଣ୍ଟିଅକ୍ସିଡାଣ୍ଟ ଏବଂ ଭିଟାମିନରେ ପରିପୂର୍ଣ୍ଣ, ବ୍ଲୁବେରୀ ରକ୍ତବାହୀ ନଳୀ କାର୍ଯ୍ୟକୁ ଉନ୍ନତ କରେ ଏବଂ ପ୍ରଦାହ ହ୍ରାସ କରି ହୃଦୟ ସ୍ୱାସ୍ଥ୍ୟକୁ ସୁସ୍ଥ କରିଥାଏ । ଯାହା ରକ୍ତଚାପ ହ୍ରାସ କରିବାରେ ସାହାର୍ଯ୍ୟକରେ ।

### ସ୍ମୃତିଶକ୍ତି ବଢ଼ାଏ

ଅକ୍ସିଡେଟିଭ୍ ଚାପ ମସ୍ତିଷ୍କ ବାର୍ଦ୍ଧକ୍ୟକୁ ତ୍ୱରାନ୍ୱିତ କରେ । ଯାହା ମସ୍ତିସ୍କ କାର୍ଯ୍ୟକୁ ବାଧାପ୍ରାପ୍ତ କରିଥାଏ । କିନ୍ତୁ ବ୍ଲୁବେରୀର ଆଣ୍ଟିଅକ୍ସିଡେଣ୍ଟ ସ୍ମୃତିଶକ୍ତି ଉନ୍ନତ କରିବା ସହ ମସ୍ତିସ୍କର କୋଷ ଗୁଡ଼ିକୁ ମଧ୍ୟ ଅଧିକ ସଞ୍ଚଳିତ କରିଥାଏ ।

### ମସଲ୍ ଡ୍ୟାମେଜ ହ୍ରାସ ହୁଏ

ବ୍ଲୁବେରୀ ମାଂସପେଶୀ ପୁନରୁଦ୍ଧାର କରିଥାଏ । ଓଜନକୁ ସନ୍ତୁଳିତ କରିବାରେ ମଧ୍ୟ ସାହାର୍ଯ୍ୟ କରେ ।

## ଚା' କପେକୁ ଲକ୍ଷେ ଟଙ୍କା



'ଚା' ଏହି ନାମ ସହିତ ସମସ୍ତେ ପରିଚିତ । ଅଧିକାଂଶ ଲୋକ ଚା ରୁ ହିଁ ନିଜର ଦିନ ଆରମ୍ଭ କରିଥାନ୍ତି । ସାଧାରଣତଃ ରାସ୍ତାକଡରେ ଥିବା ଢାବା କୁହଁ ବା ପଞ୍ଚତାରକା ହୋଟେଲ । ସବୁଠୁ ଉପଲବ୍ଧ ରହିଥାଏ ଚା । ଭିନ୍ନ ଭିନ୍ନ ସ୍ଥାନରେ ଚା ର ଦର ଟିକିଏ ଉଚ୍ଚ ନିଚ୍ଚା ରହିଥାଏ । କିନ୍ତୁ ଏହା ଆମ ଭାରତୀୟ ସଂସ୍କୃତିରେ ଏକ ଖାସ୍ ମହତ୍ତ୍ୱ ରହିଥାଏ । ଦୁବାଇରେ ଏପରି ଏକ ରେସ୍ତୋରାଁ ରହିଛି, ଯେଉଁଠାରେ ଗୋଟିଏ କପ୍ ଚା ର ମୂଲ୍ୟ ଲକ୍ଷେ ଟଙ୍କା ରହିଛି । ସବୁଠାରୁ ଆଶ୍ଚର୍ଯ୍ୟକର କଥା ଏହାର ମାଲିକ ହେଉଛନ୍ତି ଭାରତୀୟ ବଂଶୋଦ୍ଭବ ସୁଚେତା ଶର୍ମା । ସେ ଗ୍ରାହକ ମାନଙ୍କୁ ରୂପା କପରେ ୨୪ କ୍ୟାରେଟ୍ ର ସୁନା ପତ୍ର ପକାଇ ଏହି ସ୍ୱତନ୍ତ୍ର ଚା କୁ ପରଷିଥାନ୍ତି । ଯଦି କେହି ଗ୍ରାହକ ସେହି କପ୍‌କୁ ଘରକୁ ନେବା ପାଇଁ ଚାହିଁବେ , ତେବେ ତାକୁ ନେଇପାରିବେ । କେବଳ ଚା ନୁହେଁ ସେଠାରେ ଗୋଲ୍ଡ ସୋଭିନିୟର କଫି ମଧ୍ୟ ଉପଲବ୍ଧ । ନିକଟରେ ଜଣେ ଫୁଡ୍ ବ୍ଲଗା ରେସ୍ତୋରାଁରେ ସୁନା ଚା ଏବଂ କଫି ପରଷା ଯିବାର ଏକ ଭିଡିଓ ସେୟାର କରିଥିଲେ । ଯାହା ପରେ ଏହା ସୋସିଆଲ ମିଡିଆରେ ଖୁବ୍ ଭାଇରାଲ ହେବାରେ ଲାଗିଛି ।

## ପ୍ରଥମ ପ୍ରଦର୍ଶନ ପାଇଁ ୫ ଟଙ୍କା ପାଇଥିଲେ ଜାକିର

ପ୍ରସିଦ୍ଧ ତବଲା ବାଦକ ତଥା ମ୍ୟୁଜିକ କମ୍ପୋଜର ଜାକିର ହୁସେନ୍‌ଙ୍କ ଦେହାନ୍ତ ହୋଇଛି । ଜାକିର ହୁସେନ୍‌ଙ୍କର ହୃଦଘାତ ହୋଇଥିଲା । ଜାକିର ହୁସେନ୍‌ଙ୍କ ନାମରେ ୫ ଟି ଗ୍ରାମୀ ପୁରସ୍କାର ରହିଛି ଏବଂ ସେ ୧୨ ଟି ଚଳଚ୍ଚିତ୍ରରେ ମଧ୍ୟ କାମ କରିଥିଲେ । ତାଙ୍କୁ ୧୯୮୮ ରେ ପଦ୍ମଶ୍ରୀ, ୨୦୦୨ ରେ ପଦ୍ମ ଭୂଷଣ ଏବଂ ୨୦୨୩ରେ ପଦ୍ମବିଭୂଷଣ ପ୍ରଦାନ କରାଯାଇଥିଲା । ଜାକିର ହୁସେନ୍ ତାଙ୍କ କଳା ପ୍ରଦର୍ଶନରୁ ବହୁ ଧନ ଅର୍ଜନ କରିଛନ୍ତି । ମିଡିଆ ରିପୋର୍ଟ ଅନୁଯାୟୀ, ସେ ପ୍ରାୟ ୧୦ ଲକ୍ଷ ଡଲାର ଅର୍ଥାତ୍ ୯ କୋଟି ଟଙ୍କା ମୂଲ୍ୟର ମାଲିକ ଥିଲେ । ହୁସେନ୍ ତାଙ୍କର ଏକ କନସର୍ଟ ପାଇଁ ୫ ରୁ ୧୦ ଲକ୍ଷ ଟଙ୍କା ନେଉଥିଲେ । ସୂଚନାଥାଉ ଯେ, ଜାକିର ହୁସେନ୍ ତାଙ୍କର ପ୍ରଥମ ପ୍ରଦର୍ଶନ ପାଇଁ ମାତ୍ର ୫ ଟଙ୍କା ପାଇଥିଲେ । ଜାକିର ହୁସେନ୍‌ଙ୍କ ପିତା ଉସ୍ତାଦ୍ ଆଲ୍ଲାହା ରାଖା ମଧ୍ୟ ଜଣେ ପ୍ରସିଦ୍ଧ ତବଲା ବାଦକ ଥିଲେ ।

ଜାକିର ତାଙ୍କ ପିତାଙ୍କ ଠାରୁ ତବଲା କଳା କୌଶଳ ଉତ୍ତରାଧିକାରୀ ହୋଇଥିଲେ । ସେ ପଣ୍ଡିତ ଶିବ କୁମାରଙ୍କ ଠାରୁ ସଙ୍ଗୀତ ମଧ୍ୟ ଶିଖିଥିଲେ । ଜାକିର ହୁସେନ୍ ମୁମ୍ବାଇର ସେଣ୍ଟ ଜାଭିୟର କଲେଜରୁ ସ୍ନାତକ ହାସଲ କରିଥିଲେ । ଯେତେବେଳେ ତାଙ୍କୁ ୧୨ ବର୍ଷ ହୋଇଥିଲା, ସେ ପ୍ରଥମ ଥର ପାଇଁ ଆମେରିକାରେ କଳା ପ୍ରଦର୍ଶନ କରିବାର ସୁଯୋଗ ପାଇଥିଲେ । ୧୯୭୩ ମସିହାରେ ଜାକିରଙ୍କ ପ୍ରଥମ ଆଲବମ୍ 'ଲିଭିଙ୍ଗ୍ ଇନ୍ ମ୍ୟାଟେରିଆଲ୍ ୱାର୍ଲ୍ଡ' ମୁକ୍ତିଲାଭ କରିଥିଲା । ୧୯୯୭ ରେ ଶାଜ ଆଜମିଙ୍କ ସହ ଜାକିରଙ୍କୁ ସାଜ ଫିଲ୍ମରେ ଦେଖିବାକୁ ମିଳିଥିଲା । ସେ ଏହି ଚଳଚ୍ଚିତ୍ରରେ ଅଭିନୟ କରିଥିଲେ ।



## ବଲିଉଡ୍‌କୁ ଫେରୁଛନ୍ତି 'ଦେଶୀ ଗାର୍ଲ'

ବଲିଉଡ୍ ଓ ପରେ ବର୍ତ୍ତମାନ ହଲିଉଡ୍‌ରେ ନିଜର ଭିନ୍ନ ପ୍ରସିଦ୍ଧି ଲାଭ କରିଥିବା ଲୋକପ୍ରିୟ ଅଭିନେତ୍ରୀ ପାଲଟିଛନ୍ତି 'ଦେଶୀ ଗାର୍ଲ' ପ୍ରିୟଙ୍କା ଚୋପ୍ରା । ଆଜିକାଲି ଅଭିନେତ୍ରୀ ହଲିଉଡ୍ ଫିଲ୍ମ ଏବଂ ସିରିଜରେ ଅଧିକ କାମ କରୁଛନ୍ତି । ତାଙ୍କୁ ପୁଣିଥରେ ବଲିଉଡ୍‌ଫିଲ୍ମରେ କାମ କରୁଥିବା କେବେ ଦେଖିବାକୁ ତାକୁ ନେଇ ଅନେକ ପ୍ରଶଂସକ ଅପେକ୍ଷା କରିଛନ୍ତି । ଏ ବିଷୟରେ କଥାବାର୍ତ୍ତା କରି ପ୍ରିୟଙ୍କା ଏକ ବଡ଼ ଖୁଲାସା କରିଛନ୍ତି । ୨୦୨୧ ମସିହାରେ ମୁକ୍ତିଲାଭ କରିଥିବା ହ୍ୱାଇଟ୍ ଟାଇଗର ଫିଲ୍ମରେ ରାଜକୁମାର ରାଓଙ୍କ ସହ ପ୍ରିୟଙ୍କା ଚୋପ୍ରାଙ୍କୁ ଦେଖିବାକୁ ମିଳିଥିଲା । ଏହି ଚଳଚ୍ଚିତ୍ରଟି ଇଂରାଜୀ ଭାଷାରେ ନିର୍ମିତ ହୋଇଥିଲା । ଏହା ପରେ ଅଭିନେତ୍ରୀ ଆମେରିକୀୟ ଚଳଚ୍ଚିତ୍ରରେ କାମ କରିବା ଆରମ୍ଭ କଲେ । ବଲିଉଡ୍‌ରେ ସେ ନିଜର ଦୃଢ଼ ଅଭିନୟ ମାଧ୍ୟମରେ ପ୍ରଶଂସକଙ୍କୁ ମନ ଜିତିଥିଲେ । ପ୍ରେକ୍ଷାଳୟରେ ମୁକ୍ତିଲାଭ କରିଥିବା ତାଙ୍କର ଶେଷ ଚଳଚ୍ଚିତ୍ର ହେଉଛି, ୨୦୧୯ରେ ମୁକ୍ତିଲାଭ କରିଥିବା 'ଦି ସ୍କାଏ ଇଜ୍ ପିଙ୍କ୍' ଚଳଚ୍ଚିତ୍ରରେ ନଜର ଆସିଥିଲେ । ତିନି ବର୍ଷରୁ ଅଧିକ ସମୟ ବିତିଗଲାଣି ରୂପେଲି ପରଦାରେ ଦେଶୀ ଗାର୍ଲ ନଜର ଆସିନାହାନ୍ତି । ଜଣେ ଅନ୍ତର୍ଜାତୀୟ ଷ୍ଟାର ହୋଇଥିବାରୁ ପ୍ରିୟଙ୍କା ଚୋପ୍ରା ନିକଟରେ ରେଡ୍‌ସି' ଫିଲ୍ମ ଫେଷ୍ଟିଭାଲରେ ଅଂଶଗ୍ରହଣ କରିଥିଲେ । ଏହି ସମୟରେ ସେ ବଲିଉଡ୍ ଚଳଚ୍ଚିତ୍ରକୁ ପ୍ରତ୍ୟାବର୍ତ୍ତନ ବିଷୟରେ ଏକ ବଡ଼ ଅପଡେଟ୍ ଦେଇଥିଲେ । ପ୍ରିୟଙ୍କା କହିଛନ୍ତି, ଭାରତୀୟ ଚଳଚ୍ଚିତ୍ର ସବୁବେଳେ ମୋ ହୃଦୟର ଏକ ଅଂଶ ହୋଇ ରହିବ । ସେମାନେ ଚାହିଁଲେ ମଧ୍ୟ ମୋ ଠାରୁ ଏହାକୁ ଅଲଗା କରିପାରିବେ ନାହିଁ । ମୁଁ ୨୦୨୫ ମସିହାରେ ଏକ ହିନ୍ଦୀ ଚଳଚ୍ଚିତ୍ରରେ ସାଇନ୍ କରିବାକୁ ଯାଉଛି । ସମସ୍ତଙ୍କର ଶୁଭେଚ୍ଛା ଆଶୀର୍ବାଦ ରହିଛି । ପ୍ରିୟଙ୍କା ଚୋପ୍ରା ପରିଶେଷରେ କହିଥିଲେ, ସେ ଡ୍ୟାନ୍ସକୁ ଅଧିକ ମିସ୍ କରୁଛନ୍ତି । ପ୍ରକାଶ ଯେ, ଅଭିନେତ୍ରୀଙ୍କ ହିଟ୍ ଡ୍ୟାନ୍ସ ଗୀତରେ 'ଦେଶୀ ଗାର୍ଲ', 'ଗାଲାନ୍ ଗୁଡିଆନ୍', 'ରାମ ଚାହେ ଲୀଲା ଚାହେ' ଏବଂ 'ତୁନେ ମାରି ଏଣ୍ଟ୍ରି' ଭଳି ଗୀତ ଅନ୍ତର୍ଭୁକ୍ତ । ଏହିଗୀତଗୁଡ଼ିକରେ ଲୋକମାନେ ଅଭିନେତ୍ରୀଙ୍କ ନୃତ୍ୟକୁ ଅଧିକ ପସନ୍ଦ କରିଥିଲେ ।

Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com
ମୁଖ୍ୟ ସମ୍ପାଦକ: ପ୍ରଦୋଷ ପଟ୍ଟନାୟକ
Chief Editor: Pradosh Pattanaik

ଓଡ଼ିଶା ଭାସ୍କର
ରାଜ୍ୟ ଖବର



ପୁଲନଖରା(ଭାସ୍କର ନ୍ୟୁଜ୍): ବାରଙ୍ଗ ବ୍ଲକ ଅନ୍ତର୍ଗତ ସାଇଁଶୋ ପଞ୍ଚାୟତ କଲ୍ୟାଣ ମଣ୍ଡପ ସଭାଗୃହରେ କଟକ ଜିଲ୍ଲା ସୂଚନା ଅଧିକାର ଅଭିଯାନ ପକ୍ଷରୁ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ଓଡ଼ିଶା ସୂଚନା ଅଧିକାର ଅଭିଯାନର ରାଜ୍ୟ ଆବାହାକ ପ୍ରଦୀପ କୁମାର ପ୍ରଧାନ ଯୋଗଦେଇ ସୂଚନା ଅଧିକାର ଆଇନ କିଭଳି ସାଧାରଣ ଲୋକଙ୍କ ଅଧିକାର ଓ କ୍ଷମତାକୁ ଅଧିକ ଶାଣିତ କରି ସଂଶକ୍ତ କରୁଛି ସେ ବିଷୟରେ ବକ୍ତବ୍ୟ ଦେଇଥିଲେ । ସମ୍ମାନିତ ଅତିଥି ରୂପେ ଉପଦେଷ୍ଟା ଆଇନଜିବୀ ସୁଧିର ମହାନ୍ତି, ବରିଷ୍ଠ ସଦସ୍ୟ ସଂଯୁକ୍ତା ପାଣିଗ୍ରାହୀ, ପୂର୍ବତନ ପ୍ରଶାସନିକ ଅଧିକାରୀ ଆଭାଦହିନ୍ଦ ପାଣିଗ୍ରାହୀ, ଯୁଗ୍ମ ଆବାହାକ ଶ୍ରୀକାନ୍ତ ପାକଳ ଯୋଗଦେଇ ବାରଙ୍ଗ ଓ କଣ୍ଠାପଡ଼ା ବ୍ଲକରୁ ଆସିଥିବା ଶହେ ଜଣ ସୂଚନା ଅଧିକାର କର୍ମୀ ଓ ସାଧାରଣ ଜନତାଙ୍କୁ ସୂଚନା ଅଧିକାର ଆଇନର ବିଭିନ୍ନ ଦିଗ ଉପରେ ପ୍ରଶିକ୍ଷଣ ଦେଇଥିଲେ ।



# ଦିଗହରା ଉଠା ଜଳସେଚନ ପ୍ରକଳ୍ପ, ଚିନ୍ତାରେ ଚାଷୀ

ନିଶ୍ଚିନ୍ତକୋଇଲି(ଭାସ୍କର ନ୍ୟୁଜ୍): କୃଷି ଓ କୃଷକର ଉନ୍ନତି ନିମନ୍ତେ ସରକାର ଯୋଜନା ଉପରେ ଯୋଜନା କାର୍ଯ୍ୟକାରୀ କରୁଛନ୍ତି । ଏଥିନିମନ୍ତେ ସରକାରୀ ରାଜକୋଷରୁ କୋଟି କୋଟି ଟଙ୍କା ବିନିଯୋଗ ହେଉଛି । ଚାଷୀଙ୍କୁ ସୁଲଭ ମୂଲ୍ୟରେ କୃଷିଉପଯୋଗୀ ସାର, ବିହନ, କୀଟନାଶକ ଔଷଧ ଯୋଗାଇ ଦିଆଯାଉଛି । କେନାଲ ଓ ଉଠା ଜଳସେଚନ ମାଧ୍ୟମରେ ଜମିକୁ ଜଳସେଚିତ କରାଯାଉଛି । ଏପରିସ୍ଥଳେ ଉଠା ଜଳସେଚନ ବିଭାଗର ଦାୟିତ୍ୱ ହୀନତା ଓ କର୍ତ୍ତବ୍ୟରେ ଚରମ ଅବହେଳା କାରଣରୁ ସମଗ୍ର ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳରେ ଉଠା ଜଳସେଚନ ବ୍ୟବସ୍ଥା ସମ୍ପୂର୍ଣ୍ଣ ଦିଗହରା ହୋଇପଡିଥିବାର ଚାଷୀ ମହଲରେ ଅଭିଯୋଗ ହୋଇଛି । ଏପରିସ୍ଥଳେ ବିଭାଗୀୟ ଅଧିକାରୀମାନେ ମାସିକ ମୋଟା ଅଙ୍କର ଦରମା ନେଇ ନିରବରେ ବସିଥିବାର ଅଭିଯୋଗ ହୋଇଛି । ନିଶ୍ଚିନ୍ତକୋଇଲି ବ୍ଲକ କଟକ ସଦର ନିର୍ବାଚନ ମଣ୍ଡଳୀର ୧୪ ଟି ଓ ମାହାଙ୍ଗା ନିର୍ବାଚନ ମଣ୍ଡଳୀର ୨୭ଟି ଗ୍ରାମପଂଚାୟତକୁ ନେଇ ଗଠିତ । ଏହି ବ୍ଲକର ୪୧ଟି ପଞ୍ଚାୟତର ଲୋକେ ମୁଖ୍ୟତଃ କୃଷି ଉପରେ ନିର୍ଭର କରିଥାନ୍ତି । ନିଶ୍ଚିନ୍ତକୋଇଲି ଅଞ୍ଚଳରୁ ବିଭିନ୍ନ ପନିପରିବା ଉତ୍ପାଦିତ ହୋଇ ରାଜ୍ୟ ବାହାରକୁ ପଠା ଯାଇଥାଏ । ଦୀର୍ଘ ଦିନ ହେବ ଏହି ଚାଷୀମାନେ ସେମାନଙ୍କର



ପନିପରିବା ଚାଷରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । କେନ୍ଦ୍ର ଓ ରାଜ୍ୟ ସରକାର ଚାଷୀମାନଙ୍କ ଆର୍ଥିକ ମାନଦଣ୍ଡକୁ ବିକାଶ କରିବା ପାଇଁ ପ୍ରୟାସ କରୁଥିବା ବେଳେ ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳରେ ୧୦୦ଟି ଉଠା ଜଳସେଚନ ପ୍ରକଳ୍ପ ସ୍ଥାପନ କରାଯାଇଛି । ସେଥିମଧ୍ୟରୁ ୪୦ ପ୍ରକଳ୍ପ କାର୍ଯ୍ୟକ୍ଷମ ଥିବା ବେଳେ ୬୦ଟି ପ୍ରକଳ୍ପ ଦୀର୍ଘ ଦିନ ହେଲା ଅଚଳ ହୋଇପଡିଛି । ଏହାକୁ କାର୍ଯ୍ୟକାରୀ କରିବା ପାଇଁ ସରକାରଙ୍କ ତରଫରୁ ଅନୁଦାନ ଯୋଗାଇ ଦିଆଯାଇଥିବା ବେଳେ କାର୍ଯ୍ୟକାରୀ କରିବା ପାଇଁ ପାଣି ପଞ୍ଚାୟତ ଗଠନ କରାଯାଇଛି । ଏଥିରେ ସଭାପତି ଓ ସଂପାଦକ ମନୋନୀତ ହୋଇଛନ୍ତି । ଦୀର୍ଘ ଦିନ ହେବ ପାଣି ପଂଚାୟତଗୁଡିକ ଗଠନ ହୋଇଥିଲେ ମଧ୍ୟ ବହୁ ଜାଗାରେ ଠିକ୍ ରୂପେ କାର୍ଯ୍ୟ କରୁନଥିବା ଚାଷୀମାନଙ୍କଠାରୁ ଅଭିଯୋଗ ଆସିଛି । ଦେଖିବାକୁ ମିଳିଛି ଯେ ୧୦୦ଟି ଉଠାଜଳସେଚନ ପ୍ରକଳ୍ପ ମଧ୍ୟରୁ ୪୦ଗୋଟି ଉଠା ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି । ୨୫ଗୋଟି ଉଠାଜଳସେଚନ ପ୍ରକଳ୍ପ ଅଚଳ ହୋଇ ପଡିରହିଛି ଓ ଭିତିଭୂମି ଅଭାବରୁ ବା ବିଦ୍ୟୁତ ଉପକରଣ ନଥିବାରୁ ୨୫ଟି ପ୍ରକଳ୍ପ କାର୍ଯ୍ୟକାରୀ ହୋଇନାହିଁ । ଏହାପରେ ମଧ୍ୟ ୧୦ଟି ପ୍ରକଳ୍ପକୁ ପୁନରୁଦ୍ଧାର ପାଇଁ ରାଜ୍ୟ ସରକାରଙ୍କ ତରଫରୁ ଅର୍ଥ ଯୋଗାଇ ଦିଆଯାଇଥିବାର ଜଣାଯାଇଛି । ପ୍ରକାଶଥାଉ କି, ଏହି ଅଞ୍ଚଳ କୃଷି ପ୍ରବଣ ଅଞ୍ଚଳ ହୋଇଥିବାରୁ ସରକାର ଉଠାଜଳସେଚନ ପ୍ରକଳ୍ପ ଉପରେ ଦୃଷ୍ଟି ଦେଲେ ଚାଷୀମାନଙ୍କର ଚାଷ କାର୍ଯ୍ୟରେ ଅଗ୍ରଗତି ହୋଇ ପାରିବ । ବହୁ ଜାଗାରେ ଚାଷ କାର୍ଯ୍ୟରେ ବ୍ୟବହୃତ ଜଳର ଅଭାବ ଯୋଗୁ ଚାଷୀମାନେ ଚାଷ କାର୍ଯ୍ୟ କରିପାରୁନାହାନ୍ତି । ଏହାପରେ ମଧ୍ୟ ବହୁ ଗୁଡ଼ିଏ ପ୍ରକଳ୍ପର ବିଦ୍ୟୁତ ବିଲ୍ ବାକି ଥିବାରୁ ବିଦ୍ୟୁତ ବିଭାଗ ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ କରିଦେଇଥିବା ଦେଖିବାକୁ ମିଳିଛି । ଚାଷୀମାନଙ୍କର ଅଭିଯୋଗ ଯେ, ଉପକୂଳ ଅଞ୍ଚଳରେ ବିଭିନ୍ନ ପ୍ରାକୃତିକ ଦୁର୍ବିପାକ ଯଥା ବାତ୍ୟା, ବନ୍ୟା, ଆଦି ସମୟରେ ଫସଲରେ କ୍ଷତିଘଟିଥାଏ । ଯାହାଦ୍ୱାରାକି ବିଦ୍ୟୁତ ବିଲ୍ ପୈଠ କରିବାରେ ଅବହେଳା ହୋଇଥାଏ । ଏଥିପାଇଁ ବିଦ୍ୟୁତ ବିଲ୍ ପ୍ରଦାନ ନକରାଯିବାରୁ ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ ହୋଇଥାଏ । ପଡୋଶୀ ରାଜ୍ୟରେ ଚାଷୀମାନଙ୍କ ପାଇଁ ବିଦ୍ୟୁତ ବିଲ୍ ସଂପୂର୍ଣ୍ଣ ଛାଡ ହେଉଥିଲା ବେଳେ ରାଜ୍ୟ ସରକାର ଏହା ଉପରେ ଗୁରୁତ୍ୱ ଦେଉନଥିବାରୁ ବହୁ ଚାଷୀ ସେମାନଙ୍କର ଚାଷ ଉପରୁ ମୁହଁ ଫେରାଉଥିବା ଦେଖିବାକୁ ମିଳିଛି । ଚାଷୀମାନଙ୍କ ଉପରେ ସରକାର ଗୁରୁତ୍ୱ ଦେଉଥିଲା ବେଳେ ଏହି ଅଞ୍ଚଳରେ ଥିବା ଉଠା ଜଳସେଚନ ପ୍ରକଳ୍ପକୁ ପୁନରୁଦ୍ଧାର ଓ ବିଦ୍ୟୁତ ସଂଯୋଗ କଲେ ଚାଷୀମାନେ ଉପକୃତ ହୋଇପାରିବେ ବୋଲି ଚାଷୀ ମହଲରେ ଦାବି ହୋଇଛି ।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ

ନିଶ୍ଚିନ୍ତକୋଇଲି (ଭାସ୍କର ନ୍ୟୁଜ୍): ନିଶ୍ଚିନ୍ତକୋଇଲି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୨୫ତମ ବାର୍ଷିକ ଉତ୍ସବ ବଡ଼ଧୁମଧାମରେ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ ଉତ୍ସବରେ ବିଦ୍ୟାଳୟ ପରିଚାଳନା କମିଟି ସଭାନେତ୍ରୀ ତଥା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଦୀପାଞ୍ଜଳୀ ମିଶ୍ର ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥିଭାବେ ମାହାଙ୍ଗା ବିଧାୟକ ସାରଦା ପ୍ରଧାନ, ମୁଖ୍ୟବକ୍ତା ଭାବେ ଶିକ୍ଷାବିକାଶ ସମିତିର ଉତ୍ତର-ପୂର୍ବ ସମ୍ଭାଗର ସଦସ୍ୟା ଶୁଶ୍ରୀ ଇନ୍ଦୁମତୀ ଦାଶ, ସମ୍ମାନିତ ଅତିଥିଭାବେ ନିଶ୍ଚିନ୍ତକୋଇଲି ବ୍ଲକ ଶିକ୍ଷାଧିକାରିଣୀ ଲକ୍ଷେହୀରା ଲାବଣ୍ୟବତୀ ବେହେରା ଯୋଗଦାନ କରି ବିଦ୍ୟାଳୟରେ ଶୈକ୍ଷିକ, ସାମ୍ପ୍ରତିକ ଘଟଣା ଉପରେ ଗଭୀରଭାବେ ଆଲୋକପାତ କରିଥିଲେ । ପ୍ରାରମ୍ଭରେ ବିଦ୍ୟାଳୟ ପରିଚାଳନାକମିଟିର ସମ୍ପାଦକ ତପନ କୁମାର ଦାଶ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ପ୍ରାଣକୃଷ୍ଣ ମଲିକ ବାର୍ଷିକ ବିବରଣୀପାଠ ଓ ଶେଷରେ ବିଦ୍ୟାଳୟ ପରିଚାଳନା କମିଟିର ଉପସଭାପତି ଅଶୋକ କୁମାର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ଉଚ୍ଚବିଦ୍ୟାଳୟର ବାର୍ଷିକକ୍ରୀଡା ଉତ୍ସବ



ଭଣ୍ଡାରିପୋଖରୀ(ଭାସ୍କର ନ୍ୟୁଜ୍): ଭଣ୍ଡାରିପୋଖରୀ ସରକାରୀ ଉଚ୍ଚବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଧର କୁମାର ତରାଇ ଯୋଗଦାନ କରି ବାର୍ଷିକ ଉତ୍ସବକୁ ଉଦ୍‌ଘାଟନ କରିଥିଲେ । ଆନ୍ତର୍ଜାତିକ ଖେଳାଳୀ ସତ୍ୟ ପ୍ରକାଶ ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଖେଳର ଉପକାରିତା ସଂପର୍କରେ ଅବଗତ କରାଇଥିଲେ । ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ରାଜେନ୍ଦ୍ର କୁମାର ନାୟକ ମୁଖ୍ୟ ଭାବେ ଯୋଗଦାନ କରି ଖେଳ ଜୀବନର ଏକ ମୁଖ୍ୟ ଉପାଦାନ ବୋଲି କହିଥିଲେ । ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଶ୍ରୀ ରଞ୍ଜନ ବିଶ୍ୱାଳ ଛାତ୍ର ଛାତ୍ରୀ ମାନଙ୍କୁ ବିଭିନ୍ନ ଉପଦେଶ ପ୍ରଦାନ କରିଥିଲେ । ପ୍ରଧାନ ଶିକ୍ଷକ ରତିକାନ୍ତ ବେହେରା ସଭାପତିତ୍ୱ କରି କ୍ରୀଡା ଆଜିର ଦିନରେ ଶିକ୍ଷାର ଏକ ମୁଖ୍ୟ ବିଭବ ବୋଲି କହିଥିଲେ । କ୍ରୀଡା ଶିକ୍ଷକ ମାନସ କୁମାର ସାହୁ ବାର୍ଷିକ ବିବରଣୀ ପାଠ କରିବା ସହ ଉତ୍ସବ ର ଉଦ୍ଦେଶ୍ୟ ପ୍ରଦାନ କରିଥିଲେ । ଶିକ୍ଷୟିତ୍ରୀ ତପଜା ସାହୁ ଅତିଥି ମାନଙ୍କ ର ପରିଚୟ ପ୍ରଦାନ କରିଥିଲେ ଓ ଶିକ୍ଷୟିତ୍ରୀ ବିଷ୍ଣୁପ୍ରିୟା ଜେନା ଧନ୍ୟବାଦ ଅର୍ପଣ କରିଥିଲେ । ଶିକ୍ଷୟିତ୍ରୀ ରୂପାଲି ଅପରାଜିତା ପଟ୍ଟନାୟକ ଅତିଥି ମାନଙ୍କୁ ମଞ୍ଚକୁ ଆହ୍ୱାନ କରିଥିଲେ । ମହାମାୟା ମହାପାତ୍ର, ଉର୍ମିଳା ନାୟକ, ବର୍ଷା ପ୍ରିୟଦର୍ଶିନୀ ମଲ୍ଲିକ, ବର୍ଷା ରାଣୀ ପଲକ, ମନ୍ଦୋଦରୀ ସାହୁ, ଜ୍ୟୋତ୍ସ୍ନା ରାଣୀ ସାହୁ, ସୁଜାତା ଦାଶ, ଗଙ୍ଗାଧର ଦଳେଇ, ନରେନ୍ଦ୍ର ନାୟକ ପ୍ରମୁଖ ବିଚାରକ ଭାବେ କାର୍ଯ୍ୟ କରିଥିଲେ । ବିଦ୍ୟାଳୟ ଓ ପରିଚାଳନା କମିଟିର ସମସ୍ତ ସଭ୍ୟ ସଭ୍ୟା ଓ ଲମ୍ବୋଦର ଜେନା ଉପସ୍ଥିତ ରହି ଖେଳ ଉତ୍ସବକୁ ସଫଳ କରିଥିଲେ ।

# ଜିଲ୍ଲାପାଳଙ୍କ ସହ ସାମ୍ବାଦିକ ସଂଘର ଆଲୋଚନା

କରଞ୍ଜିଆ(ଭାସ୍କର ନ୍ୟୁଜ୍): କରଞ୍ଜିଆରେ ମୟୁରଭଞ୍ଜ ଜିଲାପାଳ ଓ ଏସପିଙ୍କ ଯୁଗ୍ମ ଜନଅଭିଯୋଗ ଶୁଣାଣି ଚାଲିଥିବା ବେଳେ କରଞ୍ଜିଆର ବିଭିନ୍ନ ସମସ୍ୟା ନେଇ ଜିଲ୍ଲାପାଳଙ୍କ ସହିତ ଆଲୋଚନା କରିଛି ସାମ୍ବାଦିକ ସଂଘ । କରଞ୍ଜିଆ ପ୍ରେସ କ୍ଲବ ସଂପାଦକ କର୍ଣ୍ଣାର୍ଜୁନ ସାହା, ବରିଷ୍ଠ ସାମ୍ବାଦିକ ଚନ୍ଦ୍ର କୁମାର୍ ଲଳିତେନ୍ଦୁଦାସ, ସାମ୍ବାଦିକ ଭାଗବତ ଚନ୍ଦ୍ର ଦାସ, ସାମ୍ବାଦିକ ଅରୁଣ



କୁମାର ବେହେରା ପ୍ରମୁଖ ଜିଲ୍ଲାପାଳ ଓ ଏସପିଙ୍କୁ ଭେଟି କରଞ୍ଜିଆ ସହରରେ ରାସ୍ତା ଅବରୋଧକାରୀଙ୍କ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିବା ସହିତ ଉଠାଦୋକାନୀଙ୍କୁ ଥଇଥାନ କରିବାକୁ ଦାବି କରିଛନ୍ତି । ବୈତରଣୀ ନଦୀରୁ ଆସୁଥିବା ପାନୀୟଜଳକୁ ଶୀଘ୍ର ଚାଲୁ କରିବା, ରଜାବନ୍ଧ ପୁନରୁଦ୍ଧାର କାର୍ଯ୍ୟକ୍ରମରେ ହୋଇଥିବା ଘୋଟାଲର ତଦନ୍ତ ଦାବି କରିଥିଲେ । ଜିଲ୍ଲାପାଳ ଦାବି ଶୁଣିବା ପରେ କାର୍ଯ୍ୟକ୍ଷମ ପାଇଁ ବିଭାଗୀୟ ଅଧିକାରୀ ମାନଙ୍କୁ ଅଦେଶ ଦେଇଥିଲେ ।

# ମଣ୍ଡି ଉଦ୍‌ଘାଟନ କଲେ ବିଧାୟକ

ମାଲକାନଗିରି(ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକର ମେଟ୍ଟା ଏବଂ ସାଲିମି ପଞ୍ଚାୟତ ଗସ୍ତ କରି ଲୋକମାନଙ୍କ ସମସ୍ୟା ବୁଝିବା ସହ ମଣ୍ଡି ଉଦଘାଟନ କରିଛନ୍ତି ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ । ଏଥିସହ ସେହି ଅଞ୍ଚଳର ଆମ୍ବଗୁଡା, ଚାଉଳମେନ୍ଦୀ, କ୍ୟାଙ୍ଗ ଏଭଳି ବିଭିନ୍ନ ଗ୍ରାମ ଗୁଡିକ ବୁଲି ଚାଷୀ ମାନଙ୍କର ସମସ୍ୟା ସିଧାସଳଖ ପଚାରି ବୁଝିବା ସହ ନିଜ ନିଜ ଧାନ ବାହାରେ ଦଲାଲଙ୍କୁ ବିକ୍ରି ନ କରି ମଣ୍ଡି ମାଧ୍ୟମରେ ବିକ୍ରି କରିବାକୁ ସଚେତନ କରିଛନ୍ତି । ଚିତ୍ରକୋଣ୍ଡା ବିଧାୟକ ସବୁବେଳେ ଗ୍ରାଉଣ୍ଡ ଜିରୋରେ ପହଞ୍ଚି ଲୋକମାନଙ୍କ ଦୁଃଖସୁଖ ବୁଝୁଥିବା ହେତୁ



ଅଞ୍ଚଳବାସୀ ବହୁ ଆଡମ୍ବରରେ ବିଧାୟକ ଶ୍ରୀ ଖିଲଙ୍କୁ ସ୍ୱାଗତ କରିଥିଲେ । ଏହି ମଣ୍ଡି ଶୁଭ ଉଦଘାଟନ ସମୟରେ ବିଧାୟକଙ୍କ ସହ ମାଥିଲି ବ୍ଲକ ଚେୟାରମ୍ୟାନ ମହେଶ ବାକା, ଜ଼ିଲ୍ଲା ପରିଷଦ ସଭ୍ୟା ଲକ୍ଷ୍ମୀପ୍ରିୟା ନାୟକ, ପୂର୍ବତନ ମାଥିଲି ବ୍ଲକ ଚେୟାରମ୍ୟାନ, ଲ୍ୟାମ୍ପ ଅଧିକାରୀ, ସ୍ଥାନୀୟ ସରପଞ୍ଚ, ସମିତି ସଭ୍ୟଙ୍କ ସମେତ ଶତାଧିକ ଚାଷୀ ଉପସ୍ଥିତ ଥିଲେ ।

# ରୋଗୀ କଲ୍ୟାଣ ସମିତି ବୈଠକ

ବାଲୁଗାଁ(ଭାସ୍କର ନ୍ୟୁଜ୍): ବାଲୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ସଭା ଗୃହରେ ରୋଗୀ କଲ୍ୟାଣ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି । ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ସଂଗ୍ରାମ କେଶରୀ ସାହୁଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଅନ୍ୟ ପ୍ରମୁଖ ଅତିଥି ଭାବେ ଚିଲିକା ବ୍ଲକ ଅଧକ୍ଷା ଜ୍ୟୋସ୍ନା ବେହେରା, ବିଜେପି ଜିଲ୍ଲା ସାଧାରଣ ସମ୍ପାଦକ ଦୁଷ୍ମନ୍ତ ହରିଚନ୍ଦନ, ବିଡ଼ିଓ ହଳଧର ଶବର, ବାଲୁଗାଁ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରାଣନାଥ ସେଠ, ପିଏଚଡି କନିଷ୍ଠ ଯନ୍ତ୍ରୀ ପ୍ରଦ୍ୟୁମ୍ନ କୁମାର ମଲ୍ଲିକ, ପିଡବ୍ଲୁଡି ଏସଡିଓ ସନ୍ତୋଷ କୁମାର ସାହୁ, ଏଏମଓ ଡ଼.ବିଦ୍ୟା ପଟ୍ଟନାୟକ, ବିଡ଼ିଏମ ସୁଜାତା ଦାସ, ବିପିଏମ ଆରତୀ ଦାସ, ଏନଏଚଏମ ଜେଇ ବିଶ୍ୱନାଥ ବେହେରା, ଏଇ ସମରେନ୍ଦ୍ର କୁମାର ସାମନ୍ତରାୟ, ବିଏଏନ ସନ୍ତୋଷ କୁମାର ରାମ, ରୋଗୀ କଲ୍ୟାଣ ସମିତି ସଦସ୍ୟଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ । ଅନୁଷ୍ଠିତ ବୈଠକରେ ସ୍ୱାସ୍ଥ୍ୟ କେନ୍ଦ୍ରର ଭିତ୍ତିଭୂମି ବିକାଶ, ରୋଗୀଙ୍କୁ ଉତ୍ତମ ସେବା, ପରିମଳ ବ୍ୟବସ୍ଥା ଉପରେ ଗୁରୁତ୍ୱାରୋପ, ପାନୀୟଜଳ, ଆଲୋକୀକରଣ, ରୋଗୀ କଲ୍ୟାଣ ସମିତିକୁ ପ୍ରତିବର୍ଷ ଆସୁଥିବା ଅନୁଦାନକୁ ସଠିକ ଭାବେ ବିନିଯୋଗ କରିବା ନେଇ ଆଲୋଚନା କରାଯାଇଥିଲା ।

# ବୃଦ୍ଧଙ୍କ ସନ୍ଦେହଜନକ ମୃତ୍ୟୁ

ନିଆଳି(ଭାସ୍କର ନ୍ୟୁଜ୍): ନିଆଳି ଥାନା ଅଧିନସ୍ଥ ପୋଖରୀ ଗାଁର ମଙ୍ଗୁଳି ବସ୍ତିଆ ବୟସ (୮୦)ଙ୍କର ମୃତ୍ୟୁ ହୋଇଯାଇଛି । ଘରୁ ତାଙ୍କର ମୃତ ଦେହ ମିଳିଥିଲା । ଏହ ଘଟଣା ଅଞ୍ଚଳରେ ପ୍ରସାରିତ ହେବା ପରେ ନିଆଳି ଥାନା ପୋଲିସ୍ ମଙ୍ଗୁଳିଙ୍କ ଘରେ ପହଞ୍ଚିଥିଲା । ମଙ୍ଗୁଳିଙ୍କ ମୃତ ଦେହକୁ ଶବ ବ୍ୟବଚ୍ଛେଦ ନିମନ୍ତେ ପଠାଇଛି । ମଙ୍ଗୁଳିର ଗ୍ରାମବାସୀଙ୍କ ସହ କୌଣସି ଝଗଡା ନଥିବା ବେଳେ ତାଙ୍କ ମୃତ୍ୟୁକୁ ନେଇ ବିଭିନ୍ନ କଥା ଆଲୋଚନା ହେଉଛି । ଏନେଇ ନିଆଳି ଥାନା ପୋଲିସ୍ ଅପମୃତ୍ୟୁ ମାମଲା ୨୬/୨୦୨୪ରେ ରୁଜୁ କରିଛି ।

# ଦୋକାନ ଉଚ୍ଛେଦ ବନ୍ଦ କରିବାକୁ ଦାବି

ନିଆଳି(ଭାସ୍କର ନ୍ୟୁଜ୍): ନିଆଳି ତହସିଲ ଅଧିନସ୍ଥ ପହଙ୍ଗା ପଞ୍ଚାୟତ ପହଙ୍ଗା ବଜାର ଭଙ୍ଗାଯିବା ଘଟଣାକୁ ନେଇ ଦୋକାନୀ ସୋମବାର ଦିନ ପହଙ୍ଗା ବଜାର ବ୍ୟବସାୟୀ ସଙ୍ଘ ସଭାପତି ଓ ଗ୍ରାମବାସୀ ମାନେ ନିଆଳି ତହସିଲ୍‌ଦାର୍ ଲିଲନ୍ ପ୍ରସାଦ ସାହୁଙ୍କୁ କାର୍ଯ୍ୟାଳୟରେ ଭେଟି ଆଲୋଚନା କରିଥିଲେ । ଏହି ଆଲୋଚନା ସମୟରେ ବ୍ଲକ୍ ଅଧକ୍ଷ ଉମେଶ ଚନ୍ଦ୍ର ବେହେରା ଉପସ୍ଥିତ ଥିଲେ । ଆସନ୍ତା ଜାନୁଆରୀ ୯ ତାରିଖ ମଧ୍ୟରେ ସରକାରୀ ଜାଗାର ଜବରଦଖଲ କରିଥିବା ବ୍ୟବସାୟୀ ମାନେ ନିଜେ ନିଜେ ହଟିଯିବାକୁ ତହସିଲଦାର୍ ଶ୍ରୀ ସାହୁ କହିଥିଲେ । ଏଠାରେ ସୂଚନାଯୋଗ୍ୟ ପହଙ୍ଗା ବଜାରଟି ପୂର୍ବରୁ ଥରେ ଉଚ୍ଛେଦ ହୋଇସାରିଥିବା ବେଳେ ଏବେ ପୁନର୍ବାର ଉଚ୍ଛେଦ ହେବ ବୋଲି ତହସିଲ୍ ପକ୍ଷରୁ ନୋଟିସ୍ ହୋଇଛି । ସେହିପରି ପହଙ୍ଗା ସରପଞ୍ଚ ନମିତା ବାରିକ ଉଚ୍ଛେଦ ବନ୍ଦ ରଖିବା ନିମନ୍ତେ ଦାବିପତ୍ର ପ୍ରଦାନ କରିଛନ୍ତି । ଦାବିପତ୍ର ପ୍ରଦାନ ସମୟରେ ପ୍ରତାପ ନାୟକ, ଦିପ୍ତି ରଞ୍ଜନ ନାୟକ, ପରିକ୍ଷିତ ବାରିକ, ତୃପ୍ତି ରଞ୍ଜନ ରାଉତ, ବ୍ରଜ କିଶୋର ପରିଡା, ସୁବାଷ ଚନ୍ଦ୍ର ରାଉତ, ବିଭୁତି ଭୂଷଣ ରାଉତ, ପରେଶ ନାୟକ, କୃଷ୍ଣ ଚନ୍ଦ୍ର ଜେନା, ସିଦ୍ଧାର୍ଥ ସେଠୀ, ମନୋଜ ମହାନ୍ତିଙ୍କ ସମେତ ୫୦ରୁ ଉର୍ଦ୍ଧ୍ୱ ଗ୍ରାମବାସୀ ଉପସ୍ଥିତ ଥିଲେ ।

# ବ୍ୟବସାୟୀ ସଂଘର ନୂତନ କାର୍ଯ୍ୟକର୍ତ୍ତା ମନୋନୀତ

ନିଶ୍ଚିନ୍ତକୋଇଲି(ଭାସ୍କର ନ୍ୟୁଜ୍): ନିଶ୍ଚିନ୍ତକୋଇଲି ବଜାର ବ୍ୟବସାୟୀ ସଂଘର ସଭାପତି ପ୍ରମୋଦ କୁମାର ପଣ୍ଡାଙ୍କ ଅନୁମୋଦନ କ୍ରମେ ନୂତନ କାର୍ଯ୍ୟକର୍ତ୍ତା ମନୋନୀତ ହୋଇଥିବା ସମ୍ପାଦକ ଜୀବନାନନ୍ଦ ଦାଶ ସୂଚନା ଦେଇଛନ୍ତି । ବଳରାମ ସାହୁ ଓ ଜ୍ୟୋତି ରଞ୍ଜନ ସାହୁ ଉପସଭାପତି, ଗଗନ ବିହାରୀ ବରାଳ ସହ ସମ୍ପାଦକ, ରାମଚନ୍ଦ୍ର ସାହୁ କୋଷାଧ୍ୟକ୍ଷ, ବଂଶୀଧର ସାମଲ ସହ କୋଷାଧ୍ୟକ୍ଷ, ଗୁରୁଚରଣ ନାୟକ କାର୍ଯ୍ୟାଳୟ ସମ୍ପାଦକ, ମନମୋହନ ଓଝା ଓ କରୁଣାକର ସାହୁ ଯୁଗ୍ମ ସମ୍ପାଦକ, ଅଜୟ କୁମାର ସ୍ୱାଇଁ ହିସାବ ନିରୀକ୍ଷକ, ବିଶ୍ୱଜିତ ରାଉତ ସହ ହିସାବ ନିରୀକ୍ଷକ, ସଭ୍ୟ ଭାବେ ଅଭିରାମ ସାହୁ, ଲକ୍ଷ୍ମଣ ଦାସ, ନରୋତ୍ତମ ବାରିକ, କୈଳାସ ଚନ୍ଦ୍ର ସାହୁ, ସୁକାନ୍ତ ବେହେରା, କେଦାରନାଥ ସାଥୁଆ, ଦିଲିପ କୁମାର ସାହୁ, ବିଜୟ କୁମାର ସ୍ୱାଇଁ, ବୀରେନ୍ଦ୍ର ପତି, ନଗେନ୍ଦ୍ର ବାରିକ, ସତ୍ୟଜିତ ମହାପାତ୍ର, ରଞ୍ଜନ କୁମାର ଦାସ, ସନ୍ତୋଷ କୁମାର ରାଉତ, ରବିନ୍ଦ୍ର କୁମାର ରାଉତ, ରମେଶ ଚନ୍ଦ୍ର ସାହୁ, ଅବଦୁଲ ରକିବ ପ୍ରମୁଖଙ୍କୁ ମନୋନୀତ କରାଯାଇଥିବା ବେଳେ ସହଯୋଗୀ ସଦସ୍ୟ ଭାବେ ମା' ବେଲେଶ୍ୱରୀ ଉନ୍ନୟନ କମିଟିର ଉପସଭାପତି ନାଏବ ଭୋଇ, ବ୍ଲକଛକ ପୂଜା କମିଟିର ସହ ସମ୍ପାଦକ ହରେକୃଷ୍ଣ ରାଉତ, ମହାବୀର କ୍ଲବର ସମ୍ପାଦକ ସନ୍ତୋଷ କୁମାର ଦାସ, ମହାବୀର ଡ୍ରାମାଟିକ କ୍ଲବର ସଭାପତି କଳ୍ପତରୁ ସେଠୀ, ପ୍ରାକ୍ତନ ବ୍ୟବସାୟୀ ରଞ୍ଜନ କୁମାର ଜେନା ଓ ମୁଖ୍ୟ ଉପଦେଷ୍ଟା ଭାବେ ବିଶିଷ୍ଟ ସମାଜସେବୀ ତଥା ଆସମାକ୍ସ ଆଇଟିସିର ଅଧକ୍ଷ ଡ. ଦେବ୍ ମହାନ୍ତି, ଉପଦେଷ୍ଟା ଭାବେ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ତଥା ସାଇ ମଲଟି ହସପିଟାଲର ଅଧ୍ୟକ୍ଷ ଅଶୋକ କୁମାର ଓଝା, ନିଶ୍ଚିନ୍ତକୋଇଲି ଗ୍ରାମପଞ୍ଚାୟତର ସରପଞ୍ଚ ମଧୁସ୍ମିତା ରାଉତଙ୍କୁ ମନୋନୀତ କରା ଯାଇଥିବା ବଜାର ବ୍ୟବସାୟୀ କମିଟି ତରଫରୁ ସୂଚନା ଦିଆଯାଇଛି ।

# ମଣ୍ଡଳସ୍ତରୀୟ ଶିଶୁ ଉତ୍ସବ

କେନ୍ଦ୍ରାପଡ଼ା(ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ମେହେନ୍ଦିପୁରସ୍ଥିତ ଲାଲ ବାହାଦୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ୪୧ତମ ଶିଶୁ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଉଦ୍‌ଘାଟନୀ ଉତ୍ସବରେ ଓଷ୍ଟାର ପ୍ରାକ୍ତନ ରାଜ୍ୟ ସମ୍ପାଦକ ତ୍ରୈଲୋକ୍ୟ ସ୍ୱାଇଁ, ପ୍ରବୀଣ ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ଦାସ ମୁଖ୍ୟ ଅତିଥି ଭାବେ, ମୁଖ୍ୟବକ୍ତା ଭାବେ ବରିଷ୍ଠ ଶିକ୍ଷକ ନେତା ରାଜ୍ୟ ସମ୍ପାଦକ ପ୍ରଣବ କୁମାର ଜେନା, ବିଶିଷ୍ଟ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସାରଦା ପ୍ରସନ୍ନ ରାଉତ, ସମ୍ମାନିତ ଅତିଥି



ଭାବେ ମହେଶ୍ୱର ସାହୁ, ଶିବପ୍ରସାଦ ବଳ, ଜିଲ୍ଲା ଉପସଭାପତି ରୀନାରାଣୀ ରାଉତ ପ୍ରମୁଖ ଯୋଗଦେଇ ଆସନ୍ତାକାଲିର ସମ୍ଭାବନା ଛାତ୍ରଛାତ୍ରୀମାନଙ୍କୁ କଠିନ ପରିଶ୍ରମ କରିବାକୁ ପରାମର୍ଶ ଦେଇଥିଲେ । କେନ୍ଦ୍ରାପଡା ବ୍ଲକ ଓଷ୍ଟାର ସଭାପତି ତପନ କୁମାର ଦାଶ ସଭାପତିତ୍ୱ କରିଥିବା ବେଳେ ବ୍ଲକ ଓଷ୍ଟା ସମ୍ପାଦକ ନାରାୟଣ ପଣ୍ଡା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ । ଶିକ୍ଷକ ନେତା ପଙ୍କଜ କୁମାର ବେହୁରା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପ୍ରିୟରଞ୍ଜନ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ । ଅପରାହ୍ନରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ବ୍ଲକ ଓଷ୍ଟା ସଭାପତି ତପନ କୁମାର ଦାସ ସଭାପତିତ୍ୱ କରିଥିବା ବେଳେ ସମ୍ପାଦକ ନାରାୟଣ ପଣ୍ଡା ବିବରଣୀ ପାଠ କରିଥିଲେ । ଶିକ୍ଷକ ନେତା ରାଜକିଶୋର ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ । ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ସଭାପତି ସୁଶ୍ରୀ ଲିଲିତା ଦାସ, ମୁଖ୍ୟବକ୍ତା ଭାବେ କେନ୍ଦ୍ରାପଡା ମଣ୍ଡଳ ଶିକ୍ଷାଧିକାରୀ କୈଳାସ ଚନ୍ଦ୍ର ଦଳାଇ, ବିଶିଷ୍ଟ ଅତିଥି ଭାବେ ୬ନଂ ଜୋନର ଜିଲ୍ଲା ପରିଷଦ ସଭ୍ୟା ନିର୍ମଳା ମହାନ୍ତି, ଜିଲ୍ଲା ଯୁଗ୍ମ ସମ୍ପାଦିକା ସରୋଜିନୀ ସ୍ୱାଇଁ, ପ୍ରାକ୍ତନ ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ରମେଶ ଚନ୍ଦ୍ର ସାହୁ, ପଞ୍ଚସଖା ସେତୁ ସଭାପତି ସାରଦା ପ୍ରସନ୍ନ ରାଉତ, ଓଷ୍ଟାର ଜିଲ୍ଲା ସଭାପତି ଅଶୋକ କୁମାର ପରିଡା, ଜିଲ୍ଲା ଓଷ୍ଟା ସମ୍ପାଦକ ଭଗବାନ ସାହୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ ।

# ବ୍ଲକସ୍ତରୀୟ ଯୁଗ୍ମ ଜନଶୁଣାଣି ଶିବିର




ରାଇଘର(ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ସୀମାନ୍ତ ରାଇଘର ବ୍ଲକ ସମ୍ମିଳନୀ କକ୍ଷ ଠାରେ ବ୍ଲକ ସ୍ତରୀୟ ଜିଲ୍ଲାପାଳଙ୍କ ଯୁଗ୍ମ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି ।ଏହି ଯୁଗ୍ମ ଜନଶୁଣାଣି ଶିବିରରେ ବ୍ଲକର ବିଭିନ୍ନ ଅଞ୍ଚଳରୁ ଆସିଥିବା ୨୫ଗୋଟି ଆପତ୍ତି ଅଭିଯୋଗର ପଞ୍ଜୀକରଣ କରାଯାଇଥିଲା । ଏହି ମଧ୍ୟରୁ ୭ଗୋଟି ଗୋଷ୍ଠୀ ଗତ ସମସ୍ୟା ରହିଥିବା ବେଳେ ୧୮ ଗୋଟି ବ୍ୟକ୍ତିଗତ ଅଭିଯୋଗ ରହିଥିଲା । ଏଥିରେ ବିଦ୍ୟୁତ୍ ସଂଯୋଗି କରଣ, ପାନୀୟଜଳ ଯୋଗାଣ, ରାସ୍ତା ନିର୍ମାଣ, ଯୁକ୍ତ ତିନି ଛାତ୍ର ଛାତ୍ରୀଙ୍କ ପଠନ ପାଇଁ ନୂତନ ଶ୍ରେଣୀ ଗୃହ ନିର୍ମାଣ ଆଦି ବହୁବିଧ ସମସ୍ୟା ଉପରେ ଆପତ୍ତି ଅଭିଯୋଗର ଜିଲ୍ଲାପାଳ ଡଃ ଶୁଭଙ୍କର ମହାପାତ୍ର ଶୁଣାଣି କରି ଏହାର ତୁରନ୍ତ ପଦକ୍ଷେପ ଗ୍ରହଣ କରି ସମାଧାନ କରିବା ପାଇଁ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହି ଜନଶୁଣାଣି ଶିବିରରେ ଆରକ୍ଷୀ ଅଧୀକ୍ଷକ ମିହିର କୁମାର ପଣ୍ଡା, ଡି ଏସ ଡବ୍ଲୁ ଓ ଦ୍ରୌପଦୀ କହଁର, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ସନ୍ତୋଷ କୁମାର ପଣ୍ଡାଙ୍କ ସହ ଜିଲ୍ଲା ସ୍ତରୀୟ ଅଧିକାରୀ ଗଣ, ସହ ରାଇଘର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲକ୍ଷ୍ମୀ ସାଗର ମାଝୀ, ସ୍ଥାନୀୟ ତହସିଲଦାର ରିତୁ ସିଂ, ରାଇଘର ବ୍ଲକ ଅଧକ୍ଷ ଗୁପ୍ତ ପ୍ରସାଦ ଝାଙ୍କର,ରାଇଘର ବ୍ଲକ ଗୋଷ୍ଠି ଶିକ୍ଷା ଅଧିକାରୀ ଈଶ୍ୱର ଚନ୍ଦ୍ର ମାଝୀଙ୍କ ସହ ସମସ୍ତ ବିଭାଗର ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲ ।

# ବିଜେଡି ନେତାଙ୍କ ସ୍ମୃତିଚାରଣ ସଭା

ନିଶ୍ଚିନ୍ତକୋଇଲି(ଭାସ୍କର ନ୍ୟୁଜ୍): ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳର ବିଶିଷ୍ଟ ବିଜେଡି ନେତା ସ୍ୱର୍ଗତ ଗଦାଧର ଚାନ୍ଦଙ୍କ ଏକାଦଶାହ ଅବସରରେ ତାଙ୍କ ବଡଖିର(କାଚରାପାଟଣା)ସ୍ଥିତ ବାସଭବନରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି । ଏହି ସ୍ମୃତିଚାରଣ ସଭାରେ ନିଶ୍ଚିନ୍ତକୋଇଲି ପଞ୍ଚାୟତ ସମିତିର ଉପାଧ୍ୟକ୍ଷ ଅଶୋକ କୁମାର ଓଝା, ଜିଲ୍ଲାପରିଷଦ ସଭ୍ୟ ବିପ୍ଳବ କେଶରୀ କାପ, ସରପଞ୍ଚ ହିମାଂଶୁ ନାରାୟଣ ମଲ୍ଲ, ସମିତି ସଭ୍ୟ ପ୍ରଦୋଶ କୁମାର ସାହୁ, ପୂର୍ବତନ ସରପଞ୍ଚ କ୍ଷୀରୋଦ ଚନ୍ଦ୍ର ପଣ୍ଡା, ବିଜେଡି ନେତା ବ୍ରହ୍ମାନନ୍ଦ ଜେନା, ପରକ୍ଷିତ ରାଉତ, ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ବିନୋଦ କୁମାର ସାମଲ, ପୂର୍ବତନ ସମିତି ସଭ୍ୟ ପ୍ରମୋଦ କୁମାର ସିଂ, ଜ୍ୟୋତି ରଞ୍ଜନ ସ୍ୱାଇଁ, କେଶବ ଚନ୍ଦ୍ର ବିଶ୍ୱାଳ, ଅନିରୁଦ୍ଧ ସାହୁ,ପଂଚାୟତ ବିଜେଡି ସଭାପତି ରାମଚନ୍ଦ୍ର ସାହୁ, କମଳାକାନ୍ତ ଦାସ,ଅନ୍ନଦା ପ୍ରସାଦ ନାୟକ,ଯତୀନ୍ଦ୍ର ସ୍ୱାଇଁ, ଶଶିଭୂଷଣ ଷଡଙ୍ଗୀ, ପ୍ରବୋଧ କୁମାର ଚାନ୍ଦ,ସାମ୍ବାଦିକ ବଲ୍ଲଭ ଚରଣ ପଲେଇ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ ଯୋଗଦାନ କରି ସ୍ୱର୍ଗତ ଚାନ୍ଦଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିବା ସହ ତାଙ୍କର ବହୁମୁଖି ପ୍ରତିଭା ସମ୍ପର୍କରେ ଗଭୀରଭାବେ ଆଲୋକପାତ କରିଥିଲେ ।

# ଗୃହ ନିର୍ମାଣ ସ୍ଥଗିତ ରଖିବାକୁ ବିଡ଼ିଓଙ୍କୁ ନିବେଦନ



ବୋଲଗଡ଼(ଭାସ୍କର ନ୍ୟୁଜ୍): ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ଅଧୀନ ବୋଲଗଡ଼ ବ୍ଲକ କଳକ୍ଷଙ୍ଗ ପଞ୍ଚାୟତ ଅନ୍ତର୍ଗତ ଗୋବର୍ଦ୍ଧନପୁର ସେବା ସମବାୟ ସମିତିର ନୂତନ ଗୃହ ନିର୍ମାଣ ନିମନ୍ତେ ପ୍ରାୟ ୧୪ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ବ୍ଲକ ପ୍ରଶାସନ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ତେବେ ଗୃହ ନିର୍ମାଣ ସ୍ଥାନକୁ ନେଇ ଅସୁବିଧା ଥିବା କାରଣରୁ ଏହାର ସମାଧାନ ନହେବା ପର୍ଯ୍ୟନ୍ତ ଏହି ନିର୍ମାଣ ବିଜ୍ଞପ୍ତିକୁ ସ୍ଥଗିତ ରଖିବା ପାଇଁ ଉକ୍ତ ସେବା ସମବାୟ ସମିତି ଅଧୀନ ଗୋବର୍ଦ୍ଧନପୁର, ଗୋଡଭଙ୍ଗା ଓ ଗମ୍ଭାରୀଲୁଣ୍ଡା ଗ୍ରାମର ଶତାଧିକ ସଦସ୍ୟ ଚାଷୀ ମାନେ ବିଡ଼ିଓଙ୍କ ନିକଟରେ ଦାବି କରିଛନ୍ତି । ସୋମବାର ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ବିଡ଼ିଓଙ୍କୁ ଏନେଇ ଦାବି ପତ୍ର ପ୍ରଦାନ କରିଛନ୍ତି ସେବା ସମବାୟ ସମିତି ସଦସ୍ୟ ମାନେ । ସୂଚନା ଅନୁଯାୟୀ ବହୁବର୍ଷ ପୂର୍ବରୁ ଏହି ସେବା ସମବାୟ ସମିତିଟି ଗୋବର୍ଦ୍ଧନପୁର ଗ୍ରାମର ଏକ କୋଠାଘରେ କାର୍ଯ୍ୟ କରି ଆସୁଥିଲା । ତେବେ ପ୍ରାୟ ୨୦ ବର୍ଷ ତଳେ ସେବା ସମବାୟ ସମିତି ପକ୍ଷରୁ ଏକ ସ୍ଥାୟୀ କାର୍ଯ୍ୟାଳୟ ଗୃହ ନିର୍ମାଣ ନିମନ୍ତେ ଏକ ଜାଗା କ୍ରୟ କରା ଯାଇଥିଲା । ମାତ୍ର ଏହା ଭିତରେ କୌଣସି ଅନୁଦାନ ବ୍ୟବସ୍ଥା ନହେବାରୁ ସେଇ ପୁରୁଣା ଘରେ ଏହା କାର୍ଯ୍ୟ ଜାରି ରହିଥିଲା । ମାତ୍ର ଏବେ ନୂତନ ଗୃହ ନିର୍ମାଣ ପାଇଁ ଅର୍ଥ ଅନୁଦାନ ସହ ବିଜ୍ଞପ୍ତି ପ୍ରକାଶ ପାଇବାରୁ ସମିତି ପକ୍ଷରୁ କିଣା ଯାଇଥିବା ଜାଗାର ମାଲିକାନା ସତ୍ୱରେ ଅସୁବିଧା ଥିବା ନଜରକୁ ଆସିଥିଲା । ଜାଗାଟି ସେବା ସମବାୟ ସମିତି ଏବଂ ଅନ୍ୟ ଜଣେ ବ୍ୟକ୍ତିଙ୍କ ନାମରେ ରେକର୍ଡ ଥିବା ଜଣା ପଡିଥିଲା । ଅପର ପକ୍ଷରେ ସଂପୃକ୍ତ ସେବା ସମିତି କାର୍ଯ୍ୟାଳୟ ଗୃହ ନିର୍ମାଣ ପାଇଁ ଆସିଥିବା ଅନୁଦାନକୁ ଅନ୍ୟ ଏକ ଗ୍ରାମରେ ଏଥିପାଇଁ ବିନିଯୋଗ କରିବାକୁ ମସୁଧା ଚାଲିଥିବା ଖବର ପାଇ ଏହି ସମିତିର ସଦସ୍ୟ ମାନେ ମିଳିତ ହୋଇ ଏହାର ବିରୋଧ କରିବା ସହ ପୂର୍ବରୁ କିଣା ଯାଇଥିବା ଜାଗାଟିର ରେକର୍ଡରେ ପରିବର୍ତ୍ତନ ପାଇଁ ଚେଷ୍ଟା କରିବାକୁ ନିଷ୍ପତ୍ତି ନେଇଥିଲେ । ତେଣୁ ଜାଗା ସମସ୍ୟାର ସମାଧାନ ନହେବା ପର୍ଯ୍ୟନ୍ତ ଏହି ଗୃହର ନୂତନ ନିର୍ମାଣ ବିଜ୍ଞପ୍ତି ସ୍ଥଗିତ ରଖିବା ପାଇଁ ବିଡ଼ିଓଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି । ଏଥିନେଇ ବିଡ଼ିଓ ଶରତ ମଲ୍ଲିକ ଏହି ପ୍ରସଙ୍ଗରେ ତଦନ୍ତ ପରେ ନିଷ୍ପତ୍ତି ନେବେ ବୋଲି ପ୍ରତିଶ୍ରୁତି ପ୍ରଦାନ କରିଛନ୍ତି ।

# ବିଜେଡ଼ିରର ସଭ୍ୟ ସଂଗ୍ରହ କାର୍ଯ୍ୟକ୍ରମ

ବାରିପଦା(ଭାସ୍କର ନ୍ୟୁଜ୍): ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଆହ୍ୱାନ ଏବଂ ରାଜ୍ୟ ଛାତ୍ର ବିଜେଡି ସଭାପତି ଦେବୀ ରଞ୍ଜନ ତ୍ରିପାଠୀଙ୍କ ନିର୍ଦ୍ଦେଶନାରେ ମୟୂରଭଞ୍ଜ କଲେଜ ଅଫ ଆଉଟ୍‌ସୋର୍ସିଂ ଆଣ୍ଡ ମ୍ୟାନେଜମେଣ୍ଟରେ ବିଜୁ ଛାତ୍ର ଜନତା ଦଳ ମୟୂରଭଞ୍ଜ ତରଫରୁ ଏକ ସଭ୍ୟ ସଂଗ୍ରହ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ଜିଲ୍ଲା ଛାତ୍ର ବିଜେଡି ସଭାପତି ସୁନୀଲ କୁମାର ନାୟକଙ୍କ ନେତୃତ୍ୱରେ ଆୟୋଜନ କରାଯାଇଥିଲା । କାର୍ଯ୍ୟକ୍ରମରେ ରାଜ୍ୟ ଛାତ୍ର ବିଜେଡି ଉପସଭାପତି ନାରାୟଣ ପ୍ରସାଦ ସିଂ, ରାଜ୍ୟ ସମ୍ପାଦକ ବୈଭବ ନାରାୟଣ ବିଶ୍ୱାଳ, ଜିଲ୍ଲା ସାଧାରଣ ସମ୍ପାଦକ ତରୁଣ ନାୟକ, ଭବାନୀ ଶଙ୍କର ଧଡା, ଛାତ୍ର ସମ୍ପାଦକ ଅମିତ୍ ମହାକୁଡ, ଛାତ୍ର ନେତା ଅଭିନନ୍ଦନ ବାରିକ, ବିନାୟକ ସାହୁ ଏବଂ ଅନ୍ୟ ନେତାମାନେ ଉପସ୍ଥିତ ଥିଲେ । ସଭ୍ୟ ସଂଗ୍ରହ କାର୍ଯ୍ୟକ୍ରମରେ ଅନେକ ନୂତନ ଛାତ୍ର ଓ ଛାତ୍ରୀମାନେ ନବୀନ ପଟ୍ଟନାୟକଙ୍କ ଭାବମୂର୍ତ୍ତି ଓ ବ୍ୟକ୍ତିତ୍ୱରୁ ପ୍ରଭାବିତ ହୋଇ ବିଜୁ ଜନତା ଦଳର ସଭ୍ୟତା ଗ୍ରହଣ କରିଥିଲେ ।

# ତହସିଲଦାରଙ୍କୁ ଭେଟିଲେ ଗ୍ରାମବାସୀ



ନିଆଳି(ଭାସ୍କର ନ୍ୟୁଜ୍): ନିଆଳି ତହସିଲ୍ ଅନ୍ତର୍ଗତ ବିଲାସୁଣୀ ଗ୍ରାମର ଗୋଚର ଜମି ଜବରଦଖଲ କରି ଘର ନିର୍ମାଣ କରାଯାଉଥିବାରୁ ମେଳଣ ପଡିଆ ସଙ୍କୋଚନ ହେବା ସହ ବର୍ଷାଜଳ ନିଷ୍କାସନ ହୋଇପାରୁ ନାହିଁ । ଯାହାକୁ ନେଇ ଗ୍ରାମବାସୀ ତହସିଲ୍‌ଦାର୍‌ଙ୍କୁ ଭେଟି ଅଭିଯୋଗ କରିଥିଲେ । ଏମିତିକି କୋର୍ଟରେ ମାମଲା ରୁଜୁ କରି ଉଚ୍ଛେଦ ପାଇଁ ତାରିଖ ମଧ୍ୟ ଧାର୍ଯ୍ୟ ହୋଇଥିଲା । ଜିଲ୍ଲାପାଳଙ୍କ ଜନଶୁଣାଣିରେ ଜିଲ୍ଲାପାଳ ଉଚ୍ଛେଦ କରିବା ନିମନ୍ତେ ଗତ ଅଗଷ୍ଟ ୨୦ରେ ନିର୍ଦ୍ଦେଶ ଦେଇଥିଲେ । ଏସବୁ ସତ୍ତ୍ୱେ ମଧ୍ୟ ଉଚ୍ଛେଦ ହୋଇନଥିବାରୁ ବିଲାସୁଣୀ ଗ୍ରାମବାସୀ ମାନେ ତହସିଲଦାରଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିବା ସହିତ ଏକ ସପ୍ତାହ ମଧ୍ୟରେ ଉଚ୍ଛେଦ ନହେଲେ ତହସିଲ୍ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି । ଏନେଇ ତହସିଲ୍‌ଦାର୍ ଲେଲିନ୍ ପ୍ରସାଦ ସାହୁଙ୍କୁ ପଚାରିବାରେ ଖୁବ୍ ଶୀଘ୍ର କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଥିଲେ । ଦାବିପତ୍ର ପ୍ରଦାନ ସମୟରେ ମିହିର ବସ୍ତିଆ, ବିଷ୍ଣୁ ଚରଣ ଡାଲୁଆ, ଦୀବକ ଦାସ, ଅକ୍ଷୟ ବିଶ୍ୱାଳ, ଦୁର୍ଯ୍ୟୋଧନ ଜେନା, ପଦ୍ମନାଭ ଦାସ, ବୁଲୁ ବେହେରା, ବିଶ୍ୱନାଥ ଭୋଇ, ତାରାଚାନ୍ଦା ସେନାପତି, ପୃଥ୍ୱି ରଞ୍ଜନ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ରହିଥିଲେ ।

# ୪ ନକ୍ସଲ ଗିରଫ

ମାଲକାନଗିରି(ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡର ବିଜାପୁର ଜିଲ୍ଲାରେ ଚାଲିଥିବା ନକ୍ସଲ ବିଲୋପ ଅଭିଯାନ



ଅଧୀନରେ ଡିଆରଜି ଯବାନଙ୍କ ଦ୍ୱାରା ତଲାସି ଅଭିଯାନ ବେଳେ ୪ ନକ୍ସଲଙ୍କୁ ଗିରଫ କରାଯାଇଛି । ଗିରଫ ମାଓବାଦୀ ମାନେ ହେଲେ ରାମ ମାଣ୍ଡବୀ, ହାଡମା ମୁଚାକି, ବୁଦ୍ଧ ପୋଡିୟମ୍, ଯୋଗା ପୋଡିୟମ । ତେବେ ଯବାନ ମାନେ ତଲାସି ଅଭିଯାନ ବେଳେ ଏହି ୪ଜଣ ଜଙ୍ଗଲ ମଧ୍ୟରେ ଲୁଚି ପଳାଉଥିବା ଦେଖି ସନ୍ଦେହ କରି ସେମାନଙ୍କୁ କାବୁ କରିଥିଲେ । ପଚରା ଉଚରା ବେଳେ ସେମାନେ ସମସ୍ତେ ମାଓବାଦୀ ଏବଂ ପୂର୍ବରୁ ସମାନେ ପୂର୍ବତନ ସରପଞ୍ଚ□ ସୁକ୍କୁ ଫାରସାଙ୍କ ହତ୍ୟାରେ ସାମିଲ ଥିଲେ ବୋଲି ଜଣା ପଡିଥିଲା ।

## ନବନିଯୁକ୍ତ ଶିକ୍ଷକ-ଶିକ୍ଷୟିତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



ଭବାନୀପାଟଣା, (ଭାସ୍କର ନ୍ୟୁଜ): ସ୍ଥାନୀୟ ପ୍ରାଥମିକ ଶିକ୍ଷକ ଭବନଠାରେ ରବିବାର ନବାଗତ କନିଷ୍ଠ ଶିକ୍ଷକ ଓ ଶିକ୍ଷୟିତ୍ରୀ (ଯୋଜନାଭିତ୍ତିକ) ମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇବା ନିମନ୍ତେ ଏକ ସ୍ୱତନ୍ତ୍ର ସଭା ଅନୁଷ୍ଠିତ ହୋଇଥିଲା । ଏହି ସଭାରେ ସଦର ବ୍ଲକ ଶିକ୍ଷକ ସଂଘର ସଭାପତି ମଧୁସୂଦନ ପ୍ରଧାନ ସଭାପତିତ୍ୱ କରିଥିଲାବେଳେ ସଂପାଦକ ପ୍ରଦ୍ୟୁମ୍ନ କୁମାର ହୋତା ଉପସ୍ଥିତ ରହି ନବାଗତ କନିଷ୍ଠ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ସ୍ୱାଗତ ଜଣାଇବା ସହ ନୂତନ ଦାୟିତ୍ୱ ସମ୍ପର୍କରେ ମାର୍ଗଦର୍ଶନ ଦେଇଥିଲେ । ସଭାରେ ଭବାନୀପାଟଣାର ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜଗଦିଶ ମୁଣ୍ଡ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିକ୍ଷାର ମହତ୍ୱ ଓ ଶିକ୍ଷକଙ୍କ ଭୂମିକା ସମ୍ପର୍କରେ ନୂତନ ଶିକ୍ଷକମାନଙ୍କୁ ଉଦ୍‌ବୋଧନ ଦେଇଥିଲେ । ଅନ୍ୟତମ ସମ୍ମାନିତ ଅତିଥି ଭାବେ ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘର କର୍ମକର୍ତ୍ତା ଅମରେନ୍ଦ୍ର ପଟ୍ଟନାୟକ ଓ ତପନ କୁମାର ବେହେରା, ନର୍ଲା ବ୍ଲକ ସଂଘର ସଂପାଦକ ଅମିତ ଶର୍ମା ଓ ଥୁଆମୂଳ ରାମପୁର ବ୍ଲକର ସଭାପତି ଅଜିତ ନାୟକ ଯୋଗଦାନ କରି ସେମାନଙ୍କ ବକ୍ତବ୍ୟ ରଖିଥିଲେ । ଏଥିସହ ସଦର ବ୍ଲକର ଉପସଭାପତି ବେଣୁଧର ବିଶ୍ୱାଳ, ଦୁଷ୍ମନ୍ତ ମାଝୀ, ପ୍ରଫୁଲ୍ଲ ବାଗ, କନିଷ୍ଠ ଶିକ୍ଷକ ସଂଘର ସଂପାଦକ କାଳନ୍ଦ୍ରୀ ସ୍ୱାଇଁ, ଉପସଭାପତି ବିଜୟ କୁମାର ଦଳାଇ, ଅନ୍ୟାନ୍ୟ ସଦସ୍ୟ ଜଗତଜୀବନ ମହାନ୍ତି, ସମୀର ନୀଳକଣ୍ଠ ମହାପାତ୍ର, ମୃତ୍ୟୁଞ୍ଜୟ ପ୍ରଧାନ, ପୁଷ୍ପଲତା ବେହେରା, ପ୍ରିୟମ୍ବଦା ପରିଡ଼ା , ସତ୍ୟମୟୀ ମାଳିନୀ, କସ୍ତୁରୀ ଚାଲାଣ ପ୍ରମୁଖ ସ୍ୱାଗତସଭାରେ ଉପସ୍ଥିତ ନୂତନ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ପୁଷ୍ପଗୁଚ୍ଛ ସହ ସମ୍ମାନିତ କରିଥିଲେ । ଜିଲ୍ଲା ସଂଘର ସଂପାଦକ ତଥା ରାଜ୍ୟ ଏୟୁପିଟିଏଫ୍‌ର ସଭାପତି ଧୀରେନ୍ଦ୍ର ପଟ୍ଟନାୟକ ଅନୁପସ୍ଥିତ ଥିଲେ ମଧ ଭୁବନେଶ୍ୱରରୁ ନୂତନ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ଭିଡିଓ ବାର୍ତ୍ତା ମାଧ୍ୟମରେ ସ୍ୱାଗତ ଜଣାଇ ଆଶୀର୍ବାଦ ପ୍ରଦାନ କରିଥିଲେ । ସମ୍ବର୍ଦ୍ଧନା ସଭାରେ ୫୦ରୁ ଊର୍ଦ୍ଧ୍ୱ ନବାଗତ କନିଷ୍ଠ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିବା ଦେଖିବାକୁ ମିଳିଥିଲା । ଶେଷରେ ସଂଘର ସଭାପତି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଯୁବ ସାମ୍ବାଦିକ ଅସଲାମ୍‌ଙ୍କୁ ଶ୍ରଦ୍ଧାଞ୍ଜଳି

ଭବାନୀପାଟଣା, (ଭାସ୍କର ନ୍ୟୁଜ): କଳାହାଣ୍ଡି ଜିଲ୍ଲାର ଯୁବ ସାମ୍ବାଦିକ ସ୍ୱର୍ଗତ ମହମ୍ମଦ ଅସଲମ୍‌ଙ୍କ ତୃତୀୟ ପୁଣ୍ୟତିଥି ଦିବସ ପାଳନ ଉପଲକ୍ଷେ ସ୍ଥାନୀୟ ଅମଲା ଭବନଠାରେ ମହମ୍ମଦ ଅସଲମ୍ ସ୍ମୃତି କମିଟି ପକ୍ଷରୁ ରବିବାର ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ପାରା ଏଥଲେଟ ଆକାଶ ମୁଣ୍ଡ, ବରିଷ୍ଠ ସାମ୍ବାଦିକ ଲକ୍ଷ୍ମୀକାନ୍ତ ବାଗ ଓ ସଫେଇ କର୍ମଚାରୀ ବସନ୍ତ ନାଏକଙ୍କୁ ମହମ୍ମଦ ଅସଲମ୍ ସ୍ମୃତି ସମ୍ମାନରେ ସମ୍ବର୍ଦ୍ଧିତ କରିବା ସହ ମାନପତ୍ର ପ୍ରଦାନ କରାଯାଇଥିଲା । ଏହି ବୈଠକରେ ମୁଖ୍ୟ ଅତିଥି ଭାବରେ କଳାହାଣ୍ଡିର ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନ, ବିଶିଷ୍ଟ ଅତିଥି ଭାବେ ଜୁନାଗଡ଼ ବିଧାୟକ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର, ବରିଷ୍ଠ ସାମ୍ବାଦିକ ଉମାଶଙ୍କର କର, ପୁରୁଷୋତ୍ତମ ସିଂ ଠାକୁର, ମନୋରଞ୍ଜନ ଯୋଷୀ, ସମାଜସେବୀ ଭାରତ ଠାକୁର, ଶିକ୍ଷାବିତ୍ ଡଃ. ଅଜୟ ମିଶ୍ର, ଡଃ ଉମେଶ ଚନ୍ଦ୍ର ଶତପଥୀ ପ୍ରମୁଖ ମଞ୍ଚାସୀନ ଥିଲେ । ସେହିପରି ବରିଷ୍ଠ ସାମ୍ବାଦିକ ଦୟାନିଧି ଦାଶ, ସମ୍ପାଦକ ଅର୍ଦ୍ଧେନ୍ଦୁ ଦାସ, ସାମ୍ବାଦିକ ଐଶର୍ଯ୍ୟା ମହାନ୍ତି ଆଭାସୀ ମାଧ୍ୟମରେ ଯୋଗଦେଇ ସ୍ୱର୍ଗତ ଅସଲମଙ୍କ ସ୍ମୃତିଚାରଣ କରିଥିଲେ । ଶ୍ରଦ୍ଧାଞ୍ଜଳି ସଭାରେ କଳାହାଣ୍ଡି ଓ




ଅନ୍ୟ ଜିଲ୍ଲାର ବରିଷ୍ଠ ଓ କନିଷ୍ଠ ସାମ୍ବାଦିକଙ୍କ ସହ ସ୍ୱର୍ଗତ ଅସଲମ୍‌ଙ୍କୁ ଭଲପାଉଥିବା ବହୁ ବ୍ୟକ୍ତିବିଶେଷ ଉପସ୍ଥିତ ଥିଲେ ।

## ଯୁବ ଚାଷୀ ଡ.ଅଶୋକ ପଟ୍ଟନାୟକଙ୍କୁ 'କୃଷକ ରତ୍ନ ସମ୍ମାନ'



ଭବାନୀପାଟଣା, (ଭାସ୍କର ନ୍ୟୁଜ): ରାଜ୍ୟର ଅନ୍ୟତମ ସମ୍ବାଦପତ୍ର ପ୍ରମେୟ, ନିଉଜ୍ ସେଭେନ୍ ଚ୍ୟାନେଲ, ଶିକ୍ଷା ଓ ଅନୁସନ୍ଧାନ ଅନୁଷ୍ଠାନ(ସୋଆ) ବିଶ୍ୱବିଦ୍ୟାଳୟ ଏବଂ ପାରାଦ୍ୱୀପ ଫସଫେଟ୍ ଲିମିଟେଡ୍ ପକ୍ଷରୁ କଳାହାଣ୍ଡିର ଯୁବଚାଷୀ ଅଶୋକ ପଟ୍ଟନାୟକଙ୍କୁ ସମ୍ମାନ ଜନକ 'କୃଷକ ରତ୍ନ ସମ୍ମାନ-୨୦୨୪' ପ୍ରଦାନ କରାଯାଇଛି । ଭୁବନେଶ୍ୱରସ୍ଥିତ ସୋଆ କ୍ୟାମ୍ପସ-୨ରେ ଥିବା କନଭେନସନ୍ ସେଣ୍ଟର ଠାରେ ୧୪ ତାରିଖ ଶନିବାର ଦିନ ଆୟୋଜିତ ଏକ ମନୋଜ୍ଞ ଉତ୍ସବରେ ମୁଖ୍ୟଅତିଥି ଭାବେ ରାଜ୍ୟ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଏବଂ କୃଷକ ସଶକ୍ତିକରଣ ତଥା ଶକ୍ତି ବିଭାଗ ମନ୍ତ୍ରୀ କନକବର୍ଦ୍ଧନ ସିଂହ ଦେଓ ଯୋଗଦେଇ ସଫଳ ଚାଷୀ ଶ୍ରୀ ପଟ୍ଟନାୟକଙ୍କୁ ଏହି ସମ୍ମାନ ପ୍ରଦାନ କରିଥିଲେ । ଆୟୋଜିତ ଉତ୍ସବରେ ସମ୍ମାନିତ ଅତିଥି ଭାବେ ପାରାଦୀପ ଫସଫେଟ୍ ଲିମିଟେଡ଼ର ମ୍ୟାନେଜିଂ ଡାଇରେକ୍ଟର ତଥା ସିଇଓ, ଏନ୍.ସୁରେଶ କ୍ରିଷ୍ଣନ୍ ଏବଂ ପ୍ରଟେକ୍ସନ୍ ଅଫ୍ ପ୍ଲାଣ୍ଟ ଭେରାଇଟିଜ୍ ଏବଂ ଭାରତ ସରକାରଙ୍କ ଫାର୍ମର୍ସ ରାଇଟ୍ ଅଥରିଟିର ଅଧ୍ୟକ୍ଷ ଡ.ତ୍ରିଲୋଚନ ମହାପାତ୍ର ଏବଂ ମୁଖ୍ୟବକ୍ତା ଭାବେ ଓୟୁଏଟିର କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ ପ୍ରମୁଖ ଉପସ୍ଥିତ ଥିଲେ । କୃଷି ପ୍ରତି ଅହେତୁକ ଆଗ୍ରହ ରଖିଥିବା ଓ ପ୍ରକୃତିବନ୍ଧୁ ସମ୍ମାନ ଲାଭ କରିଥିବା ତଥା କୃଷି ବିଭାଗର ପୂର୍ବତନ ଅଧ୍ୟକ୍ଷ 'ଆତ୍ମା' ଭାବେ କାର୍ଯ୍ୟ କରିଆସୁଥିବା ଡ.ଅଶୋକ ପଟ୍ଟନାୟକଙ୍କୁ ତାଙ୍କର କୃଷିକର୍ମରେ ଉଲ୍ଲେଖଯୋଗ୍ୟ ଅବଦାନ ନିମନ୍ତେ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହ ଦେଓ 'କୃଷକ ରତ୍ନ ସମ୍ମାନ-୨୦୨୪' ପୁରସ୍କାର ପ୍ରଦାନ କରିଥିଲେ । ଶ୍ରୀ ପଟ୍ଟନାୟକଙ୍କୁ ଏହି ସମ୍ମାନ ମିଳିଲା ପରେ ସ୍ଥାନୀୟ ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି ଓ ବିଭିନ୍ନ ମହଲରୁ ଶୁଭେଚ୍ଛା ବାର୍ତ୍ତାମାନ ତାଙ୍କ ନିକଟରେ ପହଞ୍ଚିବାରେ ଲାଗିଛି ।

## ଦୁର୍ଘଟଣାରେ ପୁଅ ମୃତ, ବାପା ଗୁରୁତର
## କ୍ଷତିପୂରଣ ଦାବିରେ ରାସ୍ତା ଅବରୋଧ



କୋକସରା,(ଭାସ୍କର ନ୍ୟୁଜ): କୋକସରା ଥାନା ଡହଗାଁଠାରେ ଏକ ଅଜଣା ଗାଡ଼ି ଧକ୍କା ଦେବାରୁ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ଆଉ ଜଣେ ଗୁରୁତର ଅବସ୍ଥାରେ ଡ଼ାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି । ମୃତକ ଧର୍ମଗଡ଼ ବ୍ଲକ ଶାଗବାହିଲି ଗ୍ରାମର ହୃଷିକେଶ ନାଏକଙ୍କ ପୁଅ କ୍ଷୀରୋଦ ନାଏକ(୬) ଓ ଗୁରୁତର ହୃଷିକେଶ ନାଏକ(୪୫) । ସୂଚନା ଅନୁସାରେ, ରବିବାର ସନ୍ଧ୍ୟାରେ ନିଜ ଗାଁ ସାଗବାହିଲିଠାରୁ ବାଇକ୍ ଯୋଗେ ଡଙ୍ଗରୀଗୁଡା ଗ୍ରାମକୁ ଆସୁଥିଲେ । ତେବେ ଡହାଗାଁ ବଜାର ପଡିଆ ନିକଟରେ ତାଙ୍କ ବାଇକ୍‌କୁ ଏକ ଅଜଣା ହାଇୱା ଗାଡ଼ି ଧକ୍କା ଦେଇଥିଲା। ଫଳରେ ବାପ-ପୁଅ ବାଇକ୍‌ରୁ ଛିଟକିପଡ଼ି ରାସ୍ତାରେ ପଡ଼ିଯାଇଥିଲେ । ଦୁର୍ଘଟଣା ଫଳରେ କ୍ଷୀରୋଦଙ୍କ ଘଟଣା ସ୍ଥଳରେ ମୃତ୍ୟୁ ହୋଇଥିବାବେଳେ ତାଙ୍କ ବାପ ହୃଷିକେଶ ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି । ଦୁର୍ଘଟଣା ସ୍ଥଳରୁ ଗୁରୁତରଙ୍କୁ ଉଦ୍ଧାର କରି ପ୍ରଥମେ କୋକସରା ମେଡିକାଲରେ ଭର୍ତ୍ତି କରିଥିଲେ । ସେଠାରେ ପ୍ରାଥମିକ ଚିକିତ୍ସା ପରେ ଗୁରୁତର ହୃଷିକେଶକୁ ଭବାନୀପାଟଣା ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ପରେ ଉଆଲଟର ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି । ଅନ୍ୟପଟେ କ୍ଷତିପୂରଣ ଦାବି କରି ପରିବାର ଓ ରାଜମିସ୍ତ୍ରୀ ସଂଘ ପକ୍ଷରୁ ଡହଗାଁ-ଡଙ୍ଗରୀଗୁଡା ରାସ୍ତାରେ ମୃତ କ୍ଷୀରୋଦଙ୍କ ଶବ ରଖି ରାସ୍ତା ଅବରୋଧ କରିଛନ୍ତି । ଘଟଣାସ୍ଥଳରେ କୋକସରା ଥାନା ଅଧିକାରିଣୀ ସିଶ୍ୱାରାଣୀ ସୁନା, କୋକସରା ତହସିଲଦାର ନବୀନ କିଶୋର ପାଢ଼ୀ, ଅତିରିକ୍ତ ତହସିଲଦାର ମୋହନ ଚରଣ ଜେନା ପହଞ୍ଚି ଆନ୍ଦୋଳନକାରୀମାନଙ୍କୁ ବୁଝାସୁଝା ଜାରି ରଖିଛନ୍ତି । ତେବେ ଖବର ଲେଖା ଯିବା ପର୍ଯ୍ୟନ୍ତ ଦୀର୍ଘ ୧୮ ଘଣ୍ଟା ପରେ ମଧ କୌଣସି ସମାଧାନ ହୋଇପାରିନାହିଁ । କିମ୍ବା ରାସ୍ତାରୁ ଶବ ଉଠାଯାଇ ପାରିନାହିଁ।

## ସ୍ୱେଚ୍ଛାସେବୀ ସଂସ୍ଥା ପକ୍ଷରୁ କମ୍ବଳ ବଣ୍ଟନ

ନର୍ଲା, (ଭାସ୍କର ନ୍ୟୁଜ): କଳାହାଣ୍ଡି ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ସୋସିଆଲ ୱେଲଫେୟାର ଅର୍ଗାନେଜେସନ୍', କଳାହାଣ୍ଡି ପରିବାର କଳାହାଣ୍ଡି ଜିଲ୍ଲାର ଏକ ଦାନ୍ତବ୍ୟ ସେବା ସଂସ୍ଥା । ଏହି ସଂସ୍ଥା ୨୦୧୮ ମସିହାରୁ ବିଭିନ୍ନ ସ୍ଥାନରେ ପଥଚାରୀଙ୍କୁ ଜଳଦାନ, ରକ୍ତଦାନ ଶିବିର, ଜରୁରୀ କାଳୀନ ସମୟରେ ରୋଗୀକୁ ରକ୍ତ ଯୋଗାଇ ଦେବା, ଶବଦାହ, ବେସାହାରା ଲୋକମାନଙ୍କୁ ବସ୍ତ୍ରଦାନ, ବୃକ୍ଷରୋପଣ କାର୍ଯ୍ୟକ୍ରମ, ସଫେଇ ଅଭିଯାନ, ସଚେତନତା ଅଭିଯାନ ପରି ବିଭିନ୍ନ ସେବାମୂଳକ କାର୍ଯ୍ୟ କରିଆସୁଛି । ସେହି କ୍ରମରେ ସଂସ୍ଥା ପକ୍ଷରୁ ମ.ରାମପୁର ବ୍ଲକର ଉଲାଦାନୀ ପଞ୍ଚାୟତର ମାରଦିଙ୍ଗ ଓ ସାକୁସକୁ ଯାଇ ୧୫୦ ଜଣ ଅସହାୟ ଗରିବ ବୃଦ୍ଧ ପିତାମାତାମାନଙ୍କୁ କମ୍ବଳ ବଣ୍ଟନ କରାଯାଇଥିଲା । 'ସୋସିଆଲ ୱେଲଫେୟାର ଅର୍ଗାନେଜେସନ୍', କଳାହାଣ୍ଡି ପରିବାରର ମହିଳା ସଭାନେତ୍ରୀ ଶ୍ରୀମତୀ ଶାନ୍ତି ମାଝୀଙ୍କ ଅଧ୍ୟକ୍ଷତାରେ ଏହି ସେବା କାର୍ଯ୍ୟ କରାଯାଇଥିଲା । ଅନୁଷ୍ଠାନର କାର୍ଯ୍ୟ ଶାନ୍ତି ମାଝୀ ଭୁଲା ଶଙ୍କର ପାତ୍ର, ଖଗେଶ୍ୱର ଗହୀର, ପ୍ରଦୀପ ସେଠୀଆ, ଅମିତ୍ କୁମାର ଦାଶ, ଅନୀଲ ସାହୁ, ହେମନ୍ତ ନାୟକ ଉପସ୍ଥିତ ରହି ନିରୀହ ବୃଦ୍ଧ ବାପା-ମା'ଙ୍କୁ ପ୍ରବଳ ଶୀତ ଦାଉରୁ ରକ୍ଷା ପାଇବା ପାଇଁ ଶୀତ ବସ୍ତ୍ର ବଣ୍ଟନ କରିଥିଲେ ।



## ଚାଷୀଙ୍କ ସହ ଆଲୋଚନା କଲେ ବିଧାୟିକା

କର୍ଲାମୁଣ୍ଡା, (ଭାସ୍କର ନ୍ୟୁଜ): କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକରେ କୃଷକ ସଙ୍ଗଠନ କୃଷକ ବିକାଶ ପରିଷଦ ପକ୍ଷରୁ କଟନୀଛଟନୀର ପ୍ରତିବାଦ କରି ଗୁରୁବାରଠାରୁ ଧାରଣା ଦେଇଥିଲେ । ହେଲେ ପ୍ରଶାସନ ପକ୍ଷରୁ ଚାଷୀଙ୍କ ସହ ଆଲୋଚନା ପରେ ମଧ ସମାଧାନର ବାଟ ବହାରି ନ ଥିଲା । ଏଭଳି ସ୍ଥିତିରେ ଚାଷୀଙ୍କ ସମସ୍ୟାର ସମାଧାନ ନେଇ ରବିବାର ନର୍ଲା ବିଧାୟିକା ମନୋରମା ମହାନ୍ତି କର୍ଲାମୁଣ୍ଡା ବ୍ଲକର ବିଭିନ୍ନ ଧାନ ମଣ୍ଡି ପରିଦର୍ଶନ କରି କର୍ଲାମୁଣ୍ଡା ମଣ୍ଡିଠାରେ ଚାଷୀଙ୍କ ସମସ୍ୟାର ସମାଧାନ ପାଇଁ ସିଧାସଳଖ ଚାଷୀଙ୍କ ସହିତ ଆଲୋଚନା କରିଥିଲେ । ଆଲୋଚନା ବେଳେ ନର୍ଲା ବ୍ଲକ ଅଧ୍ୟକ୍ଷ ଦୁର୍ଗାପ୍ରସାଦ ମହାନ୍ତି, ଭବାନୀପାଟଣା ଉପଜିଲାପାଳ ପ୍ରଭାତ କୁମାର ପରିଡା, ଜିଲା ଖାଉଟି ଯୋଗାଣ ଅଧିକାରୀ ପବିତ୍ର ମୋହନ ସାହୁ, କର୍ଲାମୁଣ୍ଡା ତହସିଲଦାର ଅରୁଣ ବର୍ଗେ, ଏଆର୍‌ସିଏସ୍ ମଧୁସୂଦନ ମେହେର, ଆରଆମ୍‌ସି କର୍ମଚାରୀ ଜଗନ୍ନାଥ ସୁନା ଏବଂ ଅତିରିକ୍ତ ଖାଉଟି ଯୋଗାଣ ଅଧିକାରୀ ବିଘ୍ନ ମହାପାତ୍ରଙ୍କ ସମେତ କୃଷକ ବିକାଶ ପରିଷଦର ସଦସ୍ୟ ତଥା ଚାଷୀମାନେ ଉପସ୍ଥିତ ଥିଲେ । ଶେଷରେ ବସ୍ତା ସହିତ ୫ କିଲୋ ଦୁଇ ଶହ ଗ୍ରାମ ଧାନ କଟନୀ ଦେବେ ବୋଲି ବିଧାୟିକାଙ୍କ ଉପସ୍ଥିତିରେ ଚାଷୀମାନେ ସମ୍ମତି ପ୍ରକାଶ କରିଥିଲେ । ଏଥିରେ ୬ଜଣ ଚାଷୀ ନନ୍ଦି କିଶୋର ଭୋଇ, ଇନ୍ଦୁମତି ଭୋଇ, ଅଜିତ ସାହୁ, କାର୍ତ୍ତିକ ସାହୁ, ଚୈତନ୍ୟ ସାହୁ, କିଷନ ସାହୁ ପ୍ରମୁଖଙ୍କ ୩ ଶହ ୬୯ କ୍ୱିଣ୍ଟାଲ ୭୭ କେଜି ଧାନ କ୍ରୟ ହୋଇଥିଲା । ଶାନ୍ତିଶୃଙ୍ଖଳା ରକ୍ଷା କରିବାକୁ ଏମ୍.ରାମପୁର ଥାନା ଅଧିକାରୀ ସୁଦର୍ଶନ ନାୟକଙ୍କ ନେତୃତ୍ୱରେ ଏକ ପ୍ଲାଟୁନ ପୋଲିସ ଫୋର୍ସ ଉପସ୍ଥିତ ଥିଲେ।

## ଆଦ୍ୟପର୍ବ ଗୁଡ଼ିଚଗା ମହାସମାରୋହରେ ପାଳିତ

ଜୁନାଗଡ଼, (ଭାସ୍କର ନ୍ୟୁଜ): ଜୁନାଗଡ଼ ବ୍ଲକ ଦାସିଗାଁ ପଞ୍ଚାୟତ ଅଧିନସ୍ଥ ତାଳପଦର ଠାରେ ପୋଢମରାର ଆଦ୍ୟପର୍ବ ଗୁଡିଚଗା ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। । ମାଟି ମାତାଙ୍କୁ ସନ୍ତୁଷ୍ଟ କରିବା ପାଇଁ ଆଦିବାସୀମାନେ କେଉଁ ଆଦିମ କାଳରୁ ମାଘ ମାସରେ ପୂଜା କରି ଆସୁଛନ୍ତି, ସେଥିମଧ୍ୟରୁ ଟୋକି ପର୍ବ ବା ଗଡରାମରା ପର୍ବ ପାଳନ କରିଥାନ୍ତି । କେହି କେହି ଟୋକିପର୍ବ ବ୍ୟତୀତ ପୋଢମରା ପର୍ବ ପାଳନ କରିଥାନ୍ତି । ଏ ପରିପ୍ରେକ୍ଷୀରେ ତାଳପଦର ମାଝିପଡ଼ାରେ ଏହି ପର୍ବ ଆଜି ପାଳିତ ହୋଇଯାଇଛି । ଗ୍ରାମବାସୀ ପ୍ରାତଃରୁ ନିତ୍ୟକର୍ମ ସାରି ନୂଆବସ୍ତ୍ର ପରିଧାନ ସହିତ ପୂଜା ବିଧି ଆୟୋଜିତ ହୋଇଥିଲା । ନିକଟବର୍ତ୍ତୀ ଗ୍ରାମରୁ ଅତିଥିମାନଙ୍କୁ ଆମନ୍ତ୍ରିତ କରାଯାଇ ଖାଦ୍ୟପେୟର ବ୍ୟବସ୍ଥା କରାଯାଇଥିଲା । ପରବ ବାଦ୍ୟର ତାଳେ ତାଳେ କାଳିସୀ ପ୍ରକଟ ହୋଇ ପୂଜକଙ୍କୁ ଆଦେଶ ପୂଜାପାଠ ଆୟୋଜିତ ଓ ବୋଦା ବତକ ପ୍ରଭୃତି ପ୍ରାଣୀଙ୍କୁ ମାଟି ମା'ଙ୍କ ଗୁଡ଼ିରେ ବଳି ଭୋଗ ଲଗା ଯାଇଥିଲା । ଆସନ୍ତା ବର୍ଷ ଫେବୃଆରୀ ମାସରେ ପୋଢମରା ପର୍ବ ଆୟୋଜିତ ହେବ ବୋଲି କମିଟିର କର୍ମକର୍ତ୍ତାମାନଙ୍କ ଠାରୁ ସୂଚନା ମିଳିଛି । ଗୁଡିଚଗା କମିଟିର ସଂପାଦନ ଅରୁଣ କୁମାର ମାଝି, ସଭାପତି ମହାଦେବ ବାଗ, କୋଷାଧ୍ୟକ୍ଷ ପଦ୍ମନାଭ ସାହୁ, ଗୌନ୍ତିଆ ପ୍ରମୋଦ କୁମାର ବେହେରା, ଯୁବନେତା ଗୌରହରି ବାଗ, ଟିକଚନ ବାଗ, ଜାନୀ ଦନାର ମାଝିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବାରୁ ସୁନାନୀ, ଶିବ ମାଝି, ପବନ ନିଆଲ, ଅଙ୍କୁର ବାଗ, ସୁମନ ବାଗ, ତ୍ରିପତି ଶଗଡ଼ିଆ, ଦୁଷ୍ମନ୍ତ ମାଝି ପ୍ରମୁଖ ସହଯୋଗ କରିଥିଲେ ।

## ଇନ୍ଦ୍ରାବତୀ ହାଇସ୍କୁଲ ୧୯୯୩ ମାଟ୍ରିକ ବ୍ୟାଚ୍‌ର ବନ୍ଧୁମିଳନ




କୋକସରା,(ଭାସ୍କର ନ୍ୟୁଜ): କୋକସରା ବ୍ଲକ ରେଙ୍ଗାଲପାଲି ପଞ୍ଚାୟତର ଡଙ୍ଗରୀଗୁଡା ଇନ୍ଦ୍ରାବତୀ ସରକାରୀ ଉଚ୍ଚ ବିଦ୍ୟାଳୟର ୧୯୯୩ ମାଟ୍ରିକ ବ୍ୟାଚ୍ ଛାତ୍ରଛାତ୍ରୀଙ୍କ ଦ୍ୱାରା ରବିବାର ସ୍କୁଲ ପରିସରରେ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏହି କ୍ରମରେ ପୂର୍ବତନ ପ୍ରଧାନଶିକ୍ଷକ ବିପିନ ବିହାରୀ ମୁଣ୍ଡ, ଶିକ୍ଷକ ଭବାନୀଶଙ୍କର ପଣ୍ଡା, ହରିଶଙ୍କର ବାଗ, ଦୟାନିଧି ପୁଝାରୀ, ଖେଳ ଶିକ୍ଷକ କୃପାସିନ୍ଧୁ ପାତ୍ର, କିରାଣୀ ଆଦିତ୍ୟ ବେହେରା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ଦୀର୍ଘ ୩୧ ବର୍ଷର ବ୍ୟବଧାନ ପରେ ସମସ୍ତ ସାଙ୍ଗ ଏକାଠି ହୋଇଥିବାରୁ ଭାବବିହ୍ୱଳ ହୋଇ ଶ୍ରେଣୀ ସହପାଠୀର ପୁରୁଣା ସ୍ମୃତି, ଶିକ୍ଷାର ମାନ, ଶୃଙ୍ଖଳା ଓ ଶିକ୍ଷକଙ୍କ ପ୍ରତି ଭକ୍ତି ଭାବକୁ ମନେ ପକେଇ ଥିଲେ । ଭବିଷ୍ୟତ ଜୀବନରେ ସମସ୍ତ ସାଙ୍ଗ ପରସ୍ପରର ସହଯୋଗୀ ହୋଇ ଶିକ୍ଷାନୁଷ୍ଠାନର ଉନ୍ନତି ଦିଗରେ ସହାୟ ହେବେ ବୋଲି ସମସ୍ତ ପୁରାତନ ଛାତ୍ରଛାତ୍ରୀ ବକ୍ତବ୍ୟ ରଖିଥିଲେ । ପୁରାତନ ଛାତ୍ରୀ ଯୋଗିତା ଶବର, ରୀନା ପଟ୍ଟଯୋଶୀ, କରୁଣା ନାଏକ, ସରିତା ଭତ୍ରା, ପୁରାତନ ଛାତ୍ର ଶ୍ରୀକାନ୍ତ ପଟ୍ଟଯୋଶୀ, ପରମେଶ୍ୱର ବାଗ, ବିଶେଶ୍ୱର ବନ୍ଦିଛୋଡ, ବିରବଲ ଦଳପତି, ଶଶୀନ୍ଦ୍ର ଦଳପତି, ଯୁଧିଷ୍ଠିର କର, ନାରାୟଣ ସୋନି, ରାଜ କିଶୋର ଓଝା, ପ୍ରେମଲାଲ ନାଏକ, ଲକ୍ଷ୍ମୀକାନ୍ତ ସାହୁ ସମେତ ଅନେକ ପୁରାତନ ଛାତ୍ର ଉପସ୍ଥିତ ଥିଲେ।

## ବାଇପାସ୍ କ୍ରିୟାନୁଷ୍ଠାନ କମିଟିର ବୈଠକ



କେସିଙ୍ଗା,(ଭାସ୍କର ନ୍ୟୁଜ): କଳାହାଣ୍ଡି ଜିଲ୍ଲା କେସିଙ୍ଗା ସହରରେ ନୂତନ ବାଇପାସ୍ ପାଇଁ ତୁହାକୁ ତୁହା ବୈଠକ ଅନୁଷ୍ଠିତ ହେଉଛି । ଶନିବାର ବାଇପାସ୍ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ସ୍ଥାନୀୟ ପଣ୍ଡରା ଭବନ ଠାରେ ଦ୍ୱିତୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ସହର ଅନେକ ବୁଦ୍ଧିଜୀବୀଙ୍କ ସମେତ ଓକିଲ ସଂଘ ସଭାପତି ଚିତ୍ତରଞ୍ଜନ ଭୋଇ, ସାମ୍ବାଦିକ ଦୟାନିଧି ସୁନାନୀ, ଗାଜିନ୍ଦ୍ର ସାହୁ, ବରିଷ୍ଠ ରାଜନୀତିଜ୍ଞ ମହେନ୍ଦ୍ର ନାଏକଙ୍କ ସମେତ ବିଜେଡି ନଗର ସଭାପତି ରମେଶ ପଟ୍ଟନାୟକ, ବିଜେପି ନଗର ସଭାପତି ମଗନ ସିନ୍ଦୂର, ସୁରେଶ ରାଓ ଦେବେନ୍ଦ୍ର ଭୁଜବଳ, ଦୟାସାଗର ସାହା, ପୁରୁନ୍ଦର ଭୋଇ, ନଳୀନ ପଟ୍ଟନାୟକ ପ୍ରମୁଖ ବୈଠକରେ ଯୋଗଦେଇ ରାଜ୍ୟ ସରକାରଙ୍କ ଦ୍ୱାରା ଘୋଷଣା ହୋଇଥିବା କେସିଙ୍ଗାରୁ ଜୁନାଗଡ଼ ଚାରିଲେନ୍ ରାସ୍ତା ପାଇଁ ଜୁନାଗଡ଼ ଓ ଭବାନୀପାଟଣାରେ ବାଇପାସ୍ ରାସ୍ତା ପାଇଁ ପ୍ରସ୍ତାବ ଥିବା ବେଳେ କେସିଙ୍ଗାର ଏଥିରେ କୌଣସି ନାମ ନ ଆସିବାରୁ ଉଦ୍‌ବେଗ ପ୍ରକାଶ ପାଇଥିଲା । କେସିଙ୍ଗାରେ ଆରଓବି କାମ ଜୋର୍ ସୋରରେ ଚାଲିଛି ଯାହାକି କେସିଙ୍ଗା ସହର ମଧ ଭାଗରେ ଶେଷ ହେଉଛି ଏହା ଉପରେ ମଧ ବିସ୍ତୃତ ଆଲୋଚନା କରାଯାଇଛି । ଅନ୍ୟ ପଟେ କେସିଙ୍ଗାରେ ବାଇପାସ୍ ନିର୍ମାଣ ପାଇଁ ସରକାରଙ୍କ ତରଫରୁ କୌଣସି ପ୍ରସ୍ତାବ ନଥିବା ଜଣାପଡ଼ିଛି । ସେଥିପାଇଁ ବୈଠକରେ ସମସ୍ତେ ସହରରେ ଏକ ବାଇପାସ୍ ନିର୍ମାଣ ପାଇଁ କଳାହାଣ୍ଡି ଜିଲ୍ଲା ସାଂସଦ ମାଳବିକା ସିଂ ଦେଓ ଓ ସାଂସଦ ସୁଜିତ୍ କୁମାରଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ମତପ୍ରକାଶ ପାଇଥିଲା । କେସିଙ୍ଗା ସହରରେ ଏକ ବାଇପାସ୍ ରାସ୍ତା ନିର୍ମାଣ ନ ହେଲେ ଭବିଷ୍ୟତରେ ଟ୍ରାଫିକ ସମସ୍ୟା ବଢିବା ସହିତ ଦୁର୍ଘଟଣା ଜନିତ କ୍ଷୟକ୍ଷତି ଅଧିକ ହେବ ବୋଲି ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା । ସେଥିପାଇଁ କେସିଙ୍ଗା ବାଇପାସ୍ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ଜିଲ୍ଲାପାଳଙ୍କ ଜରିଆରେ କେସିଙ୍ଗା ଜନସାଧାରଣଙ୍କ ତରଫରୁ ଏକ ଦାବିପତ୍ର ଯଥା ଶୀଘ୍ର ଦେବା ପାଇଁ ନିଷ୍ପତ୍ତି ନିଆଯାଇଥିଲା ।

## ରାଶିଫଳ

ମଙ୍ଗଳବାର, ୧୭ ଡିସେମ୍ବର ୨୦୨୪



**ମେଷ:** ଦିନଟି ଲାଭଦାୟକ ହେବ । ଆଜି ବ୍ୟବସାୟ ଅନୁକୂଳ ଲାଭ ଦେବ । ତୁମେ ତୁମର ଜୀବନସାଥୀଙ୍କଠାରୁ ସମର୍ଥନ ପାଇବ । ଚାକିରିରେ କାମକୁ ପ୍ରଶଂସା କରାଯିବ। ଆଜିର ଦିନଟି ଭଲରେ କଟିବ । ଲାଭ ସୁଯୋଗ ଆସିବ।



**ବୃଷ:** ସ୍ଥାୟୀ ସମ୍ପତ୍ତି କ୍ରୟ ଏବଂ ବିକ୍ରୟ ହୋଇପାରେ । ଦୀର୍ଘ ବିଚାରାଧୀନ କାର୍ଯ୍ୟ ସମାପ୍ତ ହେବାର ସମ୍ଭାବନା ଅଛି। ବେକାରୀ ସମସ୍ୟା ଦୂର କରିବା ପାଇଁ ପ୍ରୟାସ ସଫଳ ହେବ। ପ୍ରଗତିର ରାସ୍ତା ଖୋଲିଯିବ । ଶତ୍ରୁମାନଙ୍କଠାରୁ ସତର୍କତା ଆବଶ୍ୟକ।



**ମିଥୁନ:** ଛାତ୍ରଛାତ୍ରୀ ସଫଳତା ହାସଲ କରିବ । ପାର୍ଟି ଏବଂ ପିକନିକ୍ ଉପଭୋଗ କରିବ । ଆପଣ ଚାକିରିରେ କିଛି ନୂତନ କାର୍ଯ୍ୟ କରିବାକୁ ସମର୍ଥ ହେବେ । ସୁସ୍ୱାଦୁ ଖାଦ୍ୟ ଉପଭୋଗ କରାଯାଇପାରେ। ବିନିଯୋଗ କରିବାକୁ ତତ୍ପର ହୁଅନ୍ତୁ ନାହିଁ।



**କର୍କଟ:** କିଛି ବଡ଼ ଅସୁବିଧା ଆସିପାରେ । ଅଧିକ ତ୍ୱରାନ୍ୱିତ ହେବ । ଦୁଃଖଦ ଖବର ଗ୍ରହଣ କରାଯାଇପାରେ । ତୁମର ବକ୍ତବ୍ୟକୁ ନିୟନ୍ତ୍ରଣ କର । ଆଶା କରାଯାଉଥିବା କାର୍ଯ୍ୟ ବିଳମ୍ବ ହେବ । ଆୟ ହେବ । ବ୍ୟବସାୟ ଭଲ ହେବ । ଚାକିରିରେ କାର୍ଯ୍ୟଭାର ରହିବ।



**ସିଂହ:** ବନ୍ଧୁ ଏବଂ ସମ୍ପର୍କୀୟଙ୍କୁ ଭେଟିବାର ସୁଯୋଗ ମିଳିବ । କିଛି ମହତ୍ କାର୍ଯ୍ୟ କରିବାକୁ ଇଚ୍ଛୁକ ହେବେ । ବୟସ୍କମାନଙ୍କ ମାର୍ଗଦର୍ଶନ ଲାଭ ବୃଦ୍ଧି କରିବ । ବ୍ୟବସାୟ ବୃଦ୍ଧି ପାଇବ। ଚାକିରିରେ ତୁମେ ଏକ ଉଚ୍ଚ କର୍ତ୍ତୃପକ୍ଷଙ୍କ ସୁଖ ପାଇବ।



**କନ୍ୟା:** ଉତ୍ସାହଜନକ ସୂଚନା ଗ୍ରହଣ କରାଯିବ । ତୁମେ ଭୁଲି ଯାଇଥିବା ସାଙ୍ଗମାନଙ୍କୁ ଭେଟିବ । ବିବାଦକୁ ଉତ୍ସାହିତ କରନ୍ତୁ ନାହିଁ। ଆତ୍ମ ସମ୍ମାନ ରହିବ । କିଛି ବଡ଼ କାମ ଏବଂ ବାହାରକୁ ଯିବାକୁ ଇଚ୍ଛା ହେବ । ବ୍ୟବସାୟ ଲାଭଦାୟକ ହେବ । ଧନ ପ୍ରାପ୍ତ ହେବ।



**ତୁଳା:** ଉପହାର ଗ୍ରହଣ କରାଯାଇପାରେ । ବେକାରୀ ସମସ୍ୟା ଦୂର କରିବା ପାଇଁ ପ୍ରୟାସ ସଫଳ ହେବ। ବ୍ୟବସାୟ ଯାତ୍ରା ସଫଳ ହେବ। କିଛି ବଡ ଘଟଣା ହୋଇପାରେ। ଆପଣ ଜଣେ ବରିଷ୍ଠ ବ୍ୟକ୍ତିଙ୍କ ମାର୍ଗଦର୍ଶନ ପାଇବେ। ବ୍ୟବସାୟ ଅନୁକୂଳ ଲାଭ ଦେବ।



**ବିଛା:** ଖର୍ଚ୍ଚ ବୃଦ୍ଧି ପାଇବ । ବିବାଦକୁ ଉତ୍ସାହିତ କରନ୍ତୁ ନାହିଁ। ଦୁଷ୍ଟମାନଙ୍କଠାରୁ ସତର୍କତା ଆବଶ୍ୟକ । ଏକ ପୁରୁଣା ରୋଗ ପୁନର୍ବାର ହୋଇପାରେ । ବିପଦପୂର୍ଣ୍ଣ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ । କୌଣସି ନିଷ୍ପତ୍ତି ନେବାରେ ବିବେକ ବ୍ୟବହାର କରନ୍ତୁ। ଜୀବନ ପରିବାର ସହିତ ଖୁସିରେ ବିତାଇବ। ବ୍ୟବସାୟ ଭଲ ହେବ।



**ଧନୁ:** ଅଟକି ରହିଥିବା ଟଙ୍କା ପାଇବାର ସମ୍ଭାବନା ଅଛି। ବ୍ୟବସାୟ ଯାତ୍ରା ସଫଳ ହେବ । ରାଜନୈତିକ ସମର୍ଥନ ମିଳିବ । ବ୍ୟବସାୟ ବୃଦ୍ଧି ପାଇବ । ଭାଗ୍ୟ ଆପଣଙ୍କୁ ସମର୍ଥନ କରିବ । ସହକର୍ମୀମାନେ ଆପଣଙ୍କୁ କାର୍ଯ୍ୟରେ ସାହାଯ୍ୟ କରିବେ । ଟଙ୍କା ପାଇବା ସହଜ ହେବ । ଅଳସୁଆ ହୁଅ ନାହିଁ ।



**ମକର:** ଦୀର୍ଘ ବିଚାରାଧୀନ କାର୍ଯ୍ୟ ସମାପ୍ତ ହେବାର ସମ୍ଭାବନା ଅଛି, ଚେଷ୍ଟା ଜାରି ରଖନ୍ତୁ। ଅର୍ଥନୈତିକ ପ୍ରଗତି ପାଇଁ ଏକ ନୂତନ ନୀତି ପ୍ରସ୍ତୁତ କରାଯିବ। ସିଷ୍ଟମ୍ ଉନ୍ନତି କରିବ। ଆୟ ବୃଦ୍ଧି ପାଇବ। ଆପଣ ସାଙ୍ଗମାନଙ୍କୁ ସାହାଯ୍ୟ କରିପାରିବେ। ପ୍ରତିଷ୍ଠା ବୃଦ୍ଧି ପାଇବ । ବ୍ୟବସାୟ ଏବଂ ବ୍ୟବସାୟ ଲାଭଦାୟକ ହେବ।



**କୁମ୍ଭ:** ଆଜି ଏକ ବିଶେଷ ପୂଜା ଦିବସ ହେବ । ଚାକିରିରେ କାମ କରିବାକୁ ଭଲ ପାଆନ୍ତି । ଆପଣ ଜଣେ ସାଧୁଙ୍କ ସେବା କରିବାର ସୁଯୋଗ ପାଇବେ । ବ୍ୟବସାୟ ଯାତ୍ରା ସଫଳ ହେବ । ବ୍ୟବସାୟ ଲାଭଦାୟକ ହେବ । ବିନିଯୋଗ ଲାଭଦାୟକ ହେବ। ଘର ବାହାରେ ସୁଖ ମିଳିବ।



**ମୀନ:** ବ୍ୟବସାୟ ଲାଭଦାୟକ ହେବ। ଅଳସୁଆତା ଜିତିବ। ଆଘାତ ଏବଂ ଦୁର୍ଘଟଣା କ୍ଷତି ହୋଇପାରେ। ଦ୍ୱନ୍ଦ୍ୱ ଥାଇପାରେ । ଜଣେ ବ୍ୟକ୍ତିର ଆଚରଣ ମନକୁ ଆଘାତ ଦେଇପାରେ । ତତ୍ପରତା ନାହିଁ। ବିବାଦ ଉପୁଜିବାକୁ ଦିଅନ୍ତୁ ନାହିଁ। କୌଣସି ଅଜ୍ଞାତ ବ୍ୟକ୍ତିଙ୍କ ଉପରେ ବିଶ୍ୱାସ ରଖନ୍ତୁ ନାହିଁ।



ଶୁଭେଚ୍ଛା ସହ


ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯